# ଧରିତ୍ରୀ DHARITRI

ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, December 1/2023 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 8 | ମୂଲ୍ୟ ₹୭/-






DION GROUP

www.diongroup.in




mayabious.com

DION'S SKYWALK

CDA Sector 8

Let homecoming be as precious as ever

Win Exciting Offer on Every Booking

Come and experience a sky-high living at our model home: Lower ground stall no - PP 04

Prime location at CDA Sector 8 | Odisha's tallest river facing skyscraper
Odisha's 1st skywalk | 4 towers | 3 side open homes | Duplex penthouse
Grand shopping mall | ORERA approved | Modern Amenities

96921 41444

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ | Bhubaneswar, Friday, December 1/2023 | ପୃଷ୍ଠା-୧



**ସୂର୍ଯ୍ୟକୁମାର ଅଧିନାୟକ ରହିଲେ**

ଦକ୍ଷିଣ ଆଫ୍ରିକା ଟୁର୍ ପାଇଁ ଭାରତ ଟି୨୦ ଅଧିନାୟକ ଭାବେ ସୂର୍ଯ୍ୟକୁମାର ଯାଦବ ତାଙ୍କ ପଦ ବଜାୟ ରଖିଛନ୍ତି।

୧୮

୧୬

**'ମିଶନ ସୁଡଙ୍ଗ'ରେ ଅକ୍ଷୟଙ୍କ ମୁଖ୍ୟ ଭୂମିକା**

ଉତ୍ତରାଖଣ୍ଡର ଟନେଲ୍‌ରେ ଉଦ୍ଧାର କାର୍ଯ୍ୟକୁ ନେଇ ଏକ ଫିଲ୍ମ ନିର୍ମାଣ ହେବାକୁ ଯୋଜନା ଥିବାବେଳେ ଏଥିରେ ଅକ୍ଷୟ କୁମାର ମୁଖ୍ୟ ଭୂମିକାରେ ନଜରକୁ ଆସିବେ ବୋଲି ଜଣାପଡ଼ିଛି।



# ୪ରେ ବାତ୍ୟା

## ୫ରୁ ୭ ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩୦।୧୧(ଅନିଲ ଦାସ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନଠାରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅବପାତରେ ପରିଣତ ହୋଇଛି। ଏହାପରେ ଅବପାତ ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବ। ଡିସେମ୍ବର ୩ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ୪ ତାରିଖ ସକାଳେ ସାମୁଦ୍ରିକ ଝଡ଼ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ଉପକୂଳରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୫ରୁ ୭ ତାରିଖ ଯାଏ ଦକ୍ଷିଣ, ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷ କରି ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ପ୍ରବାସୀଙ୍କ ପ୍ରଭାବ**

# ହେନ୍‌ରି କିସିଙ୍ଗରଙ୍କ ପରଲୋକ



ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍‌ଙ୍କ ସହ ପୂର୍ବତନ ପରରାଷ୍ଟ୍ର ସଚିବ ହେନ୍‌ରି କିସିଙ୍ଗର(ଡାହାଣ)।

**ୱାଶିଂଟନ,୩୦।୧୧**

ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ତଥା ବରିଷ୍ଠ କୂଟନୀତିଜ୍ଞ ହେନ୍‌ରି କିସିଙ୍ଗରଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ୧୯୭୦ ଦଶକରେ ଭାରତର ନେତୃତ୍ୱକୁ ସେ ତିରସ୍କାର କରିଥିଲେ। ଏପରିକି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ସେ ଜାତିଆଣ ଏବଂ ଘୃଣ୍ୟ ଶବ୍ଦ ବ୍ୟବହାର କରିଥିଲେ। ୧୯୭୪ ଅକ୍ଟୋବର ଏବଂ ୨୦୧୨ ମାର୍ଚ୍ଚରେ ଭାରତ ଗସ୍ତରେ ଆସିଥିବା କିସିଙ୍ଗରଙ୍କୁ ଅନେକେ ରାଷ୍ଟ୍ରନେତା ବିବେଚନା କରିଥାନ୍ତି। ଭାରତ-ଆମେରିକା ସମ୍ପର୍କକୁ ମଜଭୁତ କରାଇବାରେ ସେ ପ୍ରତିଶ୍ରୁତିବଦ୍ଧ ଥିଲେ। ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଏବଂ ଗେରାଲ୍ଡ ଫୋର୍ଡଙ୍କ ସମୟରେ କିସିଙ୍ଗର ପରରାଷ୍ଟ୍ର ସଚିବ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ସେ ବୈଶ୍ୱିକ ବ୍ୟାପାରକୁ ଅସାଧାରଣ ଭାବେ ପ୍ରଭାବିତ କରିଥିଲେ। ୧୯୭୩ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା। ତାଙ୍କର ଦୀର୍ଘଦିନର ବିଦେଶ ନୀତି ଉପରେ ଏବେ ମଧ୍ୟ ଭାବପୂର୍ଣ୍ଣ ବିତର୍କ ହୋଇଥାଏ। ଇହୁଦୀ ଶରଣାର୍ଥୀ କିସିଙ୍ଗର ୧୯୩୮ରେ ତାଙ୍କ ପରିବାର ସହ ନାଜି ଜର୍ମାନୀରୁ ପଳାଇଆସିଥିଲେ। ☞ପୃଷ୍ଠା-୧୩

# ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ

## ଏମ୍‌ପି, ରାଜସ୍ଥାନରେ ଭାଜପା ସପକ୍ଷରେ ଏକ୍‌ଜିଟ୍ ପୋଲ୍

**ମଧ୍ୟପ୍ରଦେଶ**

ମୋଟ ଆସନ ୨୩୦ | ମ୍ୟାଜିକ୍ ନଂ ୧୧୬

| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଦୈନିକ ଭାସ୍କର | ୯୫-୧୧୫ | ୧୦୫-୧୨୦ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୧୪୦-୧୬୨ | ୬୮-୯୦ |
| ଜନ୍ କୀ ବାତ୍ | ୧୦୦-୧୨୩ | ୧୦୨-୧୨୫ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୧୫୧ | ୭୪ |

**ଛତିଶଗଡ଼**

ମୋଟ ଆସନ ୯୦ | ମ୍ୟାଜିକ୍ ନଂ ୪୬

| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଏବିପି ନ୍ୟୁଜ୍-ସି-ଭୋଟର | ୩୬-୪୮ | ୪୧-୫୩ |
| ଦୈନିକ ଭାସ୍କର | ୩୫-୪୫ | ୪୬-୫୫ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୩୬-୪୬ | ୪୦-୫୦ |
| ଇଣ୍ଡିଆ ଟିଭି-ସିଏନ୍ଏକ୍ସ | ୩୦-୪୦ | ୪୬-୫୬ |

**ତେଲଙ୍ଗାନା**

ମୋଟ ଆସନ ୧୧୯ | ମ୍ୟାଜିକ୍ ନଂ ୬୦

| ସଂସ୍ଥା | ବିଆର୍ଏସ୍ | କଂଗ୍ରେସ | ଭାଜପା+ | ଏଆଇଏମ୍ଆଇଏମ୍ |
|---|---|---|---|---|
| ଇଣ୍ଡିଆ ଟିଭି-ସିଏନ୍ଏକ୍ସ | ୩୧-୪୭ | ୬୩-୭୯ | ୨-୪ | ୫-୭ |
| ଜନ୍ କୀ ବାତ୍ | ୪୦-୫୫ | ୪୮-୬୪ | ୭-୧୩ | ୪-୭ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୩୩ | ୭୧ | ୭ | ୦ |
| ରିପବ୍ଲିକ୍ ଟିଭି-ମେଟ୍ରିଜ୍ | ୪୬-୫୬ | ୫୮-୬୮ | ୭ | ୫-୭ |

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ ଏବଂ ମଧ୍ୟପ୍ରଦେଶ, ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା) ଜିତିପାରେ। ସେହିପରି ଉତ୍ତର ପୂର୍ବାଞ୍ଚଳର ମିଜୋରାମରେ ଜୋରାମ୍ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ସହ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍ଏନ୍ଏଫ୍)ର କଡ଼ା ମୁକାବିଲା ହୋଇଥିବାବେଳେ ଦୁଇ ଜାତୀୟ ଦଳ କଂଗ୍ରେସ ଓ ଭାଜପା ପଛରେ ପଡ଼ିଯାଇଛନ୍ତି। ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହେବା ପରେ ଅଧିକାଂଶ ଏକ୍‌ଜିଟ୍ ପୋଲ ଏହି ଭବିଷ୍ୟବାଣୀ କରିଛନ୍ତି।

୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଭାଜପା ଦଖଲରେ ଥିବାବେଳେ ରାଜସ୍ଥାନ(୨୦୦) ଓ ଛତିଶଗଡ଼(୯୦)ରେ କଂଗ୍ରେସ ସରକାର ଚାଲିଛି। ତେଲଙ୍ଗାନାରେ ରାଜ୍ୟ ଗଠନ ପରଠୁ ୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) କ୍ଷମତାସୀନ ଅଛି। ମିଜୋରାମରେ ଏମ୍ଏନ୍ଏଫ୍ ସରକାରର ନେତୃତ୍ୱ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ନେଉଛନ୍ତି। ଏହି ୫ ରାଜ୍ୟରେ ନଭେମ୍ବର ୭ରୁ ୩୦ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି, ଯାହାର ଫଳାଫଳ ଡିସେମ୍ବର ୩ରେ ଆସିବ। ଏହା ପୂର୍ବରୁ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ବୁଥ୍‌ଫେରନ୍ତା ଭୋଟରଙ୍କ ମତାମତ ନେଇ ନିଜ ନିଜ ଏକ୍‌ଜିଟ୍ ପୋଲ୍ ପ୍ରସ୍ତୁତ କରିଛନ୍ତି। ତଦନୁଯାୟୀ ମଧ୍ୟପ୍ରଦେଶରେ ଭାଜପାକୁ ୧୦୦-୧୨୩ ଏବଂ କଂଗ୍ରେସକୁ ୧୦୨-୧୨୫ ଆସନରେ ସଫଳତା ମିଳିବା ନେଇ ଜନ୍ କୀ ବାତ୍ ଭବିଷ୍ୟବାଣୀ ☞ପୃଷ୍ଠା-୧୩



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକି ଦେଲି ଭାତ ଗଣ୍ଡିକ**
**ଢୋକି ଦେଲି ତୋରାଣି ମୁନ୍ଦିକା**

ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ। କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ଗରିବ ତଥା ଅଭାବୀ ଶ୍ରେଣୀର ବ୍ୟକ୍ତି ଢୋକେ ପିଇ ଦଣ୍ଡେ ଜିଇ ଜୀବନ ଅତିବାହିତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟଙ୍କା ଛଅଟି**
**ଭଣ୍ଡାରି ମୁଠି।**

ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ଅଭାବୀ ବ୍ୟକ୍ତି ପକ୍ଷେ ହାତରେ ଥିବା ଅଳ୍ପ ଟଙ୍କା ମଧ୍ୟ ଆଖିକୁ ବଡ଼ ଦିଶିଥାଏ। ସେତକ ଅର୍ଥ ହିଁ ତା'ର ସର୍ବସ୍ୱ ହୋଇଥିବା ବେଳେ ତାକୁ ସେ ଅନ୍ତର କରିବାକୁ ଚାହିଁନଥାଏ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ସୃଷ୍ଟି ହେଉଥିବା ଅସୀମ ବ୍ୟାକୁଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ସ୍ୱାସ୍ଥ୍ୟଗତ ଅସୁସ୍ଥତା ଦର୍ଶାଇ ହାଜର ହେଲେନି ସୋମାଲିକା

## ତିର୍ତ୍ତୋଲ ବିଧାୟକଙ୍କ ବିବାହ ପଞ୍ଜୀକରଣ ଆବେଦନ ମାମଲା

### ବିବାହ ବିଚ୍ଛେଦ ଦଲିଲ ଦାଖଲ କଲେ ପ୍ରତ୍ୟୁଷାଙ୍କ ପୂର୍ବତନ ସ୍ୱାମୀ

କଟକ,୩୦।୧୧(କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନକୁ ରଦ୍ଦ ପାଇଁ ତାଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ କରିଥିବା ଆବେଦନ ମାମଲାରେ ଏକ ଭିନ୍ନମୋଡ଼ ଦେଖିବାକୁ ମିଳିଛି। କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ (ସବ୍‌ରେଜିଷ୍ଟ୍ରାର)ଙ୍କ ନିକଟରେ ଆବେଦନକାରୀ ସୋମାଲିକା ଗୁରୁବାର ହାଜର ହୋଇନାହାନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ହାଜର ହୋଇ ନ ଥିବା ତାଙ୍କ ଓକିଲଙ୍କ ଜରିଆରେ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇଛନ୍ତି। ଅପରପକ୍ଷରେ ବିଧାୟକଙ୍କୁ ବିବାହ କରିବାକୁ ଯାଉଥିବା ମହିଳା ପ୍ରତ୍ୟୁଷା ନନ୍ଦଙ୍କ ପୂର୍ବତନ ସ୍ୱାମୀ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହୋଇଛନ୍ତି। ତାଙ୍କୁ ସୋମାଲିକାଙ୍କ ଆବେଦନ ଉପରେ ଅଧିକ ଜେରା କରାଯାଇଛି। ପୂର୍ବରୁ ପ୍ରତ୍ୟୁଷାଙ୍କ ସହ ତାଙ୍କର ବିବାହ ହୋଇଥିବା ଓ ପୁଣି ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇସାରିଥିବା ନେଇ ସେ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଦଲିଲ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ, ବିଜୟଶଙ୍କର କଟକ ଅରୁଣୋଦୟ ନଗର ଅଞ୍ଚଳର ମହିଳା ପ୍ରତ୍ୟୁଷାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ (ସବ୍‌ରେଜିଷ୍ଟ୍ରାର)ଙ୍କ ନିକଟରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ସୋମାଲିକା ଏହା ଜାଣିବା ପରେ ପଞ୍ଜୀକରଣ ଅଧିକାରୀଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନ ରଦ୍ଦ କରିବାକୁ ଦାବି କରିଥିଲେ। ବିବାହ ତାରିଖ ନିକଟତର ହେଉଥିବାବେଳେ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସୋମାଲିକା ତ୍ୱରିତ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଏହି ମାମଲା ନିମ୍ନ ଅଦାଲତରେ ବିଚାରାଧୀନ ଥିବା ଦର୍ଶାଇ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେବା ସହ ଆବେଦନକୁ ଖାରଜ କରିଥିଲେ।

# ବିଜେଡିରେ ମିଶିଲେ ୪୦ ପରିବାର


ବିଜେଡି ନେତା ସହ ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀ।

ଚାନ୍ଦବାଲି,୩୦।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ନଳଗୋରିହା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ଭଦ୍ରକ ଜିଲା ବିଜେଡି ସମ୍ପାଦକ ଇ. ଆଶୁତୋଷ ଭୋଇଙ୍କ ନେତୃତ୍ୱରେ କରଣପୋଖରୀ ଗାଁରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଉପେନ୍ଦ୍ରନାଥ ଭୋଇଙ୍କ ସଂଯୋଜନାରେ ରାଜ୍ୟ ବିଜେଡି ଯୁବ ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ପ୍ରିୟବ୍ରାକେଶ ନାୟକ ଓ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପ୍ରଭାସ ନାୟକ ଯୋଗଦେଇ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଛାମୁଆ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ତ୍ରିଲୋଚନ ନାୟକ, ବସନ୍ତ ପରିଡ଼ା, ଅଭୟ ମହାନ୍ତି, ବିଦ୍ୟାଧର ସାଇଁ, ଗୌରହରି ତ୍ରିପାଠୀ, ଚନ୍ଦନ ମହାଳିକ, ସୁବାସ ମହାଳିକ, ଚକ୍ରଧର ନାୟକ, ଶ୍ରୀଧର ବେହେରା, ଗିରିଧାରୀ ନାୟକ, ବିଷ୍ଣୁମୋହନ ସାମଲ, ଗଜେନ୍ଦ୍ର ସାମଲ ପ୍ରମୁଖ ୪୦ ପରିବାରର ଶତାଧିକ ଲୋକ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ଦାସ, ସମିତିସଭ୍ୟ ତରଣୀ ମହାନ୍ତି, ସୋମନାଥ ପରିଡ଼ା, ପ୍ରଦୀପ ରାଉତ, ମାୟାଧର ରାଉତ, ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦାସତ୍ୱ ମାନସିକତା ଛାଡ଼ି ଦେଶକୁ ବିକାଶ ଆଡ଼କୁ ନିଅ'


କାର୍ଯ୍ୟକ୍ରମରେ ମଞ୍ଚାସୀନ କେନ୍ଦ୍ର ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ରାଉରକେଲା, ୩୦।୧୧(ସଙ୍ଗୀତା ଜେନା)

- **ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ**
- **ଏନ୍‌ଆଇଟିରେ ୬ ମେଗା ପ୍ରକଳ୍ପର ଶିଳାନ୍ୟାସ**

ଦେଶର ଯୁବପିଢ଼ିଙ୍କ ଉପରେ ଯଥେଷ୍ଟ ଭରସା ଅଛି। ଇଞ୍ଜିନିୟରିଂ କ୍ଷେତ୍ର ହେଉ ଅବା ଅନ୍ୟ କ୍ଷେତ୍ରରେ ଯୁବପିଢ଼ି ନିଜକୁ ଯୋଗ୍ୟ ସାବ୍ୟସ୍ତ କରୁଛନ୍ତି। ସେମାନେ ନିଜର ଗବେଷଣା ଓ ଆବିଷ୍କାର ବଳରେ ରାଷ୍ଟ୍ରକୁ ନୂତନ ଦିଗ୍‌ଦର୍ଶନ ଦେଉଛନ୍ତି। ବର୍ତ୍ତମାନ ଦାସତ୍ୱର ମାନସିକତାରୁ ବାହାରି ଦେଶକୁ ବିକାଶ ଆଡକୁ ଆଗେଇନେବାର ସମୟ ଆସିଛି ବୋଲି ଗୁରୁବାର ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) କ୍ୟାମ୍ପସରେ ଥିବା ଦିଲୀପ ତିର୍କୀ ଷ୍ଟାଡ଼ିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ, ଏନ୍‌ଆଇଟି ଛାତ୍ରୀଛାତ୍ରଙ୍କ ଉପରେ ଆମର ଭରସା ଅଛି। ପ୍ରଥମ କରି ଭାରତ ସରକାର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ପିଏସ୍‌ୟୁ ସହଯୋଗରେ ଏନ୍‌ଆଇଟି ଭଳି ଶିକ୍ଷାନୁଷ୍ଠାନରେ ବିକାଶକାର୍ଯ୍ୟ କରିବାକୁ ଯାଉଛନ୍ତି। ଏହି ପିଏସ୍‌ୟୁଗୁଡ଼ିକ ଆଗାମୀ ଦିନରେ ଦେଶର କୋଣ ଅନୁକୋଣରେ ଇକୋ ସିଷ୍ଟମ ବିକଶିତ କରନ୍ତୁ। ବର୍ତ୍ତମାନ ଏନ୍‌ଆଇଟି ଦେଶର ୧୬ତମ ସ୍ଥାନରେ ରହିଛି। ଭବିଷ୍ୟତରେ ଏହା ୧୦ ମଧ୍ୟରେ ନିଜର ସ୍ଥିତି ସଂରକ୍ଷିତ କରୁ। ଚାକିରି ଉପରେ ଗୁରୁତ୍ୱ ନ ଦେଇ କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନାରେ ଅଧିକ ରୋଜଗାର ସୃଷ୍ଟି କରିବାର ସମୟ ଆସିଛି। ଆମକୁ ଉଦ୍ୟୋଗୀକରଣ ବୃଦ୍ଧି କରିବାକୁ ହେବ। ଯେଭଳି ୨୦୪୭ ସୁଦ୍ଧା ଓଡ଼ିଶାର ଶହେ ଯୁବକ ଶହେ କୋଟି ଟଙ୍କା ରୋଜଗାର କରୁଥିବେ। ଏହାର ନେତୃତ୍ୱ ଏନ୍‌ଆଇଟି ଭଳିଶିକ୍ଷାନୁଷ୍ଠାନ ନେଉ। ସୁତରାଂ ଯୁବପିଢ଼ି ବୈଷୟିକ ଓ ଅନ୍ୟ ଶିକ୍ଷାଗ୍ରହଣ ପରେ ଆତ୍ମନିର୍ଭର ପନ୍ଥା ଆପଣାଉ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଏନ୍‌ଆଇଟି କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟର ୩ୟ ଶାଖାର ଶୁଭାରମ୍ଭ କରିଥିଲେ। ସେହିପରି ୭୭.୫୩ କୋଟି ଟଙ୍କା ବ୍ୟୟରେ ୧ ହଜାର ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୩୮.୮୭ କୋଟି ବ୍ୟୟରେ ୫ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୧୩.୨୧ କୋଟି ବ୍ୟୟରେ ୧.୫ଏମ୍‌ଏଲ୍‌ଡ଼ି ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ୩୬.୨୦ କୋଟି ବ୍ୟୟରେ ଅଧ୍ୟାପକ ନିବାସ ନିର୍ମାଣ, ଏମ୍‌ସିଏଲ୍ ପାରିପାର୍ଶ୍ୱିକ ବିକାଶ ପାଣ୍ଠି୪୨.୬୯ କୋଟି ବ୍ୟୟରେ ୫ଶହ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସ ଏବଂ ପଛୁଆବର୍ଗ ଛାତ୍ରୀଙ୍କ ପାଇଁ ୫ଶହ ଶଯ୍ୟା ବିଶିଷ୍ଟ ହଷ୍ଟେଲ ତିଆରି ଲାଗି ସେ ଭୂମିପୂଜନ ଓ ଶିଳାନ୍ୟାସ କରିଥିଲେ। ଏମ୍‌ପି ଜୁଏଲ ଓରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଖଣିଜ ସମ୍ପଦପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ଆଗାମୀ ଦିନରେ ସେଣ୍ଟ୍ରାଲ ଟୁଲ୍ ରୁମ୍‌ର ଏକ ଶାଖା, ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ, ରାଉରକେଲା ବିମାନବନ୍ଦର ପାଇଁ ଅଧିକ ଜମି ଅଧିଗ୍ରହଣ କରିବାକୁ ପ୍ରୟାସ ଜାରି ରହିଛି। ସେହିପରି ସେକ୍ଟର-୧୫ଠାରେ ଥିବା ଆଦିବାସୀ ପିଲାଙ୍କ ପାଇଁ ଇନକ୍ୟୁବେଶନ ସେଣ୍ଟରକୁ ମଧ୍ୟ ପିଏସ୍‌ୟୁ ସହଯୋଗର ଆବଶ୍ୟକତା ରହିଛି ବୋଲି ଓରାମ କହିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେଇଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, ଏମ୍‌ସିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଶବ ରାଓ, କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଶ୍ରୀହରନ୍ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଏଫ୍‌ଟିବିଆଇ ସେଣ୍ଟର ପରିଦର୍ଶନ କରି ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ଲାଇଭ୍ ସେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା, ଜମ୍ମୁ, ଦେବଗଡ଼ ଜିଲା ସମେତ ବିଭିନ୍ନ ଅଞ୍ଚଳର ହିତାଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ଜରିଆରେ ଆଲୋଚନା କରିବା ପରେ ଜନସମୂହକୁ ସମ୍ବୋଧନ କରିଥିଲେ। ଏନ୍‌ଆଇଟି ରେଜିଷ୍ଟ୍ରାର ରୋହନ ଧୀମାନଙ୍କ ସମେତ ସମସ୍ତ ବିଭାଗର ଡିନ୍ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ବିକାଶ ପାଇଁ ଶପଥ ଗ୍ରହଣ କରିଥିଲେ।

# ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲା | ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୩୦।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଗୁରୁବାର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ଅବିନାଶ ସେନାପତି ଅଭିଯୁକ୍ତ କିଶୋର ତାଣ୍ଡି(୨୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ଏକବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୧ ଏପ୍ରିଲ୍ ୧୯ ତାରିଖ ସକାଳେ ମୋତିଝରଣ ଅଞ୍ଚଳର ପୀଡ଼ିତା ଭିନ୍ନକ୍ଷମ ନାବାଳିକା ନିକଟସ୍ଥ ଦୋକାନକୁ କୌଣସି ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ସୁଯୋଗ ଦେଖି ଅଭିଯୁକ୍ତ କିଶୋର ତାଙ୍କୁ ବଳପୂର୍ବକ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା କାନ୍ଦିକାନ୍ଦି ଘରକୁ ଫେରି ନିଜ ମା'ଙ୍କୁ ସମସ୍ତ ବିଷୟ କହିଥିଲେ। ପୀଡ଼ିତାଙ୍କ ମା' କିଶୋରଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମାରିବାକୁ ଧମକ ଦେଇଥିଲେ। ପରେ ତାଙ୍କ ମା' ଧନୁପାଲି ଥାନାରେ ଏ ନେଇ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ଆଇପିସି ୩୭୬ରେ ଏକ ମାମଲା (ନଂ.୧୫୩/୨୦୨୧) ରୁଜୁ କରି ତଦନ୍ତ ପୂର୍ବକ ଅଭିଯୁକ୍ତ କିଶୋରଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ କାଳରେ ପୋଲିସ ପୋକ୍‌ସୋ କୋର୍ଟରେ ଏ ନେଇ ଚାର୍ଜଶିଟ୍ ଦାଖଲ କରିଥିଲା। ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସେନାପତି ୧୬ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ, ପ୍ରମାଣ ଆଧାରରେ କିଶୋରଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ପୋକ୍‌ସୋ କୋର୍ଟରେ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ଉକ୍ତ ମାମଲା ପରିଚାଳନା କରୁଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ରାୟଗଡ଼ା ଚାଷୀ

## 'ବିକଶିତ ଭାରତ ସଙ୍କଳ୍ପ ଯାତ୍ରା'




ରାୟଗଡ଼ା,୩୦।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତ କାର୍ଯ୍ୟାଳୟଠାରେ କେନ୍ଦ୍ର ସରକାରଙ୍କ ଆମ ସଙ୍କଳ୍ପ ବିକଶିତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ରଥ ଗୁରୁବାର ହାଲୁଆରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ସରକାରଙ୍କ ଯୋଜନାର ଲାଭାର୍ଥୀ ହୋଇଥିବା ରାୟଗଡ଼ାର ଜଣେ ଚାଷୀ ପୂର୍ଣ୍ଣଚନ୍ଦ୍ର ବେନିଆଙ୍କ ସମେତ ଅନେକ ହିତାଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କଥା ହୋଇଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ତାଙ୍କର ମତ ପଚାରିଥିଲେ। ଏ ସମ୍ପର୍କରେ ହାଲୁଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭାରତ ସରକାରଙ୍କର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପିଏମ୍ କିଷାନ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଉପକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶର ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇ ସେ ଖୁବ୍ ଖୁସି ଥିବା କହିଛନ୍ତି। ୨୦୪୭ ସୁଦ୍ଧା ଦେଶକୁ କିଭଳି ବିକଶିତ ଭାରତ ଭାବେ ଗଠନ କରାଯିବ ସେଥିପାଇଁ ସଂକଳ୍ପ ନେବାକୁ ସମସ୍ତ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗାଁ ଲୋକେ ସାମିଲ ହୋଇଥିଲେ। ଲୋକଙ୍କ ପାଇଁ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ବିଭିନ୍ନ ବିଭାଗର ଷ୍ଟଲ୍, ସ୍ୱାସ୍ଥ୍ୟ ଶିବିର ଓ ସଚେତନତା ଶିବିର ଖୋଲାଯାଇଥିଲା। ଦୁଇଟି ରଥ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଯୋଜନା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ବିଡିଓ ଅମୂଲ୍ୟ ଚନ୍ଦ୍ର ସାହୁ, ଏବିଡିଓ କାଳୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ପରିସ୍ଥିତି ନିଶ୍ଚିତ ଭଲ ରହିବ ତଥାପି ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି ଉନ୍ନତ ରହିବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ଯାହାକି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସି ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ ଏପରି କି ବକେୟା ମଧ୍ୟ ପାଇପାରନ୍ତି। ପୁନଶ୍ଚ ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ** ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବା ସାଙ୍ଗକୁ କଳ୍ପନା ବିଳାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବ। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶ୍ୱଶୁରାଳୟ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଆଜି ଦିନଟିରେ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ଆଗାମୀ ସମୟର କାର୍ଯ୍ୟ ସକାଶେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇ ଦେବ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ଅପରାହ୍ଣରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ସ୍ଥଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ।

**ମକର** ଆଜି ସକାଳୁ ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ। ବ୍ୟବସାୟିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆଜି ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ମାତ୍ର କଳା,ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାଆନ୍ତାରେ ସୁଯୋଗ ପାଇବେ ଓ ଆଶା ପୂରଣ ମଧ୍ୟ ହୋଇଯିବ। କିନ୍ତୁ ଏହା ସାଙ୍ଗକୁ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଘ.୧୦।୧୩ମି. ଗତେ କର୍କଟଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ମି. ଗତେ ଘ. ୦୬।୫୧ମି. ମଧ୍ୟେ, ଘ.୦୭।୩୫ମି. ଗତେ ଘ.୦୮।୫୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୩ ମି. ଗତେ ଘ.୧୧।୩୫ ମି. ମଧ୍ୟେ ରାହୁକାଳ।

# ଐତିହ୍ୟ ସୁରକ୍ଷା ପାଇଁ ହେଉନି ଉଦ୍ୟମ

## ପରିତ୍ୟକ୍ତ ଅବସ୍ଥାରେ ଭାଗବତ ଟିକାକାର ଶ୍ରୀଧର ସ୍ୱାମୀଙ୍କ ସମାଧି



କପିଳାସ ପୀଠ ପରିସରରେ ଥିବା ଭାଗବତ ଟିକାକାର ଶ୍ରୀଧର ସ୍ୱାମୀଙ୍କ ସମାଧି ସ୍ଥଳ ।

ଢେଙ୍କାନାଳ,୩୦।୧୧(ରତନ ନାୟାର)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଢେଙ୍କାନାଳ ମାଟିରେ ରହିଛି ବହୁ ପ୍ରାଚୀନ ଐତିହ୍ୟ। ହେଲେ ସେସବୁ ମଧ୍ୟରୁ କେତେକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ସରକାର ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୌଣସି ଉଦ୍ୟମ ହେଉ ନ ଥିବାରୁ ଏହା ନିଜର ପରିଚୟ ହଜାଇବାକୁ ବସିଲାଣି। ଏପରି ଏକ ପ୍ରାଚୀନ ଐତିହ୍ୟ ହେଉଛି ରାଜ୍ୟ ତଥା ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ପାହାଡ଼ରେ ଥିବା ଭାଗବତ ଟିକାକାର ଶ୍ରୀଧର ସ୍ୱାମୀଙ୍କ ସମାଧି ସ୍ଥଳ। କପିଳାସର ମୁଖ୍ୟ ମନ୍ଦିରଠାରୁ ପାହାଡ଼ ଶୀର୍ଷରେ ଥିବା ଦେବସଭାକୁ ଯିବା ରାସ୍ତାରେ ସୀତାରାମ ମଠ କଡ଼ରେ ରହିଛି ଶ୍ରୀଧର ସ୍ୱାମୀଙ୍କ ସମାଧି। ପଥରରେ ଖୋଦେଇ ତାଙ୍କର ପାଦୁକା ମଧ୍ୟ ସେଠାରେ ପୂଜା ପାଉଛି। କିନ୍ତୁ ଏହି ପ୍ରାଚୀନ ଐତିହ୍ୟର ସୁରକ୍ଷା ପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସୂଚନା ଅନୁଯାୟୀ, ଶ୍ରୀଧର ସ୍ୱାମୀ ଭାଗବତ, ଗୀତା ଓ ବିଷ୍ଣୁ ପୁରାଣର ଟିକା କରିଥିଲେ। ତାଙ୍କର ଏହି ଟିକା ସବୁଠି ଆଦୃତ ଓ ଶ୍ରେଷ୍ଠ। ବାଲେଶ୍ୱର ଜିଲା ରେମୁଣା ବ୍ଲକ ମରେଇ ଗ୍ରାମରେ ତାଙ୍କର ଜନ୍ମ। ସେ ୧୩୦୦ରୁ ୧୪୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ କପିଳାସରେ ରହି ସେଠାରେ ସେ ଦେହତ୍ୟାଗ କରିଥିଲେ। କପିଳାସରେ ମଧ୍ୟ ତାଙ୍କର ସମାଧି ରହିଛି। ଅଧିକାଂଶ ସମୟରେ ଐତିହାସିକ, ଗବେଷକ ଓ ସଂସ୍କୃତି ବିଭାଗର ଅଧିକାରୀମାନେ ଏହି ସ୍ଥାନ ପରିଦର୍ଶନ କରିଥାନ୍ତି। କିନ୍ତୁ ଉକ୍ତ ସମାଧି ସ୍ଥଳ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଫଳରେ ଶ୍ରୀଧର ସ୍ୱାମୀ ଓ ତାଙ୍କ କୃତି ସମ୍ପର୍କରେ ଭବିଷ୍ୟତ ପିଢ଼ି, ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନେ ଜାଣିପାରୁ ନାହାନ୍ତି। ଏପରି କି ସେଠାରେ ସୂଚନା ଫଳକଟିଏ ମଧ୍ୟ ଲଗାଯାଇ ନାହିଁ। ୨୦୦୫ ମସିହାରେ ଉନ୍ନତୀକରଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ କପିଳାସ ପୀଠକୁ ହାତକୁ ନେଇଥିବା ବେଳେ ନିୟମ ଅନୁଯାୟୀ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏବଂ ଅନ୍ୟ କୌଣସି ବେସରକାରୀ ଅନୁଷ୍ଠାନ ପୀଠ ପରିସରରେ ଉନ୍ନତିମୂଳକ କାର୍ଯ୍ୟ କରିପାରିବେ ନାହିଁ। ଏହା ହିଁ ଟିକାକାର ଶ୍ରୀଧର ସ୍ୱାମୀଙ୍କ ସମାଧି ସ୍ଥଳ ପ୍ରତି ଅଣଦେଖାର ପ୍ରମୁଖ କାରଣ ପାଲଟିଛି। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଇସ୍କନ ଢେଙ୍କାନାଳ ଶାଖାର ଶ୍ରଦ୍ଧାଳୁ ଓ ବୈଷ୍ଣବ ସମ୍ପ୍ରଦାୟର କେତେଜଣ ଭକ୍ତ କପିଳାସ ପୀଠକୁ ଯାଇ ଉକ୍ତ ସମାଧି ସ୍ଥଳ ପରିଦର୍ଶନ କରିଥିଲେ। ଏହା ପରିତ୍ୟକ୍ତ ଅବସ୍ଥାରେ ଥିବା ଦେଖି ତାହାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏ ସମ୍ପର୍କରେ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଦ୍ୟୁମ୍ନ ପ୍ରସାଦ ରଥ କହିଛନ୍ତି, ଭାଗବତ ଟିକାକାର ଶ୍ରୀଧର ସ୍ୱାମୀଙ୍କ ସମାଧି ସ୍ଥଳ ଏକ ପ୍ରମୁଖ ଐତିହ୍ୟ ପୀଠ। ଏହାର ରକ୍ଷଣାବେକ୍ଷଣ ହେବା ନିତାନ୍ତ ଜରୁରୀ। ଭବିଷ୍ୟତ ପିଢି ମଧ୍ୟ ତାଙ୍କ ସମ୍ପର୍କରେ ଜାଣିବା ଆବଶ୍ୟକ। ତାଙ୍କ ସମ୍ପର୍କରେ ଏକ ସୂଚନା ଫଳକ ମନ୍ଦିର ମୁଖଶାଳା ନିକଟରେ ଲଗାଯିବା ଉଚିତ। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି, ଯେହେତୁ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ କପିଳାସ ମନ୍ଦିର ପରିସର ରହିଛି, ତେଣୁ ଶ୍ରୀଧର ସ୍ୱାମୀଙ୍କ ସମାଧିର ଉନ୍ନତୀକରଣ କାର୍ଯ୍ୟ ପ୍ରଶାସନ ଓ ଦେବୋତ୍ତର ବିଭାଗ କରିପାରିବ ନାହିଁ। କେବଳ ଏହା ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଦିଆଯାଇ ପାରିବ। ସୂଚନା ଫଳକଟିଏ ଲଗାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ପ୍ରତ୍ନତତ୍ତ୍ୱ ବିଭାଗ, କେନ୍ଦ୍ର ଓ ରାଜ୍ୟ ସରକାର, ଜିଲା ପ୍ରଶାସନ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଏବଂ ଦେବୋତ୍ତର ବିଭାଗ ଏହି ପ୍ରାଚୀନ ଐତିହ୍ୟର ସୁରକ୍ଷା ପାଇଁ ତୁରନ୍ତ ଦୃଷ୍ଟି ପ୍ରଦାନ ନ କଲେ ଧୀରେ ଧୀରେ ଏହା ଜନ ମାନସରୁ ଲିଭିଯିବା ଆଶଙ୍କା ରହିଛି। ଏ ସମ୍ପର୍କରେ ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସପନ କୁମାର ନନ୍ଦ କହିଛନ୍ତି, ଉକ୍ତ ପ୍ରାଚୀନ ଐତହ୍ୟର ରକ୍ଷଣାବେକ୍ଷଣ କରାଯିବା ନେଇ ଶୀଘ୍ର ଏକ ବୈଠକ କରାଯିବ।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ



ସହକାରୀ ଯନ୍ତ୍ରୀ ଗୋରା ସିଂ।

ମୋରଡ଼ା,୩୦।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଗୋରା ସିଂ ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ବାରିପଦାରେ ଅଟକ ରଖି ପଚରାଉଚରା କରାଯାଉଛି।ସୂଚନା ଅନୁଯାୟୀ, ଗାଁଅମର୍ଦା ଗ୍ରାମର ଧର୍ମପଦ ବେହେରାଙ୍କର ଏକ ବୋରିଂ ପ୍ରକଳ୍ପର ବିଲ୍ କରାଇଦେବା ନିମନ୍ତେ ସହକାରୀ ଯନ୍ତ୍ରୀ ସିଂ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଧର୍ମପଦ ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ଅପରାହ୍ନରେ ସହକାରୀ ଯନ୍ତ୍ରୀ ସିଂ ବାରମାଇଲ୍ ନିକଟରେ ଧର୍ମପଦଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ କର୍ମଚାରୀ ମାଡ଼ି ବସିଥିଲେ। ସହକାରୀ ଯନ୍ତ୍ରୀ ସିଂଙ୍କ ଘର ବଡ଼ସାହି ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ବର୍ତ୍ତମାନ ସେ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ ଦାୟିତ୍ୱରେ ଅଛନ୍ତି ।

# ପୂର୍ବତନ ଉପଜିଲାପାଳ, ନାଜିରଙ୍କୁ ଜେଲ ଦଣ୍ଡାଦେଶ

**୨୬ବର୍ଷ ପରେ ଆସିଲା ରାୟ**

ଢେଙ୍କାନାଳ,୩୦।୧୧(ରତନ ନାୟାର)

ସରକାରୀ ଅର୍ଥ ହେରଫେର ନେଇ ୨୬ବର୍ଷ ତଳେ ହୋଇଥିବା ଏକ ମାମଲାର ରାୟ ଗୁରୁବାର ଢେଙ୍କାନାଳ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜଳି ପାଢୀ ମାମଲାର ଅଭିଯୁକ୍ତ ତଥା ପୂର୍ବତନ ଉପଜିଲାପାଳ ପ୍ରହଲାଦ ସେଠୀ ଏବଂ ତାଙ୍କ କାର୍ଯ୍ୟାଳୟର ପୂର୍ବତନ ନାଜିର ଯୁଗଳ କିଶୋର ଦାସଙ୍କୁ ୩ ବର୍ଷ ଲେଖାଏ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଯୁଗଳ କିଶୋର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ୩୦ ହଜାର ଟଙ୍କାର ସରକାରୀ ଚେକ୍ ( ନଂ. ୬୩୬୫୧୨, ତା.୨୬।୪।୯୬) ତତ୍କାଳୀନ ଉପଜିଲାପାଳ ପ୍ରହଲାଦଙ୍କ ସହଯୋଗରେ ଆତ୍ମସାତ କରିଥିଲେ। ଏ ସଂକ୍ରାନ୍ତରେ ସେ ସମୟରେ ଟାଉନ ଥାନାରେ ନଂ. ୧୬୨।୯୭ରେ ମାମଲା ରୁଜୁ କରାଯାଇଥିଲା। ଜିଆର୍ କେସ୍ ନଂ–୫୫୬।୯୭ର ବିଚାର କରି ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜ୍‌କୁ ବିଚାରକୁ ନେଇ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଭିଯୁକ୍ତ ପୂର୍ବତନ ଉପଜିଲାପାଳ ପ୍ରହଲାଦ ଓ ପୂର୍ବତନ ନାଜିର ଯୁଗଳ କିଶୋରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଲେଖାଏ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରିହର ମହାରଣା ଓ ଶୋଭନ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ସହାୟତା କରିଥିଲେ।

ASTHA
School of Management
(Approved by AICTE, Govt. of India & Affiliated to BPUT, Govt. of Odisha)
261, Panchamukhi Vihar, Atala, Balianta, Bhubaneswar- 752101,
E-mail: asthaschoolmgm@gmail.com, www.asthaeducation.in
ISO 9001 : 2015 NAAC Accredited
MBA
2 Years Full-Time
Approved Annual Intake 180
NAAC Accredited
- Best Academic Institution in 2023.
- Best College – Placement & Pedagogy, 2022.
- Best Management Institute – Pedagogy & Placement, 2021.
- Best Educational Institute, 2020.
- Eduquest Odisha Excellence Award for Excellent Campus Recruitment, 2018.
- Top 20 B-School in Eastern India, 2014 & 2016.
- Best B-School (East), 2015.
- Emergent B-School, 2013.

Recruiters:

DSPL-428
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବିଶ୍ୱ ଏଡ୍ସ ଦିବସ
ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍ସ ଦିବସ ଭାବେ ଆମେ ପାଳନ କରୁଛୁ। ବିଗତ ବର୍ଷଗୁଡ଼ିକର ସଫଳ ପ୍ରୟାସ ଏ ଦିଗରେ ଆଜି ଆମର ମନୋବଳ ବୃଦ୍ଧି କରୁଛି ଏବଂ ଆଗାମୀ ଦିନରେ ଆମର ପ୍ରୟାସକୁ ଆହୁରି ବ୍ୟାପକ କରିବା ପାଇଁ ଉତ୍ସାହ ଦେଉଛି।

ଏଚ.ଆଇ.ଭି.ର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା, ଘୃଣା ଓ ଭେଦଭାବକୁ ଦୂର କରିବା ଏବଂ ସଂକ୍ରମିତ ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବାର ଆବଶ୍ୟକତା ରହିଛି।

ଏହି ଅଭିଯାନରେ ବିଭିନ୍ନ ଗୋଷ୍ଠୀଙ୍କ ନେତୃତ୍ୱ, ସେମାନଙ୍କ ନୂତନ ଚିନ୍ତାଧାରା, ସଚେତନତାର ଅଭିନବ ଉଦ୍ୟମ ଆଗାମୀ ଦିନରେ ଏହି ମହାମାରୀର ନିରାକରଣରେ ନିଶ୍ଚୟ ଅଧିକରୁ ଅଧିକ ସହାୟକ ହେବ। ବୃହତ୍ତର ଓ ସଂଘବଦ୍ଧ ସଚେତନତାରେ ସଫଳତା ଆହୁରି ବ୍ୟାପକ ହେବ।

ଆଜି ବିଶ୍ୱ ଏଡ୍ସ ଦିବସ ଅବସରରେ ଓଡ଼ିଶାକୁ ଏକ ସୁସ୍ଥ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ମୁଁ ଆହ୍ୱାନ କରୁଛି।

(ନବୀନ ପଟ୍ଟନାୟକ)

ଶ୍ରୀ ନିରଞ୍ଜନ ପୂଜାରୀ
ମନ୍ତ୍ରୀ
ସଂସଦୀୟ ବ୍ୟାପାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା



ବାର୍ତ୍ତା

ଆଜି ବିଶ୍ୱ ଏଡ୍ସ ଦିବସ। ଏହି ଦିବସ ପାଳନ ଅବସରରେ ଏଡ୍ସ ବିରୁଦ୍ଧରେ ଆମର ଲଢ଼େଇ ଆଜି ବହୁମାତ୍ରାରେ ଫଳବତୀ ହୋଇଥିବା ବେଳେ ରୋଗରୁ ମୁକ୍ତ ହେବାର ବିପୁଳ ସମ୍ଭାବନା ଆଡ଼କୁ ଆମେ ଅଗ୍ରସର ହେବା ଆରମ୍ଭ କରିସାରିଛେ। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସଂଘର୍ଷ ଜାରି ରହିଛି।

ଏହି ସଂକ୍ରମଣ ବିରୁଦ୍ଧ ଲଢ଼େଇରେ ବିଜୟ ଆମର ବୋଲି ଏବେ ଆମେ ସମ୍ପୂର୍ଣ୍ଣ ଆଶାବାଦୀ। ତେବେ ଏବେ ସଚେତନତା ଓ ସଂଗ୍ରାମରେ ଗୋଷ୍ଠୀ ବା ସଂଘର ଭାଗିଦାରି ଦ୍ୱାରା ଏହି ଯୁଦ୍ଧରେ ଆମେ ଜୟଲାଭ କରିପାରିବା।

**'ମୁଁ ରୁ ଆମେ'** କୁ ଆସି ଆମେ ପରିବ୍ୟାପ୍ତ ହେବା। ଜଣେ ସଚେତନ ନାଗରିକ ଭାବେ ନିଜର ରକ୍ତ ପରୀକ୍ଷା କରାଇ ନିଜର ସ୍ଥିତି ବିଷୟରେ ଜାଣିବା। ଆସନ୍ତୁ ଏହି ଲଢ଼େଇରେ ଯେଉଁମାନେ ଆଗ ଧାଡ଼ିରେ ଅଛନ୍ତି ସେମାନଙ୍କୁ ସମର୍ଥନ କରିବା ଏବଂ କେହି ଯେପରି ପଛରେ ରହି ନ ଯାଆନ୍ତି ସେଥିପ୍ରତି ଧ୍ୟାନ ଦେବା। ସମାଜକୁ ମହାମାରୀ ବିରୁଦ୍ଧରେ ଆହୁରି ସଂଗଠିତ କରିବାକୁ ସଂକଳ୍ପ ନେବା।

ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଆଗାମୀ ଦିନରେ ଏଡ୍ସ ମୁକ୍ତ ସ୍ୱପ୍ନକୁ ସାକାର କରିବା ଏବଂ ଏଡ୍ସ ମୁକ୍ତ ଆଗାମୀ ପିଢ଼ିର ସ୍ୱପ୍ନକୁ ସାକାର କରିବା।

(ନିରଞ୍ଜନ ପୂଜାରୀ)
OIPR-10009/13/0006/2324

DSPL-427
ଆମ ଓଡ଼ିଶା ନବୀନ ଓଡ଼ିଶା
ODISHA INDIA'S BEST KEPT SECRET
କୋଣାର୍କ ଉତ୍ସବ
ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ଓଡ଼ିଶା
୧ ରୁ ୫ ଡ଼ିସେମ୍ବର, ୨୦୨୩
ସନ୍ଧ୍ୟା ୬.୦୦ ରୁ ୮.୩୦ ଘଟିକା



୧ ଡ଼ିସେମ୍ବର
ଓଡ଼ିଶୀ
ସୁର୍ ମନ୍ଦିର
ଜ୍ୟୋତ୍ସ୍ନାରାଣୀ ସାହୁ
ଏବଂ ନୃତ୍ୟବୃନ୍ଦ, କଟକ
ଭାରତନାଟ୍ୟମ୍
ଚିଥକଳା ସ୍କୁଲ ଅଫ୍ ଏକାଡେମୀ
ପ୍ରଭିନ୍ କୁମାର ଏବଂ ନୃତ୍ୟବୃନ୍ଦ
ବେଙ୍ଗାଲୁରୁ

୨ ଡ଼ିସେମ୍ବର
କୁଚିପୁଡ଼ୀ
କୁଚିପୁଡ଼ୀ ଡ୍ୟାନସ୍ ଏକାଡେମୀ
ଜୟ ରାମାରାଓ ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ
ଓଡ଼ିଶୀ
ଉତ୍ସଭ ଏଜୁକେସନାଲ ଏଣ୍ଡ
କଲଚରାଲ ସୋସାଇଟି
ରଞ୍ଜନା ଗୌହର ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

୩ ଡ଼ିସେମ୍ବର
ଓଡ଼ିଶୀ
ଦେବଦାସୀ
ରୋଜାଲିନ୍ ମହାପାତ୍ର ଏବଂ ନୃତ୍ୟବୃନ୍ଦ
ଭୁବନେଶ୍ୱର
ସତ୍ରିୟ
କଳ୍ପବୃକ୍ଷ ଡ୍ୟାନ୍ସ ଏନ୍‌ସେମ୍ବଲ
ଅନ୍ୱେଷା ମହନ୍ତ ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

୪ ଡ଼ିସେମ୍ବର
ମୋହିନୀଆଟ୍ଟମ
ଲାସ୍ୟ ଏକାଡେମୀ ଅଫ୍ ମୋହିନୀଆଟ୍ଟମ
ପଲ୍ଲବୀ କ୍ରିଷ୍ଣନ୍ ଏବଂ ନୃତ୍ୟବୃନ୍ଦ
କେରଳ
ଓଡ଼ିଶୀ
କୈଶିକୀ ଡ୍ୟାନ୍ସ ଏକାଡେମୀ
ଦକ୍ଷା ମସ୍ରୁୱାଲା ଏବଂ ନୃତ୍ୟବୃନ୍ଦ
ମୁମ୍ବାଇ

୫ ଡ଼ିସେମ୍ବର
ଓଡ଼ିଶୀ
ଗୀତ ଗୋବିନ୍ଦ ଚାରିଟେବଲ୍ ଟ୍ରଷ୍ଟ
କୁମ୍‌କୁମ୍ ମହାନ୍ତି ଏବଂ ନୃତ୍ୟବୃନ୍ଦ
ଭୁବନେଶ୍ୱର
କଥକ
ପ୍ରେରଣା ସେଣ୍ଟର ଫର୍ ପରଫରମିଙ୍ଗ୍ ଆର୍ଟସ୍
ଲୁନା ପୋଦାର ଏବଂ ନୃତ୍ୟବୃନ୍ଦ
କୋଲକାତା



ସୁଦର୍ଶନ ପଟ୍ଟନାୟକ (ପଦ୍ମଶ୍ରୀ ପୁରସ୍କୃତ)
ବ୍ରାଣ୍ଡ ଆମ୍ବାସଡର୍, ଆନ୍ତର୍ଜାତିକ ବାଲୁକାଶିଳ୍ପୀ

ପରିଦର୍ଶନ କରନ୍ତୁ
ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ
୧ ରୁ ୫ ଡିସେମ୍ବର, ୨୦୨୩
ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ଓଡ଼ିଶା

DD BHARATI
Live Telecast in DD Bharati and Live streaming in Odisha Tourism Social Media Pages

www.odishatourism.gov.in
info@odishatourism.gov.in
odishatourismofficial
odishatourismofficial
odisha_tourism
OIPR-37001/13/0034/2324

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ- ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା- ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। -ଶ୍ରୀମା



# ପ୍ରବାସୀଙ୍କ ପ୍ରଭାବ



ଇଆନ ବୁରୁମା

ନେଦରଲାଣ୍ଡସର ସବୁଠୁ ଲୋକପ୍ରିୟ ପାର୍ଟିର ଏବକାର ନେତା ଗୀର୍ଟ ୱାଇଲ୍ଡର୍ସଙ୍କୁ ଅଣଦେଖାକରି ଜଣେ ସାମ୍ବାଦିକ ଭାବେ ମୁଁ ଜୀବନର ସବୁଠୁ ବଡ଼ ଭୁଲ୍ କରିଛି। ସମ୍ଭବତଃ ସେ ନେଦରଲାଣ୍ଡସର ପ୍ରଥମ ଦକ୍ଷିଣପନ୍ଥୀ ପ୍ରଧାନମନ୍ତ୍ରୀ ହେବେ । ମୁଁ ୨୦୦୫ରେ ମୋ ପୁସ୍ତକ 'ମର୍ଡର ଇନ୍ ଆମଷ୍ଟରଡାମ୍' ପାଇଁ ସାକ୍ଷାତ୍କାର ନେଇଥିଲି। ଏହି ବହିଟି ଜଣେ ମୁସଲମାନ ଉଗ୍ରପନ୍ଥୀଙ୍କ ଦ୍ୱାରା ହତ୍ୟା ହୋଇଥିବା ଫିଲ୍ମ ନିର୍ମାତା ଥେଓ ଭାନ୍ ଗୋହଙ୍କ ଉପରେ ପର୍ଯ୍ୟବସିତ। ୱାଇଲ୍ଡର୍ସ ୨୦୦୬ରେ ଦି ପାର୍ଟି ଫର୍ ଫ୍ରିଡମ(ପିଭିଭି) ଗଠନ କରିଥିଲେ ବି ଭବିଷ୍ୟତରେ ସକ୍ରିୟ ରାଜନୀତି କରିବାର କୌଣସି ଆଗ୍ରହ ନ ଥିବା ଲକ୍ଷ୍ୟକରି ମୋ ବହିରେ ସ୍ଥାନ ଦେଇ ନ ଥିଲି। କିନ୍ତୁ ଅଧିକାଂଶ ଲୋକଙ୍କ ଭଳି ତାଙ୍କ ଅଜବ ହେୟାରଷ୍ଟାଇଲ ମୋତେ ପ୍ରଭାବିତ କରିଥିଲା। ଜଣେ ଦୃଢ଼ ବ୍ୟକ୍ତିତ୍ୱ ଓ ସାଂସଦ ଭାବେ ତାଙ୍କ କେଶକୁ କଳା ବଦଳରେ ଧଳା ରଖିବାକୁ ଚାହିଁଥିଲେ। ଏହା ଥିଲା ତାଙ୍କ ଭିଜୁଆଲ ବ୍ରାଣ୍ଡିଂ। ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଓ ବୋରିସ୍ ଜନ୍‌ସନଙ୍କ ସଫଳତା ଭିଜୁଆଲ ବ୍ରାଣ୍ଡିଂର ଗୁରୁତ୍ୱକୁ ଦର୍ଶାଇଛି। ଅଜବ ହେୟାର ସଂସ୍କୃତି ଦ୍ୱାରା ସୃଷ୍ଟି ଭିଜୁଆଲ ବ୍ରାଣ୍ଡିଂରେ ଏକ ଅଦ୍ଭୁତ ବ୍ୟକ୍ତିତ୍ୱ ରହିଛି। ତେବେ ୱାଇଲ୍ଡର୍ସଙ୍କ କେଶଶୈଳୀ ଭିନ୍ନ ବୋଲି ଉପସ୍ଥାପିତ କରାଯାଇପାରେ। ୨୦୦୯ରେ ଲିଜି ଭାନ୍ ଲିଓବିନ୍ ନାମକ ଜଣେ ଡଚ୍ ମାନବବିଜ୍ଞାନୀ ତଥା ଇଣ୍ଡୋନେସିଆର ବିଶେଷଜ୍ଞ ଯୁକ୍ତି ବାଢ଼ିଥିଲେ, ୱାଇଲ୍ଡର୍ସ ତାଙ୍କ ୟୁରାସିଆନ(ୟୁରୋପ ଓ ଏସିଆ ନିବାସୀ) ପୃଷ୍ଠଭୂମିକୁ ଲୁଚାଇବାକୁ ଚାହିଁ ଆସୁଥାଇପାରନ୍ତି । ହେଲେ ତାଙ୍କ ମାତାଙ୍କ ମା' ଆଂଶିକ ଇଣ୍ଡୋନେସୀୟ । ତାଙ୍କ ଜେଜେ ଓ ଜେଜେମା'ଙ୍କୁ ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁ ଡଚ୍ ଇଷ୍ଟଇଣ୍ଡିଜ ( ପରେ ଇଣ୍ଡୋନେସିଆ ହୋଇଛି) ଛାଡ଼ିବାକୁ ପଡ଼ିଥିଲା।

ଅବଶ୍ୟ ୱାଇଲ୍ଡର୍ସଙ୍କ ବିରୋଧରେ ଏସବୁ କହିବା ଅନ୍ୟାୟ ହେବ। ଜାତି କିଛି ବି ବୁଝାଇ ନ ପାରେ। କିନ୍ତୁ ପୂର୍ବର ଡଚ୍ ଇଷ୍ଟ ଇଣ୍ଡିଜରେ ଥିବା ୟୁରାସିଆନ୍‌ଙ୍କ ମଧ୍ୟରେ ଦକ୍ଷିଣପନ୍ଥୀ ଓ ମୁସଲମାନ ବିରୋଧୀ ମାନସିକତାର ଏକ ଇତିହାସ ଅଛି, ଯାହା ରାଜନୀତି ଦୃଷ୍ଟିକୋଣରୁ ତାଙ୍କୁ ସାହାଯ୍ୟ କରିଥାଇପାରେ। ସେମାନଙ୍କୁ ୟୁରାସିଆନ କିମ୍ବା ଇଣ୍ଡୋଜ କୁହାଯାଏ। ସେମାନଙ୍କୁ ଇଣ୍ଡୋନେସୀୟ କିମ୍ବା ଡଚ୍ ଉପନିବେଶିକ ନେତୃତ୍ୱମାନେ କେବେ ବି ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରି ନ ଥିଲେ। ସେମାନେ ଥିଲେ ପ୍ରବାସୀ। ବହୁ ସମୟରେ ଅଧିକ ଶିକ୍ଷିତ ବ୍ୟକ୍ତି ହିଁ ଦେଶର ନାଗରିକ ହେବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ। ବହୁ ସମୟରେ ଡଚ୍ ଇଷ୍ଟ ଇଣ୍ଡିଜରେ ସଂଖ୍ୟାବହୁଳ ସମ୍ପ୍ରଦାୟ ମୁସଲମାନଙ୍କ ପ୍ରତି ଘୃଣା ଭାବ ଏବଂ ଚରମ ଡଚ୍ ଜାତୀୟତାବାଦ ସୃଷ୍ଟି ହୋଇଥିଲା। ୧୯୩୦ ଦଶନ୍ଧିରେ ଉପନିବେଶରେ ଡଚ୍ ନାଜି ପାର୍ଟିର ଅନେକ ସଦସ୍ୟଙ୍କର ୟୁରାସିଆନ୍ ପୃଷ୍ଠଭୂମି ଥିଲା। ୱାଇଲ୍ଡର୍ସ ଜଣେ ଫାସୀବାଦୀ ହୋଇ ନ ପାରନ୍ତି, କିନ୍ତୁ ସାର୍ବଭୌମତା, ଜାତୀୟତା ବୋଧ ଏବଂ ସଂସ୍କୃତି ଓ ଧର୍ମୀୟ ନୈତିକତା ପ୍ରତି ତାଙ୍କ ଅନୁରାଗର ପ୍ରବାସୀଙ୍କ ବଂଶାନୁକ୍ରମ ସହ ସମ୍ପର୍କ ରହିଛି। ଇତିହାସକୁ ଦେଖିଲେ ଚରମ ରାଷ୍ଟ୍ରବାଦୀମାନେ ବହୁ ସମୟରେ ବିଭିନ୍ନ ଅଞ୍ଚଳରୁ ସାମ୍ନାକୁ ଆସିଛନ୍ତି। କୋରସିକାରୁ ନେପୋଲିଅନ, ଜର୍ଜିଆରୁ ଷ୍ଟାଲିନ, ଅଷ୍ଟ୍ରିଆରୁ ହିଟଲର ଆସିଛନ୍ତି। ଯେଉଁମାନେ ଦେଶୀୟ ଭାବେ ନିଜକୁ ପ୍ରତିପାଦିତ କରିବାକୁ ଚାହିଁ ଆସିଛନ୍ତି , ସେମାନେ ଲଗାତର ଜନ ଆକ୍ରୋଶର ଶିକାର ହୋଇଛନ୍ତି।



ନେଦରଲାଣ୍ଡସରେ ୱାଇଲ୍ଡର୍ସ କେବଳ ଜଣେ ବିରଳ ବ୍ୟକ୍ତିତ୍ୱ ନୁହନ୍ତି। ୧୯୮୦ରେ ହେନେରୀ ବ୍ରୁକ୍‌ମ୍ୟାନ ବିଶେଷକରି ମୁସଲମାନ ପ୍ରବାସୀଙ୍କୁ ବିରୋଧ କରିବା ପାଇଁ ଦକ୍ଷିଣପନ୍ଥୀ ଡଚ୍ ସେଣ୍ଟର ପାର୍ଟି ଗଠନ କରିଥିଲେ। ବ୍ରୁକ୍‌ମ୍ୟାନଙ୍କର ବଂଶର ଆଧାର ଥିଲା ୟୁରାସିଆନ୍। ଅନ୍ୟ ଜଣେ ଦକ୍ଷିଣପନ୍ଥୀ ରାଜନେତା ରୀତା ଭରଡଙ୍କ୍ ମଧ୍ୟ ଥିଲେ ୟୁରାସିଆନ, ଯିଏ ୨୦୦୭ରେ ପ୍ରାଉଡ୍ ଅଫ୍ ନେଦରଲାଣ୍ଡ ପାର୍ଟି ଗଠନ କରିଥିଲେ। ବ୍ରିଟେନ୍‌ର ପୂର୍ବତନ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରେଭରମ୍ୟାନ୍‌ଙ୍କୁ ୱାଇଲ୍ଡର୍ସଙ୍କ ସହ ତୁଳନା କରାଯାଇପାରେ। ତାଙ୍କ ମାତାପିତା ପ୍ରଥମେ ଆଫ୍ରିକାରେ ଭାରତୀୟ ଭାବେ ରହିଥିଲେ। ପରେ ସେମାନେ ଆଫ୍ରିକୀୟ-ଭାରତୀୟ ଭାବେ ବ୍ରିଟେନ୍‌ରେ ରହିଲେ। ଜଣେ ପ୍ରବାସୀ ଶିଶୁ ଭାବେ ପ୍ରବାସୀ ଏବଂ ଶରଣାର୍ଥୀଙ୍କ ପ୍ରତି ତାଙ୍କର ବିରୋଧାତ୍ମକ ଭାବନା ବ୍ରିଟେନ୍ ଉପରେ ଏକ ପ୍ରକାର ଆକ୍ରମଣ ଥିଲା, ଯାହା ଚିନ୍ତାଜନକ ମନେହୁଏ। କିନ୍ତୁ ସେଠାରେ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଇଚ୍ଛା ତାଙ୍କ ରାଜନୀତିରେ ଏକ ଭୂମିକା ନେଇଛି। ବ୍ରିଟେନ ପାର୍ଲାମେଣ୍ଟରେ ବ୍ରେଭରମ୍ୟାନ୍‌ଙ୍କ ପ୍ରବେଶ ଏବଂ କଞ୍ଜରଭେଟିଭ ପାର୍ଟିରେ ତାଙ୍କ ଉତ୍ଥାନରୁ ଜଣାପଡ଼େ ଯେ, ବ୍ରିଟେନର ଦ୍ୱାର ବାହାର ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ। ଉଲ୍ଲେଖନୀୟ, ଇମିଗ୍ରେଶନ ବା ଅପ୍ରବାସନ ଉପରେ ତାଙ୍କର କଠୋର ଦକ୍ଷିଣପନ୍ଥୀ ଦୃଷ୍ଟିକୋଣ କଞ୍ଜରଭେଟିଭ ରାଜନୀତିରେ ମୁଖ୍ୟ ଧାରା ପାଲଟିଛି। କଞ୍ଜରଭେଟିଭ ପାର୍ଟିର ଶ୍ୱେତାଙ୍ଗ ସପକ୍ଷବାଦୀମାନେ ଏକ ପ୍ରବାସୀ ବିରୋଧୀ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ଜଣେ ଅପ୍ରବାସୀ କନ୍ୟାଙ୍କୁ ଉପଯୋଗକରି ଖୁସିଥିଲେ। ଅପେକ୍ଷାକୃତ ଏହି ସମୟ ପର୍ଯ୍ୟନ୍ତ ଚରମ ରାଷ୍ଟ୍ରବାଦୀ ଦଳ ଓ ରାଜନେତାମାନେ ମୁଖ୍ୟଧାରା ରକ୍ଷଣଶୀଳ ଦଳରୁ ବଞ୍ଚିତ ହୋଇଥିଲେ କିମ୍ବା ବାଦ୍ ପଡ଼ିଥିଲେ, ଯାହା ୧୯୬୮ରେ ବ୍ରିଟିଶ ରାଜନେତା ଏନୋଚ୍ ପାୱେଲଙ୍କ କ୍ଷେତ୍ରରେ ଘଟିଥିଲା। ବ୍ରିଟେନ୍‌ର ଏହି ରାଜନେତା ଅନୁମାନ କରିଥିଲେ ଯେ ଅଧିକ ଅଣଶ୍ୱେତାଙ୍ଗ ଅପ୍ରବାସନ ଯୋଗୁ ରକ୍ତର ନଦୀ ବହିବ। ଫଳରେ ସେମାନଙ୍କ ପାରିବାରିକ ପୃଷ୍ଠଭୂମି ଯାହା ହେଉନା କାହିଁକି ସେମାନଙ୍କୁ ବହିରାଗତ ରାଜନୈତିକ ବ୍ୟକ୍ତି ଭାବେ ବିବେଚନା କରାଯାଉଥିଲା। ଅଧିକରୁ ଅଧିକ ଅସନ୍ତୁଷ୍ଟ ଭୋଟରଙ୍କ ପାଇଁ ଏହା ସେମାନଙ୍କର ଏକ ବହୁମୂଲ୍ୟ ଆବେଦନ ଥିଲା। ୨୦୧୬ରେ ବ୍ରେକ୍‌ଜିକ୍ଟରମାନେ ଏବଂ ଟ୍ରମ୍ପ ଏଥିରୁ ଉପକୃତ ହୋଇଥିଲେ ଏବଂ ୱାଇଲ୍ଡର୍ସ ଆଜି ଏଥିରୁ ଉପକୃତ ହେଉଛନ୍ତି । କିନ୍ତୁ ବିଗତ କିଛି ଦଶନ୍ଧି ହେଲା ପାରମ୍ପରିକ ରଢ଼ିବାଦୀ ଦଳଗୁଡ଼ିକ ବିଦ୍ୱେଷ ଭାବ ପ୍ରଦର୍ଶନ ବିନା ଏଭଳି ପରିଣାମ ସବୁ ଘଟିପାରିଲା ନାହିଁ। ସେମାନଙ୍କର ଭୋଟରଙ୍କୁ କାଳେ ଚରମ ଦକ୍ଷିଣପନ୍ଥୀ ନେଇଯିବେ ସେହି ଭୟରେ ସେମାନେ ସ୍ଥିତିରୁ ଲାଭ ଉଠାଉଥିବା ବିଦେଶୀଙ୍କ ବିରୋଧରେ ପକ୍ଷପାତ ନୀତି ଧରିଲେ। ଇହୁଦୀ ଓ ଖ୍ରୀଷ୍ଟିଆନ, ସହର କିମ୍ବା କୌଣସି ସ୍ଥାନରୁ ଲୋକଙ୍କ ପ୍ରତି ମୁସଲମାନମାନେ ବିପଦ ବୋଲି କହିଲେ। କିନ୍ତୁ ଏହା କେବଳ ବାକ୍‌ପଟୁତା ଥିଲା ଏବଂ ରକ୍ଷଣଶୀଳ ଦଳଗୁଡ଼ିକ କେବଳ ଧନୀ ଏବଂ ବଡ଼ ବ୍ୟବସାୟର ସ୍ୱାର୍ଥ ପାଇଁ ଲାଗିପଡ଼ିଲେ। ଯେଉଁମାନଙ୍କୁ ବାହାର ଲୋକ ଭାବେ ବ୍ୟବହାର କରାଯାଉଥିଲା ସେମାନଙ୍କ କ୍ରୋଧ ବଢ଼ିଗଲା ଏବଂ ସେମାନେ ପୁରୁଣା ବ୍ୟବସ୍ଥାକୁ ଭାଙ୍ଗିଦେବା ଲାଗି ଜଣେ ବାହାରର ବ୍ୟକ୍ତିଙ୍କୁ ଚାହିଁଲେ।

ନେଦରଲାଣ୍ଡସରେ ରଢ଼ିବାଦୀ ଦଳଗୁଡ଼ିକ ବିଶେଷକରି ପାର୍ଟି ଅଫ୍ ଫ୍ରିଡମ୍ ଆଣ୍ଡ ଡେମୋକ୍ରାସି (ଭିଭିଡି) ଅତୀତରେ ଏଭଳି ସମସ୍ୟା ସାମ୍ନା କରିଥିଲେ ଓ ୱାଇଲ୍ଡର୍ସଙ୍କୁ ଶାସନ କରିବାକୁ ବାଟ ଛାଡ଼ି ନ ଥିଲା। ଭିଭିଡି ଅନ୍ତର୍ଜାତୀୟବାଦ, ୟୁରୋପୀୟ ସଂଘ, ୟୁକ୍ରେନ୍‌କୁ ସାମରିକ ସହଯୋଗ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପଦକ୍ଷେପ ସପକ୍ଷରେ ଛିଡ଼ା ହୋଇଥିଲେ ବି ୱାଇଲ୍ଡର୍ସ ଏସବୁକୁ ବିରୋଧ କରୁଛନ୍ତି। ପରିବର୍ତ୍ତନ ଏୟା ହୋଇଛି ଯେ, ଭିଭିଡି ଏହାର ଦକ୍ଷିଣପନ୍ଥୀ ସପକ୍ଷବାଦୀଙ୍କୁ ସୁରକ୍ଷା ଦେବା ଆଶାରେ ଅପ୍ରବାସନ ଉପରେ ଏକ କଠୋର ଆଭିମୁଖ୍ୟ ଗ୍ରହଣକଲେ ମଧ୍ୟ ସୂଚାଇ ଦେଇଛି ଯେ କ୍ରୋଧିତ ପ୍ରବାସୀଙ୍କ ଶାସନ କରିବା ସମ୍ଭବ ହୋଇପାରେ । ବର୍ତ୍ତମାନ ଦ୍ୱାର ଖୋଲିଗଲା ଏବଂ ଅପ୍ରବାସନ ଏକ ନିର୍ବାଚନ ପ୍ରସଙ୍ଗ ହୋଇଗଲା, ୱାଇଲ୍ଡର୍ସ ବିପୁଳ ବିଜୟ ହାସଲ କରିବାକୁ ସକ୍ଷମ ହେଲେ । ହେଲେ ବିଡ଼ମ୍ବନା ହେଉଛି ଯେ, ଭିଭିଡି ନେତା ଡିଲାନ୍ ୟିଶିଲଗୋଜ, ଯିଏକି ଏହା କରିବାକୁ ଅନୁମତି ଦେଇଥିଲେ, ସେ ଆଙ୍କାରରେ ଜଣେ ତୁର୍କୀ ମାତା ଏବଂ କୁର୍ଦ୍ଦ ପିତାଙ୍କଠାରୁ ଜନ୍ମ ନେଇଥିଲେ। ସେ ଠିକ୍ ସେହିଭଳି ଜଣେ ଡଚ୍ ନାଗରିକ ଯାହାଙ୍କୁ ୱାଇଲ୍ଡର୍ସ ରୋକିବାକୁ ଶପଥ ନେଇଛନ୍ତି।

**ପ୍ରତିଷ୍ଠିତ ଲେଖକ**

## ରାଜନୈତିକ ସଂକୀର୍ଣ୍ଣତା



ରବିନାରାୟଣ ସାମଲ

"ଅନ୍ୟାୟ ଦେଖି ରହିଯାଅ ନାହିଁ। ପ୍ରତିବାଦ କର! କାରଣ ପ୍ରତିବାଦବିହୀନ ମଣିଷ କ୍ରୀତଦାସ ସହ ସମାନ''- ସକ୍ରେଟିସ୍ । ଏବେ ଦୁର୍ନୀତିରେ ଦେଶ ଉବୁଟୁବୁ। ଚିଟ୍ ଫଣ୍ଡଠାରୁ ରାଫେଲ୍ ହେଉଛି ବଡ଼ବଡ଼ିଆଙ୍କ ଦୁର୍ନୀତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ତଥ୍ୟ ଅନୁଯାୟୀ, ବିଶ୍ୱର ୧୮୦ଟି ଦେଶ ମଧ୍ୟରେ ୨୦୧୭ରେ ଭାରତର ସ୍ଥାନ ଥିଲା ୭୯। ଦୁର୍ନୀତିର ମାତ୍ରା ପ୍ରବଳ ଯୋଗୁ ୨୦୨୧ରେ ଏହା ୮୫କୁ ଆସିଛି। ଦେଶବାସୀ ନୀରବ! ପ୍ରତିବାଦ ନାହିଁ।

ମଣିପୁରରେ ମହିଳାମାନଙ୍କ ଉପରେ ବର୍ବର ଅତ୍ୟାଚାର ହେଲା। ଘରଦ୍ୱାର ପୋଡ଼ି ଦିଆଗଲା। ଜୀବନ ରକ୍ଷା ପାଇଁ ଲୋକେ ପଡ଼ୋଶୀ ରାଜ୍ୟରେ ଆଶ୍ରୟ ନେଲେ। ଖାଦ୍ୟ ଅଭାବରୁ କୁକି ଓ ଜୋ ଆଦିବାସୀ ସମ୍ପ୍ରଦାୟ ଅନାହାରରେ ଦିନ କାଟିଲେ। ଦେଶ ବିଦେଶରେ ଏହା ଚର୍ଚ୍ଚିତ ବିଷୟ ହୋଇଗଲା। ଆମ ପ୍ରଧାନମନ୍ତ୍ରୀ ଓ ଜାତୀୟ ମହିଳା କମିଶନ ନୀରବଦ୍ରଷ୍ଟା ସାଜିଲେ। ସରକାରୀ ଦଳର ସଭ୍ୟ ଓ ସମର୍ଥକ ଉଁ କି ଚୁଁ ହେଲେ ନାହିଁ।

୨୦୧୯ ଅଗଷ୍ଟ ୫ରେ ଅପ୍ରତ୍ୟାଶିତ ଭାବେ ଜମ୍ମୁ-କଶ୍ମୀରରେ ନିର୍ବାଚିତ ସରକାରକୁ ଭାଙ୍ଗି ଦିଆଗଲା। ବିଧାନସଭାକୁ ନିଲମ୍ବନ କରାଗଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ରାଜନେତାମାନଙ୍କୁ ଗୃହବନ୍ଦୀରେ ରଖାଗଲା। ୩୭୦ ଓ ୩୫(କ) ଧାରାକୁ ପ୍ରତ୍ୟାହାର କରିନିଆଗଲା। ବିନା ମତାମତ ଓ ବିନା ପରାମର୍ଶରେ ଜମ୍ମୁ-କଶ୍ମୀରକୁ ୩ ଭାଗ କରିଦିଆଗଲା। ପ୍ରଶ୍ନ ଉଠୁଛି ଏପରି ଯଦି ହୁଏ ନିର୍ବାଚନ ହେବ କାହିଁକି, ମନ୍ତ୍ରିମଣ୍ଡଳ ଗଢ଼ାହେବ କାହିଁକି, ମନ୍ତ୍ରିମଣ୍ଡଳକୁ ବାଦ୍ ଦେଇ କେନ୍ଦ୍ର ଆଧିପତ୍ୟ ବିସ୍ତାର କରିବ କାହିଁକି? ୩୭୦ ଧାରା ଉଚ୍ଛେଦ ସପକ୍ଷରେ ସରକାରୀ ମିଡିଆ ଏମିତି ପ୍ରଚାର ରଖିଲେ ଯେ ସାଧାରଣ ଲୋକେ ବିଭ୍ରାନ୍ତ ହୋଇଗଲେ।

ଦରଦାମ ହୁ ହୁ ହୋଇ ବଢ଼ିଲା। କଂଗ୍ରେସ ସରକାର ବିରୋଧରେ ଜନ ଅସନ୍ତୋଷ ପ୍ରବଳ ହେଲା। କ୍ଷମତାକୁ ଆସିଲେ ୧୦୦ ଦିନ ମଧ୍ୟରେ ଦରଦାମ କମ୍ କରିବେ ବୋଲି ପ୍ରତିଶ୍ରୁତି ଦିଆଗଲା। ଏହା ଭିତରେ ୩୦ଟିରୁ ଊର୍ଦ୍ଧ୍ୱ ଶହେଦିନ ଯାଇ ସାରିଲାଣି। ଦରଦାମ କମିବା ପରିବର୍ତ୍ତେ ଆକାଶଛୁଆଁ ହୋଇଛି। ବୋଝ ଉପରେ ନଳିତାବିଡ଼ା ପରି ସରକାର ଚୁଡ଼ା, ଚାଉଳଠାରୁ ଆରମ୍ଭ କରି ତେଲ, ଲୁଣ ପର୍ଯ୍ୟନ୍ତ ସବୁରି ଉପରେ ଜିଏସ୍‌ଟି ବସାଇଦେଲେ। 'ଦରମା ବଢ଼ିଲା- ଦର ବଢ଼ିଲା- ଅସୁବିଧା କେଉଁଠି'- ସରକାରୀ ଦଳର ପ୍ରବକ୍ତାମାନେ କହିବୁଲିଲେ।

ମହିଳା ସଂରକ୍ଷଣ ବିଲ୍ ୧୫ ବର୍ଷ ହେଲା ଶୀତଳଭଣ୍ଡାରରେ ରହିଥିଲା। ଏବେ ଏହା ପାର୍ଲାମେଣ୍ଟରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇସାରିଛି। ମାତ୍ର ଆଗାମୀ ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବ ନାହିଁ, ଏହାକୁ ଆହୁରି ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ଭାରତୀୟ ଜନତା ପାର୍ଟି ଏହାକୁ 'ଐତିହାସିକ' ଆଖ୍ୟା ଦେଲା। ଦେଶରେ ବେରୋଜଗାରି ଯୁବତୀଯୁବକ ହାଉଯାଉ। ଟେକାଟିଏ ପକାଇଲେ ଯାହା ଦେହରେ ବାଜିବ ସେ ଜଣେ ବେକାର ହୋଇଥିବ। ବର୍ଷକୁ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି ଦେବାକୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାର ୧୦ ବର୍ଷରେ କୋଟିଏ ବି ପୂରଣ କରିପାରିଲେ ନାହିଁ। ଦେଶରେ ଶହେକେ ୪୨ ଜଣ ଯୁବ ଗ୍ରାଜୁଏଟ୍ ବେକାର ବସିଛନ୍ତି ବୋଲି ନିକଟରେ ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ତାହାର ସର୍ଭେ ରିପୋର୍ଟରେ ପ୍ରକାଶ କରିଛି। ମଝିରେ ମଝିରେ ଚାଇନା ବିରୋଧୀ ପ୍ରଚାର ଗଣମାଧ୍ୟମରେ ଜୋର୍ ଧରୁଛି। ଚାଇନା ନିର୍ମିତ ସାମଗ୍ରୀ ବର୍ଜନ କରିବାକୁ ଆନ୍ଦୋଳନ ହେଉଛି। ଏହାକୁ ମଧ୍ୟ ବେଶ୍ କିଛି ଲୋକ ସମର୍ଥନ କରୁଛନ୍ତି। ଆମ ଦେଶ ବିଦେଶୀ ରାଷ୍ଟ୍ରରୁ ଯେତେ ସାମଗ୍ରୀ ଆମଦାନୀ କରୁଛି ତାହାର ଶତକଡ଼ା ୬୦ ଭାଗ କେବଳ ଚାଇନାରୁ କରୁଛି। ଏହା ସରକାରୀ ରାଜିନାମା ଅନୁଯାୟୀ ବି ହେଉଛି। ଏବେ ଏହି ଆନ୍ଦୋଳନ ଥମିଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସିଲେ ପୁଣି ଜୀବନ୍ତ ହୋଇଉଠିବ।

ଖୋଜିଲେ ଏମିତି ତ ଶହ ଶହ ଦୃଷ୍ଟାନ୍ତ ମିଳିବ। ଏଠାରେ ଆଲୋଚିତ ଘଟଣାବଳୀ ପଛରେ ଅସଚେତନତା ଓ ରାଜନୈତିକ ସଂକୀର୍ଣ୍ଣତା ବିଦ୍ୟମାନ। ସଚେତନତା ଅଭାବରୁ ସାଧାରଣ ଲୋକେ ଜାଣନ୍ତି ନାହିଁ ଦେଶରେ କ'ଣ ଘଟୁଛି। ରାଜନୈତିକ ଦଳର ବ୍ୟକ୍ତିବିଶେଷ ଦଳୀୟ ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ଅନ୍ଧଭାବେ ସମର୍ଥନ କରୁଥିବା ଲକ୍ଷ୍ୟ କରାଯାଉଛି। ବିଚାର ବିବେକ କବର ନେଇଛି।

ମୋ:୭୯୭୫୦୪୬୪୮୬

## ଏଇ ଭାରତରେ

ପ୍ଲାଷ୍ଟିକ କିମ୍ବା କୃଷି ବର୍ଜ୍ୟର ପୁନଃ ଉପଯୋଗ କରିବା ଲାଗି ଅନେକେ ପ୍ରୟାସ କରୁଛନ୍ତି। କିନ୍ତୁ ଇ-ବର୍ଜ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହାତଗଣତି କେତେଜଣଙ୍କ ମଧ୍ୟରେ ବେଙ୍ଗାଲୁରୁର ବିଶ୍ୱନାଥ ମାଲାବାଡ଼ି ଦବଙ୍ଗେର ଅନ୍ୟତମ। ସେ ବିଭିନ୍ନ ସ୍ଥାନରୁ ଅଦରକାରୀ କମ୍ପ୍ୟୁଟର, କି-ବୋର୍ଡ, ଡିଭିଡି, ପୁରୁଣା ଲ୍ୟାଣ୍ଡଫୋନ, କର୍ଡଲେସ୍ ଫୋନ, ସେଟ୍‌ଅପ ବକ୍ସ, ମେଡିକାଲ ଡିଭାଇସ ଓ ଗ୍ଲୁକୋମିଟର ଇତ୍ୟାଦି ସଂଗ୍ରହ କରି ସେଥିରେ ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି। ଇ-ବର୍ଜ୍ୟରୁ ସେ କପର, ଗୋଲ୍ଡ ଓ ବିଭିନ୍ନ ରଙ୍ଗର ତା'ର ବାହାର କରି ତାହାକୁ ଜିନିଷ ତିଆରିରେ ଲଗାଉଛନ୍ତି। ଏହି ଇକୋ ଆର୍ଟିଷ୍ଟ ୨୦୦ କେଜି ଇ-ବର୍ଜ୍ୟକୁ କାମରେ ଲଗାଇ ସାରିଲେଣି। ଏଥିରୁ ସେ ଅଳଙ୍କାର, ବିଭିନ୍ନ ହସ୍ତକଳା, ୱାଲଆର୍ଟ ଏପରି କି ରୋବୋ ମଧ୍ୟ ନିର୍ମାଣ କରୁଛନ୍ତି। ଏବେ ଏହାକୁ ନେଇ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧ ଡିସେମ୍ବର ୧୯୭୪**

- ରାଜ୍ୟ ସର୍ଭିସ କମିଶନର ଚେୟାରମ୍ୟାନ ତଥା ସୁଦକ୍ଷ ପ୍ରଶାସନିକ ଅଫିସର ଆଲଫ୍ରେଡ୍ କେନେଥ୍ ବାରେନଙ୍କ ୫୭ ବର୍ଷ ବୟସରେ ପରଲୋକ।
- ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ କାରବାର ପୁନଃ ପ୍ରଚଳନ କରାଇବା ଉଦ୍ଦେଶ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆୟର୍ଲାଣ୍ଡ ସାଧାରଣତନ୍ତ୍ରର ନୂଆ ରାଷ୍ଟ୍ରପତି ରୂପେ ସିୟରଭାଲ୍ ଓଡାଲାୟା ନିର୍ବାଚିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | |
| | | | | | 5 | | | |
| | 9 | | 3 | | 2 | | | |
| 7 | | | | | | | 4 | |
| 1 | | 3 | 5 | | 7 | | 6 | |
| | 8 | | | 1 | | | 3 | |
| | 4 | | 2 | | | | 7 | 6 |
| | | | 6 | | | | | 8 |
| 5 | | | 1 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 7 | 9 | 3 | 5 | 2 |
| 9 | 6 | 2 | 4 | 5 | 3 | 1 | 7 | 8 |
| 5 | 3 | 7 | 2 | 1 | 8 | 4 | 6 | 9 |
| 6 | 4 | 3 | 7 | 9 | 2 | 5 | 8 | 1 |
| 2 | 9 | 1 | 8 | 3 | 5 | 7 | 4 | 6 |
| 8 | 7 | 5 | 1 | 4 | 6 | 9 | 2 | 3 |
| 3 | 1 | 8 | 5 | 6 | 4 | 2 | 9 | 7 |
| 7 | 5 | 6 | 9 | 2 | 1 | 8 | 3 | 4 |
| 4 | 2 | 9 | 3 | 8 | 7 | 6 | 1 | 5 |

ଗତକାଲିର ଉତ୍ତର

# ଜଳବାୟୁ ନ୍ୟାୟ



ଲଳିତ ମୋହନ ମିଶ୍ର

ସାମାଜିକ ନ୍ୟାୟ ପରି ପରିବେଶ ନ୍ୟାୟ, ପରିବେଶ ଉପରେ ବିଶ୍ୱର ସମସ୍ତ ଜନତାଙ୍କ ସମାନ ଅଧିକାର ତଥା ଏବର ପିଢ଼ି ସହିତ ଆଗାମୀ ପିଢ଼ିର ଜନତାଙ୍କ ସମାନ ଅଧିକାର ଉପରେ ଆଧାରିତ ଏକ ଗଣତାନ୍ତ୍ରିକ ବିଚାର। ଆନ୍ତଃରାଜ୍ୟ ନଦୀରୁ ଉପରମୁଣ୍ଡ ରାଜ୍ୟ ଅଧିକ ପାଣି ନେଇଯିବା ପରିବେଶ ନ୍ୟାୟର ଉଲ୍ଲଂଘନ। ସେହିପରି କଳକାରଖାନାଗୁଡ଼ିକ କୃଷକଙ୍କୁ କମ୍ ପାଣିଦେଇ ନିଜେ ନଦୀରୁ ଅଧିକ ପାଣି ନେଇଯିବା ପରିବେଶ ନ୍ୟାୟ ବିରୋଧୀ। ମୋଟାମୋଟି ଭାବେ ପରିବେଶ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ପରିବେଶ କ୍ଷତିରୁ ଲାଭବାନ ଗୋଷ୍ଠୀ, ସ୍ୱତନ୍ତ୍ର ଆର୍ଥିକ ଓ ବିକାଶ ଯୋଜନା ପ୍ରଦାନ କରିବା, ପରିବେଶ ନ୍ୟାୟଜନିତ କାର୍ଯ୍ୟକ୍ରମର ଏକ ପ୍ରମୁଖ ଅଂଶ।

ଜଳବାୟୁ ନ୍ୟାୟ ପରିବେଶ ନ୍ୟାୟର ଏକ ପ୍ରମୁଖ ଅଙ୍ଗରୂପେ ଆଜି ବିବେଚିତ ହେଉଛି। ଜଳବାୟୁ ବିଶେଷଜ୍ଞଙ୍କ ମତରେ ଗତ ପ୍ରାୟ ୨୦୦ ବର୍ଷରେ ବିଶ୍ୱର ଶିଳ୍ପାୟନ କାଳଖଣ୍ଡରେ ବିଶ୍ୱର ତାପମାତ୍ରା ୧ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଯଦି ବିଶ୍ୱର ତାପମାତ୍ରା ଏହିପରି ବୃଦ୍ଧିପାଏ ତେବେ ୨୦୫୦ବେଳକୁ ଏହା ୧.୫ ଡିଗ୍ରୀ ସେଲ୍‌ସିୟସ ଓ ୨୧୦୦ ବେଳକୁ ଏହା ୩ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇବ। ଗତ ୧୦,୦୦୦ ବର୍ଷ ମଧ୍ୟରେ ବିଶ୍ୱର ତାପମାତ୍ରା ଏହିପରି ବୃଦ୍ଧି ପାଇ ନ ଥିଲା। ତାପମାତ୍ରା ବୃଦ୍ଧିର କାରଣ ମଣିଷ ସମାଜରୁ ନିର୍ଗତ 'ଗ୍ରୀନ୍‌ହାଉସ୍ ଗ୍ୟାସ୍'। ବିକାଶଶୀଳ ଦେଶ ଭାରତ ଆଦିଙ୍କ ମୁଣ୍ଡପିଛା ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ବିକଶିତ ଦେଶମାନଙ୍କର ମୁଣ୍ଡପିଛା ନିର୍ଗମନ ହାରଠାରୁ ବହୁତ କମ୍। ଏହି ଗ୍ରୀନ୍‌ହାଉସ୍ ଗ୍ୟାସ୍‌ଗୁଡ଼ିକ ପୃଥିବୀ ଉପରେ ଏକ ଚାଦର ଭଳି ଢାଙ୍କି ହୋଇ ରହିବାରୁ ସୂର୍ଯ୍ୟର ଉତ୍ତାପ ପୃଥିବୀ ପୃଷ୍ଠରେ ପଡ଼ିରହି ବିଶ୍ୱର ଉତ୍ତାପ ବୃଦ୍ଧି କରିଥାଏ। ସମାଧାନର ବାଟହେଲା ଗ୍ରୀନ୍‌ହାଉସ୍ ଗ୍ୟାସର ନିର୍ଗମନକୁ କ୍ରମାଗତ ଭାବେ ହ୍ରାସ କରିବା, ପରିବେଶର ସୁସ୍ଥତା ବୃଦ୍ଧି କରିବା ଏବଂ ଲୋକଙ୍କୁ ଜଳବାୟୁ ବିପର୍ଯ୍ୟୟ ନିରୋଧୀ କରିବା। ଉଭୟେ ଧନୀ ଓ ବିକାଶଶୀଳ ରାଷ୍ଟ୍ରମାନେ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ଜଳବାୟୁ ନ୍ୟାୟ ନୀତି ଯୋଗୁ ଧନୀ ରାଷ୍ଟ୍ରମାନେ ବିକାଶଶୀଳ ଓ କମ୍ ବିକଶିତ ଦେଶମାନଙ୍କୁ ବିକଳ୍ପ ଆର୍ଥିକ ଓ ଶିଳ୍ପାୟାନ ଜନିତ ସହାୟତା ପ୍ରଦନା ନ କଲେ ସେମାନେ ଜଳବାୟୁ ଅନୁକୂଳ ଆର୍ଥିକ ବ୍ୟବସ୍ଥାକୁ ଯିବେ କିପରି?

ଆନ୍ତର୍ଜାତିକ ସ୍ତରରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ଏକ ଜଳବାୟୁ ଇମରଜେନ୍ସି ବା ଜରୁରିକାଳୀନ ସମସ୍ୟା ରୂପେ ବିଚାର କରି ମିଳିତ ଜାତିସଂଘ ବିଭିନ୍ନ ପଦକ୍ଷେପ ନେଉଛି। ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ଖସଡାରେ, ୧୩ ନମ୍ବର ଲକ୍ଷ୍ୟରୂପେ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପ ନେବାକୁ ଜାତିସଂଘ ଦେଶମାନଙ୍କୁ ପରାମର୍ଶ ଦେଇଛି, ଯାହାକୁ ଦେଶମାନେ ନିଜ ନିଜ ସ୍ତରରେ ବିଚାରକୁ ନେଇ ଜାତୀୟ ଓ ପ୍ରାନ୍ତୀୟ କାର୍ଯ୍ୟକ୍ରମମାନ ପ୍ରଣୟନ କରୁଛନ୍ତି। ୨୦୧୫ରେ ମିଳିତ ଜାତିସଂଘ ୟୁଏନ୍‌ଏଫ୍‌ସିସିସି(ୟୁନାଇଟେଡ୍ ନେଶନ୍ସ କ୍ଲାଇମେଟ ଚେଞ୍ଜ ଫ୍ରେମ୍‌ୱାର୍କ କନ୍‌ଭେନଶନ୍) ବା ମିଳିତ ଜାତିସଂଘ ଜଳବାୟ ପରିବର୍ତ୍ତନ ଢାଞ୍ଚାଗତ ନିୟମ, ପ୍ୟାରିସ୍‌ଠାରେ ୧୯୬ ଦେଶଙ୍କ ଦ୍ୱାରା ସ୍ୱାକ୍ଷରିତ କରାଇଲା, ଯାହା ନଭେମ୍ବର ୨୦୧୬ରୁ କାର୍ଯ୍ୟକାରୀ ହେଲା। ଏହାକୁ ପ୍ୟାରିସ୍ ଚୁକ୍ତିନାମା ମଧ୍ୟ କୁହାଯାଏ। ଏହା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ପ୍ରଥମ ଆନ୍ତର୍ଜାତିକ ଆଇନଗତ ଚୁକ୍ତି। ଏହାକୁ ପ୍ରତିବର୍ଷ ତଦାରଖ କରୁଛି ଜାତିସଂଘର ସିଓପି(କନ୍‌ଫରେନ୍ସ ଅଫ୍ ପାର୍ଟିଜ୍) କମିଟି। ସିଓପିର ପ୍ରଥମ ବୈଠକ ୧୯୭୯ରେ ବସିଥିବାବେଳେ ୨୮ତମ ବୈଠକ ନଭେମ୍ବର ୩୦ରୁ ୧୨ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ହେଉଛି। ଏହି ବୈଠକରେ ଦେଶମାନେ କେତେଦୂର ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ କାର୍ଯ୍ୟ କରୁଛନ୍ତି ଓ କ'ଣ କ'ଣ ଅସୁବିଧା ରହିଛି ତାହା ଉପରେ ଆଲୋଚନା ହେବା ସହିତ ଜଳବାୟୁ ନ୍ୟାୟଜନିତ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହେବ। ମିଳିତ ଜାତିସଂଘ ଏବେ 'ନେଟ୍ ଜିରୋ' ବା ଶୂନ୍ୟ ଗ୍ରୀନ୍‌ହାଉସ ଗ୍ୟାସ୍ ନିର୍ଗମନ ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ବିଶ୍ୱର ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବାକୁ ହେଲେ ୨୦୩୦ ସୁଦ୍ଧା ଗ୍ରୀନ୍‌ହାଉସ୍ ଗ୍ୟାସ୍‌କୁ ୪୫% ହ୍ରାସ ଏବଂ ୨୦୫୦ ସୁଦ୍ଧା ଶୂନ୍ୟସ୍ତରକୁ ଆଣିବାକୁ ହେବ। କିନ୍ତୁ ଏହି ଲକ୍ଷ୍ୟ ହାସଲ ହେବା ଏବେ ବି କଷ୍ଟକର ମନେହେଉଛି। ବିକାଶଶୀଳ ଓ କମ୍ ବିକଶିତ ରାଷ୍ଟ୍ରମାନେ ବିକଶିତ ରାଷ୍ଟ୍ରମାନଙ୍କଠାରୁ ଜଳବାୟୁ ନ୍ୟାୟ କ୍ଷେତ୍ରରେ ଆର୍ଥିକ, ବୈଷୟିକ ଓ ବାଣିଜ୍ୟିକ ସହାୟତା ମାଗୁଛନ୍ତି, ଯାହାକୁ ଧନୀ ରାଷ୍ଟ୍ରମାନେ କର୍ଣ୍ଣପାତ କରୁନାହାନ୍ତି।




ଭାରତ ସରକାର ଆନ୍ତର୍ଜାତିକ ଚୁକ୍ତିରେ ସ୍ୱାକ୍ଷର କରିଥିବାରୁ ଜଳବାୟ ପରିବର୍ତ୍ତନ ସଂକ୍ରାନ୍ତୀୟ ଜାତୀୟ ପଦକ୍ଷେପ ଖସଡ଼ା (ନ୍ୟାଶନାଲ ଆକ୍‌ଶନ ପ୍ଲାନ୍ ଫର୍ କ୍ଲାଇମେଟ୍ ଚେଞ୍ଜ) ପ୍ରସ୍ତୁତ କରି ରୂପାୟନ କରୁଛନ୍ତି। ଏଥିରେ ଜାତୀୟ ସୌର ମିଶନ, ହିମାଳୟ ପରିବେଶ ନିରନ୍ତର ବିକାଶ ମିଶନ, ସବୁଜ ଭାରତ ମିଶନ, ଶକ୍ତି ମିଶନ, ନିରନ୍ତର କୃଷି ମିଶନ ଆଦି ଅନ୍ତର୍ଭୁକ୍ତ। ଭାରତ ସରକାର ବିକଳ୍ପ ଶକ୍ତି ଉପରେ କାର୍ଯ୍ୟ କରୁଛନ୍ତି। ତେବେ କୋଇଲା ଓ ଗ୍ୟାସ୍ ଆଦି ହାଇଡ୍ରୋକାର୍ବନ୍ ଶକ୍ତି ଉପରେ ଦେଶ ବିକାଶର ନିର୍ଭରଶୀଳତାରୁ ସରକାର ହଠାତ୍ ବାହାରିପାରୁନାହାନ୍ତି, ଯାହାଫଳରେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଉନାହିଁ। କେନ୍ଦ୍ରଭଳି ରାଜ୍ୟ ସରକାରମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ 'ରାଜ୍ୟ ପଦକ୍ଷେପ ଖସଡ଼ା' ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ସରକାର ୨୦୧୮-୨୩ ଜଳବାୟୁ ପଦକ୍ଷେପ ଖସଡ଼ା ପ୍ରଚଳନ କରିଛନ୍ତି। ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ମଧ୍ୟ ଜଳବାୟୁ ବଜେଟ ଉପସ୍ଥାପନ କରୁଛି। ତେବେ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ର ୨୦୧୯ ବର୍ଷର ସମୀକ୍ଷାରେ ଜଳବାୟୁ ପରିବର୍ତ୍ତନ ପାଇଁ କାର୍ଯ୍ୟ କରିବା କ୍ଷେତ୍ରରେ ଓଡ଼ିଶା ଶୀର୍ଷରୁ ତୃତୀୟ ସ୍ଥାନରେ ଅଛି। ଓଡ଼ିଶା ସରକାରଙ୍କ ପାଇଁ ଆହ୍ୱାନ ହେଲା କିପରି ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧିତ ଆଗାମୀ 'ବିପର୍ଯ୍ୟୟ' ଲାଗି ପ୍ରସ୍ତୁତି କରିବେ ଓ କିପରି ଖଣିଖାଦାନ ତଥା ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ କରିବେ।

ବିଶ୍ୱର ଜଳବାୟୁ ନ୍ୟାୟକୁ ଲାଗୁ କରିବାରେ ପ୍ରତିବନ୍ଧକ ସାଜୁଛନ୍ତି ହାଇଡ୍ରୋକାର୍ବନ ଶକ୍ତି କମ୍ପାନୀ, ତେଲ ଓ କୋଇଲା ଖଣି ମାଲିକ, ଗାଡ଼ି ନିର୍ମାଣ କମ୍ପାନୀ, କୃଷି ବ୍ୟବସାୟୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଲାଭରେ ଥିବା କର୍ପୋରେଟ୍। ଲୋକେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିବା ଆରମ୍ଭ ହେଲାଣି ବୋଲି ଜାଣିପାରୁନାହାନ୍ତି। ଜଳବାୟୁ ନ୍ୟାୟ କ୍ଷେତ୍ରରେ ଗଣମାଧ୍ୟମର ମଧ୍ୟ ପ୍ରମୁଖ ଭୂମିକା ରହିଛି।

ମୋ-୭୦୦୮୨୩୩୭୨୯

## ଚିରନ୍ତନୀ

ଦୁନିଆ ଉପରେ ବଜାଇ ବିଜୟ ଭେରୀ
ଅନ୍ଧାର କୋଳୁଁ ଭାରତ ଆସିବ ଫେରି
ଆସିବ ଫେରି ସେ ନିଜ ଗଉରବେ
ଚକିତ ଧରାରେ ଚାହିଁବେ ସରବେ
ବିଶ୍ୱ ସଭାରେ ଆଦରେ ତାହାକୁ
ବସିବେ ସକଳେ ଘେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
-(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଖୋରଙ୍କୁ ସାବାଡ଼ କର

ମହାଶୟ,

ଓଡ଼ିଶା ରାଜ୍ୟ ସରକାର ଦୁର୍ନୀତିଖୋର ଲୋକମାନଙ୍କୁ ସାବାଡ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କେଇଟା ଦିନରେ ଅନେକ ଦୁର୍ନୀତି ଖୋର ସରକାରୀ ଚାକିରିଆ ଧରାପଡିଲେଣି ସେମାନଙ୍କ ମଧ୍ୟରୁ କେତେକଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି। ଅନେକଙ୍କୁ ନିଲମ୍ବନ ଆଦେଶ ଦେବା ସହ ସେମାନଙ୍କ ବିରୁଧରେ ଯାଞ୍ଚ ପରତାଳ ଜାରି ରହିଛି। ଅନ୍ୟ କିଛି କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବା ସହ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ହେଲେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ। ଦେଖିବାକୁ ଗଲେ କେବଳ କିଛି ଇଞ୍ଜିନିୟର, କିରାଣୀ, ପିଅନ, ଅମିନ ଓ ଆର୍‌ଆଇମାନେ ଯେ ଦୁର୍ନୀତି ବୋଲି ଭାବିନେଲେ ଠିକ୍ ହେବ ନାହିଁ। ଅନେକ ଉଚ୍ଚ ପ୍ରଦସ୍ତ ସରକାରୀ ଅଧିକାରୀ ବ୍ୟବସାୟୀ ଓ ରାଜନୀତିଜ୍ଞମାନେ ବଡ଼ ଧରଣର ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହି ରାଜ୍ୟକୁ ଶୋଷଣ କରିବାରେ ଲିପ୍ତ ରହୁଛନ୍ତି। ବଡ଼ ବଡ଼ ଅପରାଧିମାନେ ଧରାପଡ଼ିଲେ ଛୋଟ ଅପରାଧିମାନେ ଆପେ ସଜାଡି ହୋଇଯିବେ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୮ରେ ଚୂଡ଼ାନ୍ତ ଶୁଣାଣି

କଟକ,୩୦।୧୧ (କାର୍ତ୍ତିକ ସାହୁ)

## ଏଏସ୍‌ଓ ଅନିୟମିତତା ମାମଲା

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଜାରି କରିଥିବା ସ୍ଥଗିତାଦେଶ ବଳବତ୍ତର ରହିଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ଡିସେମ୍ବର ୮ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଇଜିଲାସ୍‌ରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ପୂର୍ବ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ଆସନ୍ତା ୬ ସପ୍ତାହ ମଧ୍ୟରେ ନୂଆ ମେଧା ତାଲିକା ପ୍ରକାଶ କରିବାକୁ ଗତ ଅଗଷ୍ଟ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। କେତେଜଣ ପରୀକ୍ଷାର୍ଥୀ ଏହାର ପୁନର୍ବିଚାର ନିମନ୍ତେ ଦୁଇଜଣିଆ ଖଣ୍ଡପୀଠରେ ଆବେଦନ କରିଥିଲେ। ଖଣ୍ଡପୀଠ ଉକ୍ତ ଆବେଦନକୁ ଗ୍ରହଣ କରି ଜଣିକିଆ ବିଚାରପତି ଦେଇଥିବା ନିର୍ଦ୍ଦେଶ ଉପରେ ଗତ ଅଗଷ୍ଟ ୯ ତାରିଖରେ ସ୍ଥଗିତାଦେଶ ଜାରି କରିଥିଲେ।

ସୂଚନା ଅନୁସାରେ, ୨୦୨୨ ଅଗଷ୍ଟ ୨୭ରେ ୭୯୬ଟି ଏଏସ୍‌ଓ ପଦବୀ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏଥିରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ରିଟ୍ ପିଟିଶନ୍ ଦାଖଲ କରି ଏହି ମାମଲାରେ ପକ୍ଷଭୁକ୍ତ ହେବାକୁ ପ୍ରାର୍ଥନା କରିଥିଲେ। ଗତ ଜୁଲାଇ ୩୧ ତାରିଖରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି ହୋଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖି ଦୁଇଟି ଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ। ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ’ ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ନବରଙ୍ଗପୁରରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୩୦।୧୧ (ଅନିଲ ଦାସ)/ନବରଙ୍ଗପୁର (ସଦାଶିବ ପ୍ରହରାଜ)





- ଚାଲିଲା ୪୪ ବସ୍
- ୫ ଟଙ୍କାରେ ଗାଁରୁ ବ୍ଲକ ଯାତ୍ରା
- ଉପକୃତ ହେବେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ
- ନବରଙ୍ଗପୁର ଉପରେ ମୋର ସ୍ୱତନ୍ତ୍ର ଧ୍ୟାନ ଅଛି: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲାରେ ଗୁରୁବାର ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ମା’ମାନଙ୍କୁ ବସ୍ ପରିଚାଳନାର ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ। ନବରଙ୍ଗପୁରରେ ୪୪ଟି ବସ୍ ୧୦ଟି ବ୍ଲକର ସବୁ ପଞ୍ଚାୟତକୁ ଯୋଡ଼ିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନବରଙ୍ଗପୁର ପ୍ରତି ମୋର ସ୍ୱତନ୍ତ୍ର ଧ୍ୟାନ ରହିଛି। ଏବେ ନବରଙ୍ଗପୁରର ଭିତ୍ତିଭୂମି ବିକାଶ ପାଇଁ ବହୁତ କାମ ଚାଲିଛି। ରାସ୍ତାଘାଟ, ସେତୁ, ଜଳସେଚନ, ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମକା ମିଶନ ଆଦି ଅନେକ କାମ ଚାଲିଛି। ଆଗାମୀ ୩ ବର୍ଷ ମଧ୍ୟରେ ଜିଲାରେ ବ୍ୟାପକ ରୂପାନ୍ତର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁର୍ଗମ ଅଞ୍ଚଳରେ ଗମନାଗମନ ଏକ ବଡ଼ ସମସ୍ୟା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତରୁ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ ମୁଁ ଜାଣିବା ପରେ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ଲକ୍ଷ୍ମୀ ଯୋଜନାରେ ଗ୍ରାମାଞ୍ଚଳରେ ସାମାଜିକ ସମ୍ପର୍କ ମଜଭୁତ ହେବା ସହିତ ଅର୍ଥନୀତି ମଧ୍ୟ ଆହୁରି ସୁଦୃଢ଼ ହେବ। ଲୋକମତକୁ ସମ୍ମାନ ଦେବା ମୋ ସରକାରର ହଲ୍‌ମାର୍କ। ଆମର ସବୁ ଯୋଜନା ଲୋକମତ ଆଧାରରେ କାର୍ଯ୍ୟକାରୀ ହେଉଛି। ଲକ୍ଷ୍ମୀ ବସ୍‌ଠାରୁ ଆରମ୍ଭକରି ଆମ ବ୍ୟାଙ୍କ, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ମଠ, ମନ୍ଦିର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର ଭଳି ସବୁ କାମ ଲୋକମାନଙ୍କର ପ୍ରସ୍ତାବ ଅନୁଯାୟୀ କରାଯାଇଛି। ଲକ୍ଷ୍ମୀ ବସ୍ ଯୋଗୁ ସମସ୍ତେ ସୁବିଧାରେ ନିଜ କାମରେ ବିଭିନ୍ନ ଜାଗାକୁ ଯାଇପାରିବେ। ଏହା ଦ୍ୱାରା ସାମାଜିକ, ଅର୍ଥନୈତିକ ବିକାଶ ଘଟିବ। ଏହା ମାଧ୍ୟମରେ ଆପଣଙ୍କ ଘରକୁ ମା’ ଲକ୍ଷ୍ମୀ ଆସିବେ। ଘରେ ଘରେ ଖୁସି ଓ ଆନନ୍ଦ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୋଗାଯୋଗ ହେଉଛି ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଆମର ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଏହା ରୂପାନ୍ତର ଆଣିବ। ଗାଁକୁ ଗାଁ ସହିତ ଯୋଡ଼ିବ। ଲୋକଙ୍କ ସାମାଜିକ ସମ୍ପର୍କ ମଜଭୁତ ହେବ। ଗମନାଗମନ କ୍ଷେତ୍ରରେ ସୁବିଧା ଯୋଗାଇ ଦେଇ ବିଭିନ୍ନ କାମରେ ଲକ୍ଷ୍ମୀ ବସ୍ ହେବ ଆପଣଙ୍କ ସାରଥି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମାର୍ଗଶିର ମାସ ପ୍ରଥମ ଗୁରୁବାରରେ ଆମେ ସମସ୍ତେ ଯେତେବେଳେ ମା’ ଲକ୍ଷ୍ମୀଙ୍କୁ ପୂଜା କରି ସମସ୍ତଙ୍କ ସୁଖସମୃଦ୍ଧି କାମନା କରୁଛୁ, ସେତେବେଳେ ମୁଖ୍ୟମନ୍ତ୍ରୀ ଆମ ସମସ୍ତଙ୍କ ପାଇଁ ଘରେ ଘରେ ଲକ୍ଷ୍ମୀ ଆଣିଛନ୍ତି। ପରିବହନ ସେବା ଆଜି ଦ୍ୱାରଦେଶରେ ପହଞ୍ଚିଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଓ ଜିଲା ପରିଷଦ ସଭାପତି ମୋତିରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବୃଦ୍ଧଙ୍କୁ ୩ ବର୍ଷ ଜେଲ

## ନାବାଳିକା ଅସଦାଚରଣ ମାମଲା

ବାରିପଦା,୩୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାରକରି ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୩ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଅଞ୍ଚଳର ବାବାଜୀ ନାଥ(୬୫)। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଅକ୍ଟୋବର ୨୫ରେ ପୀଡ଼ିତା ନାବାଳିକା ଜଣକ ଘରେ ଏକୁଟିଆ ଥିବା ସୁଯୋଗରେ ବାବାଜୀ ତାଙ୍କ ଘରେ ପଶିଥିଲେ। ନାବାଳିକାଙ୍କୁ ରୋଷେଇ ଘରକୁ ଟେକିନେଇ ଅସଦାଚରଣ କରିବା ସହ ଘଟଣା ସମ୍ପର୍କରେ କାହାକୁ ନ ଜଣାଇବା ପାଇଁ ଧମକଚମକ ଦେଇଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ବୈଶିଙ୍ଗା ଥାନା ପୋଲିସ ଏକ ମାମଲା(ନଂ. ୧୭୫/୧୫) ରୁଜୁକରି ଅଭିଯୁକ୍ତ ବାବାଜୀଙ୍କୁ କୋର୍ଟଚାଲାଣ କରିଥିଲା। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# ଛାତ ଡେଇଁ ଖସୁଥିଲେ, ଧରାପଡ଼ିଲେ

## ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୩୦।୧୧ (ସତ୍ୟଜିତ୍ ରାଉତ)


ଭୁବନେଶ୍ୱର ଜାଗମରାସ୍ଥିତ ଘର
ସୁନିଲ କୁମାର ପାଢ଼ୀ

ସରକାରୀ ଚାକିରୀରେ ରହି ଦୁର୍ନୀତିରେ ଲିପ୍ତ ହୋଇ ବିପୁଳ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କଲେ। ଆଉ ଯେତେବେଳେ ଧରାପଡ଼ିଲେ ଭିଜିଲାନ୍ସ ହାତରୁ ଖସି ଯିବାକୁ ଉଦ୍ୟମ କରି ପଡ଼ୋଶୀ ଘର ଛାତ ଉପରକୁ ଡେଇଁଲେ। ହେଲେ କିଛି ସମୟ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଦ୍ୱାରା ଗୁରୁବାର ଧରାପଡ଼ିଥିବା ଏହି ସରକାରୀ ବାବୁ ଜଣକ ହେଉଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲୁଏସ୍ଏସ୍) ଭୁବନେଶ୍ୱର ସର୍କଲର ସହକାରୀ ଯନ୍ତ୍ରୀ (ଏଇ) ସୁନିଲ କୁମାର ପାଢ଼ୀ। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ସୁନିଲଙ୍କ ଗଞ୍ଜାମ ଓ ଭୁବନେଶ୍ୱରର ୫ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କ ଗଞ୍ଜାମ ଜିଲା ଆସ୍କାସ୍ଥିତ ପୈତୃକ ଘର, ଭଞ୍ଜନଗରସ୍ଥିତ ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱର ସରକାରୀ ଅଫିସସ୍ଥିତ ଚାମ୍ବରରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୬ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସକାଳେ ଚଢ଼ାଉ ବେଳେ ସୁନିଲ ତାଙ୍କ ଭୁବନେଶ୍ୱର ଜାଗମରାସ୍ଥିତ ଘର ଛାତ ଉପରୁ ପଡ଼ୋଶୀଙ୍କ ଘର ଛାତକୁ ଡେଇଁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହୋଇଥିଲେ। ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ସୁନୀଲଙ୍କ ବହୁ ଟଙ୍କାର ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଥିବା ଜଣାପଡ଼ିଛି।

ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ଜାଗମରା ପ୍ଲଟ୍ ନଂ. ୫୦୦/୫୧୨୦ରେ ପ୍ରାୟ ୩ ହଜାର ୫୭୬ ବର୍ଗଫୁଟ୍‌ରେ ଥିବା ୧.୧୦ କୋଟି ଟଙ୍କାର ଏକ ୩ ମହଲା କୋଠା, ଆସ୍କାରେ ଗୋଟିଏ କୋଠା, ଆସ୍କା ବସ୍ ଷ୍ଟାଣ୍ଡରେ ୭ହଜାର ବର୍ଗଫୁଟ୍‌ରେ ଥିବା ୯ ଦୋକାନ ଘର ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ଓ ବ୍ରହ୍ମପୁର ଟାଉନ ଅଞ୍ଚଳରେ ଥିବା ୫ ପ୍ଲଟ୍ ଠାବ ହୋଇଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍‌ନିକାଲ୍ ଉଇଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୭ଲକ୍ଷ ଟଙ୍କା ମଧ୍ୟ ଠାବ ହୋଇଛି। ଏଥିସହିତ ସୁନୀଲ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ୨୪ଟି ବ୍ୟାଙ୍କ ଆକାଉଣ୍ଟର ଦସ୍ତାବିଜ୍‌କୁ ମଧ୍ୟ ଭିଜିଲାନ୍ସ ଟିମ୍ ଜବତ କରି ଅଧିକ ଯାଞ୍ଚ କରୁଛି। ଏଥିସହ ତାଙ୍କ ପାଖରୁ ନଗଦ ୪ ଲକ୍ଷ ୫ ହଜାର ୩୧୮ ଟଙ୍କା ଜବତ ହୋଇଛି। ସେହିପରି ୨୦.୫୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ (ଗ୍ରାଣ୍ଡ ଆଇ-୧୦), ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ଆଦି ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଠାବ ହୋଇଥିବା ସମ୍ପତ୍ତିର ପରିମାଣ ୫କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ଶୁକ୍ରବାର ଅଧିକ ପ୍ରମାଣ ଯୋଗାଡ଼ କରି ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବାପାଙ୍କୁ ହୋଇଥିଲା ଜେଲ ଦଣ୍ଡାଦେଶ

ଭିଜିଲାନ୍ସ ଜାଲରେ ପଡ଼ିଥିବା ସୁନିଲ କୁମାର ପାଢ଼ୀଙ୍କ ବାପା ଜଗବନ୍ଧୁ ପାଢ଼ୀ ମଧ୍ୟ ଦୁର୍ନୀତିରେ ଛନ୍ଦି ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ୨୦୦୯ ମେ’ ୨୨ରେ ଜଗବନ୍ଧୁଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା। କୋର୍ଟ ଜଗବନ୍ଧୁଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୦ ଲକ୍ଷ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରିଥିଲେ। ଜଗବନ୍ଧୁ ଆର୍ ଉଦୟଗିରିର ରେଞ୍ଜ ଅଫିସର ଥିବା ବେଳେ ୧୯୯୯ ମସିହାରେ ଏହି ମାମଲା ହୋଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟର ୪୫ ରକ୍ତଭଣ୍ଡାରରେ ନାଟ୍ ପିସିଆର ପରୀକ୍ଷା ସୁବିଧା କର

କଟକ,୩୦।୧୧ (କାର୍ତ୍ତିକ ସାହୁ)

- ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ
- ପୀଡ଼ିତା ଉପଯୁକ୍ତ ଫୋରମରେ କ୍ଷତିପୂରଣ ଆବେଦନ କରିପାରିବେ

ରାଜ୍ୟ ସରକାର ମେ’ ୧ ତାରିଖରେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ରାଜ୍ୟର ଅବଶିଷ୍ଟ ୪୫ଟି ବ୍ଲଡ୍ ବ୍ୟାଙ୍କରେ ୨୦୨୫ ମାର୍ଚ୍ଚ ସୁଦ୍ଧା ନାଟ୍ ପିସିଆର୍ ପରୀକ୍ଷା ସୁବିଧା ନିଶ୍ଚିତ କରାଇବାକୁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡ଼ିତା ରାଜ୍ୟ ସରକାରଙ୍କଠାରୁ କ୍ଷତିପୂରଣ ରାଶି ପାଇବା ପାଇଁ ଉପଯୁକ୍ତ ଫୋରମ୍‌ରେ ଆବେଦନ କରିପାରିବେ ବୋଲି ହାଇକୋର୍ଟ ଅନୁମତି ଦେଇ ମାମଲାର ଅନ୍ତ ଘଟାଇଛନ୍ତି। ରାଜ୍ୟରେ ଥିବା ୫୬ଟି ସରକାରୀ ରକ୍ତଭଣ୍ଡାର ମଧ୍ୟରୁ ୧୧ଟିରେ ନ୍ୟୁକ୍ଲିକ୍ ଏସିଡ୍ ଟେଷ୍ଟ (ନାଟ୍) ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ନିରାପଦ ରକ୍ତ ଯୋଗାଣ ପାଇଁ ଏହି ପରୀକ୍ଷା ସମସ୍ତ ବ୍ଲଡ୍ ବ୍ୟାଙ୍କରେ ନିଶ୍ଚିତ ଉପଲବ୍ଧ କରାଇବାକୁ ହାଇକୋର୍ଟରେ ଆଗତ ଦୁଇଟି ପୃଥକ ଜନସ୍ୱାର୍ଥ ମାମଲାର ଏକତ୍ର ଶୁଣାଣି କରି ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ କରାଇବା ନିମନ୍ତେ ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏଥିପାଇଁ ଅର୍ଥ ମଞ୍ଜୁରି ପ୍ରକ୍ରିୟା ଚାଲୁ ରହିଛି ବୋଲି ସରକାର ଦାଖଲ କରିଥିବା ସତ୍ୟପାଠରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସ ଓ ଅମିତ ଅଭିଜିତ ସାମଲଙ୍କ ପକ୍ଷରୁ ପୃଥକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ଅମିତ ଅଭିଜିତଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

# ସାପ ଧରୁଥିବା ବେଳେ ବନବିଭାଗର ଚଢ଼ାଉ

## ୫ ବିଷଧର ସାପ ଜବତ, ୫ ଯୁବକ ଗିରଫ



ରାଇବଣିଆ(ନବୀନ ସାହୁ)/ଜଳେଶ୍ୱର(ରବିନାରାୟଣ ପାତ୍ର), ୩୦।୧୧

ଉତ୍ତର ବାଲେଶ୍ୱରର କେତେକ ଅଞ୍ଚଳ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବାରୁ ସେ ଅଞ୍ଚଳର ୫ଜଣ ଯୁବକ ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ପଶି ବିଷଧର ସାପ ଧରୁଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୫ଟି ବିଷଧର ସାପ ଜବତ କରାଯିବା ସହ ୫ଜଣଙ୍କୁ ଗିରଫ କରାଯାଇଛି। ରାଇବଣିଆ ପାହାଡ଼ିଆ ଅଞ୍ଚଳରୁ ବିଭିନ୍ନ ପ୍ରକାର ବିଷଧର ସାପ ଧରି ବିଭିନ୍ନ ସ୍ଥାନକୁ ପଠାଇ କେତେକ ଦଲାଲ ମାଲେମାଲ ହେଉଥିବାରୁ ଏବେ ବନବିଭାଗ ତତ୍ପର ହୋଇରହିଛି। ବିଷଧର ସାପଠାରୁ ଅଧିକ ବିଷ ମିଳିବା ଆଶାରେ ଏହାକୁ ଦୂର ଅଞ୍ଚଳକୁ ଚାଲାଣ କରାଯାଉଛି। ସାପ ଧରିବା ଲାଗି ରାଇବଣିଆର ରାଜନଗର, ଲୁହାପଡ଼ା, ରାଇବଣିଆ ଅଞ୍ଚଳରେ ୫ଜଣ ପଶିଥିବା ବେଳେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ଓ ଫରେଷ୍ଟର ପ୍ରହଲ୍ଲାଦ ନାୟକ ପିଛା କରିଥିଲେ। ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ରାଜନଗରଠାରେ ଚଢ଼ାଉ କରି ୫ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସେମାନେ ହେଲେ ବର୍ଦ୍ଧମାନ ଜିଲା ନିମା ଗାଁର ପ୍ରମିତ ମଲ (୩୨), ସେଣ୍ଟୁ ମଲ (୩୧), ବୀରଭୂମ ଜିଲା ଖୁଜୁଟିପୁରା ଗାଁର ସୁରଜ ମଲ (୨୮), କିଷାନ ମଲ (୨୭) ଓ ଛୁଟୁ ମଲ (୨୫)। ସେମାନଙ୍କ ନିକଟରୁ ୨ଟି ଗୋଖର, ୨ଟି ବୋଡ଼ା, ୧ଟି ତମ୍ପ ସାପ ଜବତ କରାଯାଇଛି । ଡିଏଫ୍‌ଓ ଖୁସମାର ସିଂଙ୍କ ନିର୍ଦ୍ଦେଶରେ ୫ଟି ସାପକୁ କୁଲଡିହା ଜଙ୍ଗଲରେ ଛାଡ଼ିବାର ବ୍ୟବସ୍ଥା ହୋଇଛି। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ମନୋହର ସିଂ, ପରେଶ ସିଂ, ସୁରେଶ ଦାସ ଓ ନିମାଇଁ ବେହେରା ପ୍ରମୁଖ ଥିଲେ ।

# ଡାଟା ଆନାଲିସିସ୍ ପରେ ତଥ୍ୟ ପ୍ରଦାନ ହେବ

ପୁରୀ,୩୦।୧୧(ଅଜିତ୍ ମହାନ୍ତି)

## ରତ୍ନଭଣ୍ଡାର ଲେଜର ସ୍କାନିଂ

### ଶ୍ରୀମନ୍ଦିର ପ୍ରଶାସକ-ଏଏସ୍ଆଇ ମଧ୍ୟରେ ଆଲୋଚନା



ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଅନୁସାରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର ପାର୍ଶ୍ୱର ଲେଜର ସ୍କାନିଂ କରାଯାଇଛି। ଏଏସ୍ଆଇର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ସ୍କାନିଂ କାର୍ଯ୍ୟ କରିଥିଲେ। ତେବେ ସ୍କାନିଂ କାର୍ଯ୍ୟ ସରିବା ପରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମଧ୍ୟରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଏସ୍ଆଇ ପକ୍ଷରୁ ହୋଇଥିବା ରତ୍ନଭଣ୍ଡାର ବାହାର ପାର୍ଶ୍ୱର ଲେଜର ସ୍କାନିଂ ସମ୍ପର୍କରେ ତଥ୍ୟଦେବା ନେଇ ବୈଠକରେ ଆଲୋଚନା ହୋଇଛି। ତେବେ ଲେଜର ସ୍କାନିଂକୁ ଅନୁଧ୍ୟାନ କରାଯିବାପରେ ସବିଶେଷ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ପ୍ରଦାନ କରିବ ବୋଲି ସୂଚନା ମିଳିଛି।

ଲେଜର ସ୍କାନିଂରୁ ତଥ୍ୟ ଆସିବା ପରେ ଯେଉଁ ସ୍ଥାନରେ ଫାଟ ରହିବ ତାର ମରାମତି ହେବ। ସେହିପରି ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ବେଢ଼ାରେ ଥିବା ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଲେଜର ସ୍କାନିଂ କରାଯିବ। ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥର ଉତ୍ତର ପୂର୍ବ, ଉତ୍ତର ପଶ୍ଚିମ ଓ ଉତ୍ତର ଭାଗର ୫ଡିଗ୍ରୀ କୋଣରେ ୪୫ଟି ପଏଣ୍ଟ ସହ ଯୋଡ଼େଇ ସ୍ଥାନରେ ଲେଜର ସ୍କାନିଂ କରାଯାଇଛି। ବୈଠକ ସମ୍ପର୍କରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡଃ ଡି.ବି. ଗଡ଼ନାୟକ ସୂଚନା ଦେଇ କହିଛନ୍ତି, ଦୁଇଦିନ ଧରି ହୋଇଥିବା ଲେଜର ସ୍କାନିଂ ସମ୍ପୂର୍ଣ୍ଣ ଶେଷ ହୋଇଛି। ଏହା ପରେ ରତ୍ନଭଣ୍ଡାରର ଲେଜର ସ୍କାନିଂକୁ ଡାଟା ପ୍ରୋସେସିଂ କରାଯାଇ ଡକ୍ୟୁମେଣ୍ଟେଶନ କରାଯିବ। ଡାଟାକୁ ଅନୁଧ୍ୟାନ କରିବା ପରେ ଯାହା ତଥ୍ୟ ଆସିବ ସେଗୁଡ଼ିକୁ ସମସ୍ତଙ୍କୁ ଅବଗତ କରାଯିବ। ଲେଜର ସ୍କାନିଂ ସମୁଦାୟ ୪୫ଟି ପଏଣ୍ଟରେ କରାଯାଇଛି। ଏହାଛଡ଼ା ଯୋଡ଼େଇ ବା ଜଏଣ୍ଟ ସ୍ଥାନର ମଧ୍ୟ ସ୍କାନିଂ କରାଯାଇଛି। ସମସ୍ତ ସ୍କାନିଂକୁ ବିସ୍ତୃତ ଭାବରେ କରାଯାଇଛି। ପ୍ରପର ଡାଟା ଆସିଛି କି ନାହିଁ ସେ ନେଇ ଅନୁଧ୍ୟାନ କରାଯିବ। ଅନୁଧ୍ୟାନ ପରେ ଯେଉଁ ଡାଟା ଆସିବ ତାହାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ। ରତ୍ନ ଭଣ୍ଡାରରେ ଫାଟ ଥିବା ପ୍ରଶ୍ନରେ ଗଡ଼ନାୟକ କହିଛନ୍ତି, ବର୍ତ୍ତମାନ ସ୍କାନିଂ କରାଯାଇଛି। ଡାଟାର ଅନୁଧ୍ୟାନ କରାଯାଇନି। ତେଣୁ ଫାଟ ଅଛି ବୋଲି କହିବା ଠିକ୍ ନୁହେଁ। ରିପୋର୍ଟ ଆସିବା ପରେ ତଥ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ। ଯଦି ଯେଉଁ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବ ତାହାର ମରାମତି ପାଇଁ ପଦକ୍ଷେପ ନିଆଯିବ। ସେହିପରି ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଖୁବଶୀଘ୍ର ଲେଜର ସ୍କାନିଂ କରାଯିବ। ଏହାଦ୍ୱାରା ପାର୍ଶ୍ୱ ଦେବଦେବୀ ମନ୍ଦିରର ସମ୍ପୂର୍ଣ୍ଣ ସ୍ଥିତି କିଭଳି ରହିଛି ତା’ର ତଥ୍ୟ ହାସଲ ହୋଇପାରିବ। କାର୍ଯ୍ୟ କରିବା ପାଇଁ ସହଜ ହେବ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରାଜି ଅଛନ୍ତି ସ୍କାନିଂ କରିବା ପାଇଁ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ କରାଯାଇଥିବାବେଳେ ଶ୍ରୀମନ୍ଦିର ପ୍ରଶାସନର ଅନୁମତି ମିଳିଲେ ଭିତର ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯିବ ବୋଲି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ନାୟକ କହିଛନ୍ତି। ଅପରପକ୍ଷରେ ନାଟ ମଣ୍ଡପ ମରାମତି କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କାର୍ତ୍ତିକ ମାସ ଯୋଗୁ ପ୍ରବଳ ଭକ୍ତଙ୍କ ଗହଳି ପାଇଁ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଧିମା ଗତିରେ ଚାଲିଥିଲା। ତେଣୁ ଏହି କାର୍ଯ୍ୟକୁ ଦ୍ରୁତ ଗତିରେ କିଭଳି କରାଯିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି। ଯେପରି ନୀତିରେ କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ଗଡ଼ନାୟକ କହିଛନ୍ତି। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ରତ୍ନଭଣ୍ଡାର ଲେଜର ସ୍କାନିଂ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଏସ୍ଆଇ ଲେଜର ସ୍କାନିଂ କରିଛନ୍ତି, କିନ୍ତୁ ଡାଟାଗୁଡ଼ିକୁ ଆନାଲିସିସ୍ କରିନାହାନ୍ତି। ଆନାଲିସିସ୍ କଲାପରେ ପ୍ରଶାସନକୁ ତଥ୍ୟ ପ୍ରଦାନ କରିବେ। ତଥ୍ୟ ପ୍ରଦାନ କରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ନାଟ ମଣ୍ଡପ ମରାମତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ସୃଷ୍ଟି ହୋଇଥିବା ଫାଟର ମରାମତି କାର୍ଯ୍ୟ ସହ ନାଟମଣ୍ଡପ ଛାତ, ଅନ୍ୟ ବିମ୍ ଏବଂ କଲମଗୁଡ଼ିକର ମଧ୍ୟ ସ୍ଥିତି ଅନୁଧ୍ୟାନ ପାଇଁ ଏଏସ୍ଆଇକୁ କୁହାଯାଇଛି। କାର୍ଯ୍ୟ କରିବା ପାଇଁ ଅଧିକ ସମୟ ଚାହୁଁଛନ୍ତି। ଦିନକୁ ୧୦ ରୁ ୧୨ଘଣ୍ଟା କାର୍ଯ୍ୟ କରିବାକୁ ପଡିବ। ତେଣୁ ଦର୍ଶନ ସମୟ, ଭୋଗ ସମୟକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। ସେଥିପାଇଁ ସେବକମାନଙ୍କ ସହ ଆଲୋଚନା କରାଯାଇ ସମସ୍ତଙ୍କ ସହମତରେ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଦାଶ କହିଛନ୍ତି।

## ସଂକ୍ଷେପରେ

### ଝାଡ଼ଖଣ୍ଡ ରାସ୍ତାକୁ ସପ୍ତାହେ ଅବରୋଧ କଲେ ହାତୀ

**ଡାଲ୍‌ଟନ୍‌ଗଞ୍ଜ,୩୦।୧୧:** ଝାଡ଼ଖଣ୍ଡର ଦ୍ୱାରସେନି ଘାଟିରେ ପଲେ ହାତୀ ସପ୍ତାହେ ହେଲା ମେଳିକରି ରହିବାରୁ ପାଲାମୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଦେଇ ଯାଇଥିବା ରାଜ୍ୟ ରାଜପଥ ୯ରେ ଭୟର ବାତାବରଣ ସୃଷ୍ଟି ହୋଇଛି। ୬ଟି ହାତୀ, ୨ଟି ଦନ୍ତାହାତୀ ଏବଂ କେତେକ ମାଖନା ହାତୀ ସପ୍ତାହେ ହେଲା ବ୍ୟାଘ୍ର ସଂରକ୍ଷଣ ଦକ୍ଷିଣ ଡିଭିଜନର ବାରିସାନର ରେଞ୍ଜ ଅଧୀନ ରାଜପଥ ମଝିରେ ଛିଡ଼ାହୋଇ ରହିଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଲାମୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ପାଦରେ ଚାଲି ଯାଉଥିବା ଲୋକେ, ବାଇକ୍ ଆରୋହୀ ଓ ଅନ୍ୟମାନଙ୍କୁ ହାତୀ ଆକ୍ରମଣ କରିବା ଆଶଙ୍କା ରହିଛି। ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍‌ର କର୍ମଚାରୀ ମଙ୍ଗଳବାର ବାଣ ଫୁଟାଇ ସେମାନଙ୍କୁ ଘଉଡ଼ାଇଥିଲେ ମଧ୍ୟ ସେମାନେ ପୁଣି ଘାଟି ନିକଟକୁ ଚାଲିଆସିଥିଲେ।

### ପାର୍ଲାମେଣ୍ଟ ଅଧିବେଶନ ପାଇଁ ଶନିବାର ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ଶନିବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଲୋକ ସଭା ଏବଂ ରାଜ୍ୟ ସଭାର ସମସ୍ତ ରାଜନୈତିକ ଦଳର ନେତାଙ୍କୁ ବୈଠକକୁ ଡକାଯାଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ୧୫ଟି ସିଟିଂ ରହିବ। ଏଥିରେ ଉପନିବେଶ ସମୟର ଆପରାଧିକ ପରିବର୍ତ୍ତେ ୩ଟି ନୂଆ ବିଲ୍ ଉପରେ ବିଚାର କରାଯିବା ବିଶ୍ୱାସ କରାଯାଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ବୈଠକର ଆୟୋଜନ କରୁଥିବାବେଳେ ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ପ୍ରମୁଖ ଯୋଗଦେବେ। ପାର୍ଲାମେଣ୍ଟରେ ମୋଟ ୩୭ ବିଲ୍ ବିଚାରାଧୀନ ରହିଥିବାବେଳେ ସେଥିରୁ ୧୨ଟିକୁ ବିଚାରକୁ ନିଆଯାଇ ଗୃହୀତ କରାଯିବାର ଯୋଜନା ରହିଛି। ୨୦୨୩-୨୪ ବର୍ଷ ଲାଗି ସରକାର ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିବା ଯୋଜନା ମଧ୍ୟ ରହିଛି।

### ୫ ରାଜ୍ୟରୁ ୧,୭୬୬ କୋଟି ଜବତ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ନିର୍ବାଚନ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଡ୍ରଗ୍ସ, ମଦ ଓ ନଗଦ ଅର୍ଥ ନିଆଯାଉଥିବାବେଳେ ଏହାକୁ ରୋକିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧,୭୬୬ କୋଟି ଟଙ୍କାର ନଗଦ ଅର୍ଥ ଓ ନିଶାଦ୍ରବ୍ୟ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) କହିଛନ୍ତି। ସ୍ଥାନୀୟ ନିର୍ବାଚନ କଳର ସୂଚନା ଓ ଅଭିଯୋଗ ଆଧାରରେ ଇସି ବିଭିନ୍ନ ରାଜନେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଥିଲା। ରବି ଋତୁରେ ତେଲଙ୍ଗାନାର ଚାଷୀମାନଙ୍କୁ ରାଇଥୁ ବନ୍ଧୁ ଯୋଜନାରେ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଇସି ଦେଇଥିବା ଅନୁମତିକୁ ପରେ ପ୍ରତ୍ୟାହାର କରିନେଇଥିଲେ। ସେହିପରି ପ୍ରସ୍ତାବିତ ବିକଶିତ ଭାରତ ସଂକଳ୍ପ ଯାତ୍ରା ନ କରିବା ପାଇଁ ନିର୍ବାଚନ କର୍ତ୍ତୃପକ୍ଷ ସରକାରଙ୍କୁ କହିଥିଲେ। ବିରୋଧୀ ନେତାମାନଙ୍କୁ ଅଭିଯୋଗ ଆଧାରରେ ଇସି ପୂର୍ବତନ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବିଆର୍‌ଏସ୍ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ନୋଟିସ ଜାରି କରିଥିଲେ।

### ଏନ୍‌ଏମ୍‌ସି ନୂଆ ଲୋଗୋରେ ହିନ୍ଦୁ ଦେବୀଙ୍କ ଫଟୋ

**ନୂଆଦିଲ୍ଲୀ,୩୦।୧୧:** ଡାକ୍ତରୀ ଶିକ୍ଷାକୁ ନିୟନ୍ତ୍ରଣ କରୁଥିବା ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ଏକ ନୂଆ ଲୋଗୋକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଲୋଗୋରେ ଭାରତର ଜାତୀୟ ପ୍ରତୀକ ଅଶୋକସ୍ତମ୍ଭ ସ୍ଥାନରେ ହିନ୍ଦୁ ଦେବୀ ଧନ୍ୱନ୍ତରୀଙ୍କ ଫଟୋ ରହିଛି। ସଂସ୍ଥାର ନାଁ 'ନ୍ୟାଶନାଲ ମେଡିକାଲ କମିଶନ-ଇଣ୍ଡିଆ'ରୁ ଇଣ୍ଡିଆକୁ ବାଦ୍ ଦେଇ 'ଭାରତ' ଲେଖାଯାଇଛି। ଏହାକୁ ନେଇ ଡାକ୍ତର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବେଳେ ସମ୍ବିଧାନରେ ଇଣ୍ଡିଆ ସ୍ଥାନରେ ଭାରତ ଶବ୍ଦ ବ୍ୟବହାର କରିବାକୁ ଭାଜପା ଯୋଜନା କରୁଥିବା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ନୂଆ ଲୋଗୋ ଏନ୍‌ଏମ୍‌ସିର ସରକାରୀ ୱେବ୍‌ସାଇଟ୍‌ରେ ବ୍ୟବହାର କରାଯାଇଛି।

# ଆଗକୁ ଅଧିକ ଦୁଷ୍ପରିଣାମ

## ଜଳବାୟୁ ପରିବର୍ତ୍ତନର ଭୟାବହତା ନେଇ ଚେତାଇଲା ଡବ୍ଲ୍ୟୁଏମ୍‌ଓ




**ଦୁବାଇ/ୱାଶିଂଟନ୍/ ନୂଆଦିଲ୍ଲୀ, ୩୦।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୨୦୨୩କୁ ଅଦ୍ୟାବଧି ସବୁଠୁ ଉତ୍ତପ୍ତ ବର୍ଷ ରୂପେ ରେକର୍ଡ କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାକୁ ଦେଖିଲେ ଆଗକୁ ବନ୍ୟା, ବନାଗ୍ନି, ହିମବାହ ତରଳିବା ଓ ଅହେତୁକ ଉଷ୍ଣତା ବୃଦ୍ଧି ଭଳି ଜଳବାୟୁ ପରିବର୍ତ୍ତନର ଅଧିକ ଦୁଷ୍ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ଗୁରୁବାର ଜାତିସଂଘ ୱେଦର ଏଜେନ୍ସି ସତର୍କ କରାଇଛି।

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ମତରେ ପ୍ରାକ୍-ଶିଳ୍ପାୟନ ସମୟ ତୁଳନାରେ ଚଳିତବର୍ଷର ହାରାହାରି ତାପମାତ୍ରା ୧.୪ ଡିଗ୍ରୀ ସେଲ୍‌ସିୟସ୍ (୨.୫ ଡିଗ୍ରୀ ଫାରେନ୍‌ହିଟ୍) ବଢ଼ିଛି। ସଙ୍ଗଠନର ମହାସଚିବ ପେଟ୍ଟେରି ତାଲସ୍ କହିଛନ୍ତି, ଚଳିତବର୍ଷ ପ୍ରାରମ୍ଭରେ ଏଲ୍ ନିନୋ ଯୋଗୁ ପ୍ରଶାନ୍ତ ମହାସାଗର ଉପରେ ଜଳବାୟୁ ପରିବର୍ତ୍ତନର ଅତ୍ୟଧିକ ନକାରାତ୍ମକ ପ୍ରଭାବ ପଡ଼ିଥିଲା। ଏଥିଯୋଗୁ ଆସନ୍ତା ବର୍ଷ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀରୁ ଅଧିକ ରହିପାରେ। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇସ୍ଥିତ ଏକ୍ସପୋ ସିଟିରେ ଗୁରୁବାର ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ କପ୍୨୮ ଆରମ୍ଭ ହେବା ଅବସରରେ ଡବ୍ଲ୍ୟୁଏମ୍‌ଓର ଚେତାବନୀକୁ ହାଲୁକା ଭାବେ ନେବା ଅନୁଚିତ ବୋଲି କୁହାଯାଉଛି।

### ଦୁବାଇରେ କପ୍୨୮ ଆରମ୍ଭ

୨୦୨୩ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ବା କନ୍‌ଫରେନ୍ସ ଅଫ୍ ଦି ପାର୍ଟିଜ୍ ଅଫ୍ ଦି ୟୁଏନ୍‌ଏଫ୍‌ସିସିସି (କପ୍୨୮) ହେଉଛି ଏହି ଧରଣର ୨୮ତମ ସମ୍ମିଳନୀ, ଯାହାକି ଦୁବାଇର ଏକ୍ସପୋ ସିଟିରେ ନଭେମ୍ବର ୩୦ରୁ ଡିସେମ୍ବର ୧୨ ଯାଏ ଚାଲିବ। ୧୯୯୨ରେ ଜାତିସଂଘ ଜଳବାୟୁ ଚୁକ୍ତି ସମ୍ପାଦିତ ହେବା ପରେ ୧୯୯୫ରୁ ପ୍ରତିବର୍ଷ ଏହି ସମ୍ମିଳନୀ ଆୟୋଜିତ ହୋଇଆସୁଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ସୀମିତ ରଖି ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ପ୍ରଭାବ ସହ ଖାପ ଖୁଆଇ ଚଳିବା ପାଇଁ ନୀତିଗୁଡ଼ିକ ଉପରେ ସରକାରମାନଙ୍କୁ ସହମତ କରିବା କପ୍ କନ୍‌ଫରେନ୍ସର ଉଦ୍ଦେଶ୍ୟ। ଚଳିତ ବର୍ଷ ୟୁଏଇ ହେଉଛି କପ୍୨୮ର ଆୟୋଜକ ରାଷ୍ଟ୍ର। କପ୍୨୮ର ପ୍ରେସିଡେଣ୍ଟ ହେଉଛନ୍ତି ସୁଲତାନ୍ ଅଲ୍ ଜାବେର, ଯିଏକି ଏଡିଏନ୍‌ଓସି ମୁଖ୍ୟ ଭାବେ ବାଷ୍ପ ଓ ତୈଳ ଉତ୍ପାଦନର ବିସ୍ତାର କରିଛନ୍ତି। ତାହା ପୁଣି ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ନିଆଯାଉଥିବା ପଦକ୍ଷେପ ଯୋଗୁ ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକ ଚାପରେ ରହିଥିବା ସମୟରେ। ବିଦେଶୀ ସରକାରମାନଙ୍କ ସହ ଅଏଲ୍ ଏବଂ ଗ୍ୟାସ୍ ଡିଲ୍ ପାଇଁ ବୁଝାଇବା ଲାଗି କପ୍୨୮କୁ ୟୁଏଇ ବ୍ୟବହାର କରିବାକୁ ଯୋଜନା କରିଥିବା ବିଷୟ କେତେକ ଦସ୍ତାବିଜରୁ ପ୍ରଘଟ ହୋଇଛି। ଉପରୋକ୍ତ ପୃଷ୍ଠଭୂମିରେ ସମ୍ମିଳନୀରେ ପ୍ରାୟ ୨୦୦ ଦେଶର ମୁଖ୍ୟ ଓ ପ୍ରତିନିଧିମାନେ ସାମିଲ ହୋଇଛନ୍ତି। ସେମାନେ ବିଶ୍ୱତାପନ ହ୍ରାସ ପାଇଁ ନିଜ ନିଜ ସରକାରମାନେ ନେଇଥିବା ପଦକ୍ଷେପ ଉପରେ ୨ ସପ୍ତାହ ଧରି ସମୀକ୍ଷା କରିବେ। ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ହାସଲ ଦିଗରେ ବିଶ୍ୱର ଗତି ସମ୍ପର୍କିତ ଏହି ପୁନଃ ମୂଲ୍ୟାଙ୍କନକୁ 'ଗ୍ଲୋବାଲ୍ ଷ୍ଟକ୍‌ଟେକ୍' କୁହାଯାଏ। ଷ୍ଟକ୍‌ଟେକ୍ ପରେ ସମ୍ମିଳନୀ ଶେଷରେ ଏକ ମିଳିତ ଯୋଜନାକୁ ନେଇ ସହମତ ହେବା କପ୍୨୮ର ସବୁଠୁ ବଡ଼ କାର୍ଯ୍ୟସୂଚୀ। ବିଶ୍ୱତାପନ ଉତ୍ସର୍ଜନକୁ ହ୍ରାସ କରିବା ଲାଗି ଆଗାମୀ କିଛି ବର୍ଷ ପାଇଁ ପ୍ରସ୍ତୁତ ଏହି ମଞ୍ଚରେ ଆସେସ୍‌ମେଣ୍ଟ ବେଳେ ରାଜନୈତିକ ମତଭେଦ ମଧ୍ୟ ଦେଖାଦେଇପାରେ।



କପ୍୨୮ ପାଇଁ ସଜେଇ ହୋଇଛି ଦୁବାଇର ଏକ୍ସପୋ ସିଟି।



କପ୍୨୮ରେ ଯୋଗଦେଇଥିବା ଜଣେ ପ୍ରତିନିଧି।

### ଗ୍ଲୋବାଲ୍ ଷ୍ଟକ୍‌ଟେକ୍‌ର ଗୁରୁତ୍ୱ

ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍) ଭିତରେ ସୀମିତ ରଖିବାକୁ ୨୦୧୫ ପ୍ୟାରିସ୍ ଚୁକ୍ତିରେ ସହମତି ପ୍ରକାଶ ପାଇଥିଲା। ଉକ୍ତ ରାଜିନାମା ଅନୁସାରେ ଲକ୍ଷ୍ୟ ଓ ନୀତିଗୁଡ଼ିକ ପାଇଁ ପ୍ରତ୍ୟେକ ଦେଶ ନିଜ ଟାର୍ଗେଟ ଧାର୍ଯ୍ୟ କରିଥାଆନ୍ତି। ୨୦୧୫ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ପାଇଁ ଉତ୍ସର୍ଜନ ହ୍ରାସ ଦିଗରେ ଚଳିତବର୍ଷର ଷ୍ଟକ୍‌ଟେକ୍ ରାଷ୍ଟ୍ରଗୁଡ଼ିକ ପାଇଁ ନୂଆ ମାର୍ଗଦର୍ଶିକା ହୋଇପାରେ। ଉଦାହରଣ ସ୍ୱରୂପ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟ କେବଳ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ନେଇ ନୁହେଁ, ବରଂ ଦେଶର ସମଗ୍ର ଅର୍ଥନୀତି ଉପରେ ପର୍ଯ୍ୟବସିତ ହେବା ଉଚିତ। କାରଣ ପ୍ୟାରିସ ଚୁକ୍ତି ପରଠୁ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟ ରଖିଥିବା ଦେଶଗୁଡ଼ିକର ସଂଖ୍ୟା ବଢ଼ିଥିଲେ ହେଁ ପୃଥିବୀର ତାପମାତ୍ରାକୁ ଅନ୍ୟୂନ ୨.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ାଇବା ଭଳି ଉତ୍ସର୍ଜନ ବର୍ତ୍ତମାନ ହେଉଥିବା ଜାତିସଂଘ ଆକଳନ କରିଛି।

ଗତ ସେପ୍ଟେମ୍ବରରେ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଦେଶଗୁଡ଼ିକୁ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନକାରୀ କୋଇଲା ଶକ୍ତିକୁ ୮୨% ପର୍ଯ୍ୟନ୍ତ ହ୍ରାସ ପାଇଁ ପରାମର୍ଶ ଦିଆଯାଇଛି, ଯାହାକି ୨୦୧୯ରେ ୬୭% ରହିଥିଲା। ଏଥିସହ ଗରିବ ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ୱଚ୍ଛ ଶକ୍ତି ଆପଣାଇବାକୁ ମଧ୍ୟ ଏଥିରେ ଆହ୍ୱାନ ଦିଆଯାଇଥିଲା। କାରଣ ଦେଶ ନିଜ ଅର୍ଥନୀତିକୁ ୨୦୩୦ ଓ ୨୦୫୦ ପାଇଁ ଆଗେଇ ନେବା ଲାଗି ପର୍ଯ୍ୟାପ୍ତ ସ୍ୱଳ୍ପକାଳୀନ ନୀତି ଏଯାଏ ଆପଣାଇ ନାହାନ୍ତି।

### ପରିବେଶ ଅନୁକୂଳ ନୀତିକୁ ଭାରତର ଗୁରୁତ୍ୱ

କପ୍୨୮ରେ ଲସ୍ ଆଣ୍ଡ ଡେମେଜ୍ ଫଣ୍ଡ (ଏଲ୍‌ଡିଏଫ୍), କ୍ଲାଇମେଟ୍ ଫାଇନାନ୍ସ ଓ ଉତ୍ସର୍ଜନ ହ୍ରାସ ଦିଗର ଜାତୀୟସ୍ତରରେ ରଖାଯାଇଥିବା ଲକ୍ଷ୍ୟ ଉପରେ ଆଲୋଚନା ପାଇଁ ଭାରତ ଗୁରୁତ୍ୱ ଦେବ ବୋଲି ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। କପ୍୨୮ର ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ପାଭିଲିଅନ୍‌ରେ ଭୂପେନ୍ଦ୍ର ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସବୁ ରାଷ୍ଟ୍ର ଆଗେଇ ଆସିବା ଉଚିତ ବୋଲି ଆହ୍ୱାନ ଦେଇଛନ୍ତି। ଏଥିସହ ପରିବେଶ ଅନୁକୂଳ ନୀତିଗୁଡ଼ିକ ଉପରେ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

## ଆଖି ଅସ୍ତ୍ରୋପଚାର ପାଇଁ ହାଇଦ୍ରାବାଦ ଯିବେ ୱାରାୱାରା ରାଓ

**ଅନୁମତି ଦେଲେ ଏନ୍‌ଆଇଏ କୋର୍ଟ**



**ମୁମ୍ବାଇ,୩୦।୧୧**

ଭୀମା କୋରେଗାଁଓ ମାମଲାରେ ସାମାଜିକ କର୍ମୀ ୱାରାୱାରା ରାଓଙ୍କୁ ଆଖି ଅସ୍ତ୍ରୋପଚାର ଲାଗି ହାଇଦ୍ରାବାଦ ଯିବା ପାଇଁ ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ବାମ ଆଖି ଅସ୍ତ୍ରାପଚାର ଲାଗି ୱାରାୱାରା ଡିସେମ୍ବର ୫ରୁ ୧୧ ତାରିଖ ମଧ୍ୟରେ ତେଲଙ୍ଗାନା ରାଜଧାନୀ ଗସ୍ତ କରିବାକୁ ଜଷ୍ଟିସ୍ ରାଜେଶ କାଟାରିୟାଙ୍କ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ଡିସେମ୍ବର ୪ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ରେ ରିପୋର୍ଟ କରିବା ସହ ଗସ୍ତ ସମ୍ପର୍କିତ ସବିଶେଷ ତଥ୍ୟ, ଠିକଣା, ରହିବାକୁ ଥିବା ସ୍ଥାନର ଯୋଗାଯୋଗ ନମ୍ବର ଦାଖଲ କରିବାକୁ କୋର୍ଟ କହିଛନ୍ତି। ଆକ୍ଟିଭିଷ୍ଟଙ୍କୁ ମିଳିବାକୁ ଥିବା ସ୍ୱାଧୀନତାର ସେ ଅପବ୍ୟବହାର କରିପାରିବେ ନାହିଁ ବୋଲି ବିଚାରପତି ସତର୍କ କରିଦେଇଛନ୍ତି। ୨୦୧୮ ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପୃକ୍ତ ମାମଲାରେ ୱାରାୱାରାଙ୍କୁ ଗିରଫ କରାଯାଇଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ବମ୍ବେ ହାଇକୋର୍ଟ ତାଙ୍କୁ ୨୦୨୧ ମାର୍ଚ୍ଚରେ ସାମୟିକ ଜାମିନ ପ୍ରଦାନ କରିଥିଲେ। ୨୦୨୨ ଅଗଷ୍ଟରେ ସୁପ୍ରିମକୋର୍ଟରୁ ତାଙ୍କୁ ନିୟମିତ ଜାମିନ ମିଳିଥିଲା।



ବିଶ୍ୱ ଏଡ୍ସ ଦିବସ ଅବ୍ୟବହିତ ପୂର୍ବରୁ ରାଜସ୍ଥାନର ବିକାନେରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରିଥିବା ଏନ୍‌ସିସି କ୍ୟାଡେଟ୍ସ।

**ପନ୍ନୁନ୍‌ଙ୍କ ହତ୍ୟା ଷଡ଼ଯନ୍ତ୍ର**

## ଭାରତୀୟଙ୍କ ସମ୍ପୃକ୍ତି ଅଭିଯୋଗ ଚିନ୍ତାଜନକ: ନୂଆଦିଲ୍ଲୀ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଆମେରିକା ମାଟିରେ ଶିଖ୍ ଉଗ୍ରପନ୍ଥୀ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍‌ଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଭାରତୀୟ ନାଗରିକ ସମ୍ପୃକ୍ତ ଥିବା ଯୁକ୍ତରାଷ୍ଟ୍ର ଅଭିଯୋଗ କରିଥିବାରୁ ଏହା ଚିନ୍ତାଜନକ ବୋଲି ଗୁରୁବାର ନୂଆଦିଲ୍ଲୀ କହିଛନ୍ତି। ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ମାମଲାର ସବୁ ଦିଗକୁ ଅନୁଧ୍ୟାନ କରିବ। ପନ୍ନୁନଙ୍କୁ ହତ୍ୟା ପାଇଁ ଉଦ୍ୟମ ବିଫଳ ହୋଇଥିଲା। ଏଥିରେ ନିଖିଲ ଗୁପ୍ତା ନାମକ ଭାରତୀୟ ସମ୍ପୃକ୍ତ ଥିବା ବୁଧବାର ଆମେରିକା ଫେଡେରାଲ ପ୍ରସିକ୍ୟୁଶନ ଅଭିଯୋଗ ଆଣିଥିଲା। ନିଖିଲ ଭାରତ ସରକାରଙ୍କ ଜଣେ କର୍ମଚାରୀ। ଚେକ୍ ରିପବ୍ଲିକ୍ କର୍ତ୍ତୃପକ୍ଷ ନିଖିଲଙ୍କୁ ଗିରଫ କରିଥିବା ଆମେରିକାର ପ୍ରସିକ୍ୟୁଟର ମାନ୍‌ହାଟନ କୋର୍ଟଙ୍କୁ ଜଣାଇଥିଲେ। ଉକ୍ତ ଅଦାଲତରେ ନିଖିଲଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ଉଚ୍ଚ ପଦବୀରେ ନିମ୍ନ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଲାଗି ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଯଥେଷ୍ଟ ନୁହେଁ

**ବେଙ୍ଗାଲୁରୁ,୩୦।୧୧(ପି.ଟି.)**

**କର୍ଣ୍ଣାଟକ ହାଇକୋର୍ଟଙ୍କ ମତ**



ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଥାଇ ବଦଳି ନିର୍ଦ୍ଦେଶ ଆଇନସଙ୍ଗତ ନୁହେଁ ବୋଲି କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। ଉଚ୍ଚତର ପଦବୀରେ ଜଣେ ନିମ୍ନ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦେବାର କୌଣସି କାରଣ ଏପର୍ଯ୍ୟନ୍ତ ରେକର୍ଡ ହୋଇ ନ ଥିବା ଜଣାପଡ଼ିଛି। ଅର୍ଡରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ରହିଥିଲେ ମଧ୍ୟ ଏଥିରେ ଉପଯୁକ୍ତ କାରଣ ଦର୍ଶାଯାଇ ନ ଥିବାରୁ ଏହାକୁ ଆଇନସଙ୍ଗତ କୁହାଯାଇପାରିବ ନାହିଁ। ଉଚ୍ଚତର ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କ ଅଭାବ ଥିବାରୁ ନିମ୍ନ କ୍ୟାଡରଙ୍କୁ ପୋଷ୍ଟିଂ କରାଗଲା ବୋଲି କାରଣ ଦର୍ଶାଯାଇ ନ ଥିବା ଜଷ୍ଟିସ୍ କେ. ସୋମଶେଖର ଏବଂ ରାଜେଶ ରାୟ କେ'ଙ୍କ ଖଣ୍ଡପୀଠ କହିଛନ୍ତି। କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଗତ ଅଗଷ୍ଟ ୨ ତାରିଖର ବଦଳି ସମ୍ପର୍କିତ ଏକ ରାୟକୁ ଚ୍ୟାଲେଞ୍ଜ କରି କର୍ଣ୍ଣାଟକ ପ୍ରଶାସନିକ ସେବାର ଅଧିକାରୀ ଡ. ପ୍ରଜ୍ଞା ଆମେମ୍ବାଲା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୨.୨୩ ଲକ୍ଷ କୋଟିର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**



ପ୍ରତିରକ୍ଷା ବିଭାଗ ପାଇଁ ୨.୨୩ ଲକ୍ଷ କୋଟି ଟଙ୍କାର ଅସ୍ତ୍ର କ୍ରୟ ପ୍ରକଳ୍ପକୁ କେନ୍ଦ୍ର ସରକାର ଗୁରୁବାର ପ୍ରାଥମିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ଅର୍ଥରେ ୯୭ଟି ତେଜସ୍ ହାଲୁକା ଲଢ଼ୁଆ ବିମାନ, ୧୫୬ଟି ପ୍ରଚଣ୍ଡ ଲଢ଼ୁଆ ହେଲିକପ୍ଟର ସମେତ ଅନ୍ୟାନ୍ୟ ସରଞ୍ଜାମ କ୍ରୟ କରାଯିବ। ଏହା ବ୍ୟତୀତ ଭାରତୀୟ ବାୟୁସେନାର ସୁଖୋଇ-୩୦ ଯୁଦ୍ଧବିମାନଗୁଡ଼ିକର ଉନ୍ନତୀକରଣ ରାଷ୍ଟ୍ରାୟତ୍ତ ଏରୋସ୍ପେସ୍ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ଏଚ୍‌ଏଏଲ୍) ଦ୍ୱାରା କରାଯିବା ସହ ଦୁଇ ପ୍ରକାର ଟ୍ୟାଙ୍କ ବିଧ୍ୱଂସୀ ଅସ୍ତ୍ର କ୍ରୟକୁ ଅନୁମୋଦନ କରାଯାଇଛି। ସେହିପରି ଟି-୯୦ ଟ୍ୟାଙ୍କ ପାଇଁ ଅଟୋମେଟିକ୍ ଟାର୍ଗେଟ ଟ୍ରାକର (ଏଟିଟି) ଏବଂ ଡିଜିଟାଲ ବାସାଲ୍ଟିକ୍ କମ୍ପ୍ୟୁଟର କିଣାଯିବା ସହ ନୌସେନା ପାଇଁ ମଧ୍ୟମ ରେଞ୍ଜର ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର (ଏମ୍‌ଆର୍‌ଏଏସ୍‌ଏଚ୍‌ଏମ୍) କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ସଶସ୍ତ୍ର ବଳର ଆକ୍ରମଣ ସାମର୍ଥ୍ୟକୁ ଉଲ୍ଲେଖନୀୟ ଭାବେ ବଢ଼ାଇବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ୩ ବର୍ଷ ହେଲା ଚାଇନା ସହ ବିଭିନ୍ନ ସ୍ଥାନରେ ଭାରତୀୟ ସେନାର ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଉପରୋକ୍ତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୋଟ ୨.୨୩ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଅଧିଗ୍ରହଣର ୯୮ ପ୍ରତିଶତ ଘରୋଇ ଶିଳ୍ପରୁ କିଣାଯିବାକୁ ଥିବାରୁ ଏହାର ପ୍ରତିରକ୍ଷା ଶିଳ୍ପରେ ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣରେ ସଫଳ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ହାଇୱା ଧକ୍କାରେ ଜଣେ ମୃତ

ବୌଦ୍ଧ,୩୦।୧୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ପୁରୁଣାକଟକ ଭୈରବୀ ମନ୍ଦିର ନିକଟରେ ଗୁରୁବାର ସକାଳେ ଏକ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସଂକୀର୍ତ୍ତନ କହଁର (୫୫)। ପ୍ରକାଶ ଯେ, ହରଭଙ୍ଗା ବ୍ଲକ ଅଧୀନ ଛତରଙ୍ଗ ଗ୍ରାମର ସଂକୀର୍ତ୍ତନ ପୁରୁଣାକଟକ ନିକଟସ୍ଥ ଜିଆକଟାରେ ରହି ମାଗି ଯାଚି ଚଳୁଥିଲେ। ଗୁରୁବାର ସକାଳେ ଚାରିଛକ ପଟୁ ପୁରୁଣାକଟକ ଆଡକୁ ଆସୁଥିବା ଏକ ହାଇୱା (ନଂ ଓଡି–୨୭– ସି–୭୫୧୭) ପୁରୁଣାକଟକ ପେଟ୍ରୋଲ ପମ୍ପ ନିକଟରେ ସଂକୀର୍ତ୍ତନଙ୍କୁ ଧକ୍କା ଦେଇଥିଲା । ସେ ତଳେ ପଡିଯିବାରୁ ତାଙ୍କ ଉପରେ ହାଇୱା ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଣାକଟକ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀ ପହଞ୍ଚି ଗାଡି ଜବତ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲେ। ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ, ପୁରଣାକଟକ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ସାହୁ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଶିଶୁ ମନ୍ଦିରରେ ଶିଶୁ ଶିବିର

ଲୋଇସିଂହା,୩୦।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଘୁଷୁରାମୁଣ୍ଡା ଅଲେଖ ମହିମା ମଠ ପରିସରରେ ସରସ୍ୱତୀ ଶିଶୁ ମନ୍ଦିର ଶିଶୁ ବାଟିକା ବିଭାଗର ଶିଶୁ ଶିବର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ସୁଧାଂଶୁ ସାହୁ, ମୁଖ୍ୟଅତିଥି, ସାବିତ୍ରୀ ସାହୁ, ରିଙ୍କି ସାହୁ, ସୁପ୍ରଭାତୀ ବାଘମ, ସୁନୀତା ସାହୁ, ଅମିତକୁମାର ସାହୁ, ସୁଶାନ୍ତ ସାହୁ, ଚୈତନ୍ୟ ସାହୁ, ଜୟକୃଷ୍ଣ ବୁଡେକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀରେ ବରିଷ୍ଠ ନାଗରିକ ସନାତନ ସାହୁ ଯୋଗଦେଇଥିଲେ। ଏହି ଅବସରରେ କୁନି ପିଲାଙ୍କ ନାଚଗୀତ ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ସୁବର୍ଣ୍ଣପୁରରେ ଅତିଥି ପକ୍ଷୀଙ୍କ ଆଗମନ

## ପକ୍ଷୀଙ୍କ ଭୂସ୍ୱର୍ଗ ପାଲଟିଛି ମହାନଦୀ

ସୋନପୁର,୩୦।୧୧(ମୃତ୍ୟୁଞ୍ଜୟ ଶତପଥୀ)



ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ଗ୍ରେଟ୍ କ୍ରେଷ୍ଟେଡ୍ ଗ୍ରୀବ୍

ସୁବର୍ଣ୍ଣପୁର ଜିଲାରେ ପାରଦ ଯେତିକି ଖସେ, ସେତିକି ନୂଆ ନୂଆ ଅତିଥି ପକ୍ଷୀଙ୍କ ଆଗମନ ବଢ଼େ। ଆଉ ଏହି ଅତିଥିଙ୍କୁ ମହାନଦୀ କିଛି ମାସ ନିଜର କରିନିଏ। ଏବେ ସୁବର୍ଣ୍ଣପୁରରେ ଶୀତ ବଢ଼ିବା ଆରମ୍ଭ କରିଛି। ତେଣୁ ନଦୀଗର୍ଭରେ ପକ୍ଷୀ ଠୁଳ ହେଲେଣି। ଦଳ ଦଳ ହୋଇ ପକ୍ଷୀମାନେ ବସା ତିଆରି କରୁଥିବା ଦେଖିବାକୁ ମିଳିଛି। ନଦୀ ଭିତରେ ଥିବା ବିଭିନ୍ନ ଟାପୁ ଓ ପଥରରେ ଅତିଥି ପକ୍ଷୀ ଦେଖାଦେଲେଣି। ପକ୍ଷୀଙ୍କ କଳରବରେ ଏବେ ଗୁଞ୍ଜରିତ ହେଉଛି ମହାନଦୀ। ସାଧାରଣତଃ ନଭେମ୍ବର ଅଧାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ବିଦେଶାଗତ ପକ୍ଷୀ ନଦୀଗର୍ଭ ଓ ଡ୍ୟାମ୍ ଆଦିରେ ଦେଖିବାକୁ ମିଳିଥାନ୍ତି। ଗୁରୁବାର ସୋନପୁର ସହର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡରେ ବିଦେଶୀ ପକ୍ଷୀ ଗ୍ରେଟ୍ କ୍ରେଷ୍ଟେଡ୍ ଗ୍ରୀବ୍‌ଙ୍କ ଜଳକ୍ରୀଡା ପକ୍ଷୀପ୍ରେମୀ ପିନାକୀ ପଣ୍ଡା କ୍ୟାମେରାରେ କଏଦ କରିଛନ୍ତି। ଏହି ପକ୍ଷୀ ସାଧାରଣତଃ ୟୁରୋପ, ଆଫ୍ରିକା ଓ ଅଷ୍ଟ୍ରେଲିଆରେ ଦେଖାଯାଆନ୍ତି। ସେହିପରି ବିଦେଶାଗତ ପକ୍ଷୀ ବ୍ଲୁ ଥ୍ରୋଟ, ଗ୍ରୀନ୍ ୱିଙ୍ଗ୍‌ସ, ହେରିଅର, ହୁଇସିଲିଂ ଡକ୍, ରୁଡି ସେଲଡକ୍, ରେଡ ନେକ ଫାଲକନ ଓ ପେରିଗ୍ରେନ୍ ଫାଲକନ୍ ଆଦି ଠାବ ହୋଇଛନ୍ତି। ପକ୍ଷୀ ଗବେଷକ ଦୀନେଶ ରଞ୍ଜନ ମିଶ୍ରଙ୍କ ମତରେ, ଆଉ କିଛି ଦିନ ପରେ ଅତିଥି ପକ୍ଷୀଙ୍କ ଆଗମନ ବଢିବ। ବିଦେଶରେ ପ୍ରବଳ ତୁଷାରପାତ ହେଉଥିବାରୁ ପକ୍ଷୀମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ସଙ୍କଟ ହୋଇଥାଏ। ଅପରପକ୍ଷେ ଗ୍ରୀଷ୍ମପ୍ରଧାନ ଦେଶ ଭାରତରେ ନଭେମ୍ବର ଠାରୁ ଫେବୃୟାରୀ ପର୍ଯ୍ୟନ୍ତ ପରିବେଶ ବେଶ ଥଣ୍ଡା ଓ ପକ୍ଷୀଙ୍କ ଅନୁକୂଳ ହୋଇଥାଏ। ଫଳରେ ନଭେମ୍ବର ମାସରୁ ବିଦେଶୀ ପକ୍ଷୀମାନେ ଭାରତମୁହାଁ ହୋଇଥାନ୍ତି। ତନ୍ମଧ୍ୟରୁ ଅନେକ ପକ୍ଷୀ ଦଳ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସନ୍ତି। ମହାନଦୀରେ ପର୍ଯ୍ୟାପ୍ତ ଜଳରାଶି ଥିବାରୁ ପ୍ରଚୁର ଖାଦ୍ୟ ମିଳିଥାଏ ଓ ଏହା ନିରାପଦ ସ୍ଥାନ ହୋଇଥିବାରୁ ପ୍ରତିବର୍ଷ ଶତାଧିକ ପ୍ରଜାତିର ପକ୍ଷୀ ଆସି ବସା ବାନ୍ଧିଥାନ୍ତି।

ଗତ କିଛି ବର୍ଷ ହେବ ନଦୀ, ଜଳାଶୟ ଓ କ୍ଷେତରେ ନୂଆ ନୂଆ ପ୍ରଜାତିର ପକ୍ଷୀ ଦେଖା ଯାଉଛନ୍ତି। ପକ୍ଷୀଙ୍କ ପାଇଁ ମହାନଦୀ ଭୂସ୍ୱର୍ଗ ପାଲଟିଛି । ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ପ୍ରତିବର୍ଷ ବଢିବାରେ ଲାଗିଛି। ସାତ ଦରିଆ ତେର ନଈ ପାରି ହୋଇ ସୁଦୂର ସାଇବେରିଆ, ଆମେରିକା, ମଙ୍ଗୋଲିଆ ଆଦି ସ୍ଥାନରୁ ଉଡି ଆସି ସୁବର୍ଣ୍ଣପୁର ଜିଲାର ମହାନଦୀରେ ୪ ମାସ ରହୁଛନ୍ତି। ଏପର୍ଯ୍ୟନ୍ତ ଜିଲାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀ ଠାବ ହୋଇ ସାରିଲେଣି। ଏହି ପକ୍ଷୀମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରକାରର ପକ୍ଷୀ ବିଦେଶାଗତ ଏବଂ ଅନ୍ୟସବୁ ଦେଶୀୟ ପକ୍ଷୀ। ସୁଦୂର ପୂର୍ବ ଇଉରୋପ, କାସ୍ପିଆନ୍ ସାଗର, ସାଇବେରିଆ, ମଙ୍ଗୋଲିଆ, କାଜାକସ୍ଥାନ, ବୈକାଲ ହ୍ରଦ, ରୁଷର ଆଭ୍ୟନ୍ତରୀଣ ଅଞ୍ଚଳରୁ ପକ୍ଷୀ ଆସିଥାନ୍ତି। ଏଭଳି ବିଦେଶାଗତ ପକ୍ଷୀଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲାକୁ ଏକ ବାର୍ଡିଂ ହଟ୍‌ସ୍ପଟ୍ ଭାବେ ଘୋଷଣା କରି ନଦୀରେ ବ୍ଲାଷ୍ଟିଂ ତଥା ବେଆଇନ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପରିବେଶବିତ୍‌ମାନେ ଦାବି କରିଛନ୍ତି। ତେବେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରା ଯାଇଥିବା ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା କହିଛନ୍ତି।

## ବଚ୍‌ପନ୍ ଏକାଡେମିକ ହାଇଟ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଭବାନୀପାଟଣା,୩୦।୧୧(ଉତ୍ତମ କୁମାର ଦାଶ)



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପରଦେଶୀପଡ଼ାରେ ଥିବା ବଚ୍‌ପନ୍ ଏକାଡେମିକ ହାଇଟ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଗତ ୨୮ ତାରିଖରେ ସ୍କୁଲ ଅଧକ୍ଷା ମମତାରାଣୀ ପଟ୍ଟନାୟକ ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଷ୍ଟୀ ଏହି କ୍ରୀଡା ଉତ୍ସବ ଉଦଘାଟନ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଷ୍ଟୀ ଯୋଗଦେଇ କ୍ରୀଡା ଉତ୍ସବରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଉତ୍ସବରେ ସ୍କୁଲ ଶିକ୍ଷକ ସମରେନ୍ଦ୍ର ଷଡ଼ଙ୍ଗୀ, ବିଏସ ରାମ ଅଭିଷେକ, ଭୋଲାପ୍ରସାଦ ନାଗ, ଶିକ୍ଷୟିତ୍ରୀ ସୁନିତା ପାଢ଼ୀ, ପଲ୍ଲବୀ ନାଏକ, ମନ୍ଦାକିନୀ ବାଣୁଆଁ, ବନ୍ଦିତା ସାହୁ, ପି.ରେଣୁକା, ଶର୍ମିଷ୍ଠା ରଥ, ଶେଫାଳୀ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ସ୍ୱାଭିମାନ ମଞ୍ଚର ନୂଆଁଖାଇ ଭେଟ୍‌ଘାଟ

ଲୋଇସିଂହା,୩୦।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡି ସ୍ୱାଭିମାନ ମଞ୍ଚର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ସୀତାକାନ୍ତ ସାଏଙ୍କ ଆହ୍ୱାନରେ କ୍ରମେ ଆୟୋଜିତ ବୈଠକରେ ବରିଷ୍ଠ ନେତା ସହଦେବ ସା ଅଧ୍ୟକ୍ଷତା କରିଥିଲେ । ଏଥିରେ ନବକିଶୋର ନାଏକ, ସମ୍ପତି ନନ୍ଦ, ଅନନ୍ତ ସାହୁ, ଶେଷ ପାଢି, ଶଶୀ ଶର୍ମା, ସୁବଳ ଖମାରୀ, ରାଧାନାଥ ବିଶ୍ୱାଳ, ପ୍ରହ୍ଲାଦ ସୁନା, ପ୍ରବୀର ଭୋଇ, ଜଗବନ୍ଧୁ ପଧାନ, ହୃଷୀକେଶ ଭୋଇ, କୀର୍ତ୍ତନ ଥପ୍ପାଙ୍କ ସମେତ ପୁରୁଖା ବିଜେଡି କର୍ମୀ ଯୋଗଦେଇଥିଲେ । ଏକ ଦଶନ୍ଧି ହେବ ଜଣେ ବାହାର ଅଞ୍ଚଳର ବ୍ୟକ୍ତି ନିର୍ବାଚନ ମଣ୍ଡଳୀ ସଙ୍ଗଠନ ଦାୟିତ୍ୱରେ ରହିଛନ୍ତି। ସେ ସ୍ଥାନୀୟ ପୁରୁଖା କର୍ମୀଙ୍କୁ ଅଣଦେଖା କରୁଥିବା ନେଇ ବୈଠକରେ ଅଭିଯୋଗ ହୋଇଥିଲା। ଅପରପକ୍ଷେ ଦଳରେ କେତେକ ଅଣ ବିଜେଡି କର୍ମୀଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଏହା ଫଳରେ ବିଜେଡି ସଂଗଠନ ଏଠାରେ ଦୁର୍ବଳ ହେଉଥିବା କହିଥିଲେ ଆଗଲପୁର ବ୍ଲକର ପ୍ରବୀର ଭୋଇ। କେବଳ ବିଜେଡି କର୍ମୀ କହିଲେ ହେବ ନାହିଁ। ଦଳକୁ ସଶକ୍ତ ଓ ସୁଦୃଢ଼ କରିବାକୁ ହେଲେ ଲଢେଇ କରିବାକୁ ପଡିବ। ବିଜେଡି ସଂଗଠନର ଏସବୁ ଅସୁବିଧାକୁ ଉଚ୍ଚ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ରଞ୍ଜନ



@ ଶୁଭ୍ରାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ପାଠ୍ୟ ଉପକରଣ ବଣ୍ଟନ, ମାଗଣା ସ୍ୱାସ୍ଥ୍ୟ ଶିବିର

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ଖପ୍ରାଖୋଲ, ୩୦।୧୧(ଅଭୟ ତ୍ରିପାଠୀ)



ଜନ ସମ୍ପର୍କ ଶିବିର ସଭାରେ ସିଆରପିଏଫ ଅଧିକାରୀ ଓ ଜନ ପ୍ରତିନିଧି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ହାଇସ୍କୁଲ ଖେଳ ପଡିଆରେ ସିଆର୍‌ପିଏଫ ୧୮୯ ବାଟାଲିଅନ ତରଫରୁ ଜନସମ୍ପର୍କ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର୍ ସିଂଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ସମ୍ମାନୀତ ଅତିଥି ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ,ଅଧାପକ ବଳଭଦ୍ର ଦାଶ, ଡାକ୍ତର ବିନୟ କୁମାର ମେହେର, ତେଲେନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ବୋଦର ଭୋଇ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଶତାଧିକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ମାଓବାଦୀ ପ୍ରଭାବିତ ଅଞ୍ଚଳର ଲୋକଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିବା ସହିତ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସମ୍ପର୍କ ରକ୍ଷା କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତପୋଷଣ କରିଥିଲେ।

## ଗାଁ ମୁଣ୍ଡରୁ ଅଜଣା ଯୁବକଙ୍କ ମୃତଦେହ ଜବତ

### ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ

ବଘିଆପଡା,୩୦।୧୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଆମ୍ବଝରୀ ପଞ୍ଚାୟତର ଡିଡିଙ୍ଗାପଦର ଗାଁ ମୁଣ୍ଡରୁ ଗୁରୁବାର ଜଣେ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ସକାଳେ ଯୁବକ ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାର ଗ୍ରାମବାସୀ ଦେଖି ବଘିଆପଡା ଫାଣ୍ଡିକୁ ଖବର ଦେଇଥିଲେ । ବଘିଆପଡା ଫାଣ୍ଡି ଅଧିକାରୀ ନିକୁଞ୍ଜ ବାଗ ଘଟଣାସ୍ଥଳରେ ପହଞ୍ଚି ବୌଦ୍ଧ ଥାନାକୁ ଜଣାଇଥିଲେ । ଖବର ପାଇ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଏସଡିପିଓ କୈଳାସ ସେଠୀ, ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ । ଯୁବକଙ୍କ ଗଳା କାଟି ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଘଟଣାସ୍ଥଳକୁ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରି ଯାଇଥିବା ଜଣାପଡିଛି। ପୋଲିସ ଏନେଇ ନଂ ୪୪୩/୨୩ରେ ଏକ ହତ୍ୟା ମାମଲା ରୁଜୁ କରବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲା । ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ଏନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦାସ ସୂଚନା ଦେଇଛନ୍ତି।

# ୩୫ଜଣଙ୍କୁ ନିଯୁକ୍ତି ଦେଇଛନ୍ତି କିରଣ

## ସଂଘର୍ଷରୁ ସଫଳ ଉଦ୍ୟୋଗୀ

ରାୟଗଡ଼ା, (ଭାଗ୍ୟଶ୍ରୀ ମିଶ୍ର)



କେ. କିରଣ

ଆଜିର ଯୁବପିଢ଼ି ଉଚ୍ଚଶିକ୍ଷା ପରେ ଚାକିରି ପାଇଁ ଦେଶ ଛାଡ଼ି ବିଦେଶ ଚାଲିଯାଉଛନ୍ତି। ଏହାଦ୍ୱାରା ଦେଶର ଭବିଷ୍ୟତ ଓ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। କିନ୍ତୁ ଯୁବପିଢ଼ିଙ୍କୁ ଷ୍ଟାର୍ଟଅପ୍ ଆଡ଼କୁ ପ୍ରୋତ୍ସାହିତ କରିବାକୁ ରାୟଗଡ଼ାର ସଫଳ ଉଦ୍ୟୋଗୀ କେ. କିରଣ କୁମାର ବ୍ୟବସାୟ ଆରମ୍ଭ କରିଛନ୍ତି। ସାଇପ୍ରିୟା ନଗରର ବି.ଟେକ୍ ଯୁବକ କିରଣ ଚାକିରି ପଛରେ ନ ଗୋଡ଼ାଇ ଅନ୍ୟକୁ ନିଯୁକ୍ତି ଦେବାରେ ଆନନ୍ଦ ପାଇଥାନ୍ତି ବୋଲି କହିଛନ୍ତି। ଇକୋ ଫ୍ରେଣ୍ଡଲି ୟୁପିଭିସି ଝରକା, କବାଟ ଉତ୍ପାଦନକରି ସେ କେବଳ ନିଜେ ଆତ୍ମନିର୍ଭର ହୋଇନାହାନ୍ତି ବରଂ ନିଜ ଅଧୀନରେ ୩୫ ଜଣଙ୍କୁ ନିଯୁକ୍ତି ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

କେ. କିରଣ ଜଣେ ମେଧାବୀ ଛାତ୍ର । ତାଙ୍କ ବାଲ୍ୟକାଳ ସଂଘର୍ଷରେ କଟିଥିଲା। କୋରାପୁଟରେ ତାଙ୍କ ପରିବାର ରୁହନ୍ତି। ଘରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ କିରଣ ତାଙ୍କ ଦାଦାଙ୍କ ଘରେ ରାୟଗଡ଼ାରେ ରହି ପଢ଼ିଛନ୍ତି। ରାୟଗଡା ଆଇଏସିଆର କଲେଜରେ ଇଲେକ୍ଟ୍ରିକାଲରେ ବି.ଟେକ କରିଛନ୍ତି। ପାଠପଢ଼ା ପରେ ହାଇଦ୍ରାବାଦରୁ ତାଙ୍କୁ ଚାକିରି ପାଇଁ ଅଫର ଆସିଥିଲା। ହେଲେ ସେ ଚାକିରି ନ କରି ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟକୁ କିପରି ସ୍ୱାବଲମ୍ବୀ କରିପାରିବେ ଚିନ୍ତା କରିଥିଲେ । କିରଣଙ୍କର ପାରମ୍ପରିକ କାଠ କାମ ଥିଲା। ସେହି ପାରମ୍ପରିକ କାର୍ଯ୍ୟକୁ ଅପ୍‌ଗ୍ରେଡ୍ କରି ନୂତନ ଭାବେ ବ୍ୟବସାୟ କରିବାକୁ ମନସ୍ଥ କରିଥିଲେ। ମଣିଷର ମୌଳିକ ଆବଶ୍ୟକତା ବାସଗୃହ ନିର୍ମାଣ ଲାଗି କବାଟ, ଝରକା ନିର୍ମାଣ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ଯାହା ପରିବେଶ ପାଇଁ ଶୁଭଙ୍କର ନୁହେଁ। ତେଣୁ କାଠର ବିକଳ୍ପ ୟୁପିଭିସିକୁ ସେ କବାଟ, ଝରକା ନିର୍ମାଣ ପାଇଁ ବାଛିଥିଲେ। ଯାହା ପ୍ଲାଷ୍ଟିକ ଫ୍ରି ଏବଂ ଇକୋ ଫ୍ରେଣ୍ଡଲି ବୋଲି ସେ କହିଛନ୍ତି। ମହାମାରୀ କରୋନା ସମୟରେ ସମସ୍ତଙ୍କର ଆର୍ଥିକ ସ୍ଥିତି ଦୋହଲି ଯାଉଥିବାବେଳେ ସେ ରାୟଗଡ଼ା ଶିଳ୍ପ କେନ୍ଦ୍ରକୁ ଯୋଗାଯୋଗ କରି ନିଜର ବ୍ୟବସାୟ ଯୋଜନା ବିଷୟରେ କହିଥିଲେ। ଶିଳ୍ପକେନ୍ଦ୍ର ପକ୍ଷରୁ ତାଙ୍କୁ ୨୫ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ୨୦୨୧ରେ ସେ ମା' ମାଝୀ ଗୌରୀ ଫର୍ନିଚର ୟୁନିଟ୍ ସ୍ଥାପନ କରିଥିଲେ। ଏଠାରେ ଘରର ମୁଖ୍ୟ କବାଟ, ଝରକା, ମଶାଜାଲି, ଝରକା ଫ୍ରେମ୍, ବାଥ୍‌ରୁମ୍ ଡୋର, ସ୍ଲାଇଡିଂ ଡୋର, ଫିକ୍ସଡ଼ ଝରକା, ସେପାରେସନ, ଗ୍ଲାସ୍, ଡେକ ରେଟ୍ ଆଦି ପାଇଁ ବ୍ୟବହୃତ ୟୁପିଭିସି ଉତ୍ପାଦନ କରାଗଲା। ହାଇଦ୍ରାବାଦରୁ ଆଇରନ, ଭୁବନେଶ୍ୱରରୁ ହାର୍ଡୱେର ଏବଂ ବିଶାଖାପାଟଣାରୁ ଗ୍ଲାସ୍ ଆଣି ରାୟଗଡ଼ାରେ ଉତ୍ପାଦନ କରାଯାଉଛି। ଏହା ଇକୋ ଫ୍ରେଣ୍ଡଲି ହୋଇଥିବାରୁ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱୀକୃତି ଦେଇଥିବା କିରଣ କହିଛନ୍ତି । ଉତ୍ପାଦନ ସାମଗ୍ରୀ ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ଆନ୍ଧ୍ରପ୍ରଦେଶର ବିଜୟନଗରମ ଏବଂ ପାର୍ବତୀପୁର ଯାଇଥାଏ। ୭ ଜଣ କର୍ମଚାରୀଙ୍କୁ ନେଇ କିରଣ ବ୍ୟବସାୟ ଆରମ୍ଭ କରିଥିବା ବେଳେ ଏବେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ୨୫ ଲକ୍ଷରୁ ଆରମ୍ଭ କରିଥିବା ବ୍ୟବସାୟ ଏବେ ଟର୍ନଓଭର ୩ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଥିବା କିରଣ କହିଛନ୍ତି। ପ୍ରତ୍ୟେକ ଯୁବକ ନିଜ ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଦ୍ୱାରା ଆବଶ୍ୟକ ସୁଯୋଗର ଅପେକ୍ଷା ନ କରି ସୁଯୋଗକୁ ନିଜେ ସୃଷ୍ଟି କରିବା ଦରକାର ବୋଲି କିରଣ କହିଛନ୍ତି। ଆଗକୁ ସରକାରୀସ୍ତରରେ ଅଧିକ ସହଯୋଗ ମିଳିଲେ ବ୍ୟବସାୟ ଆହୁରି ଆଗକୁ ବଢ଼ାଇବେ ବୋଲି ସେ କହଛନ୍ତି।

# 'ଓଡ଼ିଶାର ସବୁଜିମା ବିମୋହିତ କରିଛି'

## ବାଇକ୍‌ରେ ଭାରତ ଭ୍ରମଣ କରୁଛନ୍ତି ନେଦରଲାଣ୍ଡ ଦମ୍ପତି

ଢେଙ୍କାନାଳ,୩୦।୧୧
(ରତନ ନାୟାର)



ନେଦରଲାଣ୍ଡ ଆର୍ମଷ୍ଟ୍ରଙ୍ଗ୍‌ର ଦମ୍ପତି ସାଇମନ ଆଣ୍ଡରସନ୍(୭୦) ଓ ଏକ୍‌ଜାନିଆ ହେନେରୀ(୬୦) ବାଇକ୍‌ରେ ଭାରତ ଭ୍ରମଣ କରୁଛନ୍ତି। ଏହି ଅବସରରେ ଦୁହେଁ ଗୁରୁବାର ଢେଙ୍କାନାଳ ସହରରେ ପହଞ୍ଚି ବୋରାପଦାସ୍ଥିତ ଗଜଲକ୍ଷ୍ମୀ ପ୍ୟାଲେସରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨ ହଜାର କିଲୋମିଟର ଅତିକ୍ରମ କରିଥିବା ଏହି ଦମ୍ପତି ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବା ସହ ସବୁଜିମାମୟ ପରିବେଶ ଦେଖି ବିମୋହିତ ହୋଇଥିବା ପ୍ରକାଶ କରିଛନ୍ତି।

ସାଇମନ ଓ ଏକ୍‌ଜାନିଆ କହିଛନ୍ତି, ଭାରତକୁ ବେଶ୍ ଭଲ ପାଉ। ସେଥିପାଇଁ ବାଇକ୍‌ରେ ଏହି ଦେଶ ପରିଭ୍ରମଣ କରିବା ବହୁତ ଆନନ୍ଦ ଦେଉଛି । ଓଡ଼ିଶାର ଶିମିଳିପାଳ, ମନ୍ଦରମାଣି ଓ ଢେଙ୍କାନାଳର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିଛୁ। ଏହାର ସବୁଜିମା, ଘନଜଙ୍ଗଲ ଓ ପାହାଡ଼ ପ୍ରକୃତିର ବରଦାନ। ସହରର କୋଳାହଳ ଠାରୁ ଗ୍ରାମାଞ୍ଚଳ ଓ ଏହାର ସବୁଜ ପରିବେଶ ବହୁତ ଭଲ। ପଞ୍ଜାବ ଓ ହରିୟାଣାର ଲୋକମାନେ ନୂଆ ଲୋକଙ୍କୁ ଦେଖିଲେ ତାଙ୍କ ବିଷୟରେ ଜାଣିବାକୁ ଚାହାନ୍ତି। ସେଲଫି ନେବାକୁ ପସନ୍ଦ କରନ୍ତି। କିନ୍ତୁ ଓଡ଼ିଶାର ଲୋକମାନେ ନିଜ କାମକୁ ଅଧିକ ପସନ୍ଦ କରନ୍ତି । ୨୦ବର୍ଷ ତଳେ ଦେଖିଥିବା ଭାରତ ଓ ଆଜିର ଭାରତ ବହୁତ ଭିନ୍ନ। ଆଜିର ଯୁବପିଢି ପ୍ରତିଯୋଗିତାମୂଳକ ଯୁଗରେ ନିଜକୁ ସାମିଲ କରିଛନ୍ତି। ବର୍ତ୍ତମାନ ସେମାନେ ନିଜର ପରିଚୟ ନିଜେ ସୃଷ୍ଟି କରିବାକୁ ଲାଗି ପଡିଛନ୍ତି। ଢେଙ୍କାନାଳର ବରା, ପୁରି, ଦହି, ପରଟା, ଭାଜି ଓ ସିଙ୍ଗଡା ଖାଇବାକୁ ବହୁତ ଭଲ ଲାଗୁଛି। କଲେଜ ବାଇପାସ ଛକରେ ଜଣେ ମହିଳା ଚା' ଦୋକାନ କରିଥିବା ଦେଖି ଖୁସି ଲାଗିଲା। ସେଠାରେ ଚା' ପିଇଲୁ। ଢେଙ୍କାନାଳ ଜଙ୍ଗଲରେ ହାତୀ, ବଡ଼ ସାପ ଦେଖିଲୁ ବୋଲି ନେଦରଲାଣ୍ଡ ଆର୍ମଷ୍ଟ୍ରଙ୍ଗ୍‌ର ଦମ୍ପତି ପ୍ରକାଶ କରିଛନ୍ତି। ଗଜଲକ୍ଷ୍ମୀ ପ୍ୟାଲେସର ସ୍ୱତ୍ତ୍ୱାଧିକାରୀ ଜିତେନ୍ଦ୍ର ପ୍ରସାଦ ସିଂହଦେଓ କହିଛନ୍ତି, ଏହି ବିଦେଶୀ ଦମ୍ପତି ୧୯୭୦ ମସିହାରେ ପ୍ରଥମେ ଭାରତ ଆସିଥିଲେ। ବର୍ତ୍ତମାନ ସେମାନେ ବାଇକ୍‌ରେ ଭାରତ ପରିଭ୍ରମଣ କରୁଛନ୍ତି। ଭାରତକୁ ଅତି ପାଖରୁ ଦେଖିବା ଉଭୟଙ୍କ ଏକ ନିଶାରେ ପରିଣତ ହୋଇଛି। ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ଚଳଣି ଓ ଜୀବନ ଜୀବିକା ସମ୍ପର୍କରେ ଅବଗତ ହେଉଛନ୍ତି। ଜଙ୍ଗଲ, ପାହାଡ଼ ପରିବେଶ ଦୁହିଁଙ୍କୁ ବେଶ୍ ଭଲଲାଗେ।

**ସଂକ୍ଷେପରେ**

## ମଧ୍ୟାହ୍ନଭୋଜନରେ ପୋକ ଅଭିଯୋଗ

**ତଦନ୍ତ କଲେ ବ୍ଲକ ଶିକ୍ଷା ଅଧିକାରୀ**



ସଇଁତଳା,୩୦।୧୧(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତ ତେଣ୍ଡଲିପାଲି ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଛି। ଦୁଇଦିନ ତଳେ ଦିଆଯାଉଥିବା ମଧ୍ୟାହ୍ନଭୋଜନର ସୋୟାବଡ଼ି ତରକାରୀ ଓ ଭାତରେ ପୋକ ବାହାରିଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ରଧାନଶିକ୍ଷକ ଦାମୋଦର ମେହେରଙ୍କ ନିକଟରେ ଅଭିଯୋଗ କରିଥିଲେ। ମଧ୍ୟାହ୍ନଭୋଜନ ପ୍ରସ୍ତୁତ କାମ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦନ କରୁଛି। ପ୍ରଧାନଶିକ୍ଷକ ମେହେର ଏନେଇ ତାଙ୍କ ପାଖରେ ଖବର ନାହିଁ ବୋଲି କହିଛନ୍ତି। ହେଲେ ଗୁରୁବାର ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ ବିଦ୍ୟାଳୟକୁ ଯାଇ ଅଭିଯୋଗର ତଦନ୍ତ କରିଥିବା ଜଣାପଡ଼ିଛି। ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ୬ ଦାଦନ ଶ୍ରମିକ ଉଦ୍ଧାର, ୨ ମଧ୍ୟସ୍ଥ ଗିରଫ

ଖପ୍ରାଖୋଲ, ୩୦।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦାଦନ ଚାଲାଣ ଉପରେ ଚଢ଼ାଉ କରି ୬ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ଦାଦନ ଚାଲାଣ ଅଭିଯୋଗରେ ମଧ୍ୟସ୍ଥ ଲାଠୋର ଥାନା ଫୁଲଝର ଗାଁର ଭାସ୍କର ନାଏକ (୩୩)ଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ବୁଧବାର ସନ୍ଧ୍ୟାରେ ୩ଟି ବାଇକରେ ୨ଜଣ ମହିଳା, ୫ଜଣ ପୁରୁଷ ସହ ଜଣେ ଶିଶୁ ଖପ୍ରାଖୋଲ ପଟକୁ ଆସୁଥିବା ବେଳେ ପୋଲିସ ମହାରାପଦର୍ ଛକରେ ଅଟକାଇ ପଚରା ଉଚରା କରିଥିଲା। ତେଲଙ୍ଗାନାକୁ ମଧ୍ୟସ୍ଥି ମାଧ୍ୟମରେ ଚାଲାଣ ହେଉଥିବା ଜାଣିବା ପରେ ଉଦ୍ଧାର ଶ୍ରମିକମାନଙ୍କୁ ଚାବ୍ରିପାଲି ଗାଁରେ ଛାଡ଼ି ଦିଆଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୫୫/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ସେହିପରି ଅନ୍ୟ ଏକ ଦାଦନ ଚାଲାଣ ମାମଲାର ମଧ୍ୟସ୍ଥ ଚାଉଲବାଞ୍ଜିର ମଣ୍ଟୁ ଧରୁଆଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି

ଲୋଇସିଂହା,୩୦।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଲୋଇସିଂହା ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨ରେ ଲୋଇସିଂହା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବିଡିଓ ଯୁଧିଷ୍ଠିର ମେହେର ଅଧ୍ୟକ୍ଷତା କରିଥିଲେ। ବ୍ଲକର ୨୦ ପଞ୍ଚାୟତରେ ସଚେତନତା ଭ୍ରାମ୍ୟମାଣ ରଥ ବୁଲା ଯାଇଛି। ସେହିଦନ ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ ସହ ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଇଛି। ବିଭିନ୍ନ ଉପକରଣରୁ ବଞ୍ଚିତ ଥିବା ଭିନ୍ନକ୍ଷମଙ୍କୁ ଆବଶ୍ୟକ ପଡୁଥିବା ଆୟ ପ୍ରମାଣପତ୍ର ଦେବା ପାଇଁ ଉକ୍ତ ଦିନ ଲୋଇସିଂହା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି। ଏହାବ୍ୟତୀତ ଶିବିରରେ ଯେପରି ଭିନ୍ନକ୍ଷମ ହଇରାଣ ନ ହେବ ସେଥିପାଇଁ ବ୍ୟବସ୍ଥା କରାଯାଇଥିବା ବିଏସ୍ଏସ୍ଓ ପଧାନ କହିଛନ୍ତି।

# ଶିକ୍ଷା ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରେ

ବଲାଙ୍ଗୀର,୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ଏବଂ ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲିସ୍ଥିତ ଉଚ୍ଚ ମାଧ୍ୟମିକ ସ୍କୁଲରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର ରାଜତନ୍ତ୍ର ସମୟରେ ଶିକ୍ଷା ଓ ସଂସ୍କୃତିର ଅଧପତନ ଘଟିଥିଲା ବୋଲି କହିଥିଲେ। ଗୁରୁବାର ଚୁଡାପାଲିସ୍ଥିତ ଉଚ୍ଚ ମାଧ୍ୟମିକ (ଏସ୍ଏସ୍ଡି) ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଧାୟକ ମିଶ୍ର କହିଥିଲେ ଯେ, ଏହି ସ୍କୁଲରେ ଅନେକ ସମସ୍ୟା ରହିଛି। ଖେଳ ପଡିଆର ଅଭାବ ରହିଛି, ଶିକ୍ଷା କଥା କହିଲେ ନ ସରେ। ଏଠାକାର ବିଜ୍ଞାନ ବିଭାଗରେ ଲାବ୍ରୋଟରୀ ଅସିଷ୍ଟାଣ୍ଟ ପଦବୀ ନାହିଁ। ପାଞ୍ଚବର୍ଷରେ ଥରେ ସରକାରୀ ଅନୁଦାନରେ କିଛିଟା ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ କଲେ ବିଦ୍ୟାଳୟର ମୂଳ ଉଦ୍ଦେଶ୍ୟ ସାଧିତ ହୁଏନାହିଁ। ପାଠ ପଢ଼ିବା ପାଇଁ ଦରକାର ଥିବା ଉତ୍ତମ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ପଦବୀ ନିହାତି ପୂରଣ ହେବା ଦରକାର ସେ କହିବା ସହ ଶିକ୍ଷା ହିଁ ସମାଜର ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟ ଅଧକ୍ଷା ସାଗରିକା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ରାମଚନ୍ଦ୍ରପୁର ଏସ୍ଏସ୍ଡି ବିଦ୍ୟାଳୟ ଅଧକ୍ଷ ସୁଜୟ ମେହେର, ଚୁଡାପାଲି ପ୍ରଧାନଶିକ୍ଷକ କୁଶଲେଶ୍ୱର ମିଶ୍ର ଏବଂ ସ୍ଥାନୀୟ ସମାଜସେବୀ ଲୋକନାଥ କୁମୁରା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଆର୍ତ୍ତତ୍ରାଣ ଗର୍ଡିଆ, ସୁନିତା ନାୟକ, ଦୀପ୍ତିମୟୀ ରଥ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଜାତା ମିଶ୍ର, କିଶୋର କୁମ୍ଭାର, ଆଶିଷ ଦାଶ ସହଯୋଗ କରିଥିଲେ।



ବିଧାୟକ ନରସିଂହ ମିଶ୍ର ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖୁଛନ୍ତି।

**ବଲାଙ୍ଗୀରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

ସେହିପରି ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟରେ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର କହିଥିଲେ ଯେ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସରକାରରେ ସେ ଆଇନ ମନ୍ତ୍ରୀ ଥିବାବେଳେ ଏହି କଲେଜକୁ ସରକାରୀ ମାନ୍ୟତା ଆଣିବାରେ ସଫଳ ହୋଇଥିଲୁ। ସେତେବେଳେ ଏହି କଲେଜର ଏଭଳି କୋଠା କି ଶ୍ରେଣୀଗୃହ ନଥିଲା। କିନ୍ତୁ ଅଧ୍ୟାପକ, ଅଣଅଧ୍ୟାପକ କର୍ମଚାରୀ ସମସ୍ତ ପଦବୀ ପୂରଣ ଥିଲା। ହେଲେ ଆଜି ଏହି ସରକାରଙ୍କ ଅମଳରେ ଏଠାରେ ଭିତ୍ତିଭୂମି ତ ରହିଛି କିନ୍ତୁ ପାଠ ପଢ଼ିବା ପାଇଁ ଯାହା ମୁଖ୍ୟ ଉପାଦାନ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀ ପ୍ରାୟତଃ ଖାଲି ରହିଛି। ଶିକ୍ଷାୟତନ ମାନଙ୍କରେ ଯଦି ଶିକ୍ଷକ, ଅଣ ଶିକ୍ଷକ ପଦବୀ ଖାଲି ପଡ଼ିବ ତେବେ ସରକାର ଦେଉଥିବା ନୂଆ ଓଡ଼ିଶା ଗଠନର ସ୍ଲୋଗାନ, ଫମ୍ପା ସ୍ଲୋଗାନରେ ହିଁ ରହିଯିବ ବୋଲି କହିଥିଲେ। ସେ ଚାଷୀ ଧାନ ଉପାର୍ଜନ କଲେ ବିକ୍ରି ନାହିଁ କି ଛାତ୍ରୀଛାତ୍ର ପାଠ ପଢ଼ଲେ ଚାକିରି ମିଳୁନାହିଁ ବୋଲି କହିଥିଲେ। କଲେଜ ଅଧକ୍ଷ ଘନଶ୍ୟାମ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅଧକ୍ଷ ଡ. ଅଶୋକ କୁମାର ମହାପାତ୍ର ସ୍ୱାଭିମାନୀ ଛାତ୍ର ସମାଜ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ରାମ୍ପ ଶୋ, ନାଟକରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ନୋଡାଲ ଅଧିକାରୀ ଡ. କୌତୁକ ପନ୍ଦର ସଭା ପରିଚାଳନା କରିଥିଲେ। ଅତିଥି ବକ୍ତା ଡ. ଅମୃତ ସିଂ ବରିହା କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଶେଷରେ ଅଧ୍ୟାପକ ହୃଷୀକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର କାମ, ରାସ୍ତାରୁ ଉଠୁଛି ପିଚୁ

ଲାଠୋର,୩୦।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର କଲେଜ ଛକଠାରୁ ବେନ୍ଦେର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତାରୁ ପିଚୁ ଉଠିଯାଉଛି। ବେନ୍ଦେର ଗ୍ରାମର କେତେକ ଯୁବକ ଏଭଳି ଅଭିଯୋଗ କରିଛନ୍ତି। ଏଭଳିକି ନିମ୍ନମାନ କାମର ଏକ ଭିଡ଼ିଓ ଭାଇରାଲ ହୋଇଛି। ଭାଇରାଲ ଭିଡିଓରେ ଜଣେ ଯୁବକ ତାଙ୍କ ଜୋତାରେ ପଚୁ ଉପରେ ଘସିଦେଲେ ତାହା ଉଠି ଯାଉଥିବା ଦେଖାଯାଉଛି। ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨କୋଟି ଟଙ୍କା ବ୍ୟୟରେ ବ୍ଲକ ଅଧିନ ବେନ୍ଦେର, ଚୋରମୁଣ୍ଡା, ଖୁରିପାଣି, ମହୁରୁଣ୍ଡି ଏବଂ ଜଲିଆବାହାଲ ଗ୍ରାମ୍ୟ ରାସ୍ତା ନିର୍ମାଣ ହେଉଛି। ଟେଣ୍ଡର ଉମଙ୍ଗ ସିଂଘଲଙ୍କ ନାମରେ ରହିଥିବା ବେଳେ ପାଟଣାଗଡ଼ର ସମୀର ପଣ୍ଡା ନାମକ ଜଣେ ପେଟି ଠିକାଦାର କାମ କରୁଛନ୍ତି। ସପ୍ତାହକ ମଧ୍ୟରେ ବେନ୍ଦେର ରାସ୍ତା ନିର୍ମାଣ କାମ ସରିଛି। ହେଲେ କାମ ନିମ୍ନମାନର ହେଉଥିବା ହେତୁ ଜାଗା ରାସ୍ତାରୁ ପିଚୁ ଉଠି ଯାଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। କାମବେଳେ ତଦାରଖ ଅଭାବରୁ କାମ ନିମ୍ନ ମାନର ହୋଇଥିବା ଅଭିଯୋଗ ହେଉଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନବୀନ ବହଲଙ୍କୁ ପଚାରିବାରେ ଆମେ ଏ ସମ୍ପର୍କିତ ଅଭିଯୋଗ ପାଇଛୁ। ଯେଉଁ ଜାଗାରେ ପିଚୁ ଉଠୁଛି ସେଠାରେ ଆଉ ଥରେ ନିର୍ମାଣ କରାଯିବ ବୋଲି କହିଛନ୍ତି।



ରାସ୍ତାରୁ ପିଚୁ ଉଠି ଗୋଡି ଦେଖାଯାଉଛି।

# ସମାଜ ସଂସ୍କାରରେ ସାହାଯ୍ୟ କରେ ପୁସ୍ତକ

ଟିଟିଲାଗଡ଼, ୩୦।୧୧(ଶରତ ମିଶ୍ର)

ଭ୍ରାମ୍ୟମାଣ ପାଠାଗାର ପୁସ୍ତକକୁ ନେଇ ଗୁରୁବାର ପ୍ରତିଯୋଗିତା ହୋଇଥିଲା। ପାଠାଗାର ପ୍ରତିଷ୍ଠାତା ବୃନ୍ଦାବନ କୁମ୍ଭାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ସ୍କୁଲ ଗନ୍ଧର୍ଲାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଧକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପୁସ୍ତକ ସମାଜ ସଂସ୍କାରରେ ସାହାଯ୍ୟ କରେ ବୋଲି କହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉଦାହରଣ ଦେଇଥିଲେ। ଅନନ୍ତ ନନ୍ଦ, ରୋହିତ କୁମାର ପୁଞ୍ଜି, ପଙ୍କଜ ନାଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଜଣେ କୃତୀଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୨୧୫ ପ୍ରକଳ୍ପ



ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଜଣେ ଛାତ୍ରୀ ନିଜର ପ୍ରକଳ୍ପ ବିଷୟରେ କହୁଛନ୍ତି।

ବଲାଙ୍ଗୀର, ୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବହଲପଦର ଦମୟନ୍ତୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ କୁମରମଣି ସେଠ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ବ୍ଲକ ଆବାହକ ଗିରିଜା ବାଙ୍କି, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ପ୍ରଧାନଶିକ୍ଷକ ଦିଲୀପ ବାରିକ, ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ୨୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ରାଜେଶ ମିଶ୍ର, ସରପଞ୍ଚ ଅହିତ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ଶ୍ରେଷ୍ଠ ବିବେଚିତ ୫ଟି ପ୍ରକଳ୍ପକୁ ଜିଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗ ଦେବାକୁ ଘୋଷଣା କରାଯାଇଥିଲା । ମହୀମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ବ୍ରହ୍ମେଶ୍ୱରୀ ସାହୁ, ଛତାପିପଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପୂଜା ଖମାରୀ, ଏକଲବ୍ୟ ମଡେଲ ସ୍କୁଲ ଛାତ୍ର ଡୁଲେଶ୍ୱର ଭୁଏ, ବହଲପଦର ହାଇସ୍କୁଲ ଛାତ୍ର ସୂରଜ ନାଗ, ପର୍ଥଲା ହାଇସ୍କୁଲ ଛାତ୍ରୀ ରିଙ୍କି ସାହୁଙ୍କ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲା। ବିଚାରକଭାବେ ସଞ୍ଜିବନୀ ପଣ୍ଡା, ଋତୁପ୍ରିୟା ନନ୍ଦ ଓ ପର୍ଯ୍ୟବେକ୍ଷକ ଭାବେ ସରୋଜ ନାୟକ ଯୋଗ ଦେଇଥିଲେ। ପ୍ରଥମ ଓ ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମକୁ ନାରାୟଣ ମିଶ୍ର, ଶୈଳେନ୍ଦ୍ରୀ ପରିଡା ଓ ଅଳକା ଦାଶ ସଂଯୋଜନା କରିଥିଲେ । ବିଜ୍ଞାନ ଶିକ୍ଷକ ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

**୫ ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ**

## ୟଙ୍ଗଷ୍ଟାର ଫୁଟବଲ: ଫାଇନାଲରେ କୁରସୁଡ଼

ମୁରିବାହାଲ,୩୦।୧୧ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା କୁରସୁଡ଼ ଗାଁରେ ଥିବା ନୀଳଚକ୍ର ଖେଳ ପଡିଆରେ ଚାଲିଥିବା ୟଙ୍ଗ ଷ୍ଟାର୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ସେମିଫାଇନାଲ କୁରସୁଡ଼ ଓ ବଙ୍କାପୁର ମଧ୍ୟରେ ହୋଇଥିଲା। ଏଥିରେ ବଙ୍କାପୁରକୁ ପରାସ୍ତ କରି କୁରସୁଡ଼ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସ୍ୱାଗତ ବେହେରା ଖେଳ ପରିଚାଳନା କରିଥିବା ବେଳେ ଲାଇନରେ ମୋହନ ସାହୁ ଓ ସଂକୀର୍ତ୍ତନ ଯାନୀ ସହଯୋଗ କରିଥିଲେ। ଅତିଥିଭାବେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ସମ୍ପାଦକ ହୁଲେଶ୍ୱର ହଂସ, ସମାଜସେବୀ ମନୋଜ କୁମାର ଜୈନ, ଭବାନୀପ୍ରସାଦ ଷଡଙ୍ଗୀ, ତ୍ରିନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ୟଙ୍ଗ ଷ୍ଟାର ଫୁଟବଲ କ୍ଲବ ସଭାପତି ଦୀପକ ନାଏକ, ସମ୍ପାଦକ ବିଲୁ ଯାନୀ, କୋଷାଧ୍ୟକ୍ଷ ଚନ୍ଦନ ବେହେରା, ତାପସ ନାଏକ, ତୋଫାନ ମାଝି ପ୍ରମୁଖଙ୍କ ସହ ଆୟୋଜକ କମିଟି ସଦସ୍ୟ ସହଯୋଗ କରିଥିଲେ ।

# କରମତଲା ଧାନମଣ୍ଡି ଖୋଲିଲା

ସଇଁତଳା,୩୦।୧୧(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଅବସରରେ କଣ୍ଟାବାଞ୍ଜି ଆରଏମସି ସମ୍ପାଦକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ପାକ୍ସ ସଭାପତି ବିକ୍ରମ ସିଂ ବୁଡେକ, ପାକ୍ସ ସମ୍ପାଦକ ଭାରତ ବୁଡେକ, ରାଜ କିଶୋର ସିଂ ବୁଡେକ, ଲିଙ୍ଗରାଜ ବେହେରା, ହରେକୃଷ୍ଣ ବେହେରା, ଲଳିତ ମୋହନ ଅଗ୍ରୱାଲ, ସଞ୍ଜୟ ବୁଡେକ, ରଜନୀକାନ୍ତ ଦାସ, ସ୍ୱେଚ୍ଛାସେବୀ ମିଳନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ କୁଇଣ୍ଟାଲ ପିଛା ୨୧୮୩ଟଙ୍କା ଦରରେ ଚାଷୀ ମଣ୍ଡିରେ ଧାନ କିଭଳି ସୁରୁଖୁରୁରେ ବିକ୍ରୟ କରିପାରିବେ ସେ ସମ୍ପର୍କରେ ଆରଏମସି ସମ୍ପାଦକ ପଧାନ କହିଥିଲେ। ଚାଷୀଙ୍କୁ ତାଙ୍କ ଧାନ ବିକ୍ରୟ ମୂଲ୍ୟ କିଭଳି ଅତିଶୀଘ୍ର ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ଜିଲା ପରିଷଦ ସଭ୍ୟ ବୁଡେକ ମତ ରଖିଥିଲେ।



ଧାନମଣ୍ଡି ଉଦ୍‌ଘାଟନ ସମୟରେ ଉପସ୍ଥିତ ଅତିଥିଗଣ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଲାଠୋର,୩୦।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରବାର ସମନ୍ୱିତ ଯୁବ ବିକାଶ ଉଦ୍ଦେଶ୍ୟରେ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼. ନାରାୟଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସୁସ୍ଥ ଶରୀର ପାଇଁ ଖେଳକୁଦ, ଯୋଗ ଓ ବ୍ୟାୟର ଆବଶ୍ୟକତା ରହିଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର, ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା, କ୍ରୀଡ଼ା ଇନଚାର୍ଜ ଅଧ୍ୟାପକ ହରେଶ କୁମାର ସାହୁ ଏବଂ ନୋଡ଼ାଲ ଅଫିସର ଅଧ୍ୟାପକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ୧୦ ଦିନ ଧରି ହେବାକୁ ଥିବା କର୍ଯ୍ୟକ୍ରମରେ କ୍ରୀଡ଼ା, ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପକ ଗୁନୁ ମେହେର।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ସୁଯୋଗର ଫାଇଦା ଉଠାନ୍ତୁ ଛାତ୍ରୀଛାତ୍ର

ଦେଓଗାଁ,୩୦।୧୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଯୁକ୍ତ ୨ ଓ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ୧୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା ଏବଂ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଛି। ଦେଓଗାଁ କଲେଜ ଅଧକ୍ଷ ଉପମନ୍ୟୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ସରକାର ନେଇଥିବା ପଦକ୍ଷେପ ଯୁଗାନ୍ତକାରୀ ଏବଂ ସେମାନେ ଏହାର ସୁଯୋଗ ନିଅନ୍ତୁ ବୋଲି କହିଥିଲେ । ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ସାହୁ, ନମ୍ରତା ମହାପାତ୍ର ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ନୋଡାଲ ଅଧିକାରୀ ପ୍ରସନ୍ନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦେବଦତ୍ତ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧକ୍ଷ ପୁରୁଷୋତ୍ତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଖମାରୀ, ସମ୍ମାନୀତ ଅତିଥି ପରିଚାଳନା କମିଟି ସଭାପତି କୁମାର ଷାଣ୍ଢ, ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ସମିତି ସଭ୍ୟା ଅମିତ କୁମାର ତ୍ରିପାଠୀ, ହାତିସରା ସରପଞ୍ଚ କେଲୋ ଡାଙ୍ଗ, ସଭ୍ୟ ସୁନୀଲ ହରପାଲ, ଜଗମୋହନ ବାରିକ ଯୋଗଦେଇଥିଲେ । ଅଧ୍ୟାପକ ବିଷ୍ଣୁ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ବିନ୍ଦୁସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଜଗଦୀଶ ସିଂ ବାବୁ, ସଙ୍ଗୀତା ପ୍ରଧାନ, ସୁରେଶ ଚନ୍ଦ୍ର ବାରିକ, ଶ୍ରୀନିବାସ ଗଡତ୍ୟା, ନିକିତା ବିଶି ତଥା ଉପେନ୍ଦ୍ର ଥନାପତି, ନାରାୟଣ ଦଣ୍ଡସେନା ଓ ବବୁନ ପୁଟେଲ ସହଯୋଗ କରୁଛନ୍ତି ।



ଜରାସିଂହା କଲେଜରେ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଦେଓଗାଁ, ଜରାସିଂହା କଲେଜରେ ନୂଆ ଓଡିଶା କାର୍ଯ୍ୟକ୍ରମ**

## ସଂକ୍ଷେପରେ

### ବରମକେଲା ଗ୍ରାମରେ ରାହାସ ପୂର୍ଣ୍ଣିମା

**ବରପାଲି,୩୦।୧୧(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ବରମକେଲା ଗ୍ରାମରେ ରାହାସ ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଉପଲକ୍ଷେ ଜଳନ୍ଧର ଦରବାର, ଘୁଡୁକା ନାଚ, ଦୁଲୁଦୁଲି ଓ ଶିଶୁ କଳାକାରମାନଙ୍କ ଡ୍ୟାନ୍ସ କାର୍ଯ୍ୟକ୍ରମ ହୋଇଥିଲା। ବରମକେଲା ସରପଞ୍ଚ କ୍ଷୀରୋଦ୍ର ପଧାନ, ଯାତ୍ରା କମିଟି ସଭାପତି ସନାତନ ପଧାନ, ସମ୍ପାଦକ ସୁଦିନ୍ଦ୍ର ରଣା, ବେଦବର ପଧାନ, ନୃସିଂହ ପଧାନ, ସଭାପତି ବଢ଼େଇ, ମାଧ ସାହୁ, ଗୌନ୍ତିଆ ପ୍ରେମାନନ୍ଦ ମେହେର, ଗୋବିନ୍ଦ ସାହୁ, ଜୟନ୍ତ ସତପଥି, ରାଜୀବ ଲୋଚନ ସାହୁ, ବିହାରୀ ଭୋଇ, ଖୟନୁ ପଧାନ, ମହେନ୍ଦ୍ର ପଧାନ, ଚନ୍ଦ୍ରଶେଖର ପଧାନ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକଙ୍କ ମଣ୍ଡି ପରିଦର୍ଶନ



**ପଦ୍ମପୁର,୩୦।୧୧(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ମିଶନ ଶକ୍ତି ଅଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଧାନମଣ୍ଡିଗୁଡ଼ିକୁ ଗୁରୁବାର ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ଅନିଲ ଡାହାଙ୍ଗ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଗାଇସିଲେଟ ଓ ପଦ୍ମପୁର ବ୍ଲକ ସଂଯୋଜକ ପରେଶ ବେହେରା ଓ କର୍ମଚାରୀ ସାମିଲ ହୋଇଥିଲେ। ସେମାନେ ପଦ୍ମପୁର ବ୍ଲକର ଦହିଁଗା, ବୁଡାମାଲ, କଂସର, ମେଲଛାମୁଣ୍ଡା ସମେତ ଗାଇସିଲେଟ ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ମଣ୍ଡି ଗୁଡ଼ିକୁ ପରିଦର୍ଶନ କରିଥିଲେ। ଚାଷୀ ଯେପରି ସୁରୁଖୁରୁରେ ଧାନବିକ୍ରି କରିବେ ଏବଂ କୌଣସି ଚାଷୀଙ୍କ ଟୋକନ ଲାପ୍ସ ନ ହେବ ସେଥିପାଇଁ ମିଶନ ଶକ୍ତି ମହିଳାମାନେ ବିଶେଷ ଦୃଷ୍ଟି ଦେବାକୁ ପ୍ରକଳ୍ପ ସଂଯୋଜକ ଡାହାଙ୍ଗ ପରାମର୍ଶ ଦେଇଥିଲେ।

### ବରପାଲିରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ବରପାଲି,୩୦।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ କଟାପାଲିସ୍ଥିତ ପ୍ରଫେସର ଘନଶ୍ୟାମ ଦାସ ଗ୍ରାମାଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଯାଦବେନ୍ଦ୍ର ଥାଟି ଅଧକ୍ଷତା କରିଥିଲେ। କଟାପାଲି ସରପଞ୍ଚ ଗଙ୍ଗାଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନୋଡାଲ ଅଫିସର ରାଜେଶ କୁମାର ବିଶ୍ୱାଳ, ମନୋଜ ମାଝୀ, ଗୌରୀଶଙ୍କର ସାହୁ, ଯୋଗେଶ୍ୱର ସାହୁ, ଟିମନ ସେଠ, ରବିନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ମୁକ୍ତ, ଯୌତୁକ ବିରୋଧୀ, ବ୍ଲଡ଼ ଗ୍ରୁପ୍ ଡାଟା ବେଶ୍, ସଫେଇ ଅଭିଯାନ ସହ ସାଂସ୍କୃତିକ, କଳା, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଥାଟି ସୂଚନା ଦେଇଛନ୍ତି। ଡ. ସୁଷମା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### କେନ୍ଦପାଲିରେ ବିଶ୍ୱ କଲ୍ୟାଣ ମହାଯଜ୍ଞ

**ସରଣ୍ଡା,୩୦।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କେନ୍ଦପାଲି ଗ୍ରାମରେ ବୁଧବାର ସାର୍ବଜନୀନ ବିଶ୍ୱ କଲ୍ୟାଣ ମହାଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିୟାନାର ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଗଙ୍ଗୋତ୍ରୀ ହିମାଳୟର ଆନନ୍ଦ ସ୍ୱାମୀ, ନରସିଂହନାଥ କପିଳମୁନି ଆଶ୍ରମର ସମବେତ ସରସ୍ୱତୀ ପ୍ରମୁଖ ପ୍ରବଚନ ଦେଇଥିଲେ। ପଣ୍ଡିତ ଅଗ୍ନିହୋତ୍ରୀ ଗୌତମ ମୁନି ପୌରୋହିତ୍ୟ କରିଥିବା ବେଳେ ମାନଭଞ୍ଜନ ଆର୍ଯ୍ୟ ସହଯୋଗ କରିଥିଲେ। ଅଭିମନ୍ୟୁ ପ୍ରଧାନ ଯଜମାନ ଦାୟିତ୍ୱ ବହନ କରିଥିଲେ। ଯଜ୍ଞରେ କେନ୍ଦପାଲି ଗ୍ରାମବାସୀଙ୍କ ସମେତ ଗୋଡ଼ଭଗା ପ୍ରଭୁଭକ୍ତି ଆଶ୍ରମର ସଦସ୍ୟମାନେ ସହଯୋଗ କରିଥିଲେ। ଏଥିରେ ବହୁ ଜନସାମାଗମ ହୋଇଥିଲା।

# ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରାଯାଉ



ଧନୁଯାତ୍ରା ମହୋତ୍ସବର ଆବାହକଙ୍କୁ କୋଶଲ କ୍ରାନ୍ତି ସେନାର ପ୍ରତିନିଧି ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁୟାରୀ ୧୫ତାରିଖରୁ ଆରମ୍ଭ ହେବ। ଏହି ଧନୁଯାତ୍ରାକୁ ସମ୍ବଲପୁରୀ/କୋଶଲି ଭାଷାରେ କରାଯାଉ ବୋଲି କୋଶଲ କ୍ରାନ୍ତି ସେନା ଦାବି କରିଛି। ଏହି କ୍ରମରେ ବୁଧବାର କୋଶଲ କ୍ରାନ୍ତି ସେନା ପକ୍ଷରୁ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବି ନେଇ ଆସନ୍ତା ୭ତାରିଖରୁ କୋଶଲ କ୍ରାନ୍ତି ସେନା ଆମରଣ ଅନଶନ ଆରମ୍ଭ କରିବ ବୋଲି

**କୋଶଲ କ୍ରାନ୍ତି ସେନାର ଦାବି**

ସ୍ମାରକପତ୍ରରେ ସୂଚନା ଦିଆଯାଇଛି । ବରଗଡ଼ ଧନୁଯାତ୍ରାକୁ ସମ୍ବଲପୁରୀ/କୋଶଲୀ ଭାଷାରେ କରିବା ପାଇଁ କୋଶଲ କ୍ରାନ୍ତି ସେନା ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୀର୍ଘ ୫ବର୍ଷ ହେଲେ ଦାବି ହୋଇଆସୁଛି। ମାତ୍ର ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ କୋଶଲ ମିଳିତ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକ୍ରମେ କୋଶଲ କ୍ରାନ୍ତି ସେନା ଅନଶନ କରିବାକୁ ନିଷ୍ପତ୍ତି ନେଇଛି ବୋଲି ସ୍ମାରକପତ୍ରରେ ଜଣାଇ ଦିଆଯାଇଛି। ସେନାର ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ଶତପଥୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ



ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା କର୍ମକର୍ତ୍ତା।

**ସରଣ୍ଡା,୩୦।୧୧(ଯୁଧିଷ୍ଠିର ମହାପାତ୍ର)**

ଅତାବିରା କଲେଜରେ ଗୁରୁବାର ନୂତନ ଭୋଟର ପଞ୍ଜୀରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅମିତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ୧୭ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାମାନଙ୍କ ନାମ ନୂତନ ଭୋଟର ତାଲିକାରେ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ଉପସଭାପତି ଯୁଧିଷ୍ଠିର ମେହେର, ରାଜ୍ୟ ସୋସିଆଲ ମିଡିଆ ସହ ସଂଯୋଜିକା ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ଭାଜପା ଜିଲା ସଂଯୋଜକ ଶ୍ରବଣ କୁମାର ପରିଛା, ଅତାବିରା ଏନଏସି ସଭାପତି ସୁରେନ୍ଦ୍ର ସ୍ୱାଇଁ, ସୌରଭ ସାହୁ, ପୁଷ୍ପକ ଗାଇଗରିଆ, ନିରୋଜ ବାରିକ, ଅମିତ ସାହୁ, ରାଜ ଅଗ୍ରୱାଲ, ବିରେନ ହୋତା, ବିଦ୍ୟାଧର ପ୍ରଧାନ, ବ୍ରଜମୋହନ ନାୟକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# କୃଷି ଯନ୍ତ୍ରପାତି ମେଳାରେ ଆଲୋଚନାଚକ୍ର

**ପଦ୍ମପୁର,୩୦।୧୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏଥିରେ ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଅମୀୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିନାୟକ ମିଶ୍ରଙ୍କ ପରିଚାଳନାରେ ଏକ ବୈଷୟିକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଏଡିଭିଓ ବିରୁପାକ୍ଷ ନାୟକ, ଏସ୍‌ଡିଭିଓ ଚନ୍ଦ୍ରକାନ୍ତ ପାଙ୍ଗଯୋଶୀ, ଏଡିଏଓ ରବିନାରାୟଣ ସେନାପତି, ବନ ଅଧିକାରୀ ସୂରଜ ଜଗଦଲା, ଏଡିଏଚ୍ ଗୋବିନ୍ଦ ପଧାନ, କୃଷି ବୈଜ୍ଞାନିକ ଯାଜ୍ଞସେନୀ ବିଶ୍ୱାଳ, ଏଇଇ



ଲୋକମାନେ ମେଳା ବୁଲି ଦେଖୁଛନ୍ତି।

ସ୍ୱରାଜ ଦାସ ପ୍ରମୁଖ ଯାନ୍ତ୍ରିକ କୃଷି ଓ ଜୈବିକ କୃଷି ବିଷୟରେ ଆଲୋଚନା କରିଥିଲେ। କୃଷକମାନେ କିଭଳି ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରି ଅଧିକ ଫସଲ ଉତ୍ପାଦନ କରିପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର କୃଷକ ଭାଗ ନେଇଥିଲେ।

### ବିନ୍ଧ୍ୟବାସିନୀ କଲେଜରେ ଯୁବ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ,୩୦।୧୧(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଦୁଇଦିନିଆ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ଓ ନୋଡ଼ାଲ ଅଫିସର ଆଧାପକ ପ୍ରଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଲେଜ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ବହୁ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଆବର୍ଜନା, ପ୍ଲାଷ୍ଟିକ ଆଦି ସଫା କରିଥିଲେ। ପରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ସ୍ଲୋଗାନ ଦେଇ ନିକଟସ୍ଥ ସାଲେପାଲି ଗ୍ରାମରେ ଏକ ରାଲି ସହ ସମାଜକୁ ନିଶାମୁକ୍ତ ରଖିବାକୁ ସାଲେପାଲିରୁ ପାଇକମାଳ ପର୍ଯ୍ୟନ୍ତ ଏକ ରାଲି କରି ବାର୍ତ୍ତା ଦିଆଯାଇଥିଲା। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା।

# କିଷାନ ପଖୱାଡ଼ା କାର୍ଯ୍ୟକ୍ରମ



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଉଛି।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ୟାଙ୍କ ଅଫ୍ ବରୋଦା ଆନୁକୂଲ୍ୟରେ କିଷାନ ପଖୱାଡ଼ା ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ମ୍ୟାନେଜର ପବିତ୍ର ଜୟପୁରିଆ, ବ୍ୟାଙ୍କ ଅଫିସର ଆଶିଷ କୁମାର ସାହୁ, ବ୍ୟାଙ୍କ କର୍ମଚାରୀ ନବୀନ କିଶୋର ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଖୁଣ୍ଟପାଲିର ଗାୟତ୍ରୀ ଏସ୍‌ଏଚ୍‌ଜିକୁ ୬ଲକ୍ଷ, ଗୋବିନ୍ଦପୁର ଶୁଭଦର୍ଶିନୀ ଏସ୍‌ଏଚ୍‌ଜିକୁ ୬ଲକ୍ଷ, ସମଲେଶ୍ୱରୀ ଏସ୍‌ଏଚ୍‌ଜିକୁ ୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲାମଣି ପ୍ରଧାନ, ଜିଆର୍‌ଏସ୍ ସୁସ୍ମିତା ପ୍ରଧାନ, ଭିଏଡବ୍ଲ୍ୟୁ ବିରେନ୍ଦ୍ର ସେଟ୍, ଏସ୍‌ଏଚ୍‌ଜି ନେତ୍ରୀ ଝରଣା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ



ସାଇକେଲ ପାଇଥିବା ରାଣାପ୍ରତାପ ସ୍କୁଲର ଛାତ୍ରୀମାନେ ।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ମାଗଣାରେ ସାଇକେଲ ପ୍ରଦାନ କରିଛନ୍ତି। ଏହି କ୍ରମରେ ଗୁରୁବାର ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇକେଲ ବଣ୍ଟନ ଏବଂ ଆମେ ଗଢ଼ିବୁ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇକେଲ ବଣ୍ଟନ ସହିତ ଷ୍ଟିକରିଂ କରିଥିଲେ। ଶିକ୍ଷକ ନବୀନ ସାବତ, ବିଭୂତି ମହାପାତ୍ର, ମନବୋଧ ଲୁହାର, ଅନୁରାଧା ସ୍ୱାଇଁ, ସନାତନ ଖମାରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇକେଲ ବଣ୍ଟନ ସହିତ ଷ୍ଟିକରିଂ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ସୁନୀତା ମିଶ୍ର, ନନ୍ଦିତା ସାହୁ, ସଂଜ୍ଞା ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

### ଯୁବ ବିକାଶ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

**ବିନିକା,୩୦।୧୧(ରାମ ଗୋପାଳ ବାଘ):** ବିନିକା ଜୁନିୟର ଓମେନ୍ସ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପାଇଁ ଅଧକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ, ବୈଜୟନ୍ତୀ ସାହୁ, ସଙ୍ଗୀତା ପୁରୋହିତ, କ୍ରୀଡା ଶିକ୍ଷୟିତ୍ରୀ ବିଦ୍ୟୁଲତା କର, ଅଧାପକ ଅଶୋକ ବିଶି, ସବ୍ୟସାଚୀ ଦନ୍ତା, ଶିବ ନାରାୟଣ ମେହେର, ଲାଇବ୍ରେରୀଆନ ପ୍ରଦୀପ ମିଶ୍ର, ଚୈତନ୍ୟ ମେହେରଙ୍କ ସମେତ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ସାମାଜିକ, ସାଂସ୍କୃତିକ ଓ କ୍ରୀଡା ନେଇ ଡିସେମ୍ବର ୮ ତାରିଖରେ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ନିଷ୍ପତ୍ତି ନିଆଯାଇଛି।

# ବରିଷ୍ଠ ନାଗରିକ ଶିକ୍ଷା ସମ୍ମାନ ପ୍ରଦାନ



ବରଗଡ଼ ବିଧାୟକ ବରିଷ୍ଠ ନାଗରିକ ଶିକ୍ଷା ସମ୍ମାନ ପ୍ରଦାନ କରୁଛନ୍ତି ।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ତିତୀକ୍ଷା ବେହେରାଙ୍କୁ ବରିଷ୍ଠ ନାଗରିକ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ତାଙ୍କୁ ମାନପତ୍ର ଏବଂ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ତିତୀକ୍ଷା ସର୍ବଭାରତୀୟ ଟ୍ୟାଲେଣ୍ଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପିକ ଡ. ସଂଘମିତ୍ରା ମିଶ୍ର, ମହାସଂଘ ସଭାପତି ପ୍ରଫେସର ଟହଲୁ ସାହୁ, ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, ଉପସଭାପତି ଭରତ ଦାଶ, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

# କୃତୀ ପ୍ରତିଭାଧାରୀ ସମ୍ମାନିତ



ଡ. ଶଙ୍କର ରାମଚନ୍ଦାନୀଙ୍କୁ ସମ୍ମାନିତ କରାଯାଉଛି।

**ବରପାଲି,୩୦।୧୧(ଚିତ୍ତରଞ୍ଜନ ସାହୁ)**

**୮୨ତମ ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ସମାରୋହ**

ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି କମିଟି ପକ୍ଷରୁ କାଳଜୟୀ ପ୍ରତିଭା ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଜନ୍ମ ଜୟନ୍ତୀ ସଭାପତି ରକ୍ଷାକରି ବିଶିଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କରମଚାନ୍ଦ ମଲ୍ଲିକଙ୍କ ସଂଯୋଜନା ଆୟୋଜିତ ସଭାରେ ବରପାଲି ତହସିଲଦାର ରୁକ୍ମଣ କୁମାର ମେହେର ମୁଖ୍ୟ ଅତିଥି, ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ ହୋତା ସମ୍ମାନିତ ଅତିଥି, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଶେଷନ ବିଶି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶ, ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ଯୁକ୍ତ ୨ କଲେଜର ଅଧକ୍ଷ ପ୍ରଦୀପ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ରସାନନ୍ଦ ଥପା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଭାଷା ସାହିତ୍ୟ ପ୍ରଚାରକ ଉତ୍ପନ୍ନ କୁମାର ଭୋଇ ଓ ବୁର୍ଲା ଭିମ୍‌ସାରର ସହକାରୀ ପ୍ରଫେସର ଡ. ଶଙ୍କର ରାମଚନ୍ଦାନୀଙ୍କୁ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ସେହିପରି ବରପାଲି ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଉଚ୍ଚବିଦ୍ୟାଳୟର ଛାତ୍ର ତିଳକ ହୋତା ଓ ପ୍ରୀତିଶ ଚନ୍ଦନ ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ରଞ୍ଜିତା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବର୍ଷା ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ସହ ସମ୍ପାଦକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ବସ୍ତୁବାଦୀ ମଣିଷକୁ ହୃଦୟବାନ କରିଥାଏ

**ବରଗଡ଼ ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହ**

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ପୁସ୍ତକ ମେଳା ବୁଧବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମେଳାର ଉଦ୍‌ଯାପନୀ ସମାରୋହରେ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ଡ. ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ସାହିତ୍ୟ, ଗବେଷକଙ୍କ ସର୍ଜନା ସେମାନଙ୍କୁ କାଳଜୟୀ କରେ। ଆଜି ମଧ୍ୟ କବି ଗଙ୍ଗାଧର ମେହେରଙ୍କୁ ସମସ୍ତେ ମନେ ରଖିଛନ୍ତି। କାରଣ ସାହିତ୍ୟିକ, ଗବେଷକମାନେ କାଳଜୟୀ ସୃଷ୍ଟି କରି ପ୍ରତିଷ୍ଠିତ ହୋଇ ପାରିଥାନ୍ତି। ଅଧ୍ୟାପକ ଡ. ପରମେଶ୍ୱର ମୁଣ୍ଡ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ବସ୍ତୁବାଦୀ ମଣିଷକୁ ପୁସ୍ତକ ହୃଦୟବାନ କରିଥାଏ। ପୁସ୍ତକ ମଣିଷକୁ ମଣିଷ ଭଳି ଗଢ଼ିଥାଏ। ମଣିଷର ସମସ୍ତ ସମସ୍ୟାର ସମାଧାନ କରି ମଣିଷକୁ ଠିକ୍ ମାର୍ଗ ପ୍ରଦର୍ଶନ କରିଥାଏ।

ଏହି ଅମସରରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ମେଧା ସ୍ମୃତି ସମ୍ମାନ



ବରଗଡ଼ ପୁସ୍ତକମେଳାରେ ସମ୍ମାନିତ କରାଯାଉଛି ।

ପ୍ରଦାନ କରାଯାଇଥିଲା । ଏଥିରେ ସଂକଳ୍ପ ପରିବାରକୁ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ଡ. ଶେଷ ମେହେରଙ୍କୁ ଗଙ୍ଗାଧର ସାହିତ୍ୟ ସମ୍ମାନ, କବୟିତ୍ରୀ ଶର୍ମିଷ୍ଠା ସାହୁଙ୍କୁ ଦୟାଲାଲ ଯୋଶୀ ସମ୍ମାନ, ପ୍ରକୃତି ବନ୍ଧୁ ଭୈରବ ପାତ୍ରଙ୍କୁ ଡୋଲାମଣି ସାହୁ ସ୍ମୃତି ସମ୍ମାନ, ସଙ୍ଗୀତଜ୍ଞ ସୁରେନ୍ଦ୍ର ସାହୁଙ୍କୁ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମାତ୍ରିକ ଟପ୍ପର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) ଛାତ୍ରୀ ପ୍ରିୟଦର୍ଶିନୀ ବେହେରାଙ୍କୁ ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, ଜର୍ଜ ହାଇସ୍କୁଲ ଛାତ୍ର ଅସିତ ସାହୁଙ୍କୁ ସତ୍ୟନାରାୟଣ ସାହୁ ମେଧା ସମ୍ମାନ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦେବଦୀପ୍ତ ଦାଶଙ୍କୁ ଡ. ଆନନ୍ଦ ରଥ ମେଧା ସମ୍ମାନ, ଦଧିବାମନ କଲେଜର ଛାତ୍ର ଧନେଶ୍ୱର ନାୟକଙ୍କୁ କିରଣମୟୀ ମେଧା ସମ୍ମାନ, ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀ ଅନନ୍ୟା ରାଉତଙ୍କୁ ଡ. ଲିଙ୍ଗରାଜ ନାୟକ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଅତିଥିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପୁସ୍ତକ ମେଳା ପରିଚାଳନାରେ ସହଯୋଗ କରିଥିବା ବିଭିନ୍ନ ଅନୁଷ୍ଠାନକୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ପାଠାଗାର ବରିଷ୍ଠ ସଦସ୍ୟ ଅରୁଣ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ଅଶୋକ କୁମାର ଯୋଶୀ, ଜୟପ୍ରକାଶ ଶତପଥୀ, ହୃଷୀକେଶ ଦାଶ, ଗୌରୀଶଙ୍କର ପଣ୍ଡା, ପତିତପାବନ ସାହୁ, ସଂଘମିତ୍ରା ମିଶ୍ର, ଜୟଶ୍ରୀ ସାହୁ, ଅମିୟ ଭୂଷଣ ସାହୁ, ଅନୁପ ଦର୍ଜୀ, ରବି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପାଠାଗାର ସଭାପତି ବିମ୍ବାଧର କୁଅଁର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କୂଅରେ ପଡ଼ି ଚିକିତ୍ସାଧୀନ ମହିଳା ମୃତ

**ରାଉରକେଲା,୩୦।୧୧(ଦିନେଶ ମିଶ୍ର)**

ଭାଲୁଲତା ଥାନା ଅନ୍ତର୍ଗତ ମାନକୋ ଗ୍ରାମରେ କୂଅରେ ପଡି ଗୁରୁତର ଅବସ୍ଥାରେ ଆରଜିଏଚ୍‌ରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ସବିତା ବାର୍ଲା(୩୮)। ସୂଚନାଯୋଗ୍ୟ, ମାନକୋ ଗ୍ରାମର ସବିତା ଗତ ୨୮ ତାରିଖ ସନ୍ଧ୍ୟାରେ କୂଅରୁ ପାଣି କାଢୁଥିବା ସମୟରେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ କୂଅ ଭିତରେ ଗଳି ପଡିଥିଲେ। କୂଅ ନନ୍ଦରେ ତାଙ୍କ ମୁଣ୍ଡ ପିଟି ହୋଇଯିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଭାଲୁଲତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଅଭିରାମ ଯୋଗାଶ୍ରମ ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି

**ରାଉରକେଲା,୩୦।୧୧(ସଙ୍ଗୀତା ଜେନା):** ସେକ୍ଟର-୫ ଅଭିରାମ ଯୋଗାଶ୍ରମରେ ୩୭ତମ ବାର୍ଷିକୋତ୍ସବକୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବାବାଜୀ ଦେବାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଜେଡି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ରଙ୍କ ବିଶୋୟୀ, ସମ୍ପାଦକ ବୃନ୍ଦାବନ ଲେଙ୍କା, ପର୍ଶୁରାମ ବେହେରା, କୋଷାଧ୍ୟକ୍ଷ କାମନା ପ୍ରଧାନ, ବସନ୍ତ ବାରିକ, ଶ୍ରୀକାନ୍ତ ବର୍ମା, ବାବୁ ରାଜୁ, ଶାନ୍ତିଲତା ଜେନା, ସୁରେନ୍ଦ୍ର ବିଶ୍ୱାଳ, ସବିତା ପୋଥାଳ, ବିନୋଦ ପରିଡ଼ା, ନବୀନ ବିନ୍ଧାଣୀ, ଲିଟୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବାବାଜୀ ସ୍ୱରୁପାନନ୍ଦ ସହଯୋଗ କରିଥିଲେ। ୨୦୨୪ ମାର୍ଚ୍ଚ ୨୯ରୁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଏହି ବାର୍ଷିକୋତ୍ସବ ପାଳନ କରାଯିବ। ଗୋଟିପୁଅ ନୃତ୍ୟ, ଭଜନ ସମାରୋହ, ମହାଳୀ ନୃତ୍ୟ, ବିଶ୍ୱଶାନ୍ତି ମହାଯଜ୍ଞ ଆଦି ଆଶ୍ରମ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

### ଆଇନ କଲେଜରେ ଜାତୀୟ ସମ୍ବିଧାନ ଦିବସ ପାଳିତ

**ରାଉରକେଲା,୩୦।୧୧(ଦିନେଶ ମିଶ୍ର)**

ନୟାବଜାର ସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟ ପରିସରରେ ଗୁରୁବାର ଅଧ୍ୟକ୍ଷ ଡକ୍ଟର ଦେବେନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉକ୍ତ ଦିବସର ମହତ୍ୱ ପ୍ରକାଶ କରିଥିଲେ। ପରେ ଆଇନ ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ସମ୍ବିଧାନର ମୁଖପତ୍ରକୁ ନେଇ ଶପଥ ପାଠ କରାଯାଇଥିଲା। ଅଧ୍ୟକ୍ଷ ବେହେରା ସମ୍ବିଧାନ ଦିବସ ବିଷୟରେ ମତ ରଖିଥିଲେ। ଆଇନକୁ ବ୍ୟବହାର କରି ଉଚିତ ନ୍ୟାୟ ପ୍ରଦାନ କରିବା ଓ କୌଣସି ଗଳାବାଟକୁ ନ ଯାଇ ଆଇନକୁ ଠିକ୍ ଭାବେ ପରିଚାଳନା କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ 'ଡିଜିଟାଲ ଯୁଗରେ ଗୋପନୀୟତାର ଅଧିକାର' ଉପରେ ଏକ ପ୍ରତିଯୋଗିତା କରାଯାଇଥିଲା। ଅଧ୍ୟାପକ ତନ୍ମୟ ରାଜ ପାଢ଼ୀ ଓ ଦିବ୍ୟେନ୍ଦୁ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡକ୍ଟର ପ୍ରଜ୍ଞାପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକୁଳା ଡ୍ରେନ୍, ଦୁର୍ଘଟଣାକୁ ନିମନ୍ତ୍ରଣ

**ରାଉରକେଲା,୩୦।୧୧(ଦିନେଶ ମିଶ୍ର)**

ରାଉରକେଲା ସହର ସ୍ମାର୍ଟସିଟି ହେବା ପରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ସହରରେ କେଉଁଠି ରାସ୍ତା ଚଉଡା କରାଯାଉଛି ତ ଆଉ କେଉଁଠି ଡ୍ରେନ ଉପରେ କଲଭର୍ଟ ପକାଯାଉଛି। ଏସବୁ ସତ୍ତ୍ୱେ ସହରରେ ଏଭଳି କିଛି କଲୋନୀ ରହିଛି ଯେଉଁଠି ମୁକୁଳା ଡ୍ରେନ ଯୋଗୁ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ରାଉରକେଲା ବାସନ୍ତୀ କଲୋନୀ ମୁଖ୍ୟ ଡ୍ରେନ, ପାୱାରହାଉସ୍ ରୋଡ, ପ୍ଲାଣ୍ଟସାଇଟ, ପାନପୋଷ ବସ୍ତି, କଳିଙ୍ଗ ବିହାର, ରେଲୱେ କଲୋନୀ ଆଦି ଅଞ୍ଚଳରେ ଥିବା ୫୦ରୁ ଉର୍ଦ୍ଧ୍ୱ ଡ୍ରେନ ଉପରେ କଲଭର୍ଟ ନାହିଁ।

ବାସନ୍ତୀ କଲୋନୀରେ ୪ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି କଲୋନୀରେ ଇଏମ୍ ଓ ଏଫ୍‌ଏମ୍ ବ୍ଲକରେ ଥିବା ମୁଖ୍ୟ ନାଳ ଆଜିକୁ ୧୨ ବର୍ଷ ଧରି ମୁକୁଳା ପଡିଛି। ଏହି ମୁଖ୍ୟ ନାଳରେ କଲୋନୀର ବିଭିନ୍ନ ବ୍ଲକର ନାଳ ମିଶିଛି। ୨୦୧୯ ଜାନୁଆରୀରେ ଏହି ଡ୍ରେନର ଉନ୍ନତୀକରଣ କାମ ହୋଇଥିଲା। ଡ୍ରେନରେ ଜଳ ନିଷ୍କାସନ ପାଇଁ ଚଉଡା କରିବା ସହ ଏହା ଉପରେ କଲଭର୍ଟ ପକାଇବାକୁ ଏକ ଠିକାସଂସ୍ଥା ଟେଣ୍ଡର ନେଇଥିଲା। ମାତ୍ର ଉକ୍ତ ଠିକା ସଂସ୍ଥା ଇଏମ୍ ବ୍ଲକର କିଛି ପାର୍ଶ୍ୱରେ ଡ୍ରେନରେ କଲଭର୍ଟ ପକାଇ ଅନ୍ୟ ସ୍ଥାନରେ ମୁକୁଳା କରି ଛାଡି ପଳେଇଥିଲା। ଫଳରେ ଆଜିକୁ ୫ ବର୍ଷ ଧରି ଏହି ଡ୍ରେନଟି ମୁକୁଳା ହୋଇ ରହିଛି। ଏହା ପାଖରେ ଥିବା ମୁଖ୍ୟରାସ୍ତାରେ କୌଣସି ବ୍ୟକ୍ତି ଓ ବୁଲା ପ୍ରାଣୀ ଯାତାୟାତ ବେଳେ ଡ୍ରେନରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷେ ଡ୍ରେନଟି ମୁକୁଳା ରହୁଥିବାରୁ ଦୁର୍ଗନ୍ଧ ବାହାରୁଛି। ମଶା ମାଛି ବଂଶ ବିସ୍ତାର କରୁଛନ୍ତି। ଏହି ଡ୍ରେନ ନିକଟରେ ଏକ ଖୋଲାପଡିଆ ଥିବାରୁ ବହୁ ବୁଲା ପ୍ରାଣୀ ଡ୍ରେନ ଭିତରେ ପଡି କ୍ଷତବିକ୍ଷତ ହେଉଛନ୍ତି। ସେହିପରି ପାୱାରହାଉସ ରୋଡ୍ ଆହାରକେନ୍ଦ୍ର ପଛପ ମୁଖ୍ୟ ଡ୍ରେନ ବିନା କଲଭର୍ଟରେ ମୁକୁଳା ପଡିଛି। ଡ୍ରେନ ଉପରେ କଲଭର୍ଟ ନ ଥିବାରୁ ଉକ୍ତ ସ୍ଥାନରେ ଗାଡି ଡ୍ରାଇଭରମାନେ ଶୌଚ ପାଇଁ ବ୍ୟବହାର କରୁଛନ୍ତି। ପ୍ଲାଣ୍ଟସାଇଟ ସ୍ଥିତ ଜନତାନିବାସ ଗଳିରେ ମଧ୍ୟ ବହୁ ଡ୍ରେନରେ କଲଭର୍ଟ କରାଯାଇନାହିଁ। ଏଠାକାର ଗୋପାଳକମାନେ ନିଜ



ବାସନ୍ତୀ କଲୋନୀରେ ଥିବା ମୁକୁଳା ଡ୍ରେନ।

ଗୁହାଳର ଗୋବର ପାଣି ଓ ଆଖପାଖ ହୋଟେଲର ଅଇଁଠା ପାଣି ଡ୍ରେନରେ ଛାଡି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି

**୫୦ରୁ ଉର୍ଦ୍ଧ୍ୱ ଡ୍ରେନରେ ନାହିଁ କଲଭର୍ଟ ବ୍ୟବସ୍ଥା**

କରୁଛନ୍ତି। ଛେଣ୍ଡ ଓ ରେଲୱେ କଲୋନୀ ଆଦି ଅଞ୍ଚଳରେ ମୁକୁଳା ଡ୍ରେନକୁ ନେଇ ସମସ୍ୟା ହେଉଛି। ସ୍ମାର୍ଟସିଟିକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଡ୍ରେନେଜ ଉପରେ କଲଭର୍ଟ ପକାଇବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ସହରରେ ବର୍ତ୍ତମାନ ଏକାଧିକ ସ୍ଥାନରେ ସ୍ୱେରେଜ ସିଷ୍ଟମ ସାଙ୍ଗକୁ କଲଭର୍ଟ କାମ ଚାଲିଥିବାବେଳେ ପ୍ରମୁଖ ଜନଗହଳି କଲୋନୀ ଭିତରେ ମୁକୁଳା ଡ୍ରେନକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସ୍ମାର୍ଟସିଟିର ଜନବସତି ସ୍ଥାନରେ ଥିବା ଡ୍ରେନକୁ ମୁକୁଳା ଛଡାଯିବ ନାହିଁ। ଯଦି କୌଣସି ଡ୍ରେନ ମୁକୁଳା ପଡିଛି ତାକୁ ଆମେ ଆଗାମୀ ଦିନରେ ସର୍ଭେ କରି କଲଭର୍ଟ ପକାଇବା ବ୍ୟବସ୍ଥା କରିବୁ ।

## ଏସି ବିକିବାକୁ କହି ଠକିନେଲେ ୨.୭୦ ଲକ୍ଷ

**ରାଉରକେଲା,୩୦।୧୧(ସଙ୍ଗୀତା ଜେନା)**

ଜଣେ ବ୍ରକ୍ତି ଏସି ବିକିବା ଆଳରେ ଜଣଙ୍କଠାରୁ ପ୍ରାୟ ୨ଲକ୍ଷ ୭୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଉଦିତନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୯୧/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଅଭିଯୁକ୍ତ ଜଣଙ୍କ ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳର ହେମନ୍ତ ସାହୁଙ୍କୁ ୧୫ଟି ଏୟାରକଣ୍ଡିଶନର(ଏସି) ବିକିବାକୁ ପ୍ରସ୍ତାବ ଦେଇଥିଲେ। ଏପରିକି ଏହାର ବିଲ୍ ଓ ଟଙ୍କା ଡିପୋଜିଟ୍ ପାଇଁ ଅଭିଯୁକ୍ତ ଜଣଙ୍କ ହେମନ୍ତଙ୍କୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ଦେଇଥିଲେ। ଉକ୍ତ ଆକାଉଣ୍ଟରେ ହେମନ୍ତ ୨ ଲକ୍ଷ ୭୦ ହଜାର ଟଙ୍କା ଅନ୍‌ଲାଇନ ଟ୍ରାନ୍ସଫର କରିଥିଲେ। ପରେ ଏସି ବିକ୍ରି କରିବାକୁ ଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

## ଟ୍ରେଲର ପଛରେ ଧକ୍କାଦେଲା ବାଇକ୍, ଜଣେ ମୃତ

**ବଡ଼ଗାଁ,୩୦।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ଥାନା ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥରେ ବୁଧବାର ରାତିରେ ଛିଡ଼ା ହୋଇଥିବା ଏକ ଟ୍ରେଲର ପଛକୁ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ହେଲେ କୁତ୍ରା ବ୍ଲକ ଖୁରାପାଲି ଗ୍ରାମର ସୁମନ୍ତ ଗର୍ଡିଆ(୧୯)। ଏଥିସହ ସଞ୍ଜୀବ ନାଏକ (୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜପଥ ପାର୍ଶ୍ୱ ଢାବାରେ ଅଟକୁଥିବ ଭାରିଯାନ ଗୁଡିକ ବ୍ୟାକ୍ ଲାଇଟ୍ ନ ଦେଇ ପାର୍କିଂ କରୁଛନ୍ତି। ଏହା ଉପରେ ପୋଲିସ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ରାଉରକେଲା କଂଗ୍ରେସର ତୁଳସୀ ସଂଗ୍ରହ ଅଭିଯାନ




ବ୍ଲକ ଅଞ୍ଚଳରୁ ସଂଗ୍ରହ ହୋଇଥିବା ତୁଳସୀ।

**ରାଉରକେଲା, ୩୦।୧୧(ସଙ୍ଗୀତା ଜେନା)**

ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ତୁଳସୀ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଡିସିସି ସଭାପତି ରଶ୍ମୀରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ତୁଳସୀ ସଂଗ୍ରହ କରାଯାଇଥିଲା। ସଂଗୃହୀତ ତୁଳସୀକୁ ଶୁକ୍ରବାର ପୁରୀ ନିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପ୍ରବୋଧ ଦାସ, ଇଜାଜ ଅଖତାର, ବାସୁଦେବ ବାନାର୍ଜୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ରାଉରକେଲା ପ୍ରତିଯୋଗୀଙ୍କୁ ରୌପ୍ୟ ପଦକ




ପ୍ରତିଯୋଗିତାରେ ଓଡ଼ିଶାର ବିଜୟୀ ଖେଳାଳି।

**ଏକାଦଶ ଜାତୀୟ ପେନ୍‌କାକ ସିଲ୍‌ଟ ଚାମ୍ପିଅନଶିପ୍**

**ରାଉରକେଲା,୩୦।୧୧(ସଙ୍ଗୀତା ଜେନା)**

ବିହାର ପାଟନାର ପାଟଳୀପୁତ୍ର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ନଭେମ୍ବର ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଏକାଦଶ ଜାତୀୟ ସବ୍ ଜୁନିୟର ଓ ଜୁନିୟର ପେନ୍‌କାକ ସିଲ୍‌ଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମସ୍ତ ରାଜ୍ୟରୁ ପ୍ରାୟ ୧ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ୨୫ ଜଣ ଯୋଗ ଦେଇଥିଲେ। ଓଡ଼ିଶାର ଖେଳାଳିମାନେ ଗୋଟିଏ ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ହାସଲ କରିଥିବା ବେଳେ ରାଉରକେଲାର ୨ଜଣ ଖେଳାଳି ଆଦିତ୍ୟ ଜେନା ଓ ଚନ୍ଦ୍ରଶେଖର ମାଝୀ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ପେନକାକ ସିଲ୍‌ଟ ଆସୋସିଏଶନ ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ଶରତ ଦାସ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର, କୋଚ୍ ରତିକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ସଫଳତା ହାସଲ କରିଛନ୍ତି।

## ସମ୍ମାନିତ ହେବେ ରାଉରକେଲାର ନାଟ୍ୟ ପ୍ରତିଭା

**ରାଉରକେଲା,୩୦।୧୧(ଦିନେଶ ମିଶ୍ର)**

ରାଉରକେଲାରେ ହେବାକୁ ଥିବା କସ୍ତୁରୀ ସାଂସ୍କୃତିକ ମହୋତ୍ସବରେ ବିଶିଷ୍ଟ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ ଏବଂ ବିଶିଷ୍ଟ ମଞ୍ଚ ଓ ସିନେ ଅଭିନେତା ଅଂଶୁମୋଚନ ମହାନ୍ତି ୨୦୨୩ କସ୍ତୁରୀ ସମ୍ମାନରେ ସମ୍ମାନିତ ହେବ। ସେହିପରି ରାଉରକେଲାରେ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଶ୍ରେଷ୍ଠ ଆୟୋଜକ ଭାବେ ସମ୍ମାନିତ କରାଯିବ। ଆସନ୍ତା ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୩ ଦିନ ଧରି ଏହି କାର୍ଯ୍ୟକ୍ରମରେ ବିଷୟ ଭିତ୍ତିକ ସ୍ମରଣିକା 'ବାପା କାନ୍ଦିବା ମନା'ର ଉନ୍ମୋଚନ କରାଯିବ। ଏହାସହ ସେକ୍ଟର-୭ ମୂକ ବଧିର ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ଗଣେଶ ବନ୍ଦନା ଓ କ୍ଷୁଦ୍ର ନାଟକ 'ଶେଷ ପରିଣାମ' ପରିବେଷଣ କରାଯିବ ବୋଲି କସ୍ତୁରୀର ସାଧାରଣ ସମ୍ପାଦକ ରାଧାଶ୍ୟାମ ମହାନ୍ତି ସୂଚନା ଦେଇଛନ୍ତି।

## ରାହାସ ପୂର୍ଣ୍ଣିମା ଉତ୍ସବ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ କମିଟି କର୍ମକର୍ତ୍ତା।

**ରାଉରକେଲା,୩୦।୧୧(ଦିନେଶ ମିଶ୍ର)**

ଝିରପାଣି ରାହାସ ପୂଜା ପଡିଆରେ ଚଳିତ ବର୍ଷ ରାହାସ ପୂର୍ଣ୍ଣିମା ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ଝିରପାଣି ତଥା ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରିବା ସହ ଭାଗବତ ପାଠ କରିଥିଲେ। ଉତ୍ସବରେ ବିଜେଡି ନଗର ସଭାପତି ଗଗନ ପଣ୍ଡା ମୁଖ୍ୟ ଅତିଥି, ଝିରପାଣି ସରପଞ୍ଚ ଅଜିତ ତିର୍କୀ, ସୁଶୀଲ କିଣ୍ଡୋ, ପ୍ରତିମା ପାତ୍ର, ମିତ୍ରଭାନୁ ପଣ୍ଡା, ସୁର ଓରାମ, ଚକ୍ରଧର ମଲ୍ଲିକ, ଜୟନ୍ତ ପତି, ଶ୍ୟାମ ତନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କମିଟିର ସାଧାରଣ ସମ୍ପାଦକ ମନୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ରଞ୍ଜିତ କୁମାର ବୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଳାକାର ଦୀପକ ସାହୁଙ୍କ ଉଦ୍ୟମରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ଆଦିବାସୀଙ୍କ ପାରମ୍ପରିକ ଝୁମେରା ନୃତ୍ୟ, ହରିନାମ ସଂକୀର୍ତ୍ତନ ଓ ସମସେର ଖାନ୍‌ଙ୍କ ମେଲୋଡି ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। କମିଟି ସଭାପତି ଅଶୋକ ମାଝୀ, ମହେନ୍ଦ୍ର କୁମ୍ଭାର, ଫୁଲଚାନ୍ଦ କୁମ୍ଭାର, ଗଣେଶ ଲୋହାର, ନୀଳମଣି ମୁଣ୍ଡାରୀ, ଲକ୍ଷ୍ମଣ ତନ୍ତୀ, ପ୍ରଦୀପ ଓରାମ, ସୁରେଶ ବଡାଇକ, ବିଜୟାନନ୍ଦ ନାଗ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଶିବାନନ୍ଦ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ ସହ ରାଉରକେଲା ବିକାଶ ମଞ୍ଚର ଆଲୋଚନା

**ରାଉରକେଲା, ୩୦।୧୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ବିକାଶ ମଞ୍ଚର ଆବାହକ ଡ. ସୁମନ ଦତ୍ତଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟମାନେ ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ସମୟରେ ରାଉରକେଲା ବିମାନ ବନ୍ଦରର ଉନ୍ନତୀକରଣ, ନୂତନ ରେଲୱେ ଡିଭିଜନ ପ୍ରତିଷ୍ଠା, ସରକାରୀ କଲେଜରେ ଏକକ ବିଶ୍ୱବିଦ୍ୟାଳୟ ସ୍ଥାପନ ବିଷୟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ମଞ୍ଚର ସଦସ୍ୟମାନେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ହକି ବିଶ୍ୱକପ୍ ପରଠାରୁ ରାଉରକେଲା ବିମାନ ସେବା ବିଭିନ୍ନ ଆଳରେ ବାଧାପ୍ରାପ୍ତ ହୋଇ ଆସୁଛି। ବିସ୍ତୃତ ଭିତ୍ତିଭୂମି ଥାଇ ସୁନ୍ଦରଗଡ଼



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ମଞ୍ଚର ସଦସ୍ୟ।

ଓ କେନ୍ଦୁଝର ଜିଲ୍ଲାରୁ ସିଂହଭାଗ ରେଭନ୍ୟୁ ଦେବା ସତ୍ତ୍ୱେ ରାଉରକେଲାଠାରେ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ଏକ ନୂତନ ଡିଭିଜନ ଗଠନ ପାଇଁ ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଉନାହିଁ। ରାଉରକେଲା ସରକାରୀ ମହାବିଦ୍ୟାଳୟରେ ଏକ ଶହ ତେୟାଳିଶ କଲେଜକୁ ନେଇ ଏକକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ସୂଚନା ମିଳୁନାହିଁ। ବିଳମ୍ବରେ ହେଲେ ମଧ୍ୟ ସରକାର ରାଉରକେଲା, ଅମର୍ଦାରୋଡ଼ ଓ ଜୟପୁର ବିମାନ ବନ୍ଦରର ଉନ୍ନତୀକରଣ ପାଇଁ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବାକୁ ରାଇଟ୍ସ କମ୍ପାନୀକୁ ଦାୟିତ୍ୱ ଦେଇଥିବାରୁ ବିକାଶ ମଞ୍ଚର ସଦସ୍ୟଙ୍କ ସମେତ ଅଞ୍ଚଳବାସୀ ଖୁସି ପ୍ରକାଶ କରିଥିଲେ। ତେବେ ଏହି ଦାବିଗୁଡିକର ଯଥାଶୀଘ୍ର ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ବିକାଶ ମଞ୍ଚ ତରଫରୁ ସୂଚନା ଦିଆଯାଇଛି। ଆଲୋଚନା ସମୟରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଆର୍‌ଏସ୍‌ପି ଭାରପ୍ରାପ୍ତ ଡାଇରେକ୍ଟର ଅତନୁ ଭୌମିକ, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଉମା ମାହେଶ୍ୱର ରାଓ, ମଞ୍ଚର ବରିଷ୍ଠ ଉପଦେଷ୍ଟା ଅଭୟ ଦାସ, ଅମୂଲ୍ୟ ବରାଳ, ସଞ୍ଜୀବ ମହାନ୍ତି, ସୁପ୍ରତୀକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶକ୍ତି ସଂରକ୍ଷଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଉଦ୍‌ଯାପନୀ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା,୩୦।୧୧(ଦିନେଶ ମିଶ୍ର)**

ଶକ୍ତି ସଂରକ୍ଷଣ ବିଲ୍‌ଡିଂ କୋଡ(ଇସିବିସି) ଓ ଇକୋନିବାସ ସଂହିତା(ଇଏନ୍‌ଏସ) ଉପରେ ଦ୍ୱିଦିବସୀୟ ପ୍ରଶିକ୍ଷଣ ଶିବିର ଆର୍‌ଏମ୍‌ସି ସମ୍ମିଳନୀ କକ୍ଷରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଧୁନିକ ଯୁଗରେ ସବୁ ଦିଗରେ ଶକ୍ତିର ବିପୁଳ ବିନିଯୋଗ କରାଯାଉଛି। ଏହା ବିନା ଚଳିବା ଅସମ୍ଭବ। ଶକ୍ତି ଉତ୍ପାଦନ ପାଇଁ ଖଣିଜ ସମ୍ପଦ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ସୋଲାର ଶକ୍ତି ବ୍ୟବହାର ଉପରେ ଜୋର ଦେବା ଯୋଗୁ ଆଗାମୀ ଦିନରେ ଏହି ଶକ୍ତି ସଂରକ୍ଷଣ କରାଯାଇପାରିବ ବୋଲି ଭୋଇ ମତପ୍ରକାଶ କରିଥିଲେ। ଏନର୍ଜି କଞ୍ଜରଭେଶନ ବିଲ୍‌ଡିଂ କୋଡ୍ ସେଲ୍‌ର ଓଡିଶା ପ୍ରମୁଖ ଅଶୋକ କୁମାର ନନ୍ଦ ଯୋଗଦେଇ କହିଥିଲେ, ନିଜ ଘର ବା କାର୍ଯ୍ୟାଳୟକୁ ବର୍ତ୍ତମାନ ଏଭଳି ନିର୍ମାଣ କରିବା ଦରକାର ଯେଉଁଥିରେ ଶକ୍ତିର କମ୍ ବ୍ୟବହାର କରାଯାଇପାରିବ। ସେଥିପାଇଁ ଭାରତ ସରକାର ଏହି କୋଡ୍ ପ୍ରସ୍ତୁତି କରୁଛନ୍ତି। ଏହାର ଅନୁପାଳନ କରି କୋଠା ନିର୍ମାଣ କଲେ ଶକ୍ତିର କମ୍ ଅପଚୟ ହେବ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଭାଗର ବହୁ ଯନ୍ତ୍ରୀ, ଆର୍କିଟେକ୍‌ମାନେ ଅଂଶଗ୍ରହଣ କରିଥିଲେ। ଶିବିରରେ ଶକ୍ତି ସଂରକ୍ଷଣ ବିଲ୍ଡିଂ ୨୦୧୭ ବିଷୟରେ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ବ୍ୟାସ ଓ ରାମା ପ୍ରତାପ ପୋଦାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଇସିବିସି ଓ ଇଏନ୍‌ଏସ୍ ଓଡ଼ିଶା ସେଲ୍ ଓ ଶକ୍ତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ନିଯୁକ୍ତି ଦାବିରେ ରାଉରକେଲା ଛାତ୍ର କଂଗ୍ରେସର ବିକ୍ଷୋଭ

**ରାଉରକେଲା, ୩୦।୧୧(ସଙ୍ଗୀତା ଜେନା)**

ଉଦିତନଗର ସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବିରେ ରାଉରକେଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ରାଜ୍ୟରେ ପ୍ରାୟ ୨ଲକ୍ଷ ୨୬ ହଜାର ସରକାରୀ ପଦବୀ ଖାଲି ରହିଛି। ସେଗୁଡିକୁ ଯଥାଶୀଘ୍ର ପୂରଣ କରିବାକୁ ଦଳ ଦାବି କରିଛି। ବିମୁଦ୍ରୀକରଣ ଓ କୋଭିଡ୍ ଯୋଗୁ ରାଜ୍ୟରେ ପ୍ରାୟ ୭ ଲକ୍ଷ ଯୁବତୀଯୁବକ ରୋଜଗାର ହରାଇଛନ୍ତି। ତେଣୁ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେଇ ୮୦ ପ୍ରତିଶତ ଓଡ଼ିଆ ଲୋକଙ୍କୁ ନିଯୁକ୍ତି




ପାନପୋଷ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ର କଂଗ୍ରେସ କର୍ମୀ।

ଦିଆଯାଉ। ସରକାରୀ ଚାକିରିରେ ଚୁକ୍ତିଭିତ୍ତିକ ଓ ଠିକା ନିଯୁକ୍ତି ବାତିଲ କରାଯାଉ। ଯେଉଁ ପ୍ରବାସୀ ଓଡ଼ିଆ ରାଜ୍ୟକୁ ଫେରି ଜୀବିକାର୍ଜନ କରିବାକୁ ଇଚ୍ଛୁକ ସେମାନଙ୍କ ପାଇଁ ସରକାରୀ ପ୍ୟାକେଜ ଘୋଷଣା କରାଯାଉ। ବେକାର ଯୁବତୀଯୁବକଙ୍କୁ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ନଚେତ୍ ଆଗାମୀ ଦିନରେ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଶିବୁ ଦୀପ୍, ସଂଖ୍ୟାଲଘୁ ସେଲ୍ ସଭାପତି ଇଜାଜ୍ ଫିରଦୌସ, ସାଧାରଣ ସମ୍ପାଦକ ସଦ୍ଦାବ ଅହମ୍ମଦ, ବାସୁଦେବ ବାନାର୍ଜୀ, ସୁଶାନ୍ତ ବେହେରା, ସାକିର ହୁସେନ୍‌ଙ୍କ ସମେତ ବହୁ ଯୁବ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଦେବଗଡ,୩୦।୧୧(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା କୁଣ୍ଢେଇଥାନା ଅନ୍ତର୍ଗତ ଘୋଡାପକା ଗ୍ରାମରେ ୨୦୧୫ରେ ସଂଘଟିତ ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ ସନ୍ତୋଷ କୁମାର ନାୟକ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨ହଜାର ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୫ ଜୁନ ୧୧ ରେ ଗ୍ରାମ ପୋଖରୀରୁ ମାଛ ଚୋରୀକୁ କେନ୍ଦ୍ର କରି ଘୋଡାପକା ଗ୍ରାମର ଶଙ୍କର୍ଷଣ ସାହୁଙ୍କୁ ହତ୍ୟା କରାଯାଇଥିବା କୁଣ୍ଢେଇଗୋଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ହତ୍ୟା ମାମଲା ରଜୁ କରିବା ସହ ଅଭିଯୁକ୍ତ ଦାମୋଦର ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ଦାମୋଦରଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ ସରକାରଙ୍କ ପକ୍ଷରୁ ୨୪ ଜଣ ଓ ଅଭିଯୁକ୍ତଙ୍କ ପକ୍ଷରୁ ୨ ଜଣଙ୍କ ସାକ୍ଷ୍ୟ ଓ ବୟାନ ରେକର୍ଡ କରିବାସହ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ଅଭିଯୁକ୍ତ ଦାମୋଦର ମାଝିଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁଧାଂଶୁ କୁମାର ଅମାତ୍ୟ ମୋକଦ୍ଦମା ପରିଚାଳନା କରୁଥିଲେ।

### ପିତୃ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ,୩୦।୧୧(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ଓ ଦୌରା ଜଜ ଗୌତମ ଶର୍ମା ଏକ ହତ୍ୟା ମାମଲାର ବିଚାର କରି ପ୍ରମାଣ ଅଭାବରୁ ଜଣେ ପିତୃ ହତ୍ୟା ଅଭିଯୁକ୍ତ ପୁତ୍ରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ଜୁନ ୧ରେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଶୃଙ୍ଗିପାଳ ଗ୍ରାମର ଭାଗିରଥି ମୁଣ୍ଡା (୬୦)ଙ୍କୁ ତାଙ୍କ ପୁଅ ଅର୍ଜୁନ ମୁଣ୍ଡା (୨୪)ଏକ ଦେଶୀ ବନ୍ଧୁକରେ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଭାଗିରଥିଙ୍କ ବଡପୁଅ ବିନୋଦ ମୁଣ୍ଡା କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଅର୍ଜୁନଙ୍କ ବିରୋଧରେ ୩୦୨ ଆଇପିସି, ୨୫ ଓ ୨୭ ଆର୍ମସ ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ଜିଲା ଓ ଦୌରାଜଜଙ୍କ ଅଦାଲତରେ ବିଚାରଧିନ ଥିବା ବେଳେ ୧୮ ଜଣ ସାକ୍ଷ୍ୟ ଓ ବୟାନ ଶୁଣାଣି କରିବା ପରେ ଜିଲା ଓ ଦୌରାଜଜ ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ଅର୍ଜୁନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି। ଅଭିଯୁକ୍ତ ପକ୍ଷରୁ ଆଇନଜୀବୀ ଆଲୋକ ସୌରଭ ବେହେରା ମୋକଦ୍ଦମା ପରିଚାଳନା କରୁଥିଲେ।

### ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ, ପୁରୁଣାପାଣି ଚାମ୍ପିୟନ

**ଦେବଗଡ,୩୦।୧୧(ଶଶାଙ୍କ ଶେଖର ଝାଙ୍କର ):** ବାରକୋଟ ବ୍ଲକ ରଙ୍ଗେଇ ପଞ୍ଚାୟତ ବୁଟିଆଡିହୀ ଗ୍ରାମରେ ଇଲେଭେନ ବ୍ରଦର୍ସ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶିରୋଡିହି ଫୁଟବଲ ଦଳକୁ ପରାସ୍ତ କରି ପୁରୁଣାପାଣି ଫୁଟବଲ ଦଳ ଚମ୍ପିୟାନ ହୋଇଛି। ସଂଧ୍ୟାରେ ଆୟୋଜକ ଇଲେଭେନ ବ୍ରଦର୍ସ କ୍ଲବର ସଭାପତି ସନାତନ କିଷାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀଦେଇ ଯୋଗଦେଇ ଚାମ୍ପିୟନ ପୁରୁଣାପାଣି ଫୁଟବଲ ଦଳ ଓ ରନର୍ସ ଅପ୍ ଶିରୋଡିହୀ ଫୁଟବଲ ଦଳକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଗ୍ରାମର ବରିଷ୍ଠ ନାଗରିକ ବନମାଳୀ ଖଡିରତ୍ନ ଓ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇଥିଲେ। ରେଫରୀ ଭାବେ ପଦ୍ମଚରଣ ଗୁରୁ, ରିଙ୍କୁ ସିଂ, କାଳିଚରଣ ବେହେରା ଓ ବିପିନ ବିହାରୀ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା, କୃଷ୍ଣଚନ୍ଦ୍ର ନାୟକ ଓ ପ୍ରାଣବନ୍ଧୁ ଖିଲାର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ତ୍ରି ଦିବସୀୟ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ରଙ୍ଗେଇ ସରପଞ୍ଚ ରଶ୍ମିତ ରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ପ୍ରହ୍ଲାଦ ଉଦାବର ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରାକୁ ସମ୍ବଲପୁରୀ ଭାଷାରେ କରାଯାଉ



ଧନୁଯାତ୍ରା ମହୋତ୍ସବର ଆବାହକଙ୍କୁ କୋଶଲ କ୍ରାନ୍ତି ସେନାର ପ୍ରତିନିଧି ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁୟାରୀ ୧୫ତାରିଖରୁ ଆରମ୍ଭ ହେବ। ଏହି ଧନୁଯାତ୍ରାକୁ ସମ୍ବଲପୁରୀ/କୋଶଲି ଭାଷାରେ କରାଯାଉ ବୋଲି କୋଶଲ କ୍ରାନ୍ତି ସେନା ଦାବି କରିଛି। ଏହି କ୍ରମରେ ବୁଧବାର କୋଶଲ କ୍ରାନ୍ତି ସେନା ପକ୍ଷରୁ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବି ନେଇ ଆସନ୍ତା ୭ତାରିଖରୁ କୋଶଲ କ୍ରାନ୍ତି ସେନା ଆମରଣ ଅନଶନ ଆରମ୍ଭ କରିବ ବୋଲି

**କୋଶଲ କ୍ରାନ୍ତି ସେନାର ଦାବି**

ସ୍ମାରକପତ୍ରରେ ସୂଚନା ଦିଆଯାଇଛି ।

ବରଗଡ଼ ଧନୁଯାତ୍ରାକୁ ସମ୍ବଲପୁରୀ/କୋଶଲୀ ଭାଷାରେ କରିବା ପାଇଁ କୋଶଲ କ୍ରାନ୍ତି ସେନା ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୀର୍ଘ ୫ବର୍ଷ ହେଲେ ଦାବି ହୋଇଆସୁଛି। ମାତ୍ର ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ କୋଶଲ ମିଳିତ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକ୍ରମେ କୋଶଲ କ୍ରାନ୍ତି ସେନା ଅନଶନ କରିବାକୁ ନିଷ୍ପତ୍ତି ନେଇଛି ବୋଲି ସ୍ମାରକପତ୍ରରେ ଜଣାଇ ଦିଆଯାଇଛି। ସେନାର ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ଶତପଥୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ମହିଳା ଯୌନ ଉତ୍ପୀଡ଼ନ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ



ସେଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ଦେବଗଡ, ୩୦।୧୧(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଆଇନ୍ ସେବା ପ୍ରାଧିକରଣ ତରଫରୁ ମହିଳା ଯୌନ ଉତ୍ପୀଡନ ପ୍ରତିକାର (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ, ୨୦୧୩ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନ୍ ସେବା ପ୍ରାଧିକରଣ ସଚିବ ଅପୂର୍ବା ଚୌଧୁରୀ, ମୁଖ୍ୟ ଚିକିତ୍ସା ଅଧିକାରୀଣୀ ଡ. ସାଧନା ଦାଶ, ରିମାଣ୍ଡ ଆଡଭୋକେଟ୍ ଦିଲ୍ଲୀପ କୁମାର ଗୁରୁ, ଆଡଭୋକେଟ୍ ପ୍ରିତି ପରିମିତା ବେହେରା ପ୍ରମୁଖ ଉପସ୍ଥିତ ରହି ଡାକ୍ତରଖାନାର କର୍ମକର୍ତ୍ତାଙ୍କ ସହ ଉପରୋକ୍ତ ଅଧିନିୟମ ଏବଂ ଏହି ନିୟମ ବଳରେ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଓ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିମାଣ୍ଡ ଆଡଭୋକେଟ୍ ଦିଲ୍ଲୀପ କୁମାର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅପୂର୍ବା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



**ଦେବଗଡ,୩୦।୧୧(ଶଶାଙ୍କ ଶେଖର ଝାଙ୍କର)**

ଓଡିଶା ସରକାରଙ୍କ ନୂଆଁ ଓ ଯୁବ ଓଡିଶା କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡା. ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କ୍ରୀଡାବିତ ପ୍ରଦୀପ କୁମାର ଅମାନ୍ତ ଓ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନିରଞ୍ଜନ ଦ୍ୱିବେଦୀ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ବାଳକ ବିଭାଗ ୧୬୦୦ମିଟର ଦୌଡରେ ସୌଭାଗ୍ୟ ମୁଣ୍ଡା ପ୍ରଥମ, ଜଗନ କୁମାର ସାହୁ ଦ୍ୱିତୀୟ ଏବଂ ଦୀପକ ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗ ୮୦୦ ମିଟର ଦୌଡରେ ଖୁସି ମୁଣ୍ଡା ପ୍ରଥମ, ପ୍ରଣତି ନାୟକ ଦ୍ୱିତୀୟ ଓ ସୀମା କିଷାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତଯୋଗୀତାକୁ କ୍ରୀଡା ଶିକ୍ଷକ ସୁଧିର କୁମାର ଦାସ,ପଦ୍ମିନୀ ଦାଶ ମହାପାତ୍ର, ପୁଲିନ କୁମାର ସାହୁ ଓ ଦେବେନ୍ଦ୍ର ନାୟକ ପରିଚାଳନା କରିଥିଲେ। ନୋଡାଲ ଅଫିସର ଦିଲ୍ଲୀପ କୁମାର ବେହେରା, ଅଧାପକ ଦାମୋଦର ନାୟକ, ଅଧାପିକା ଶତରୂପା ମିଶ୍ର ଓ ଅଧାପକ ବିଜକ୍ରମ କୁମାର ଜେନା ଙ୍କ ସମେତ ସମସ୍ତ ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବିନ୍ଧ୍ୟବାସିନୀ କଲେଜରେ ଯୁବ ସଚେତନତା କାର୍ଯ୍ୟକ୍ରମ

**ପାଇକମାଲ,୩୦।୧୧(ବଡ ଶତପଥୀ)** ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଦୁଇଦିନିଆ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ଓ ନୋଡ଼ାଲ ଅଫିସର ଆଧ୍ୟାପକ ପ୍ରଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଲେଜ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ବହୁ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଆବର୍ଜନା, ପ୍ଲାଷ୍ଟିକ ଆଦି ସଫା କରିଥିଲେ। ପରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ସ୍ଲୋଗାନ ଦେଇ ନିକଟସ୍ଥ ସାଲେପାଲି ଗ୍ରାମରେ ଏକ ରାଲି ସହ ସମାଜକୁ ନିଶାମୁକ୍ତ ରଖିବାକୁ ସାଲେପାଲିରୁ ପାଇକମାଳ ପର୍ଯ୍ୟନ୍ତ ଏକ ରାଲି କରି ବାର୍ତ୍ତା ଦିଆଯାଇଥିଲା। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**ରିଆମାଳ, ୩୦।୧୧(ନିରଞ୍ଜନ ବେହେରା)**

ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନୋଡାଲ ଅଫିସର ପ୍ରଧାପକ ରମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଧାପକ ନିହାରକାନ୍ତ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥିଭାବେ ରିଆମାଳ ଡିଗ୍ରୀ କଲେଜର ଅଧକ୍ଷ ଫକୀର ମୋହନ ସାହୁ ଏବଂ ପ୍ରଧାପକ ବେଣୁଧର ସାହୁ ଉପସ୍ଥିତ ଥିଲେ। କିଭଳି ଯୁବକମାନେ ଖେଳକୁଦ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ନିଜର ଭବିଷ୍ୟତ ଗଠନ କରିପାରିବେ ସେହି ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏହା ପରେ କବାଡି ଖେଳକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ । ନୋଡାଲ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ,୩୦।୧୧(ଶଶାଙ୍କ ଶେଖର ଝାଙ୍କର)**



ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଡିଏସ୍ପି ଅଜୟ କୁମାର ତିର୍କୀ, ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ସୋରେନ, ପୂର୍ତ୍ତ ବିଭାଗ(ରାସ୍ତା ଓ ସୌଧ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତରଞ୍ଜନ ନାୟକ ଓ ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁଙ୍କ ସମେତ ଜାତୀୟ ରାଜପଥ ବିଭାଗ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀଙ୍କ ସମେତ ଜିଲା ସଡକ ସୁରକ୍ଷା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବିଶେଷ କରି ରାଞ୍ଚି – ବିଜୟୱାଡା ରାସ୍ତା ମରାମତି ଓ ପୁନଃନିର୍ମାଣ, ବାରକୋଟ – ରଜାମୁଣ୍ଡା ଏନ୍‌ଏଚ୍ ୪୩ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ସମେତ ଦୁର୍ଘଟଣା ଏଡାଇବା ନିମନ୍ତେ ପାର୍କିଂ ବ୍ୟବସ୍ଥା, ରାସ୍ତାଘାଟର ମରାମତି, ବିଭିନ୍ନ ସ୍ଥାନରେ ସତର୍କତା ମୂଳକ ସୂଚନା ଫଳକ ସ୍ଥାପନ ଓ ରାସ୍ତା ଉପରୁ ଜବର ଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ଯୁବ ବିକାଶ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

**ବିଁନିକା,୩୦।୧୧(ରାମ ଗୋପାଳ ବାଘ):** ବିଁନିକା ଜୁନିୟର ଓମେନ୍ସ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପାଇଁଅଧକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ, ବୈଜୟନ୍ତୀ ସାହୁ, ସଙ୍ଗୀତା ପୁରୋହିତ, କ୍ରୀଡା ଶିକ୍ଷୟିତ୍ରୀ ବିଦ୍ୟୁଲତା କର, ଅଧାପକ ଅଶୋକ ବିଶି, ସବ୍ୟସାଚୀ ଦନ୍ତ, ଶିବ ନାରାୟଣ ମେହେର, ଲାଇବ୍ରେରୀଆନ ପ୍ରଦୀପ ମିଶ୍ର, ଚୈତନ୍ୟ ମେହେରଙ୍କ ସମେତ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ସାମାଜିକ, ସାଂସ୍କୃତିକ ଓ କ୍ରୀଡା ନେଇ ଡିସେମ୍ବର ୮ ତାରିଖରେ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ନିଷ୍ପତ୍ତି ନିଆଯାଇଛି ।

# ସରସ୍ୱତୀ ଶିଶୁମନ୍ଦିରର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ

**ରିଆମାଳ, ୩୦।୧୧(ନିରଞ୍ଜନ ବେହେରା)**

ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଯୋଜନାରେ ଗୁରୁବାର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ତତ୍ତ୍ୱାବଧାନରେ ଟିଙ୍କବୀର ଗ୍ରାମରେ ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ବନପାଳ କିଶୋର ଚନ୍ଦ୍ର ଦଳବେହେରା, ସମ୍ମାନିତ ଅତିଥିଭାବେ ପ୍ରଶ୍ନ ଶତପଥି ଓ ପ୍ରସନ୍ନ ଖଡିରତ୍ନ ମଞ୍ଚସୀନ ଥିଲେ। ଶିଶୁ ଭଉଣୀଭାଇଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମରେ ମୋଟ ୭ଟି ନୃତ୍ୟ ପରିବେଷଣ କରାଯାଇଥିଲା। ଶିଶୁ ଭଉଣୀଭାଇମାନେ ବିଭିନ୍ନ ଦଳରେ ଭାଗ ହୋଇ ଗ୍ରାମ ଦର୍ଶନ ଯଥା କମାରଶାଳ, କୁମ୍ଭାରଶାଳା , ବଗିଚା, ମନ୍ଦିର ଆଦି ସ୍ଥାନ ପରିଦର୍ଶନ କରିଥିଲେ ଏବଂ ବିଭିନ୍ନ ତଥ୍ୟ ଏବଂ ଗ୍ରାମର ଇତିହାସ ସମ୍ପର୍କରେ ବୁଝିଥିଲେ। ସମାରୋପ ଉତ୍ସବରେ ଦିପୁଜୀ ବସନ୍ତରା ଏବଂ ଅଶୋକ ଦଳବେହେରା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଅନୁଭୂତି ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଗୁରୁଜୀ ଟଙ୍କଧର ସାହୁ ଅତିଥି ପରିଚୟ, ଗୁରୁଜୀ ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ଦଶରଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୃତୀ ପ୍ରତିଭାଧାରୀ ସମ୍ମାନିତ



ଡ. ଶଙ୍କର ରାମଚନ୍ଦାନୀଙ୍କୁ ସମ୍ମାନିତ କରାଯାଉଛି।

**ବରପାଲି,୩୦।୧୧(ଚିତ୍ତରଞ୍ଜନ ସାହୁ)**

**୮୨ତମ ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ସମାରୋହ**

ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି କମିଟି ପକ୍ଷରୁ କାଳଜୟୀ ପ୍ରତିଭା ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଜନ୍ମ ଜୟନ୍ତୀ ସଭାପତି ରକ୍ଷାକରି ବିଶିଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କରମଚାନ୍ଦ ମଲ୍ଲିକଙ୍କ ସଂଯୋଜନା ଆୟୋଜିତ ସଭାରେ ବରପାଲି ତହସିଲଦାର ରୁକ୍ମଣ କୁମାର ମେହେର ମୁଖ୍ୟ ଅତିଥି, ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ ହୋତା ସମ୍ମାନିତ ଅତିଥି, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଶେଷନ ବିଶି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶ, ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ଯୁକ୍ତ ୨ କଲେଜର ଅଧକ୍ଷ ପ୍ରଦୀପ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ରସାନନ୍ଦ ଥପା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଯତୀନ୍ଦ୍ର କୁମାର ସାହୁ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଭାଷା ସାହିତ୍ୟ ପ୍ରଚାରକ ଉତ୍ପନ୍ନ କୁମାର ଭୋଇ ଓ ବୁର୍ଲା ଭିମ୍‌ସାରର ସହକାରୀ ପ୍ରଫେସର ଡ. ଶଙ୍କର ରାମଚନ୍ଦାନୀଙ୍କୁ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ସେହିପରି ବରପାଲି ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଉଚ୍ଚବିଦ୍ୟାଳୟର ଛାତ୍ର ତିଳକ ହୋତା ଓ ପ୍ରୀତିଶ ଚନ୍ଦନ ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ରଞ୍ଜିତା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବର୍ଷା ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ସହସମ୍ପାଦକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ବସ୍ତୁବାଦୀ ମଣିଷକୁ ହୃଦୟବାନ୍ କରିଥାଏ

**ବରଗଡ଼ ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହ**

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ପୁସ୍ତକ ମେଳା ବୁଧବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମେଳାର ଉଦ୍‌ଯାପନୀ ସମାରୋହରେ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ଡ. ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ସାହିତ୍ୟ, ଗବେଷକଙ୍କ ସର୍ଜନା ସେମାନଙ୍କୁ କାଳଜୟୀ କରେ। ଆଜି ମଧ୍ୟ କବି ଗଙ୍ଗାଧର ମେହେରଙ୍କୁ ସମସ୍ତେ ମନେ ରଖିଛନ୍ତି। କାରଣ ସାହିତ୍ୟିକ, ଗବେଷକମାନେ କାଳଜୟୀ ସୃଷ୍ଟି କରି ପ୍ରତିଷ୍ଠିତ ହୋଇ ପାରିଥାନ୍ତି। ଅଧ୍ୟାପକ ଡ. ପରମେଶ୍ୱର ମୁଣ୍ଡ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ବସ୍ତୁବାଦୀ ମଣିଷକୁ ପୁସ୍ତକ ହୃଦୟବାନ କରିଥାଏ। ପୁସ୍ତକ ମଣିଷକୁ ମଣିଷ ଭଳି ଗଢ଼ିଥାଏ। ମଣିଷର ସମସ୍ତ ସମସ୍ୟାର ସମାଧାନ କରି ମଣିଷକୁ ଠିକ୍ ମାର୍ଗ ପ୍ରଦର୍ଶନ କରିଥାଏ।

ଏହି ଅମସରରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ମେଧା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିରେ ସଂକଳ୍ପ ପରିବାରକୁ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ, ଡ. ଶେଷ ମେହେରଙ୍କୁ ଗଙ୍ଗାଧର ସାହିତ୍ୟ ସମ୍ମାନ, କବୟିତ୍ରୀ ଶର୍ମିଷ୍ଠା ସାହୁଙ୍କୁ ଦୟାଲାଲ ଯୋଶୀ ସମ୍ମାନ, ପ୍ରକୃତି ବନ୍ଧୁ ଭୈରବ ପାତ୍ରଙ୍କୁ ଡୋଲାମଣି ସାହୁ ସ୍ମୃତି ସମ୍ମାନ, ସଙ୍ଗୀତଜ୍ଞ ସୁରେନ୍ଦ୍ର ସାହୁଙ୍କୁ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମାତ୍ରିକ ଟପ୍ପର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) ଛାତ୍ରୀ ପ୍ରିୟଦର୍ଶିନୀ ବେହେରାଙ୍କୁ ଆନନ୍ଦ ଆଚାର୍ଯ୍ୟ ମେଧା ସମ୍ମାନ, ଜର୍ଜ ହାଇସ୍କୁଲ ଛାତ୍ର ଅସିତ ସାହୁଙ୍କୁ ସତ୍ୟନାରାୟଣ ସାହୁ ମେଧା ସମ୍ମାନ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦେବଦୀପ୍ତ ଦାଶଙ୍କୁ ଡ. ଆନନ୍ଦ ରଥ ମେଧା ସମ୍ମାନ, ଦଧିବାମନ କଲେଜର ଛାତ୍ର ଧନେଶ୍ୱର ନାୟକଙ୍କୁ କିରଣମୟୀ ମେଧା ସମ୍ମାନ, ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀ ଅନନ୍ୟା ରାଉତଙ୍କୁ ଡ. ଲିଙ୍ଗରାଜ ନାୟକ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଅତିଥିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପୁସ୍ତକ ମେଳା ପରିଚାଳନାରେ ସହଯୋଗ କରିଥିବା ବିଭିନ୍ନ ଅନୁଷ୍ଠାନକୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ପାଠାଗାର ବରିଷ୍ଠ ସଦସ୍ୟ ଅରୁଣ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ଅଶୋକ କୁମାର ଯୋଶୀ, ଜୟପ୍ରକାଶ ଶତପଥୀ, ହୃଷୀକେଶ ଦାଶ, ଗୌରୀଶଙ୍କର ପଣ୍ଡା, ପତିତପାବନ ସାହୁ, ସଂଘମିତ୍ରା ମିଶ୍ର, ଜୟଶ୍ରୀ ସାହୁ, ଅମିୟ ଭୂଷଣ ସାହୁ, ଅନୁପ ଦର୍ଜୀ, ରବି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପାଠାଗାର ସଭାପତି ବିଦ୍ୟାଧର କୁଅଁର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ ପୁସ୍ତକମେଳାରେ ସମ୍ମାନିତ କରାଯାଉଛି ।

# ଆଜିଠୁ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ

- କଳାହାଣ୍ଡିରେ ହେବ କଟକଣା କଡ଼ା
- ଅମାନିଆ ଗାଡ଼ି ଚାଳକ ସାବଧାନ
- ନିଶାମୁକ୍ତ ଗାଡ଼ି ଚାଳନା ଉପରେ ଗୁରୁତ୍ୱ

ଭବାନୀପାଟଣା,୩୦।୧୧(ଉତ୍ତମ କୁମାର ଦାଶ)

ରାଜ୍ୟରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଉଦବେଗ ପ୍ରକାଶ କରିଛନ୍ତି। ଏପରିସ୍ଥଳେ ରାଜ୍ୟରେ ୧ରୁ ୭ ତାରିଖ ଯାଏଁ ସଡକ ଦୁର୍ଘଟଣା ଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳନ କରାଯିବ। କଳାହାଣ୍ଡି ଜିଲାରେ ମଧ ଏହି ସପ୍ତାହ କଡାକଡି ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଆଇନ ଅବମାନନା କରୁଥିବା ଗାଡି ଚାଳକଙ୍କ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ଗତ ୨୩ ତାରିଖରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା ସମିତି ଓ ଶୂନ୍ୟ ମୃତ୍ୟୁ ସପ୍ତାହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସୂଚନା ଅନୁସାରେ ଅକ୍ଟୋବର ସୁଦ୍ଧା ୩ କୋଟି ୫୦ ଲକ୍ଷ ୪୮ ହଜାର ୫ ସହ ୬୬ ଟଙ୍କା ପରିବହନ ରାଜସ୍ୱ ଆଦାୟ ହୋଇଛି। ଯାହାକି ଧାର୍ଯ୍ୟ ରାଜସ୍ୱର ଶତକଡା ୮୯ ଭାଗ। ଗତ ଅକ୍ଟୋବରରେ ଜିଲାରେ ୩୪ଟି ଦୁର୍ଘଟଣାରେ ୧୪ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରେ ୨୦୨୩ ଅକ୍ଟୋବର ସୁଦ୍ଧା ରାସ୍ତା ଦୁର୍ଘଟଣାରେ ମୋଟ ୧୨୨ ଜଣଙ୍କ ମୃତ୍ୟୁ ଘଟିଛି। ଗତ ଅକ୍ଟୋବରରେ ହେଲମେଟ ନ ପିନ୍ଧିଥିବା ୪୬୮ ଜଣଙ୍କୁ, ଅତ୍ୟଧିକ ବେଗରେ ଯାନ ଚଳାଉଥିବା ୬୯୮, ଗାଡ଼ି ଚଳାଇବା ସମୟରେ ଫୋନ ବ୍ୟବହାର କରୁଥିବା ୪୭ ଓ ୬୯ଜଣଙ୍କୁ ମଦ୍ୟପାନ କରିଥିବା ଅପରାଧରେ ମକଦ୍ଦମା ରୁଜୁ ହୋଇଥିଲା ଏବଂ ୧୪୦ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଗତ ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ମଦ ପିଇ ଗାଡି ଚଳାଉଥିବା ମାମଲରେ ୭୧୩ଜଣ ଧରାପଡିଥିଲେ। ଏହି ସପ୍ତାହ ମଧରେ ଦୁଇ ଚକିଆ ମଟର ଯାନର ଚାଳକ ତଥା ପଛରେ ବସିଥିବା ବ୍ୟକ୍ତିଙ୍କୁ ମଧ ହେଲମେଟ ବ୍ୟବହାର କରିବାକୁ ପଡିବ। ଅତ୍ୟଧିକ ବେଗରେ ଗାଡି ଚଳାଇ ପାରିବେ ନାହିଁ, ପ୍ରତିଯୋଗୀତା ମୂଳକ ଗାଡି ଚାଳନାକୁ ପ୍ରଶ୍ରୟ ଦିଆଯିବ ନାହିଁ, ଗାଡିର କାଗଜପତ୍ର ଓ ଲାଇସେନ୍ସ ଥିବା ଅତ୍ୟନ୍ତ ଜରୁରୀ, ୧୮ବର୍ଷରୁ କମ ବୟସ ପିଲାମାନଙ୍କୁ ଯାନବାହନ ଚଳାଇବା ନିଷେଧ, ନିଶାମୁକ୍ତ ଗାଡି ଚାଳନା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି । ଚାରି ଚକିଆ ଯାନରେ ସିଟ ବେଲ୍ଟ ବ୍ୟବହାର, ଧାର୍ଯ୍ୟ କ୍ଷମତାରୁ ଅଧିକ ମାଲ ବୋହିବା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ପ୍ରଦୂଷଣମୁକ୍ତ ପ୍ରମାଣପତ୍ର ଇଦ୍ୟାଦି ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ସୂଚନା ମିଳିଛି। ଏତେ ସବୁ ନିୟମ ପାଳନରେ ବେଖାତିର ଭାବ ପ୍ରଦର୍ଶନ କଲେ ଦଣ୍ଡିତ ହେବା ନିଶ୍ଚିତ ବୋଲି ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ତେଣୁ ବେପରୁଆ ଗାଡି ଚାଳକ ଓ ଆଇନ ଉଲ୍ଲଂଘନକାରୀ ଚାଳକମାନେ ଏବେ ଠାରୁ ସାବଧାନ ହୋଇଯିବା ଜରୁରୀ ବୋଲି କୁହାଯାଇଛି।



କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ।

## ସଂକ୍ଷେପରେ

### ପରିବେଶ ସୁରକ୍ଷା ପାଇଁ ସାଇକେଲରେ ଯାତ୍ରା




କୋକସରା,୩୦।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

ପରିବେଶକୁ ଆଗାମୀ ପିଢ଼ି ପାଇଁ କେମିତି ସୁରକ୍ଷା କରିହେବ ସେହି ଚିନ୍ତା ଓ ଉଦ୍ଦେଶ୍ୟ ନେଇ ଡିସେମ୍ବର ୨୦୨୨ରୁ ହରିଆଣାରୁ ସାଇକେଲ ଯୋଗେ ଭାରତ ଯାତ୍ରାରେ ବାହାରିଛନ୍ତି ହରିଆଣାର କାଇଥାଲ ଜିଲାର ଯୁବକ ଅଜୟ କୁମାର (୨୧)। ଯୁକ୍ତ ୩ ପଢିବା ପରେ ମନ ଭିତରେ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ଭାରତର ବିଭିନ୍ନ ରାଜ୍ୟ ଦେଇ ସେ ଗୁରୁବାର କଳାହାଣ୍ଡି ଜିଲା କୋକସରା ବ୍ଲକ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆସନ୍ତା ୨୦୨୫ ଜାନୁୟାରୀରେ ତାଙ୍କର ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ ଧାର୍ଯ୍ୟ ସମୟ ରଖିଛନ୍ତି। ପ୍ରତିଦିନ ପ୍ରାୟ ୧୦୦ କି.ମି. ଯାତ୍ରା କରି ବିଭିନ୍ନ ସ୍ଥାନରେ ଲୋକଙ୍କୁ ପରିବେଶ ପ୍ରଦୂଷଣ ରୋକିବା ନେଇ ସଚେତନ କରୁଛନ୍ତି। କୋକସରା ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ସ୍ୱାଗତ କରିଥିଲେ। ଇତି ମଧରେ ସେ ୧୬ଟି ରାଜ୍ୟ ଦେଇ ଓଡିଶାରେ ପହଞ୍ଚି ଥିବା ବେଳେ ୧୪ ହଜାର କି.ମି. ଅତିକ୍ରମ କରି ସାରିଛନ୍ତି। ଏହି ଭ୍ରମଣ ମଧରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ କିଛି ଦର୍ଶନ କରିଥିବା କହିଛନ୍ତି।

### ଗ୍ରାମ୍ୟ ଜଳ ଯୋଗାଣ ପମ୍ପ ହାଉସରୁ କେବୁଲ ଚୋରି

ତୁଣ୍ଡଲା,୩୦।୧୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ତାଲଭଅଁରା ଗ୍ରାମରେ ଥିବା ଉତେଇ ନଦୀଠାରେ ଲାଗିଥିବା ବସୁଧା ଯୋଜନାର ପାଣି ଟାଙ୍କିରେ ସଂଯୋଗ କେବୁଲ (ବିଦ୍ୟୁତ ତାର) ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିବା ଜଣାପଡିଛି। ଏହା ପୂର୍ବରୁ ମଧ ତୁଣ୍ଡଲା, ହାତୀଖୋଜ, ବେଲଖଣ୍ଡିରୁ ମଧ ଦୁର୍ବୃତ୍ତମାନେ କେବୁଲ ଚୋରି କରିଥିବା ଜଣାପଡିଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗଙ୍କୁ ପଚାରିବାରୁ ଗତ ଥର ଚୋରି ହୋଇଥିବା ଘଟଣା ବିଷୟରେ ପଲମ ଫାଣ୍ଡିକୁ ଜଣାଇଥିଲୁ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ପ୍ରକାଶ କରିଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପାନୀୟ ଜଳ ଦାବିରେ ବିଡିଓଙ୍କୁ ଦାବିପତ୍ର

କୋକସରା,୩୦।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜଲା କୋକସରା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ୮ ନମ୍ବର ୱାର୍ଡ଼ରେ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ଦୀର୍ଘ ମାସ ହେବ ଏହି ପଡାକୁ ସଂଯୋଗ ହୋଇଥିବା ପାନୀୟ ଜଳ ପାଇପ ଲାଇନରୁ ପାଣି ଯୋଗାଣରେ ଅନିୟମିତତା ହେଉଥିବା ନେଇ ୱାର୍ଡ଼ ୮ର ମହିଳାମାନେ ପୂର୍ବରୁ ଗ୍ରାମପଞ୍ଚାୟତକୁ ଜଣାଇ ଆସୁଛନ୍ତି। ହେଲେ ସରପଞ୍ଚ କିମ୍ବା କର୍ମଚାରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ବେଳେ ଗୁରୁବାର ୮ ନମ୍ବର ୱାର୍ଡ଼ ପଡାର ଶତାଧିକ ମହିଳାମାନେ ଏକତ୍ରିତ ହୋଇ ୱାର୍ଡ଼ ସଭ୍ୟା ଶୋଭନୀ ଦୁର୍ଗାଙ୍କ ନେତୃତ୍ୱରେ କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝି, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଯଶୋବନ୍ତି ଭୋଇ ଓ କୋକସରା ଥାନା ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆସନ୍ତା ୪ ତାରିଖରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ଜଳ ଯୋଗାଣ ବିଭାଗ କାର୍ଯ୍ୟକ୍ରମ ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଦେବା ସମୟରେ ସନ୍ଧ୍ୟାରାଣି ବାଗ, ନିରୂପମା ରାଉତ, ସବିତା ଖର୍ସେଲ, ରଞ୍ଜିତା ଜୁଏଡ଼, ଶାନ୍ତି ଖର୍ସେଲ, ପାଦୁକା ବାଗ, ମୁସ୍କାନ ଖମାରି, ଚାନ୍ଦିନୀ ଦୀପ, ରେବତୀ ରାଉତ, ରତ୍ନୀ ଚଣ୍ଡି, ଭୂମିସୁତା ରାଉତ, ବିନୋଦ ବିହାରୀ ରାଉତ, ଶୋଭା ରାଉତ, ଓମ ପ୍ରକାଶ ରାଉତ, ଅରୁଣ କାଣ୍ଡ ସମେତ ପଡାର ଶତାଧିକ ମହିଳା ଓ ବାସିନ୍ଦା ଉପସ୍ଥିତ ରହିଥିଲେ।

# ଅଭିଯୋଗ ପାଇଁ ୫ କି.ମି. ଚାଲିଲେ ଛାତ୍ର


ଛାତ୍ରମାନେ ଚାଲି ଚାଲି ଆସୁଛନ୍ତି।

ଭବାନୀପାଟଣା/ଥୁଆମୂଳ ରାମପୁର, ୩୦।୧୧(ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

**ପ୍ରଧାନ ଶିକ୍ଷକଙ୍କ ନାମରେ ଅନିୟମିତତା ଅଭିଯୋଗ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ଏସଏସଡି ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ନାମରେ ଗୁରୁବାର ଉକ୍ତ ସ୍କୁଲର ଦଶମ ଶ୍ରେଣୀର ଛାତ୍ରମାନେ ଅନିୟମିତତା କରୁଥିବା ଅଭିଯୋଗ ଆଣିଛନ୍ତି। ଟେଷ୍ଟ ପେପର କିଣିବା ପାଇଁ ଟଙ୍କା ଆସିଥିବାବେଳେ ଏହି ଟଙ୍କା ଛାତ୍ରମାନେ ଏ ପର୍ଯ୍ୟନ୍ତ ପାଇଁ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଛାତ୍ରମାନେ ଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗ ଦେବା ପାଇଁ ଭବାନୀପାଟଣା ପର୍ଯ୍ୟନ୍ତ ଚାଲି ଚାଲି ଆସୁଥିବା ଦେଖିବାକୁ ମିଳିଥିଲା। ଏହାର ଭିଡିଓ ଏବେ ଭାଇରାଲ ହୋଇଛି। ତେବେ ୫ କି.ମି. ଛାତ୍ରମାନେ ଚାଲିବା ପରେ ପେରମଞ୍ଜି ନିକଟରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ବୁଝାଶୁଝା କରି ବାଟରୁ ସ୍କୁଲକୁ ଫେରାଇ ନେଇଥିବା ଜଣାପଡିଛି। ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଅନ୍ୟ କାର୍ଯ୍ୟରେ ମଧ ନିୟୋଜିତ କରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋକ ନାଥ ବିଶୋଇଙ୍କୁ ପଚାରିବାରୁ ଟେଷ୍ଟ ପେପର କିଣିକି ଦେବା ପାଇଁ ଟଙ୍କା ଆସିଥିଲା। ହେଲେ ଛାତ୍ରମାନେ ପୂର୍ବରୁ ଟେଷ୍ଟ ପେପର କିଣି ଦେଇଥିବା କହିଥିଲେ। ତେବେ ଛାତ୍ରଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିଯୋଜିତ କରୁଥିବା କଥାକୁ ସେ ଅସ୍ୱୀକାର କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କୁ ପଚାରିବାରୁ ଶୁକ୍ରବାର ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ।

# ତହସିଲଦାରଙ୍କଠାରେ ଅଭିଯୋଗ କଲେ ଚାଷୀ


ତହସିଲଦାରଙ୍କ ନିକଟରେ ଚାଷୀ ଲିଖିତ ଅଭିଯୋଗ କରୁଛନ୍ତି।

କୋକସରା,୩୦।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

**ମଣ୍ଡିରେ ନିୟୋଜିତ ଶ୍ରମିକ ଅଧିକ ୫ ଟଙ୍କା ଦାବି କରୁଛନ୍ତି**

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ୨୯ ତାରିଖଠାରୁ ଜିଲାରେ ଖରିଫ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି। କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡିରେ ନିୟୋଜିତ ଶ୍ରମିକମାନେ ଚାଷୀଙ୍କ ଧାନ ଓଜନ ଓ ପରିବହନ ପାଇଁ କୁଇଣ୍ଟାଲ ପିଛା ଅଧିକ ୫ ଟଙ୍କା ଦାବି କରୁଛନ୍ତି। ଏ ନେଇ ଚାଷୀମାନେ ଗୁରୁବାର କୋକସରା ବ୍ଲକ ସଚେତନ କୃଷକ ମଞ୍ଚ ସଭାପତି ଶିବପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ବିଜୟ ସାହୁ, ସୁବୋଧ ପ୍ରଧାନୀ, ଲଲାଟେନ୍ଦୁ ପ୍ରଧାନୀ, ଦେବରାଜ ପଣ୍ଡା, ପଙ୍କଜ ପୋଢ଼, ସୁବୋଧ ପଣ୍ଡା, ଦୈତାରି ବାରିକ, ପ୍ରମୋଦ ଦାସ, କ୍ଷୀରସିନ୍ଧୁ ନେଗି, ଉତ୍ତମ ପ୍ରଧାନୀ, ନାଗରାଜ ପ୍ରଧାନୀ, ପରମେଶ୍ୱର ପାଣିଗ୍ରାହୀ, ଇଶରାମ ବାଗଙ୍କ ସହ ଅନ୍ୟ ଚାଷୀମାନେ ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନା ଅନୁସାରେ ମଣ୍ଡିରେ ନିୟୋଜିତ ଶ୍ରମିକଙ୍କୁ କୁଇଣ୍ଟାଲ ପିଛା ଗତବର୍ଷ ୮ ଟଙ୍କା ୪୭ ପଇସା ମଜୁରୀ ରହିଥିବା ବେଳେ ଚଳିତବର୍ଷଠାରୁ ତାହା ୧୩ ଟଙ୍କା ୧୮ ପଇସାକୁ ବୃଦ୍ଧି ପାଇଥିବା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଏପରି ସ୍ଥଳେ ମଣ୍ଡିରେ ନିୟୋଜିତ ଶ୍ରମିକମାନେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ଅଧିକ ୫ ଟଙ୍କା ଦାବି କରୁଥିବାକୁ ନେଇ ଚାଷୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୋଟିଏପଟେ କଟନୀ ଛଟନୀ ନାଁରେ କୁଇଣ୍ଟାଲ ପ୍ରତି ୫ ରୁ ୭ କେଜି ନେଉଥିବା ବେଳେ ଶ୍ରମିକଙ୍କ ଏହି ଦାବିକୁ ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ କୋକସରା ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁଙ୍କ ପ୍ରତିକ୍ରିୟା ନେବାରୁ ଆମ ପାଖରେ ଅଭିଯୋଗ ଆସିନାହିଁ, ମଣ୍ଡି ଶ୍ରମିକଙ୍କ ଦାବି ଓ ଚାଷୀଙ୍କ ଅଭିଯୋଗ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଅଭିଯାନ

ଭବାନୀପାଟଣା,୩୦।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡିଶା ସରକାରଙ୍କ ପ୍ରୋତ୍ସାହନରେ 'ନୂଆ-ଓ' ସାମାଜିକ କାର୍ଯ୍ୟକଳାପର ଗୁରୁବାର ଦ୍ୱିତୀୟ ଦିନରେ 'ଥରେ ବ୍ୟବହାର ପ୍ଲାଷ୍ଟିକ ବର୍ଜନ' ଅଭିଯାନ ଉପଲକ୍ଷେ ଏକ ପ୍ଲାଷ୍ଟିମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜିଲା ରେଡକ୍ରସ ମୁକ ବଧିର ବିଦ୍ୟାଳୟ ପରିସର ଓ ଭବାନୀପାଟଣା ରେଲୱେ ଷ୍ଟେଶନ ପରିସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏକ ବିଶାଳ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଡ. ମଧୁଲିକା ସାହୁ, ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ଡ. ମନୋଜ ମେହେର, ତରଣୀସେନ ଦେହୁରୀ, ଡ. କୈଳାସ ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧରେ ଦୀପକ ବେହେରା, ପ୍ରତ୍ୟୁଷ ବାଣୁଆ, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ସରୋଜ ନିଆଲ ପ୍ରମୁଖ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ନିଭାଇଥିଲେ। ଏହି କାର୍ଯ୍ୟକ୍ରମ ଯୁକ୍ତଦୁଇ ଓ ବିଶ୍ୱବିଦ୍ୟାଳୟର ପ୍ରାୟ ୫ଶହରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ, ଲୋକେ ଆତଙ୍କିତ

ନୂଆପଡ଼ା,୩୦।୧୧(ମକାରୁ ବେମାଲ)

ନୂଆପଡା ଜିଲାରେ କିଛି ଦିନ ବ୍ୟବଧାନ ପରେ ପୁଣି ଗୁରୁବାର ଆମାନାରା ସେକସନ କୁକୁରାତାଳ ଗାଁରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଜିଲାର ସୁନାବେଡା ଅଭୟାରଣ୍ୟ ନିକଟ ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲ ହୁର୍ରାବାଡା ଡଙ୍ଗର ପଥର ଚଟାଣ ଉପରେ ବାଘ ଛକି ବସିଥିବା ଗାଁ ଲୋକେ ଦେଖି ଆତଙ୍କିତ ହୋଇ ତାଟି କବାଟ ବନ୍ଦ କରି ରହୁଛନ୍ତି। କଲରାପଥରିଆ ବାଘ ଚଟାଣ ଉପରେ ବସି ଥିବା ଫଟୋ ସିସି କ୍ୟାମେରାରେ ମଧ କଏଦ ହୋଇଛି। ୨ଟି ବାଘ ବସିଥିବା ଗାଁ ଲୋକେ ଦେଖିଥିବା ବେଳେ ସିସି କ୍ୟାମେରା ଗୋଟିଏ ବାଘର ଚିତ୍ର କଏଦ ହୋଇଛି। ଏହି କଥା ପ୍ରଚାରିତ ହେବା ପରେ ତୁକେଶ ସାହୁ ଗାଁ ର ନରହରି ଉଜୀର,ରେବ ସାହୁଙ୍କୁ ସାଙ୍ଗରେ ନେଇ ସାହସ ରହ ସହ ମୋବାଇଲରେ ଫଟୋ ଉତୋଳନ କରି ସୋସିଆଲ ମେଡିଆରେ ଛାଡି ଅଞ୍ଚଳବାସୀଙ୍କୁ ସଚେତନ କରୁଛନ୍ତି। ନୂଆପଡା ସଦର ରେଞ୍ଜ ଧରମବନ୍ଧା ସେକସନ ଅଞ୍ଚଳରେ ୨ଜଣଙ୍କୁ ଆଘାତ କରି ଜଣଙ୍କୁ ଖାଇବା ପରେ ରକ୍ତମୁଖା ବାଘକୁ ବନ ବିଭାଗ କାବୁ କରି ଆଣି ସମ୍ବଲପୁର ଜୁକୁ ପଠାଇ ଥିଲା। ଏ ସଂକ୍ରାନ୍ତରେ ଆମାନାରା ସେକସନ ଫରେଷ୍ଟର ବିଘ୍ନେଶ୍ୱର ପୋଢ଼ଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ୧୦ ଜଣିଆ ଏକ ଟିମ ଗଠନ କରି ଜଙ୍ଗଲ ଓ ପାହାଡ ତଳି ଗାଁକୁ ଯାଇ ଡାକବାଜି ଯନ୍ତ୍ର ମାଧମରେ ସଚେତନ କରାଯାଉଛି। ଯାହାର ଜରୁରୀ କାମ ଅଛି ବାହାରକୁ ଯାଆନ୍ତୁ, ଅନ୍ୟଥାରେ ବାହାରକୁ ଯାଆନ୍ତୁ ନାହିଁ ବୋଲି ଲୋକଙ୍କୁ ସଚେତନ କରାଯାଉଛି ବୋଲି ସେ କହିଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


କ୍ରୀଡ଼ା ଉତ୍ସବରେ ଆୟୋଜିତ ମଶାଲ ଶୋଭାଯାତ୍ରା।

ପଲମ,୩୦।୧୧(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ରୁପ୍ରା ମସ୍କୁଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ନାଏକ, ବିଶ୍ୱମ୍ଭର ସେନାପତି, ଗିରିଧାରୀ ନାଗ ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ଗ୍ରାମର ଦେବୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଆସି ଖେଳ ପଡିଆରେ ମଶାଲ ସ୍ଥାପନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମାର୍ଚ୍ଚଫାଷ୍ଟ ଶପଥ ଗ୍ରହଣ କରି କ୍ରୀଡା ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାରୀରିକ ଶିକ୍ଷକ ସମୀର ରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଯଥା ବିଦ୍ୟାଧର ଭୋଇ, କେ. ଗଣେଶ ଆଚାରୀ, ସୁଶାନ୍ତ ଦୀପ, ସୁଜ୍ଞାନୀ ଦଲାଇ ପ୍ରମୁଖ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବରେ ସହଯୋଗ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଜିଲାସ୍ତରୀୟକୁ ୧୨ଜଣ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେଇଥିବା ବେଳେ ରାଜ୍ୟସ୍ତରକୁ ୫ଜଣ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରକାଶ କରିଥିଲେ।

## ଖଡିଆଳ ସ୍ୱୟଂଶାସିତ କଲେଜ ମହିଳା ଚାମ୍ପିୟନ, ପୁରୁଷ ରନର୍ ଅପ୍

ଖଡ଼ିଆଳ,୩୦।୧୧(ସୁଜିତ୍ କୁମାର ପ୍ରଧାନ)

**ଆନ୍ତଃ କଲେଜ ଖୋଖୋ ଟୁର୍ନାମେଣ୍ଟ**

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିକାଶ ଡିଗ୍ରୀ କଲେଜରେ ଆନ୍ତଃ କଲେଜ ଖୋଖୋ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଯାଇଛି। ଖଡିଆଳ ସ୍ୱୟଂ ଶାସିତ କଲେଜ ମହିଳା ଚାମ୍ପିୟନ ହୋଇଥିବା ବେଳେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରୁଷ ରନର୍ ଅପ୍ ହୋଇଛି। ପୁରୁଷରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ମହିଳାରେ ଚିଷିଡା ଡିଗ୍ରୀ କଲେଜ ରନର୍ ଅପ୍ ହୋଇଛି। ଉଦଘାଟନ ଖେଳରେ ମୁଖ୍ୟଅତିଥି ଭାବେ କଳାହାଣ୍ଡିବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ ଶତପଥୀ ଯୋଗଦେଇଥିବା ବେଳେ ଉଦଯାପନୀ ଖେଳରେ କ୍ରୀଡା ପରିଷଦ ନିର୍ଦ୍ଦେଶକ ଗଣେଷ ବେହେରା ଯୋଗଦେଇଥିଲେ। ଏହି ଦଳର ସଫଳତା ନେଇ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ, ଡ଼ା ରନବିର ସିଂ, କ୍ରୀଡା ଅଧାପକ ସରୋଜ କୁମାର ପଣ୍ଡା ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି।



# ଜିଲାସ୍ତରୀୟ ପିସି ଓ ପିଏନ୍‌ଡିଟି ଉପଦେଷ୍ଟା କମିଟି ବୈଠକ

ଭବାନୀପାଟଣା,୩୦।୧୧(ଉତ୍ତମ କୁମାର ଦାଶ)


ଜିଲାସ୍ତରୀୟ ପିସି ଓ ପିଏନଡିଟି ଉପଦେଷ୍ଟା କମିଟି ବୈଠକରେ ଆଲୋଚନା କରାଯାଉଛି।

- ସରକାରୀ ୪, ବେସରକାରୀ ୨୧ ଅଲଟ୍ରା ସାଉଣ୍ଡ ଡାକ୍ତର ସହ ଚାଲୁଛି
- ବେଆଇନ ଲିଙ୍ଗ ନିରୂପଣ କରୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ ଉପରେ ଚଢ଼ାଉ ପାଇଁ ନିର୍ଦ୍ଦେଶ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଗୁରୁବାର ଜିଲାସ୍ତରୀୟ ପିସି ଓ ପିଏନ ଡି ଟି ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସିଡିଏମଓ ଡାକ୍ତର ସୁଚେତା ପାଣି ଜିଲାରେ ପୂର୍ବ ଗର୍ଭ ଧାରଣ ଓ ଜନ୍ମ ପୂର୍ବରୁ ଲିଙ୍ଗ ନିରୂପଣ ସମ୍ବଧିୟ କାର୍ଯ୍ୟକ୍ରମରେ ନିଆଯାଇଥିବା ପଦକ୍ଷେପ ଓ ସ୍ୱୀକୃତି ଦେଇଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ ଉପରେ ସବିଶେଷ ତଥ୍ୟ ଦେଇଥିଲେ। ଜିଲାରେ ସରକାରୀସ୍ତରରେ ୪ଟି ଅଲଟ୍ରା ସାଉଣ୍ଡ ଡାକ୍ତର ସହ ଚାଲୁଥିବା ସୂଚନା ଦେଇଥିଲେ। ସେଗୁଡିକ ହେଲା ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନା, ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା, କେସିଙ୍ଗା ଓ ଏମ୍. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସେହିପରି ବେସରକାରୀ ଘରୋଇ କ୍ଷେତ୍ରରେ ଭବାନୀପାଟଣାରେ ୯ଟି, ଧର୍ମଗଡରେ ୫ଟି, କେସିଙ୍ଗାରେ ୨ଟି, ଜୁନାଗଡରେ ୩ଟି, ନର୍ଲାରେ ୧ଟି ଓ ଲାଞ୍ଜିଗଡରେ ୧ଟି ଅଲଟ୍ରା ସାଉଣ୍ଡ ଡାକ୍ତର ସହ ଚାଲୁଥିବା କହିଥିଲେ। ଜିଲାପାଳ ଗୃହରେ ଶିଶୁ କନ୍ୟାର ହ୍ରାସ ଓ ଲିଙ୍ଗଗତ ଅସମାନତାକୁ ଦୂର କରିବାକୁ ହେଲେ ଭ୍ରୁଣ ହତ୍ୟା ଭଳି ଜଘନ୍ୟ ଅପରାଧ କରୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ ବିରୋଧରେ ପଦକ୍ଷେପ ନେବାକୁ ସିଡିଏମଓଙ୍କୁ କହିଥିଲେ। ଯେହେତୁ ଶିଶୁ କନ୍ୟାର ହ୍ରାସର ଏକ ପ୍ରମୁଖ କାରଣ ମା' ଗର୍ଭରେ ଥିବା ଭ୍ରୁଣକୁ ନଷ୍ଟ କରିବା ଓ ଏଥିପାଇଁ ବେଆଇନ ଲିଙ୍ଗ ନିରୂପଣ କରୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକକୁ ଅଭିନବ ଉପାୟରେ, କୌଶଳରେ ଅଚାନକ ଚଢ଼ାଉ ଓ ଧରିବା ପାଇଁ ପଦକ୍ଷେପ ନେବାକୁ ଚଢାଉ ଟିମର ସଦସ୍ୟଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସଚେତନତା ସୃଷ୍ଟି କରିବା ସହ ବେଆଇନ ଲିଙ୍ଗ ନିରୂପଣ ବିଷୟରେ ଖବର ଦେବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖିବାକୁ ସିଡିଏମଓଙ୍କୁ କହିଥିଲେ। ବୈଠକରେ ଏଡିଏମଓ (ଏମଏସ) ଡାକ୍ତର ରଞ୍ଜନ ମିତ୍ର,ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବିଜୟ କର୍ମ, ଡିପିଏଚସିଓ ଭାରତୀ ବ୍ରହ୍ମା, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସମେତ ଦାପ୍ତା ସେବା ଜଗତ, ଜନ ସାହାଯ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି, ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ମତ୍ସ୍ୟଚାଷ, ଗୋପାଳନ ଉପରେ ଗୁରୁତ୍ୱ

ବୌଦ୍ଧ,୩୦।୧୧(ଅଜିତ କୁମାର ବାରିକ)

ଗତ ବୁଧବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ଏକ ଭିଡିଓ ବାର୍ତ୍ତା ଚାଷୀଙ୍କୁ ପ୍ରଦର୍ଶିତ କରାଯାଇଥିଲା । ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ଯୋଗ ଦେଇଥିଲେ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ରାମାରାଓ ପାଲୋ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଶ୍ରୀମନ୍ତ ନନ୍ଦ


ମେଳାର ଉଦ୍‌ଯାପନୀ ଉତ୍ସବରେ ଅତିଥି।

ଯୋଗଦେଇ ଚାଷୀମାନେ କିପରି ମତ୍ସ୍ୟ ଚାଷ ଓ ଗୋପାଳନ ଉପରେ ଗୁରୁତ୍ୱ ଦେଇ ନିଜର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିପାରିବେ ସେନେଇ ମତବ୍ୟକ୍ତ କରିଥିଲେ । ଅତିଥିମାନେ ଉଦ୍ୟୋଗୀ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ଚାଷ କରିବାକୁ ଆହ୍ୱାନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନୀରଦ ଚନ୍ଦ୍ର କହଁର ସଭା ପରିଚାଳନା କରିଥିଲେ। ମେଳାରେ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଡ.ସୀମନ୍ତ ନନ୍ଦ,

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ମତ୍ସ୍ୟ ବିଭାଗ ଉପ ନିର୍ଦ୍ଦେଶକ ସମ୍ବଲପୁର ବିରଜା ପ୍ରସାଦ ଦ୍ୱିବେଦୀ, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କେଉଁଝର ଡ. ପ୍ରଫୁଲ୍ଲ କୁମାର ସାହୁ, ସୁରେନ୍ଦ୍ର କୁମାର ଘଡେଇ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ମେଳା ଅବସରରେ କନ୍ଧମାଳ ବ୍ଲକର ଶ୍ରେଷ୍ଠ ବାୟୋଫ୍ଲକ ଚାଷୀ ସୁଶିଳା କର୍ଣ୍ଣ, ହରଭଙ୍ଗା ବ୍ଲକର ଶ୍ରେଷ୍ଠ ମତ୍ସ୍ୟ ଚାଷୀ ହାଡିବନ୍ଧୁ ପ୍ରଧାନ, ବୌଦ୍ଧ ବ୍ଲକ ଡମରଗାଡର ଶ୍ରେଷ୍ଠ ଛେଳି ଚାଷୀ ସୌମିତ୍ରୀ ବାଘ ଓ ମନମୁଣ୍ଡାର ଶ୍ରେଷ୍ଠ ବୟଲର ଉଦ୍ୟୋଗୀ କୁମୁଦିନୀ ମେହେରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡ. ପ୍ରିୟବ୍ରତ ବେହେରା ଓ ଡ. ସଂଘମିତ୍ରା ପ୍ରମାଣିକ , ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ସମସ୍ତ ଅଧିକାରୀ ତଥା କର୍ମଚାରୀ ସହଯୋଗ କରିଥିଲେ ।

# କଂଗ୍ରେସର ତୁଳସୀ ଯାତ୍ରା ଅଭିଯାନ


ତୁଳସୀ ଯାତ୍ରାର ଶୁଭାରମ୍ଭ କରାଯାଉଛି।

ସୋନପୁର,୩୦।୧୧(ମୃତ୍ୟୁଞ୍ଜୟ ଶତପଥୀ)

ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବା, ରତ୍ନ ଭଣ୍ଡାର ଖୋଲି ଅଳଙ୍କାର ଗଣତି କରିବା, ବେଦାନ୍ତ କମ୍ପାନୀ ଦ୍ୱାରା ଅଧିକୃତ ଅମୃତମଣୋହୀ ଜମି ଓ ଚାଷୀଙ୍କ ଜମିକୁ ତୁରନ୍ତ ଫେରସ୍ତ କରିବା ପାଇଁ କଂଗ୍ରେସ ଦଳ ଦାବି କରିଛି। ଏହି କ୍ରମରେ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ତୁଳସୀ ଯାତ୍ରାର ଶୁଭାରମ୍ଭ ହୋଇଛି। ସନ୍ଧ୍ୟାରେ ସୋନପୁର ସହରର ପଶ୍ଚିମ ସୋମନାଥ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ପରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିଲା। ଦଳୀୟ ସମର୍ଥକ ଓ ଶ୍ରଦ୍ଧାଳୁଙ୍କ ଠାରୁ ଫୁଲ, ତୁଳସୀ ନେଇ ଏକ ସୁସଜ୍ଜିତ ରଥ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଡିସେମ୍ବର ୧ ତାରିଖ ସୋମବାର ଏହି ରଥ ପୁରୀରେ ପହଞ୍ଚିବ। ଯାତ୍ରାର ଶୁଭାରମ୍ଭ ସମୟରେ ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା, ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ, ଯୁବ କଂଗ୍ରେସ ଜିଲା ସଭାପତି ପ୍ରିୟବ୍ରତ ସାହୁ, ସୁଧୀର ପଣ୍ଡା, ରଞ୍ଜିତ ରାୟ, ପ୍ରଦୀପ ସେଠୀ, କାର୍ତ୍ତିକ ନାଗ, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି, ନିମାଇଁ ପାଣିଗ୍ରାହୀ ଓ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ସମସ୍ୟା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ

ଡୁଙ୍ଗୁରିପାଲି,୩୦।୧୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗଣ୍ଡା ପଡ଼ାବାସୀ ଅଙ୍ଗ ନଦୀ ପାଇପ ପାଣି ପାଇବାରେ ସମସ୍ୟା ଦେଖାଦେଇଛି। ପଡ଼ାବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ଦିନ ହେବ ଅଙ୍ଗ ନଦୀରୁ ଦିଗଶିରା ଗ୍ରାମକୁ ଜଳଯୋଗାଣ ହୋଇ ଆସୁଛି। ପାଇପ ଲାଇନ ଦିଗଶିରା ଗାଁ ବସ୍ତି ଦେଇ ଗଣ୍ଡାପଡ଼ାକୁ ଆସିଛି । ହେଲେ ଶେଷ ମୁଣ୍ଡ ହୋଇଥିବାରୁ ଚାହିଦା ମୁତାବକ ପାଣି ପଡ଼ା ଲୋକେ ପାଇ ପାରୁନାହାନ୍ତି । କିଛି ଦିନ ହେବ ପାଇପ ଲାଇନ ଯାଇଥିବା ରାସ୍ତା କଂକ୍ରିଟ କରାଯାଇଛି। ଫଳରେ ପାଣି ମିଳିବା ଆହୁରି ଜଟିଳ ହୋଇଥିବା ପଡାବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୧ ତାରିଖରେ ବ୍ଲକଠାରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିବା ତତ୍କାଳୀନ ଡୁଙ୍ଗୁରିପାଲି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ


ପାଣି ସମସ୍ୟା ନେଇ ବିଭାଗୀୟ ଯନ୍ତ୍ରୀ ପଡାବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ଅଙ୍ଗନଦୀ ଜଳ ଯୋଗାଣ ସମସ୍ୟା

ରଞ୍ଜନ କୁମାର ପଟେଲ ଓ ସହକାରୀ ଯନ୍ତ୍ରୀ ହିମାଦ୍ରୀ ପଧାନଙ୍କୁ ପୂର୍ବତନ ୱାର୍ଡ ମେମ୍ବର ଦୀନବନ୍ଧୁ ସୁନା ପାଣି ସମସ୍ୟା ନେଇ ଅବଗତ କରାଇଥିଲେ । ଗୁରୁବାର ସହକାରୀ ଯନ୍ତ୍ରୀ ହିମାଦ୍ରୀ ପଧାନ ଦିଗଶିରା ଗଣ୍ଡାପଡ଼ାକୁ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ପଡ଼ାର ମହିଳା ପୁରୁଷ ପାଣି ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏକ ନୂତନ ପାଇପ ଯୋଗେ ପଡାକୁ ଅଙ୍ଗ ନଦୀରୁ ଆସୁଥିବା ପାଣି ସଂଯୋଗ କରିବା ପାଇଁ ଯନ୍ତ୍ରୀଙ୍କୁ ଜଣାଇଥିଲେ । କରିଥିଲେ। ଯନ୍ତ୍ରୀ ପଧାନ ପାଣି ସମସ୍ୟା ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଯନ୍ତ୍ରୀଙ୍କ ପରିଦର୍ଶନ ବେଳେ ପଡ଼ାର ସୁରେଶ ବାଗ, ହିମାଂଶୁ ସୁନା, ବିସିକେଶନ ଶିକା, ପୃଥ୍ୱୀରାଜ ସିକନ, ସୁରେନ୍ଦ୍ର ବାଗ, ରାଜେଶ ଦୀପ, କାର୍ତ୍ତିକ ଶିକା, ଶ୍ରୀକୃଷ୍ଣ ନାଗ, ଝାସକେତନ ସୁନା, ଅଲେଖ ଦୀପ, ଚିଥଲ ନାଗ, ପୂର୍ବତନ ୱାର୍ଡ ମେମ୍ବର ଦୀନବନ୍ଧୁ ସୁନା, ପୂର୍ବତନ ନାଏବ ସରପଞ୍ଚ ଶୈରେନ୍ଦ୍ର ସୁନା, ଦେବକୀ ନାଗ, ମିନା ସୁନା, ୱାର୍ଡ ସଭ୍ୟା ପୂଜା ବାଗ, ଲିଜିମା ଶିକା, ଭିତେଶ୍ୱରୀ ସୁନା, ମୋହିନୀ ସୁନା, ମାମି ଦୀପ, ସୂର୍ଯ୍ୟ, ସୁକାନ୍ତି, ଯଶସ୍ୱୀନୀ, ଦୈଇମତି, ରତ୍ନୁନା, ଭଗବତୀ, ସିଶୋ, ସୁରେଖା ପ୍ରମୁଖ ପଡାବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଲାଞ୍ଚ ମାମଲା, ପୂର୍ବତନ ସିଡିପିଓଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୩୦।୧୧(ରାକେଶ କୁମାର ରାଉତ)

ଏକ ଲାଞ୍ଚ ନେବା ମାମଲାର ବିଚାର କରି ଗୁରୁବାର କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଜରିମାନା ଏବଂ ଏହା ଅନାଦାୟେ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲା କଣ୍ଟାମାଳର ପୂର୍ବତନ ସିଡିପିଓ ଯଶୋବନ୍ତୀ ବେହେରା। କଣ୍ଟାମାଳ ବ୍ଲକ ଆମ୍ବଗାଁର ମା' ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ବିଭିନ୍ନ ପଞ୍ଚାୟତକୁ ଯୋଗାଉଥିଲା। ୨୦୧୬ ନଭେମ୍ବର ଓ ଡିସେମ୍ବର ମାସର ଛତୁଆ ବିଲ୍ ସିଡିପିଓଙ୍କ କାର୍ଯ୍ୟାଳୟରୁ ପାଇବାର ଥିଲା। ଏହି ବିଲ୍ କରିବା ପାଇଁ ସିଡିପିଓ ଯଶୋବନ୍ତୀ ଏସ୍‌ଏଚ୍‌ଜି ସମ୍ପାଦିକାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପାଦିକା ଶୈଳବାଳା ଦାଶ ଏ ନେଇ ୨୦୧୭ ଜାନୁୟାରୀ ୧୧ରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୧୨ ତାରିଖରେ ସିଡିପିଓ ତାଙ୍କ କାର୍ଯ୍ୟାଳୟରେ ଏହି ଅର୍ଥ ଗ୍ରହଣ କରିଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ସହ ସିଡିପିଓଙ୍କୁ ଗିରଫ କରିଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୬/୧୭ରେ ମାମଲା ରୁଜୁ ହୋଇଥିଲା। ମୋଟ ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଅନ୍ୟ ତଥ୍ୟ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ସିଡିପିଓ ଯଶୋବନ୍ତୀ ୨୦୨୧ ଏପ୍ରିଲ ୩୦ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।

### ବୌଦ୍ଧ ଜିଲା ବିଜେଡିର ବିଭିନ୍ନ ଜୋନ ସଂଯୋଜକ ନିଯୁକ୍ତ

ବୌଦ୍ଧ,୩୦।୧୧(ଅଜିତ କୁମାର ବାରିକ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଚଳାଇଛନ୍ତି । ଦଳକୁ ମଜଭୁତ କରିବା ପାଇଁ ବୈଠକ ଆରମ୍ଭ ହୋଇଯାଇଛି। ବୌଦ୍ଧ ଜିଲାର ଦୁଇଟି ନିର୍ବାଚନମଣ୍ଡଳୀରେ ଜିଲା ପର୍ଯ୍ୟବେକ୍ଷକ, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଓ ନିର୍ବାଚନ ସଂଯୋଜକ ନିଯୁକ୍ତି ପରେ ଏବେ ପ୍ରତ୍ୟେକ ଜିଲା ପରିଷଦ ଜୋନ ପାଇଁ ଜଣେ ଲେଖାଏ ସଂଯୋଜକଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ମୁତାବକ, କଣ୍ଟାମାଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧ ନମ୍ବର ଜୋନ ପାଇଁ ରାଧାବଲ୍ଲଭ ପ୍ରଧାନ, ୨ ନମ୍ବର ଜୋନ ପାଇଁ ବାଳମୁକୁନ୍ଦ ମେହେର, ୩ ନମ୍ବର ଜୋନ ପାଇଁ ପ୍ରଶାନ୍ତ ରଣା, ୪ ନମ୍ବର ଜୋନ ପାଇଁ ପ୍ରେମରାଜ ରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀ ମିଳିତ ଭାବରେ ଥିବା ୫ ନମ୍ବର ଜୋନ ପାଇଁ ମାନସ ପୁରୋହିତଙ୍କୁ ସଂଯୋଜକ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ବୌଦ୍ଧ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ ନମ୍ବର ଜୋନ ପାଇଁ ଅଶ୍ୱିନୀ କୁମାର ପ୍ରଧାନ, ୭ ନମ୍ବର ଜୋନ ପାଇଁ ବିଦ୍ୟାଧର ସ୍ୱାଇଁ, ୮ ନମ୍ବର ଜୋନ ପାଇଁ ସୁବୋଧ କୁମାର ପ୍ରଧାନ, ୯ ନମ୍ବର ଜୋନ ପାଇଁ ସୁଶାନ୍ତ କୁମାର ପ୍ରଧାନ ଓ ବୌଦ୍ଧ ଏନଏସି ପାଇଁ ଅଶୋକ କୁମାର ସାହୁଙ୍କୁ ସଂଯୋଜକ ଭାବରେ ଦାୟିତ୍ୱ ଦିଆଯାଇଛି।

## ଏମଏମସିସି ସମ୍ବଲପୁର କ୍ୱାଟର ଫାଇନାଲରେ

# ୧୦ମ ସୁଧୀର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଅମରପାଲି,୩୦।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ପଞ୍ଚଖଣ୍ଡା ଖେଳ ପଡିଆରେ ଗୁରୁବାର ଦିନ ୧୦ମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଟୁର୍ନାମେଣ୍ଟ ପରିଚାଳନା କମିଟିର ସଭାପତି ବିମଳ ମୁଦୁଲି ପୌରୋହିତ୍ୟ କରିଥିଲେ। ଅଚ୍ୟୁତାନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଅନୁସୟା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଗ୍ରାମର ବରିଷ୍ଠ ନାଗରିକ ଧରଣୀଧର ପାଢ଼ୀ, ଲକ୍ଷ୍ମୀ ୟୁପି ସ୍କୁଲର ପ୍ରଧାନଶିକ୍ଷକ ସପନ କୁମାର ପ୍ରଧାନ, ଗ୍ରାମର ଗୌନ୍ତିଆ


କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଉଭୟ ଦଳର ଖେଳାଳି।

ଗଜେନ୍ଦ୍ର ପଧାନ, ସରପଞ୍ଚ ପ୍ରତିନିଧି ସପନ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ କମିରା ଓ ଏମଏମସିସି ସମ୍ବଲପୁର ମଧ୍ୟରେ ହୋଇଥିଲା। ସମ୍ବଲପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ସମ୍ବଲପୁର ଦଳ ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୧୩ ରନ କରିଥିଲା। ଦଳର ଅମୂଲ୍ୟ ପାତ୍ର ୨୭ ବଲରୁ ୪୩ ରନ ଓ ଜିତୁ ୨୭ ବଲରୁ ୩୭ ରନ କରିଥିଲେ। କମିରାର ବିକ୍ରମ ୩ ଓ ମିଲୁ ଦୁଇଟି ଉଇକେଟ ନେଇଥିଲେ। ଜବାବରେ କମିରା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୯୧ ରନ କରି ପରାସ୍ତ ହୋଇଥିଲା। କମିରାର ବିକ୍ରମ ୧୪ ବଲରୁ ୨୯ ରନ ଓ ରାଜକୁମାର ୨୯ ରନ କରିଥିଲେ। ସମ୍ବଲପୁରର ହୋଲ୍ଡର ଓ ଶିଶିର ପ୍ରତ୍ୟେକ ୨ଟି ଲେଖାଏ ଏବଂ ଅମୂଲ୍ୟ ପାତ୍ର ଗୋଟିଏ ଉଇକେଟ ନେଇଥିଲେ। ଏମଏମସିସି ସମ୍ବଲପୁର ମ୍ୟାଚକୁ ଜିଣି କ୍ୱାଟର ଫାଇନାଲ ରେ ପ୍ରବେଶ କରିଛି। ମ୍ୟାଚରେ ପ୍ରଦୀପ ସାହୁ ଓ ପପୁନ ଚଉଲିଆ ଅମ୍ପାୟାର, ଶ୍ରୀଦାସ ବାରିକ ସ୍କୋରିଂ ଏବଂ ବୁଦ୍ଧଦେବ ଓ ସଚିନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସରପଞ୍ଚ ରବି ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁରର ଅମୂଲ୍ୟ ପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

# ମୁର୍ଷୁଣ୍ଡିରେ ସମ୍ବିଧାନ ଦିବସ ପାଳନ

ଅମରପାଲି,୩୦।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡିସ୍ଥିତ ଆମ୍ବେଡକର ଯୁବ ଜ୍ୟୋତି ଯୁବକ ସଂଘ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ଚାପଧାରୀ ଗର୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁଗ୍ରୀବ ଗୌତମ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡକର ଓ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମୁଖ୍ୟବକ୍ତା ଭାବେ ଜାତୀୟ ଧର୍ମ ମହାସଭାର ଧରମ ପ୍ରିୟ ପ୍ରଶାନ୍ତ ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ମିର୍ଦ୍ଧା, ସରପଞ୍ଚ ମହେନ୍ଦ୍ର ଜଗଦଲା, ଭାରତ ନାଏକ, ରାଜକୁମାର ବଡି, ଜମେଶ୍ୱର ଦୀପ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବା ସାହେବ ଡ଼. ଭୀମ ରାଓ ଆମ୍ବେଡକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ଗାଁ ଗାଁରେ ସମ୍ବିଧାନ ଉପରେ ଲୋକଙ୍କୁ ସଚେତନ କରିବା ସହିତ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଜାତୀୟ ଚେତନାର ପ୍ରସାର ଓ ପ୍ରଚାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ନବୀନ ଭୋଇ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୌମିତ୍ରୀ ଗର୍ଡିଆ, କାହ୍ନୁ ଗର୍ଡିଆ, ନବୀନ ନାଏକ, ଟିଙ୍କୁ, ପୁରନ୍ଦ୍ର, ପ୍ରମୋଦ, ତ୍ରିପୁରାରୀ ସହଯୋଗ କରିଥିଲେ।

# କୁମ୍ଭାର ସମାଜର ମିଳିତ ବୈଠକ


କୁମ୍ଭାର ସମାଜ ନୂତନ ପରିଚାଳନା କମିଟିର ସଦସ୍ୟ।

ଅମରପାଲି,୩୦।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର ଷଣ୍ଢା ଗ୍ରାମରେ ବ୍ଲକ କୁମ୍ଭାର ସମାଜର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସୁବର୍ଣ୍ଣପୁର ଜିଲା କୁମ୍ଭାର ସମାଜ ମହାସଂଘର ସଭାପତି ନିରାକାର ରଣା ପୌରୋହିତ୍ୟ କରିଥିଲେ। ଏଥିରେ କୁମ୍ଭାର ସମାଜର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିସହିତ କୌଣସି କ୍ଷେତ୍ରରେ ନିର୍ଯାତିତ ହେଉଥିବା ସମାଜର ବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ସମସ୍ତେ ଆଗଭର ହେବାକୁ ଆହ୍ୱାନ କରାଯାଇଥିଲା। ପ୍ରାରମ୍ଭରେ ଷଣ୍ଢା ଗ୍ରାମର ରତ୍ନେଶ୍ୱରିଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସମାଜର ବୀରମହାରାଜପୁର ବ୍ଲକସ୍ତରୀୟ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସମାଜର ସଭାପତି ଭାବେ ଜୀବର୍ଦ୍ଧନ ରଣା, ସମ୍ପାଦକ ଭାବେ ଗୁପ୍ତେଶ୍ୱର ରଣା ଓ ନିରଞ୍ଜନ ରଣାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ବୈଠକରେ ଗୀତାରାଣୀ ରଣା, ସୁବିଧା ରଣା, ନେପୁର ରଣା, ମହାଦେବ ରଣା, ରାମ ରଣା, ସୁରେଶ ରଣାଙ୍କୁ ପରିଚାଳନା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଥିଲା । କୁମ୍ଭାର ସମାଜର ରାଜ୍ୟ ସଭାପତି ଯୁଗଳ କିଶୋର ରଣା, ନିରାକାର ରଣା, ଭକ୍ତ ଚରଣ ରଣା, ପ୍ରଫୁଲ୍ଲ ରଣା, ଖଗେଶ୍ୱର ରଣା, ଶିବ ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନଟବର ରଣା , ଗଣେଶ୍ୱର ରଣା,ଶିବ ପ୍ରସାଦ ରଣା,ସୁରେଶ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଘିଚାପାଲିରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଅମରପାଲି,୩୦।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗୁରପଙ୍କ ପଞ୍ଚାୟତର ଘିଚାପାଲି ଗ୍ରାମରେ ଗ୍ରାମ ପରିଚାଳନା କମିଟି ଆନୁକୂଲ୍ୟରେ ରାସପୂର୍ଣ୍ଣିମା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି। ପୂର୍ବାହ୍ନ ୧୦ ଟାରୁ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲା ମଲମୁଣ୍ଡାର ମୋନାଲୀ ମହାପାତ୍ର ବ୍ୟାସ ଭାବେ ଯୋଗଦେଇ ପାରାୟଣ କରିଥିଲେ। ସନ୍ଧ୍ୟା ୫ଟାରୁ ବରଗଡ଼ ଜିଲା ଧୂସରବହାଲ ଗ୍ରାମର ମା' ବୀଣାପାଣି ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହାପରେ ରାତିରେ ବାଞ୍ଜିପାଲି (ବରଗଡ଼)ର ଅପେରା ବିଶ୍ୱ ଭାରତୀ ଦ୍ୱାରା ଅପେରା ପରିବେଷଣ ହୋଇଥିଲା। ଏହି ଅବସରରେ ଗ୍ରାମ୍ୟ କମିଟିର ସଦସ୍ୟ ଶ୍ୟାମ ନନ୍ଦଙ୍କ ସଂଯୋଜନାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଲୁଙ୍ଗୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତ, ଗ୍ରାମ ପରିଚାଳନା କମିଟିର ଉପଦେଷ୍ଟା ହରିହର ବେହେରା,



ବାବୁଲାଲ ସାହୁ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଗ୍ରାମ ପରିଚାଳନା କମିଟିର ସଭାପତି ରାଜ କୁମାର ସାହୁ, ସଦସ୍ୟ ମାଧବ ନାଏକ, ସୁଶାନ୍ତ ବେହେରା, ଶତ୍ରୁଘ୍ନ କଲତା, ଉଗ୍ରସେନ କଲତା, ରାଧେଶ୍ୟାମ ବେହେରା, ରିଙ୍କୁ ବେହେରା, ସଞ୍ଜୟ ସାହୁ, ଏସ.ସାହୁ ଓ ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ବୌଦ୍ଧ,୩୦।୧୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସ୍ୱାଇଁ ଗତ ବୈଠକର ନିଷ୍ପତ୍ତିର ଅନୁପାଳନ ଉପରେ ଗୁରୁତ୍ୱ ଦେଇ ଯଥାଶୀଘ୍ର କାମଗୁଡିକ ସଂପାଦନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଗତ ବର୍ଷ ତୁଳନାରେ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା କମିଥିବା, ଗାଡି ଚାଲାଣ, ହେଲମେଟ ଯାଞ୍ଚ ସଂପର୍କିତ ମାମଲା ବୃଦ୍ଧି ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ଜିଲାପାଳ ସ୍ୱାଇଁ ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକ ଚିହ୍ନଟ କରି ରାସ୍ତା ଉପରେ ସଙ୍କେତ ଦେବା ପାଇଁ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଟ୍ରକ ମାଲିକ ସଂଘ ସଭାପତି ଶିବପ୍ରସାଦ ମିଶ୍ର ରାସ୍ତା କଡରେ ପାର୍କିଂ ଫଳରେ ଦୁର୍ଘଟଣା



ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

## ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

ହେଉଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ଏଣୁ ଜିଲାରେ ଆରକ୍ଷୀ ଅଧୀକ୍ଷକ ଓ ଆଞ୍ଚଳିକ ପରିବହନ ଅଧିକାରୀ ମିଳିତ ଚଢାଉ କରି ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ଡିସେମ୍ବର ୧ରୁ ୭ତାରିଖ ପର୍ଯ୍ୟନ୍ତ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳିତ ହେବାକୁ ଥିବାରୁ ସମସ୍ତଙ୍କୁ ଧିରେ ଗାଡି ଚଳାଇବା, ହେଲମେଟ ବ୍ୟବହାର କରିବା, ଗାଡି ଚାଳନା ସମୟରେ ମାଦକ ଦ୍ରବ୍ୟ ସେବନ ନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମହାପାତ୍ର, ଡିଏସପି ସଂଯୁକ୍ତା ବାର୍ଲା, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଲୁର, ଇଞ୍ଜିନିୟର ପିକେ ଦାସ, କୁନା ଚରଣ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ କେ. ସିଂ, ଘାସିରାମ ସ୍ୱାଇଁ , ଟ୍ରାଫିକ ଇନ୍ସପେକ୍ଟର ଦେବାଶିଷ ନାଏକ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଯୁବତୀ ମୃତ

**ନୂଆଗାଁ,୩୦।୧୧(ବିଜୟ ତ୍ରିପାଠୀ)**

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ହାତିବାରୀ ନିକଟସ୍ଥ ସାତଭାୟା ଜଙ୍ଗଲରେ ବୁଧବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା(ସନ୍ଧ୍ୟା ୭ଟା) ମୃତା ଯୁବତୀଙ୍କ ପରିଚୟ ମିଳିପାରି ନାହିଁ। ଘଟଣା ସ୍ଥଳରେ ବୀରମିତ୍ରପୁର ଏସିଏଫ ଦୁର୍ଯ୍ୟୋଧନ ଜରିଆ, କୁଆଁରମୁଣ୍ଡା ରେଞ୍ଜରଙ୍କ ସହ ହାତୀବାରୀ ଥାନା ପୋଲିସ ଓ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବୀରମିତ୍ରପୁର ତହସିଲଦାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ହାତୀବାରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଫରେଷ୍ଟର ଗୋପାଳ ଓରାମଙ୍କ କହିବାନୁସାରେ, ହାତୀ ଆକ୍ରମଣରେ ସମ୍ପୃକ୍ତ ଯୁବତୀ ଜଣଙ୍କ ମୃତ୍ୟୁ ହୋଇଥାଇପାରେ ତଥାପି ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣା ପଡିବ।

### ପୃଥକ୍ ସଡ଼କ ଦୁର୍ଘଟଣା, ଜଣେ ମୃତ

**କୁତ୍ରା,୩୦।୧୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳରେ ଗୋଟିଏ ଦିନରେ ପୃଥକ ପୃଥକ ଭାବେ ୩ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବୁଡାକଟା ଧୁମାପଡାର ଶୁରେସ ସୋରେଙ୍ଗ (୨୩)। ଗୁରୁତର ହେଲେ ଲାଇଙ୍ଗ ଖଜୁରଡିହି ଗ୍ରାମର ଧନେଶ୍ୱର ତିର୍କୀ (୩୫), ଝାନପାଲି ଗ୍ରାମର ରୋହିତ ବାଡା (୨୦),ଝାଡ଼ଖଣ୍ଡ ଗ୍ରାମର ସବୁ ଅନସାରୀ (୨୦) ଓ ରାଜେଶ ବା (୨୦)। ସମସ୍ତ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ କୁତ୍ରା ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ କରୁଛି।

### ପୁରୁଖା ନାଗରିକଙ୍କ ପରଲୋକ

**ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଜେ.ରାଏବଗା ପଞ୍ଚାୟତ ନାକଡିହି ଗ୍ରାମର ପୁରୁଖା ନାଗରିକ ଚନ୍ଦନ ମେହେରଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ଦୀର୍ଘ ଦିନହେବ ସେ ଅସୁସ୍ଥ ହୋଇ ଚିକିତ୍ସିତ ଥିଲେ। ସେ ଗ୍ରାମର ଛୋଟବଡ ସମସ୍ୟାକୁ ସମାଧାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମଦ ଜବତ, ମହିଳା ଗିରଫ

**ବଡ଼ଗାଁ,୩୦।୧୧( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ରୂନଗା ଗ୍ରାମରେ ଜଣେ ମହିଳା ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଚଢ଼ାଉ କରି ସୁମିତ୍ରା ଗର୍ଡିଆ (୩୫)ଙ୍କୁ ଗିରଫ କରିବା ସହ ୫ଲିଟର ଦେଶୀ ମହୁଲି ମଦ ଜବତ କରିଛି। ପରେ ପୋଲିସ ମହିଳା ଜଣଙ୍କୁ ୪୧ ନୋଟିସରେ ଛାଡିଛି। ଉକ୍ତ ଗ୍ରାମର ୪ଟି ସ୍ଥାନରେ ଦେଶୀ ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିବା ଜଣାପଡିଛି।

# ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କଲେ ଜିଲାପାଳ




ଅଧିକାରୀଙ୍କ ସହ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି ଜିଲାପାଳ।

**ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଟୁଲି)**

## ଜିଲାପାଳଙ୍କ ଥିମ, ପାରିଜାତ ପାର୍କ, ସମଲେଶ୍ୱରୀ ମନ୍ଦିର ପରିଦର୍ଶନ

ସୁନ୍ଦରଗଡ ସହରରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ଅନ୍ୟତମ ପ୍ରମୁଖ ମନୋରମ ସ୍ଥାନ ଥିମ୍ ପାର୍କ ଓ ପାରିଜାତ ପାର୍କର ପୁନରୁଦ୍ଧାର ପାଇଁ ଏବେ ଜିଲା ପ୍ରଶାସନ ଅଣ୍ଟା ଭିଡିଛି। ସେହିପରି ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରର ମଧ ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲୀ ଗୁରୁବାର ମହେଶଡିହିରେ ଥିବା ଥିମ ପାର୍କ ଏବଂ ସହର ଉପକଣ୍ଠରେ ଥିବା ପାରିଜାତ ପାର୍କ ସହ ସମଲେଶ୍ୱରୀ ମନ୍ଦିର ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଚାଲିଥିବା ଉନ୍ନୟନମୂଳକ କାମର ନୀରିକ୍ଷଣ କରିଥିଲେ। ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଡା.ଗାଭାଲୀ ପ୍ରଥମେ ମହେଶଡିହିରେ ଥିବା ଥିମ ପାର୍କକୁ ଯାଇ ସେଠାର ଉନ୍ନୟନ ମୂଳକ କାମର ତଦାରଖ କରିଥିଲେ। ପାର୍କରେ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ଅଲଗା ଅଲଗା ପଥ ପ୍ରସ୍ତୁତ କରିବା ସହ ପାର୍କିଂ ସ୍ଥାନ ନିରୂପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସେଠାରେ ଥିବା ପୁରୁଣା ଘର ଗୁଡିକୁ ନ ଭାଙ୍ଗି ପୁନଃ ବ୍ୟବହାରକ୍ଷମ କରି ଏହାକୁ କାମରେ ଲଗାଇବା ପାଇଁ ବ୍ୟବସ୍ଥା କରିବା ଦିଗରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଶଙ୍କରାଠାରେ ଥିବା ପାରିଜାତ ପାର୍କକୁ ଯାଇ ସେଠାରେ ଚାଲୁଥିବା କାମର ପର୍ଯ୍ୟବେକ୍ଷଣ କରିଥିଲେ। ସେଠାରେ ନିଆଯାଉଥିବା ପଦକ୍ଷେପ ଉପରେ ବୁଲି ଦେଖିବା ସହ ଉଭୟ ପ୍ରକଳ୍ପକୁ ଡିସେମ୍ବର ମଧ୍ୟରେ ସାରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହା ପରେ ସମଲେଶ୍ୱରୀ ମନ୍ଦିର ପରିଦର୍ଶନରେ ଯାଇଥିଲେ। ସେଠାରେ ମନ୍ଦିର କମିଟି ସଦସ୍ୟଙ୍କ ସହ ଆଲୋଚନା କରିବା ସହ ବିଭାଗୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ରିଭର ଫ୍ରଂଟକୁ ବିଦ୍ୟୁତ ବ୍ୟବସ୍ଥା କରିବା ସହ ସେଠାରେ ବେଞ୍ଚ ବ୍ୟବସ୍ଥା କରି ଲୋକଙ୍କର ବସିବା ପାଇଁ ସୁବିଧା କରିବା ଦିଗରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଏବଂ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୮ ଟନ ଲୁହା ପାଇପ ଜବତ, ୩ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୩୦।୧୧(ମହେନ୍ଦ୍ର କୁମାର ସାହୁ)**



ପୋଲିସଙ୍କ ଗ୍ରହଣରେ ଗିରଫ ହୋଇଥିବା ଅଭିଯୁକ୍ତ।

ବୀରମିତ୍ରପୁର ଥାନା ଓ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ବିଜାବାହାଲ ଓ ଲୋଡୋସେରା ନିକଟରେ ଥିବା ୨ଟି କାରଖାନାରୁ ଲୁହା ପାଇପ ଟ୍ରେଲର(ଜେଏଚ୧୧ଆର୩୧୧୨)ରେ ବୋଝେଇ ହୋଇ ଗତ ୧୪ରେ ଝାଡ଼ଖଣ୍ଡ ରାଞ୍ଚି ଜିଲାରେ ବିକ୍ରି ହେବା ପାଇଁ ପଠାଯାଇଥିଲା। ହେଲେ ୧୯ ସୁଦ୍ଧା ଗାଡ଼ି ନ ପହଞ୍ଚିବାରୁ ଟ୍ରାନ୍ସପୋର୍ଟର ନନ୍ଦ କିଶୋର ସିଂ ବୀରମିତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଝାଡ଼ଖଣ୍ଡ ରାଜ୍ୟରୁ ୨ ଅଭିଯୁକ୍ତଙ୍କ ସମେତ ଚୋରା ପାଇପ କିଣିଥିବା ଜଣେ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟର ଅବଦୁଲା ଅନସାରୀ(୧୯) ଓ ହାଫିଜୁଲ ଅନସାରୀ(୩୫) ଓ ଅଭିଯୁକ୍ତ ବ୍ୟବସାୟୀ ହେଉଛନ୍ତି ସଲମାନ୍ ଖାନ (୩୦)। ଅଭିଯୁକ୍ତ ଅବଦୁଲା ଟ୍ରେଲର ଚାଳକ ହୋଇଥିବା ବେଳେ ସେ ଉକ୍ତ ଗାଡିକୁ ରାଞ୍ଚି ନ ନେଇ ସିମଡେଗାର ଲୁହା ବ୍ୟବସାୟୀ ସଲମାନଙ୍କୁ ବିକ୍ରି କରି ଫେରାର ହୋଇଯାଇଥିଲେ ବୋଲି ଗୁରୁବାର ଅପରାହ୍ନରେ ବୀରମିତ୍ରପୁର ପୋଲିସ ଏକ ପ୍ରେସ୍ ନୋଟରେ ସୂଚନା ଦେଇଛି। ସମୁଦାୟ ୨୪ ଟନରୁ ଊର୍ଦ୍ଧ୍ୱ ଲୁହା ପାଇପ ମଧ୍ୟରୁ ପୋଲିସ କେବଳ ୮ ଟନ ଜବତ କରିଛି। ଲୁଟ୍ ହୋଇଥିବା ୨୪ ଟନ ପାଇପର ମୂଲ୍ୟ ପ୍ରାୟ ୧୪ ଲକ୍ଷ ହେବ ବୋଲି ପୋଲିସ କହିଛି। ଏହି ଲୁଟ୍ ଘଟଣାରେ ଜଡ଼ିତ ଅନ୍ୟ ୨ ଜଣ ଏବେ ଫେରାର ଥିବା ମଧ ପୋଲିସ କହିଛି। ଏସ୍‌ଡିପିଓ ସୁଶାନ୍ତ ଦାସ ଆୟୋଜିତ ଖବରଦାତା ବୈଠକରେ ପ୍ରକାଶ କରିଥିବା ବେଳେ ଏଥିରେ ଆଇଆଇସି ଆଶିଷ ଜେନା ଓ ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଉପସ୍ଥିତ ଥିଲେ।

### ବନ୍ଧୁକ ମୁନରେ ମୋବାଇଲ, ଟଙ୍କା ଲୁଟ

**ନୂଆଗାଁ,୩୦।୧୧(ବିଜୟତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ହାତିବାରୀ ଥାନା ଅନ୍ତର୍ଗତ ନୂଆଗାଁ ଫାଣ୍ଡିଠାରୁ ମାତ୍ର ୫ରୁ୬ ଶହ ମିଟର ଦୂର ମୁଖ୍ୟ ରାସ୍ତା ଉପରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରୁ ଗୁରୁବାର ସନ୍ଧ୍ୟା ସମୟରେ ୨ ଦୁର୍ବୃତ୍ତ ବନ୍ଧୁକ ମୁନରେ ୧୦ରୁ୧୫ଟି ମୋବାଇଲ ସହ ପ୍ରାୟ ୨୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଖବର ପାଇ ନୂଆଗାଁ ଫାଣ୍ଡି ପୋଲିସ ଦୁର୍ବୃତ୍ତଙ୍କ ପିଛା କରିଥିଲେ ହେଁ ସେମାନଙ୍କ କିଛି ଟେର ପାଇ ନ ଥିଲେ। ତେବେ ଲୁଟ ହୋଇଥିବା ମୋବାଇଲର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱହେବ ବୋଲି ଦୋକାନ ମାଲିକ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ୨ ଯୁବକ ପ୍ରଥମେ ଗ୍ରାହକ ହୋଇ ଦୋକାନରେ ପସି ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଦେଖିଥିଲେ। ପରେ ବନ୍ଧୁକ ବାହାର କରି ଲୁଟ କରି ଏକ ବାଇକ୍‌ରେ ଫେରାର ହୋଇଯାଇଥିଲେ।

# ସରକାରୀ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଟୁଲି)**



ସୁନ୍ଦରଗଡ ସରକାରୀ କଲେଜରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ମାଟି ପାଇଁ କଳା,ସଂସ୍କୃତି, ସାହିତ୍ୟ, ସମାଜ କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡା. ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଯୁବ ଉଦ୍ୟୋଗୀ ସଞ୍ଜୟ ନନ୍ଦ ଯୋଗଦେଇ ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧକ୍ଷ ଡା.ଲଳିତ ରଞ୍ଜନ ସାହୁ ସଭାରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଛାତ୍ରୀଛାତ୍ର ନିଜର ସୃଜନାତ୍ମକ କଳାର ପରିସ୍ଫୁଟନ ପାଇଁ ରାଜ୍ୟସରକାରଙ୍କ ଏହା ଏକ ବଳିଷ୍ଠ ମାଧମ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, କାଉନସିଲର ହେମନ୍ତ ପାଢୀ, ଦେବେଶ କୁମାର ଦାଶ, ବିଜୁଛାତ୍ର ଜନତା ଦଳର ଜିଲା ସଭାପତି ସେହେବାଜ ହୁସେନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ନୂତନ ଖମାରୀ, ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜିକା ଆଞ୍ଜେଲିନା କିଣ୍ଡୋଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ଗରୁଡେଶ୍ୱର ଦାସ, ଡ.ପ୍ରକାଶ କୁମାର ସାହୁ, ପ୍ରଶାସନିକ ମୁଖ୍ୟ ଆଲୋକ କୁମାର ନାଏକ, ସେକସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରୋଶନ ସାହୁ, ଗୋପାଳ ମିସ୍ତ୍ରୀ, ଅଧ୍ୟାପିକା ସଙ୍ଗୀତା ସରାଫ ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

# ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ

**ଟେନ୍‌ସା,୩୦।୧୧(ସମୀର କୁମାର ପାଢୀ)**



ସୁନ୍ଦରଗଡ ଜିଲା ଭାରତୀୟ ପ୍ରାଧିକରଣ ସଂସ୍ଥା (ସେଲ)ବରସୁଆଁ ଲୌହ ଖଣି ପକ୍ଷରୁ ଏକ ମାଗଣା ଭିନ୍ନକ୍ଷମ ଶିବିର କୋଇଡା ବ୍ଲକ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେଲ ପେରିଫେରିୟଲ ଦ୍ୱାରା ଆୟୋଜିତ ଏହି ଶିବିରରେ ଭୁବନେଶ୍ୱର ଭିନ୍ନକ୍ଷମ ବିଭାଗର ଜିତେନ କୁମାର ସାହୁ ଓ ପେରିଫେରିୟଲ ବିଭାଗର ମୁଖ୍ୟ ଅମୀୟ କୁମାର ରାଉତ ଯୋଗ ଦେଇଥିଲେ। ଏହି ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ନିଜନିଜର ନାମ ପଞ୍ଜୀକୃତ କରିଥିଲେ। ଶିବିରରେ କୋଇଡା ବ୍ଲକର ଯୋଗାଣ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଯେଉଁମାନେ ବିବେଚିତ ହେବେ ସେମାନଙ୍କୁ ଲୌହଖଣି ପକ୍ଷରୁ ମାଗଣାରେ ଭିନ୍ନକ୍ଷମ ସରଞ୍ଜାମ ଯୋଗାଇ ଦିଆଯିବ ବୋଲି ପେରିଫେରିୟଲ ବିଭାଗ ମୁଖ୍ୟ ରାଉତ ପ୍ରକାଶ କରିଛନ୍ତି।

# ୨୯୯ ଶିକ୍ଷକଙ୍କୁ ଟାବଲେଟ ପ୍ରଦାନ



ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଟାବଲେଟ ବଣ୍ଟନ କରାଯାଉଛି।

**ନୂଆଗାଁ,୩୦।୧୧(ବିଜୟ ତ୍ରିପାଠୀ)**

ଶିକ୍ଷାର ବିକାଶ ପାଇଁ ରାଜ୍ୟସରକାରଙ୍କ ଅଭିନବ ପ୍ରୟାସ ଜାରି ରହିଛି। ନିକଟରେ ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବାକୁ ସୁରଭି ଭଳି ଅନେକ ଯୋଜନାକୁ ହାତକୁ ନେବା, ସ୍କୁଲ କୋଠା ନିର୍ମାଣ କରି ସେଗୁଡିକରେ ବିଭିନ୍ନ ପାଠ୍ୟ ଉପକରଣ ଯୋଗାଇ ପିଲାଙ୍କୁ ଆକୃଷ୍ଟ କରିବା ଭଳି ଅନେକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ଏହା ପରେ ବର୍ତ୍ତମାନ ଗୁଣାତ୍ମକ ଶିକ୍ଷା ବିକାଶରେ ସରକାର ଆଉ ଏକ ବରିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳସ୍ୱରୂପ ବ୍ଲକର ମୋଟ ୧୫୯ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୨୯୯ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଟାବଲେଟ ବଣ୍ଟନ କରାଯାଇଛି। ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ ସୁସ୍ମିତା ବେହେରାଙ୍କ ପରାମର୍ଶ କ୍ରମେ ସହକାରୀ ଶିକ୍ଷା ଅଧିକାରୀ ବନୋମାଳୀ ମଲ୍ଲିକ ଓ ବାନେ କେଛୁଆ ଟାବଲେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସିଆର୍‌ସିସି ପ୍ରଶାନ୍ତ କେରକେଟା, ଅଘନୁ ବାରୁଆ, ଅଜୟ ସେଠୀ, ମହାଦେବ ବଡାଇକ, ମହେଶ୍ୱର ପ୍ରଧାନ, ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ରହି ଟାବଲେଟ ବଣ୍ଟନରେ ସହଯୋଗ କରିଥିଲେ।

# ରାଜଗାଙ୍ଗପୁର ସାଇମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ପୂଜା ପାଠ କରାଯାଉଛି।

**ରାଜଗାଙ୍ଗପୁର,୩୦।୧୧(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଲମଲୋଇଠାରେ ଥିବା ସାଇମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମନ୍ଦିର ଟ୍ରଷ୍ଟ ସଭାପତି ରଶ୍ମିକାନ୍ତ ଷଡ଼ଙ୍ଗୀ, ସଂମ୍ପାଦକ ରାଜୁ ବିଶ୍ୱାଳ, କୋଷାଧ୍ୟକ୍ଷ ମାନସ ଆଚାର୍ଯ୍ୟ, ସପନ ପଣ୍ଡା, ପରିକ୍ଷିତ ସାହୁ, ଜି ମୋହନ ପାତ୍ର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ପ୍ରଥମ ଦିନରେ ଏକ ବିଶାଳ କଳସଯାତ୍ରା ବାବା ତଲାବ ପୋଖରୀରୁ ବାହାରି ମନ୍ଦିର ଅଭିମୂଖେ ଯାଇଥିଲା। ସେଠାରେ ପହଞ୍ଚିବା ପରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା ଇତ୍ୟାଦି ହୋଇଥିଲା। ଅପରାହ୍ନରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଂଧ୍ୟାରେ ପାଲିକି ଯାତ୍ରା ହୋଇଥିଲା। ଶୁକ୍ରବାର ପ୍ରାତଃକାଳରେ ଆରତି ଓ ମହାସ୍ନାନ ଉପଚାର ତଥା ସାଇଙ୍କ ଅନ୍ୟାନ୍ୟ ପୂଜାବିଧି ଅନୁଷ୍ଠିତ ହେବ। ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

# ଖେଳ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ କରିଥାଏ

**କୁଆଁରମୁଣ୍ଡା,୩୦।୧୧(ମହେନ୍ଦ୍ର କୁମାର ସାହୁ)**

ଖେଳ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳି ପରିପ୍ରକାଶ ହୋଇଥାଏ। ଛାତ୍ର ଜୀବନ ଓ ଖେଳ ପରସ୍ପର ପରିପୂରକ। ଯାହା ଦ୍ୱାରା ଜଣେ ଛାତ୍ର ଜୀବନର ସର୍ବୋଚ୍ଚ ସ୍ତରରେ ପହଞ୍ଚିପାରେ ବୋଲି ଗୁରୁବାର କଟାରୁ ସରକାରୀ ଉଚ୍ଚ ବିଦ୍ୟାଳୟର ଏକାଦଶତମ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମଶାଲ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କଟାରୁ ସରପଞ୍ଚ ଝୁବା ଟପ୍ପୋ, ସମିତି ସଭ୍ୟ ଅଶ୍ୱିନୀ କେରକେଟା, ରାଜସ୍ୱ ନୀରିକ୍ଷକ ଗୌତମ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ବିଡିଓ ଗଙ୍ଗାରାମ ବୁଡେକ, ତହସିଲଦାର ଚନ୍ଦ୍ରଜିତ ବେହେରା, ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀ, ମୁଖ୍ୟବକ୍ତା ବିଇଓ ସଦାନନ୍ଦ ପଧାନ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ କୁନି କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ କୃତୀ କ୍ରୀଡାବିତଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତା ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ପାଣି ଓ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କ୍ରୀଡ଼ା ଶିକ୍ଷକ ପଞ୍ଚାନନ ଦାସ, ସିଆର୍‌ସିସି ସୁରେଶ କଂସରି, ପୂର୍ବତନ ପ୍ରଧାନ ଶିକ୍ଷକ ଠୁରକା ସିଂଙ୍କ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ରହି ଏଥିରେ ସହାୟତା କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

# ପ୍ରୋଗ୍ରାମେଟିକ ମ୍ୟାପିଂ, ଜନସଂଖ୍ୟା ଆକଳନ ତାଲିମ ଉଦ୍‌ଯାପିତ

**ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଟୁଲି)**



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସୁନ୍ଦରଗଡ଼ସ୍ଥିତ ଅମ୍ବା ରେସିଡେନ୍ସିରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା (ନାକୋ) ଏବଂ ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଯୌନକର୍ମୀ ଗ୍ରାହକଙ୍କ ପ୍ରୋଗ୍ରାମେଟିକ ମ୍ୟାପିଂ ଓ ଜନସଂଖ୍ୟା ଆକଳନ ଉପରେ ୪ଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କାହ୍ନୁଚରଣ ନାଏକ ଯୋଗଦେଇ ଆକଳନ କରାଯାଇଥିବା ହଟସ୍ପଟ ଗୁଡିକ ସମ୍ପୂର୍ଣ୍ଣଭାବେ ପୂରା କରାଯାଇପାରିବ ବୋଲି ଆଲୋଚନା କରିଥିଲେ। ଭାରତ ସରକାରଙ୍କ ତରଫରୁ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥାର ଡା.ଅଖିଳେଶ ଶ୍ରୀବାସ୍ତବ ଓ ସୁବ୍ରତ ବିଶ୍ୱାସ, ଆଞ୍ଚଳିକ କେନ୍ଦ୍ର ଏମ୍ସ ଭୁବନେଶ୍ୱରର ଡା.ଶିବଙ୍ଗୀ ଦାସ ଓ ଡା.ହୃଷିକେଶ ଏହି କାର୍ଯ୍ୟକ୍ରମରେ ମିଳିଥିବା ତାଲିମ ଦ୍ୱାରା କିପରି ଫିଲଡରେ ଆକଳନ କାର୍ଯ୍ୟକ୍ରମ ସୂଚାରୁରୂପେ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ସେବକର କାର୍ଯ୍ୟକ୍ରମ ପରିଚାଳନା ପଦ୍ଧତିକୁ ମଧ ପ୍ରଶଂସା କରିଥିଲେ। ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର ସହ ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ଦାଶ ମିଳିଥିବା ତାଲିମ ଅନୁଯାୟୀ ଆକଳନ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦିଶାର କ୍ଲଷ୍ଟର ମ୍ୟାନେଜର ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ୟଭେଦି ପ୍ରକଳ୍ପ (ଟିଆଇ) ତଥା ଦିଶାର ମିଳିତ ସହଯୋଗରେ କିପରି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ସେବକ ଟିଆଇର ପ୍ରକଳ୍ପ ନିର୍ଦ୍ଦେଶିକା ସଞ୍ଜୁ ପଟେଲ ଟିଆଇ ଦ୍ୱାରା କିପରି ସଫଳତାର ସହିତ ପରିଚାଳନା କରାଯାଇପାରିବ ସେ ବିଷୟରେ ସଂପୂର୍ଣ୍ଣ ସହାୟତା ଯୋଗାଇଦେବାରେ ବକ୍ତବ୍ୟ ରଖିଥିଲେ। ଶେଷରେ ସେବକ ଅନୁଷ୍ଠାନର ସଭାପତି ଅମୀୟ କାନ୍ତ ନାଏକ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଦେବା ସହ ଆକଳନ କାର୍ଯ୍ୟକ୍ରମର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲାସ୍ତରୀୟ ଫୁଟ୍‌ବଲ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୩ ଟା ୩୦
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରୋଷେଇ ଓ ଝୋଟି ପ୍ରତିଯୋଗିତା, ମୁଦିପଡା ଅଶ୍ୱିନୀ ନାୟକ ଗୋଷ୍ଠୀ କେନ୍ଦ୍ର, ଅପରାହ୍ନ ୨ ଟା ୩୦

# ଛାତ୍ରୀଙ୍କୁ ଶିକ୍ଷକଙ୍କ ଯୌନ ନିର୍ଯାତନା

### ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ: ଉପଜିଲାପାଳ

ସମ୍ବଲପୁର,୩୦।୧୧(ପ୍ରମୋଦ ବହିଦାର): ସମ୍ବଲପୁର ସହରର ଏକ ଇଂଲିଶ ମିଡିୟମ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା ଆଲୋଡନ ସୃଷ୍ଟି କରିଛି। ଏ ନେଇ ଛାତ୍ରୀଙ୍କ ଅଭିଭାବକ ଓ ବିଦ୍ୟାଳୟ ଅଧକ୍ଷଙ୍କ ପକ୍ଷରୁ ଗୁରୁବାର ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ଅନୁସାରେ ଦୁଇଦିନ ତଳେ ଛାତ୍ରୀ ଜଣକ ଅନ୍ୟ ଛାତ୍ରୀମାନଙ୍କ ସହିତ ତାଙ୍କ ଶ୍ରେଣୀ କକ୍ଷରେ ବସିଥିଲେ। ଏହି ସମୟରେ ଶିକ୍ଷକ ଜଣକ ଶ୍ରେଣୀ କକ୍ଷରେ ପ୍ରବେଶ କରି ଉକ୍ତ ଛାତ୍ରୀଙ୍କ ବ୍ୟତୀତ ଅନ୍ୟ ଛାତ୍ରୀମାନଙ୍କୁ ବାହାରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଛାତ୍ରୀ ଶ୍ରେଣୀକକ୍ଷରୁ ଚାଲିଯିବା ପରେ ଶିକ୍ଷକ ଜଣକ ପୀଡ଼ିତାଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପ୍ରଥମେ ତାଙ୍କ ମାତାପିତାଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ପିତାଙ୍କଠାରୁ ଖବର ପାଇ ଅଭିଭାବିକ ମହଲରେ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅଭିଭାବକ ସଂଘ ବିଦ୍ୟାଳୟ ଅଧକ୍ଷଙ୍କୁ ସାକ୍ଷାତ କରି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଅପରପକ୍ଷେ ଘଟଣାକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁହଁ ଖୋଲି ଅଭିଯୋଗ କରିଥିବାରୁ ସେ ପୀଡ଼ିତା ଛାତ୍ରୀଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯିବା ଏକ ଦୁର୍ଭାଗ୍ୟଜନକ ଘଟଣା। ପୀଡ଼ିତାଙ୍କ ଅଭିଭାବକ ଓ ବିଦ୍ୟାଳୟ ଅଧକ୍ଷଙ୍କ ପକ୍ଷରୁ ଶିକ୍ଷକଙ୍କ ବିରୋଧରେ ବରେଇପାଲି ଥାନାରେ ଏତଲା ଦିଆଯାଇଛି। ପୋଲିସ ମଧ ଏହାକୁ ନେଇ ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଆଇନରେ ଏକ ମାମଲା ରୁଜୁ କରିଛି। ବିଧିବଦ୍ଧ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପଣ୍ଡା କହିଛନ୍ତି। ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହନ୍ତି, ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ପାରିପାର୍ଶ୍ୱିକ ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯାଉଛି। ପୀଡ଼ିତାଙ୍କ ବୟାନ ରେକର୍ଡ ସହ ଅନ୍ୟାନ୍ୟ ଦିଗ ପ୍ରତି ମଧ ଅନୁଧ୍ୟାନ କରାଯାଉଛି। ସମସ୍ତ ଔପଚାରିକ ସମାପ୍ତ ହେଲା ପରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନଙ୍କୁ କୁଚିଣ୍ଡାରେ ଭବ୍ୟ ସ୍ୱାଗତ



କୁଚିଣ୍ଡାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

କୁଚିଣ୍ଡା,୩୦।୧୧(ବିରଞ୍ଚି ଦର୍ଶା) କୁଚିଣ୍ଡାରେ ଗୁରୁବାର ସନ୍ଧ୍ୟାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ସୁନ୍ଦରଗଡ ଜିଲା ବଣାଇର ଏକ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ କୁଚିଣ୍ଡା ଦେଇ ଝାରସୁଗୁଡା ବିମାନ ବନ୍ଦରକୁ ଫେରିଥିଲେ। ଫେରିବା ସମୟରେ କୁଚିଣ୍ଡା ବାଇପାସ୍ ପେଟ୍ରୋଲପମ୍ପ ନିକଟରେ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁଚିଣ୍ଡା ଦେଇ ନୂତନ ରେଳପଥ ମଞ୍ଜୁର କରାଯାଇଥିବାବେଳେ ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାରୁ କୁଚିଣ୍ଡା ଓକିଲ ସଂଘ ତରଫରୁ ସଭାପତି ପ୍ରମୋଦ କୁମାର ଛୁରିଆ ତାଙ୍କୁ ସାକ୍ଷାତ କରି ଧନ୍ୟବାଦ ଦେଇଥିଲେ। ଏଥିସହ କୁଚିଣ୍ଡାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତବେଳେ କୁଚିଣ୍ଡା ଆର୍ଟ ଅଫଲିଭିଙ୍ଗ ପକ୍ଷରୁ ମଧ ଏକ ଯୋଗ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମନ୍ତ୍ରୀଙ୍କ ସହ ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଓ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ଉପସଭାତି ବିରେନ୍ଦ୍ର ଚୌଧୁରୀ, ସୁନିଲ ମୁଦୁଲି, ନଗର ସଭାପତି କାହ୍ନୁଚରଣ ନାୟକ, ସାଧାରଣ ସମ୍ପାଦକ ପ୍ରାଣବନ୍ଧୁ ନାଥ, ଉପସଭାପତି ମହେଶ ରାୟ, ଅନୁପମା ନାୟକ, ଜିଲା ପ୍ରବକ୍ତା ପିଙ୍କୁ ପାଣି, ମଣ୍ଡଳ ସଭାପତି ଅମୋଘ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

## ସୁରକ୍ଷାକର୍ମୀଙ୍କ ଅକାଳ ମୃତ୍ୟୁ

ସମ୍ବଲପୁର,୩୦।୧୧(ପ୍ରମୋଦ ବହିଦାର): ଚିପିଲିମା କୃଷି ଓ ଉଦ୍ୟାନ ମହାବିଦ୍ୟାଳୟର ଜଣେ ଠିକାଦାରଙ୍କ ଅଧୀନରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ ଅଶ୍ୱିନୀ ଭୋଇ(୩୫)ଙ୍କ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗୁରୁବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଶ୍ୱିନୀ ଡ୍ୟୁଟି କରୁଥିଲେ। ଏହି ସମୟରେ ସେ ଶୌଚାଳୟକୁ ଯାଇଥିବା ବେଳେ ସେଠାରେ ପଡ଼ିଯାଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଭିମ୍‌ସାର୍‌କୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କ ହସ୍ତାନ୍ତର କରିଛି। ପୈତୃକ ଗ୍ରାମ କୁଦଗୁଣ୍ଡେରପୁର ପଞ୍ଚାୟତ ମହଦା ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି ସମ୍ପନ୍ନ ହୋଇଛି। ତାଙ୍କ ପୁତୁରା ଦୀପକ ଭୋଇ ମୁଖାଗ୍ନି ଦେଇଥିଲେ। ଅଶ୍ୱିନୀଙ୍କ ମୃତ୍ୟୁରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

## ହାତୀ ଉପଦ୍ରବରେ ଫସଲ ନଷ୍ଟ

ସମ୍ବଲପୁର,୩୦।୧୧ (ଭବାନୀ ଶଙ୍କର ଭୋଇ) ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବ୍ରହ୍ମପୁରା ଅଞ୍ଚଳରେ ୪ଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲରେ ଗୋଟିଏ ଦନ୍ତା ସହିତ ୩ ମାଈହାତୀ ଓ ୩ ହାତୀ ଛୁଆ ରହିଥିବା ସୂଚନା ରହିଛି। ଏହି ହାତୀପଲ ସ୍ଥାନୀୟ ଅଞ୍ଚଳରେ ଅମଳକ୍ଷମ ଧାନ ଖାଇବା ସହିତ ଧାନଗଛକୁ ଦଳି ନଷ୍ଟ କରିଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଖବର ପାଇ ବନ ବିଭାଗର ସଦର ରେଞ୍ଜର ସୁନିଲ ଖିଲାଡି କ୍ଷେତକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷୟକ୍ଷତିର ଆକଳନ ପରେ ଖୁବ ଶୀଘ୍ର କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ହାତୀପଲ ଖାଙ୍କରପାଲି ଅଞ୍ଚଳରୁ ମହାନଦୀ ପାର ହୋଇ ବରହମପୁରା ଅଞ୍ଚଳକୁ ପହଞ୍ଚିଥିବା ବେଳେ ପ୍ରଥମ ଦିନ ୧୬ ଚାଷୀଙ୍କ ଧାନ ଫସଲ ନଷ୍ଟ କରିଥିବା ବେଳେ ପରେ ସେମାନଙ୍କୁ ଜଙ୍ଗଲ ଭିତରେ ଘେରି ରଖିବାକୁ ଉଦ୍ୟମ କରାଯାଉଥିବା ରେଞ୍ଜର କହିଛନ୍ତି। ଗୁରୁବାର ହାତୀପଲ ଘଣ୍ଟେଶ୍ୱରୀ ଜଙ୍ଗଲ ଅଞ୍ଚଳରେ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବ ଓଡ଼ିଶା ନବୀନ ଓଡ଼ିଶାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପଡିଆବାହାଲ, ୩୦।୧୧(ରାଧାମୋହନ ଷଡ଼ଙ୍ଗୀ) ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗୁରୁବାର ଝୁମୁମୁରା ବ୍ଲକ ପଡିଆବାହାଲ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍କୁଲ ପରିସର ସଫେଇ କରିଥିଲେ। ଅଧକ୍ଷ ଅକ୍ଷୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ପରିଚାଳନାରେ ପିଲାମାନେ ସଫେଇ କରି ଶୋଭାଯାତ୍ରାରେ ପରିବେଶ ସ୍ୱଚ୍ଛତା ବାର୍ତ୍ତା ସହ ପଧାନପାଲି ଗ୍ରାମ ପରିକ୍ରମା କରିଥିଲେ। ଏହାସହ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ଗଠନ କରିବାକୁ ସଚେତନତା ସୃଷ୍ଟି କରିଥିଲେ। ଅଧାପିକା ରଶ୍ମିତା ସାହୁ, ଅଧାପିକା ସସ୍ମିତା ବେହେରା, ରାଜାରାମ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୮ ଜିଲାରୁ ଯିବେ ୯୭୦ ଜଣ

ସମ୍ବଲପୁର,୩୦।୧୧(ବି.ଶଙ୍କର) ଓଡିଶା ପର୍ଯ୍ୟଟନ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୩ ନିମନ୍ତେ ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୬ରୁ ୧୧ ମଧ୍ୟରେ ସମ୍ବଲପୁର, ବରଗଡ, ଦେଓଗଡ, ଝାରସୁଗୁଡା, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲାରୁ ଚୟନ ହେଇଥିବା ୯୭୦ ବରିଷ୍ଠ ନାଗରିକ ଯାତ୍ରା କରିବେ। ଏମାନଙ୍କ ସହ ୩୦ ଜଣ ଏସ୍କଟ ଅଫିସର ସାମିଲ ରହିବେ। ମୋଟ ୧ହଜାର ଯାତ୍ରୀଙ୍କୁ ନେଇ କୋଲକାତା-କାମାକ୍ଷାକୁ ଏକ ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିବ। ଏହି ଯାତ୍ରାକୁ ସୁଚାରୁ ଭାବେ ଆୟୋଜନ କରିବା ପାଇଁ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଏବଂ ଅଜାମ୍ବର ମହାନ୍ତି, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଡିଏସ୍‌ପି ଡିଆଇବି ଜେମେସ ସମଦ, ଓଏସ୍‌ଡି ପର୍ଯ୍ୟଟନ ହେମନ୍ତ କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମନୋନୀତ ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ବସ ଯୋଗେ ନିଜ ଜିଲାରୁ ସମ୍ବଲପୁର ଆସି ଟ୍ରେନ ଯୋଗେ ଯାତ୍ରା କରିବେ। ସୂଚନାଯୋଗ୍ୟ ଯେ, ଏହି ଯାତ୍ରା ପାଇଁ ସମ୍ବଲପୁର ଜିଲାରୁ ୧୧୨ ଜଣ, ବରଗଡ଼ରୁ ୧୫୯, ଦେବଗଡ଼ରୁ ୩୩, ଝାରସୁଗୁଡାରୁ ୬୨, ସୁନ୍ଦରଗଡ଼ରୁ ୨୨୫, ବଲାଙ୍ଗୀରରୁ ୧୭୭, ସୁବର୍ଣ୍ଣପୁରରୁ ୬୫ ଏବଂ ଅନୁଗୋଳରୁ ୧୩୭ ଜଣ ବରିଷ୍ଠ ନାଗରିକ ଚୟନ ହୋଇଛନ୍ତି।


ମାରୋହରେ ବରିଷ୍ଠ

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

## ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ

ନାକଟିଦେଉଳ,୩୦।୧୧(ବୈକୁଣ୍ଠ ନାଥ ସାହୁ) ନାକଟିଦେଉଳ ବନାଞ୍ଚଳରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ସନ୍ଧ୍ୟା ହେବା ମାତ୍ରେ ଗାଁ ମୁଣ୍ଡକୁ ଚାଲିଆସି ଧାନ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ଦନ୍ତା ହାତୀ ନାକଟିଦେଉଳ ଶିବ ମନ୍ଦିର ନିକଟ ପାଚିଲା ଧାନ କ୍ଷେତରେ ପଶି ଫସଲ ଖାଇ ନଷ୍ଟ କରିଦେଇଛି। ସ୍ୱଷ୍ଟ ଦିବା ଲୋକରେ ଦନ୍ତା ହାତୀର ଉତ୍ପାତ ଦେଖିବାକୁ ବହୁ ଲୋକ ସେଠାରେ ଜମା ହୋଇଥିଲେ। ଖବର ପାଇ ନାକଟିଦେଉଳ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକେ ପହଞ୍ଚି ଦନ୍ତା ହାତୀକୁ ଘଉଡ଼ାଇଥିଲେ।

## ଐତିହାସିକ ପୀଠ କୁଦୋପାଲିରେ ଶହୀଦ ସ୍ମାରକୀ ନିର୍ମାଣ ଦାବି

ସମ୍ବଲପୁର,୩୦।୧୧ (ଭବାନୀ ଶଙ୍କର ଭୋଇ) ୧୮୫୭ କ୍ରାନ୍ତିର ମୁକସାକ୍ଷୀ ସମ୍ବଲପୁର କୁଦୋପାଲି ଘାଟିରେ ଡିସେମ୍ବର ୩୦ରେ ୫୮ ଜଣ ସଂଗ୍ରାମୀଙ୍କ ସ୍ମୃତିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଗୁରୁବାର କୁଦୋପାଲି ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆହ୍ୱାନ କ୍ରମେ ପ୍ରଫୁଲ୍ଲ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। କୁଦୋପାଲି ଗାଁରେ ବୀର ଛବିଳ ସାଏଙ୍କ ଶହୀଦ ସ୍ମାରକୀ ନିର୍ମାଣ ପାଇଁ ଆଲୋଚନା କରାଯାଇଥିଲା। ଡିସେମ୍ବର ପ୍ରଥମ ସପ୍ତାହରେ ସଫେଇ ଅଭିଯାନ ସହ ଦୀର୍ଘ ୪୦ ବର୍ଷ ଧରି ଶହୀଦଙ୍କ ସ୍ମୃତିରେ ଆୟୋଜିତ ହୋଇଆସୁଥିବା ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ସଂଗ୍ରହ କରାଯାଇ ପ୍ରଦର୍ଶନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଗୋଟିଏ ଦିନରେ ୫୩ ଜଣ ଇଂରେଜ ଗୁଳିରେ ଶହୀଦ ହେବା ସହ ୫ ଜଣ ଫାଶିଖୁଣ୍ଟରେ ଝୁଲିଥିଲେ। ଏଭଳି ଏକ ବିରଳ ଘଟଣାର ମୁକସାକ୍ଷୀ କୁଦୋପାଲି ଘାଟି ବୀର ସୁରେନ୍ଦ୍ର ସାଏଙ୍କ ଗରିଲା ଯୁଦ୍ଧର ଏକ ପ୍ରମୁଖ ଘାଟି ଭାବରେ ଜଣାଶୁଣା। ଏହାସତ୍ତ୍ୱେ ଶହୀଦମାନଙ୍କ ସ୍ମୃତିରକ୍ଷା ପାଇଁ ସେଭଳି ବ୍ୟବସ୍ଥା କରାଯାଇ ନ ଥିବାରୁ ଏ ନେଇ ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନକୁ ଅନୁରୋଧ କରିବାକୁ ସ୍ଥିର କରାଯାଇଥିଲା। ବୈଠକରେ ତାରିଣୀ ସେଠ, ବିଜୟ ସେଠ, ଅରୁଣ ସେଠ, ସୁଦାମ ସେଠ, ଅରୁଣ ମିର୍ଦ୍ଧା, ସୁବଳ ହୋତା ପ୍ରମୁଖ ଯୋଗଦେଇଥିଲେ।

## ଯୁବ ଶକ୍ତି ହିଁ ଦେଶ ପ୍ରଗତିର ସାରଥି

କୁଚିଣ୍ଡା/ଜମନକିରା,୩୦।୧୧(ବିରଞ୍ଚି ଦର୍ଶା/ରବୀନ୍ଦ୍ର ଦାନି) ଯୁବ ଶକ୍ତି ହିଁ ଦେଶ ପ୍ରଗତିର ସାରଥି। ସରକାର ଯୁବଶକ୍ତିକୁ ସୁଦୃଢ କରିବାକୁ ଛାତ୍ର ଅବସ୍ଥାରୁ ସଚେତନ କରୁଛନ୍ତି ବୋଲି ଅର୍ଡାବାହାଲ ଯୁକ୍ତଦୁଇ କଲେଜରେ ଆୟୋଜିତ ସଭାରେ ଅତିଥିଗଣ ପ୍ରକାଶ କରିଛନ୍ତି। ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ରଞ୍ଜନ କୁମାର ନାୟକ ସଭାପତିତ୍ୱ କରି ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରିରିକ, ମାନସିକ ଓ ବୌଦ୍ଧିକ ବିକାଶର ଜୀବନ ଶୈଳୀ ସମ୍ପର୍କରେ ଉଦାହରଣ ଦେଇ ଯୁବଶକ୍ତି ହିଁ ଦେଶ ପ୍ରଗତିର ସାରଥି ବୋଲି କହିଥିଲେ। ଏଥିରେ ଅଧ୍ୟାପକ ରବୀନ୍ଦ୍ର କୁମାର ଓଝା, ଗୁରୁଜନ ଖୁଣ୍ଟିଆ, ଉଦୟ କୁମାର ପାଣିଗ୍ରାହୀ, ଅଧ୍ୟାପିକା ଶୁଭଲକ୍ଷ୍ମୀ ପଟ୍ଟନାୟକ, ସୁନିତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମେଟ୍ରନ ବାସନ୍ତୀ ପଟେଲ ଓ ସୁକାନ୍ତୀ ଭଁଇସା ସହଯୋଗ କରିଥିଲେ।

## ଜିଆର୍‌ଏସ୍ ପ୍ରଦ୍ୟୁମ୍ନ ଦାଶ ହତ୍ୟା ମାମଲା
# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ସଂଘ

ନାକଟିଦେଉଳ,୩୦।୧୧ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରା.ପ.ର ଗ୍ରାମ ରୋଜଗାର ସେବକ ପ୍ରଦ୍ୟୁମ୍ନ ଦାଶ ହତ୍ୟା ମାମଲାରେ ପୋଲିସ ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଜିଲା ଜିଆର୍‌ଏସ୍ ସଂଘ। ସଂଘ କର୍ମକର୍ତ୍ତାମାନେ ଗୁରୁବାର ନାକଟିଦେଉଳ ବିଡିଓ ଦନାଇ ଚରଣ ଟୁଡୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ନାକଟିଦେଉଳ ଗ୍ରାମର ପ୍ରଦ୍ୟୁମ୍ନ ଗତ ୨୨ତାରିଖରେ ଡ୍ୟୁଟିରେ ଥିବାବେଳେ ଏକ ଜଙ୍ଗଲିଆ ରାସ୍ତା ପାର୍ଶ୍ୱରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ୯ ଦିନ ବିତିଯାଇଥିଲେ ମଧ ପୋଲିସ ଅପରାଧୀମାନଙ୍କୁ ଗିରଫ କରିପାରି ନାହିଁ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ତାଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ତାଙ୍କ ପରିବାରକୁ ୫୬ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ଜିଆର୍‌ଏସ୍ ସଂଘ ସଭାପତି ରାଜେଶ ବେହେରା, ଉପସଭାପତି ସରୋଜ ଆଚାର୍ଯ୍ୟ, ସମ୍ପାଦକ ମହେନ୍ଦ୍ର ବେହେରାଙ୍କ ସମେତ ବ୍ଲକ ଜିଆର୍‌ଏସ୍ ସଂଘର ଶୁଭେନ୍ଦ୍ର ମାଝି, ମନୋଜ ପାତ୍ର, ଆଦିତ୍ୟ କୁମାର ପ୍ରଧାନ, ଦୁଷ୍ମନ୍ତ ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଜିଆର୍‌ଏସ୍ ସଂଘ କର୍ମକର୍ତ୍ତା।

## ଓବିସି ଜନଜାଗରଣ ଯାତ୍ରାକୁ ବାମରାରେ ସ୍ୱାଗତ


ଜନଜାଗରଣ ଯାତ୍ରାକୁ ସ୍ୱାଗତ କରାଯାଉଛି।

ଜମନକିରା,୩୦।୧୧(ରବୀନ୍ଦ୍ର ପ୍ରସାଦ ଦାନି) ଓବିସି ଜନଜାଗରଣ ଯାତ୍ରାକୁ ଗୁରୁବାର ବାମରା ବ୍ଲକରେ ପହଞ୍ଚିବା ପରେ କବରୀବାହାଲ ଗ୍ରାମରେ ଓବିସି ସମାଜର ଜନ ସାଧାରଣ ଏହାକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସରକାର ଓବିସି ଜନଗଣନା କରିବା ସହ ଶିକ୍ଷା, ଚାକିରି, ରାଜନୀତିରେ ସମାନୁପାତିକ ସଂରକ୍ଷଣ ପ୍ରଦାନ କରିବାକୁ ଦାବି ହୋଇଥିଲା। ଅବସରପ୍ରାପ୍ତ କଲେଜ ଅଧକ୍ଷ ରଜନୀ ପଟେଲ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ଓବିସି ମଞ୍ଚର ସଭାପତି ଶଙ୍କର ପାତ୍ର, ସାଧାରଣ ସମ୍ପାଦକ ସୁବାସ ନାୟକ ଓ କୋଷାଧକ୍ଷ ପରଦେଶୀ ବିଶ୍ୱାଳ ମଞ୍ଚାସୀନ ରହି ଏସ୍‌ଟି,ଏସ୍‌ସି ଓ ଓବିସିଙ୍କ ଏକତା ପାଇଁ ଆହ୍ୱାନ ଦେଇଥିଲେ। ଆଦିବାସୀ ନେତା ଖଡୁନାଥ ପିଙ୍ଗ ଓବିସିଙ୍କ ହକ ପ୍ରତି ଦୃଢ଼ ସମର୍ଥନ କରିଥିଲେ। ଶେଷରେ ଓବିସି ନେତା ବନମାଳୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯନ୍ତ୍ରପାତି ବ୍ୟବହାର କରି ଲାଭ ନେବାକୁ ପରାମର୍ଶ

କୁଚିଣ୍ଡା,୩୦।୧୧(ବିରଞ୍ଚି ଦର୍ଶା) କୁଚିଣ୍ଡା କଲେଜ ପଡିଆରେ ତିନିଦିନ ଧରି ଚାଲିଥିବା ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ପ୍ରଦର୍ଶିତ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ ବୋଲି ଅଧିକାରୀମାନେ କହିଛନ୍ତି। ସହକାରୀ କୃଷି ଅଧିକାରୀ ସୁସ୍ମିତା କିରୋଙ୍କ ଅଧକ୍ଷତାରେ ହୋଇଥିବା କୃଷି ପାଠଶାଳାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲାସଂଯୋଜକ ଗୋପବନ୍ଧୁ ଗଡନାୟକ, ଅତିରିକ୍ତ ଜିଲା କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବ୍ଲକ କୃଷି ଅଧିକାରୀ ଶାନ୍ତନୁ କରାଲି, ଅତିରିକ୍ତ ମତ୍ସ୍ୟ ଅଧିକାରୀ କୌଶଲ୍ୟା ରୋହିଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡା. ମୋହନ ମାଣିଆ, ଅତିରିକ୍ତ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସତ୍ୟଭାମା ଧାନ ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ କୃଷି ପ୍ରଣାଳୀ, କୃଷି ଯନ୍ତ୍ରପାତି ବ୍ୟବହାର, ନୂତନ ପଦ୍ଧତିରେ ମତ୍ସ୍ୟଚାଷ, ଗୋପାଳନ, କୁକୁଡା, ଛେଳିଚାଷ, ମିଲେଟ ମିଶନ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପାଠଶାଳାରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ୧୦ ପଞ୍ଚାୟତର ୧୦୦ଜଣ ଚାଷୀ ଯୋଗ ଦେଇଥିଲେ। ଅତିରିକ୍ତ କୃଷି ଅଧିକାରୀ ତନ୍ମୟ ମୁର୍ମୁ, ଚନ୍ଦ୍ରଭାନୁ ମାଝି, ଅତିରିକ୍ତ କୃଷିଯନ୍ତ୍ରୀ ସୁଧାଂଶୁ ପ୍ରଧାନ, ସହକାରୀ କୃଷି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୁ ମୁଣ୍ଡାରି, ଆତ୍ମା ସହକାରୀ ବୈଷୟିକ ପରିଚାଳକ ମାନରଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ରହି ମେଳାକୁ ପରିଚାଳନା କରିଥିଲେ। ଏଥିରେ ୧୧୩୦ ଯନ୍ତ୍ରପାତି ବୁକିଂ ହୋଇଥିବା ବେଳେ ୩୧୮ଟି ବିକ୍ରି ହୋଇଥିଲା। ମେଳା ଦ୍ୱାରା ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଅତିରିକ୍ତ ଜିଲା କୃଷି ଅଧିକାରୀ ମଲ୍ଲିକ କହିଛନ୍ତି।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ନୂତନ କମ୍ପାନୀକୁ ଦାୟିତ୍ୱ ଦିଆଯାଉ

### ନୀଳଡୁଙ୍ଗୁରୀଠାରେ ମାର୍କେଟ ଟର୍ମିନାଲ ସ୍ଥାପନା ପ୍ରସଙ୍ଗ

ସମ୍ବଲପୁର,୩୦।୧୧ (ଭବାନୀ ଶଙ୍କର ଭୋଇ) ସମ୍ବଲପୁର ଜିଲା କବରାପାଲି ପଞ୍ଚାୟତର ନୀଳଡୁଙ୍ଗୁରୀଠାରେ ଥିବା ସରକାରୀ କୃଷି ଫାର୍ମର ୬୦ ଏକର ପରିମିତ ଜାଗାରେ ଏକ ଅତ୍ୟାଧୁନିକ କୃଷି ବଜାର ପିପିପି ମୋଡରେ ସ୍ଥାପନ କରାଯିବା ପାଇଁ ୨୦୧୪ ମସିହାରେ ପ୍ରସ୍ତାବ ରହିଥିଲା। ଏଥିପାଇଁ ମୋଟ ୭୩.୯୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୯.୪୯ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ଯୋଜନା ରହିଥିଲା। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୋଲକାତାର ଏକ ବେସରକାରୀ କମ୍ପାନୀ ଏଲ୍‌ଏମ୍‌ଜେ ଇଣ୍ଟରନ୍ୟାଶନାଲ ଲମିଟେଡକୁ ଚୟନ କରାଯାଇଥିଲା। କମ୍ପାନୀ ଅବଶିଷ୍ଟ ରାଶି ଅଂଶଧନ ଓ ଋଣ ଆକାରରେ ଯୋଗାଡ କରି ଅତ୍ୟାଧୁନିକ ବଜାର ପ୍ରତିଷ୍ଠା କରାଯିବାର ଯୋଜନା ହୋଇଥିଲା। ୯ବର୍ଷ ପରେ ବି ଏହି ବୃହତ୍ ମାର୍କେଟ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ରେଙ୍ଗାଲି ବିଧାୟକ ନାଉରୀ ନାୟକ ଏ ସଂକ୍ରାନ୍ତରେ ତାରକା ପ୍ରଶ୍ନ କରିଥିବାବେଳେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦେଇଥିବା ଉତ୍ତର ଅନୁସାରେ, ଲିଜର ସମୟ ଅବଧିକୁ ନେଇ ଚୟନ କରାଯାଇଥିବା ସଂସ୍ଥା ରାଜି ନ ହେବାରୁ ପ୍ରକଳ୍ପ ଆଗକୁ ବଢିପାରୁ ନାହିଁ। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ କୃଷିଜାତ ସାମଗ୍ରୀର ବିକ୍ରିବଟା ନିମନ୍ତେ ସମନ୍ୱିତ ଉଦ୍ୟାନକୃଷି ଉନ୍ନୟନ ମିଶନ ମାଧ୍ୟମରେ ଏଲ୍‌ଏମ୍‌ଜେ ଇଣ୍ଟରନ୍ୟାଶନାଲ ଲମିଟେଡକୁ ସମ୍ବଲପୁର-କୋଲକାତା ଜାତୀୟ ରାଜପଥର ନିଲଡୁଙ୍ଗୁରୀଠାରେ ପ୍ରାୟ ୬୦ ଏକର ପରିମିତ ଜମିକୁ ୧୫ ବର୍ଷ ପାଇଁ ଲିଜରେ ଦିଆଯାଇଥିଲା। ହେଲେ କମ୍ପାନୀ ୯୯ବର୍ଷ ପାଇଁ ଲିଜରେ ଦେବାକୁ ରାଜ୍ୟ ସରକାରଙ୍କଠାରେ ଦାବି କରିଥିଲା। ନିୟମ ଅନୁସାରେ ସର୍ବାଧିକ ୨୫ ବର୍ଷ ପାଇଁ ଲିଜରେ ଦେବାପାଇଁ ରାଜ୍ୟ ସରକାର ରାଜି ହୋଇଥିବା ବେଳେ ଏଥିରେ କମ୍ପାନୀ ସହମତ ହୋଇ ନ ଥିବା ମନ୍ତ୍ରୀ ଲିଖିତ ଉତ୍ତରରେ ଜଣାଇଛନ୍ତି। ମନ୍ତ୍ରୀଙ୍କୁ ତାରକା ପ୍ରଶ୍ନ କରିଥିବା ବିଧାୟକ ନାୟକ କହିଛନ୍ତି, ଚୟନ ହୋଇଥିବା କମ୍ପାନୀ ପ୍ରକଳ୍ପ ପାଇଁ ରାଜି ନ ଥିବାରୁ ତା' ସହ ଚୁକ୍ତି ବାତିଲ କରି ନୂତନ କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯିବା ଆବଶ୍ୟକ। ରାଜ୍ୟ ସରକାର ଚୁପ ନ ରହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସେ ଦାବି କରିଛନ୍ତି। ନୂତନ କମ୍ପାନୀ ଚୟନ କରାଯାଇ ନୀଳଡୁଙ୍ଗରୀ ମାର୍କେଟ ଟର୍ମିନାଲ କାମ ଆରମ୍ଭ କରାଯିବାକୁ ନାଗରିକ କମିଟି ପକ୍ଷରୁ ରାଜାରାମ ଷଡଙ୍ଗୀ ଦାବି କରିଛନ୍ତି। ଚାଷୀ ମନବୋଧ ବାରିକ କହନ୍ତି, ଅଞ୍ଚଳର ଅନେକ ଚାଷୀ ପନିପରିବା ଓ ଫୁଲଚାଷ କରୁଥିବା ବେଳେ ମାର୍କେଟ ଟର୍ମିନାଲ ନିର୍ମାଣ ହେଲେ ସମସ୍ତେ ଉପକୃତ ହେବେ। ତେଣୁ ସରକାର ଅନ୍ୟ କମ୍ପାନୀ ସହ ବୁଝାମଣା କରନ୍ତୁ ବୋଲି ସେ କହିଛନ୍ତି। ଏହି ବୃହତ ମାର୍କେଟ ଟର୍ମିନାଲ ମାଧ୍ୟମରେ କୃଷି ଉତ୍ପାଦିତ ଦ୍ରବ୍ୟର ରପ୍ତାନୀ, ବଜାରକରଣ, ଶୀତଳ ଭଣ୍ଡାର ଆଦିର ସୁବିଧା ସହିତ ପଶ୍ଚିମ ଓଡ଼ିଶାର ୧୦ ଜିଲା ଉପକୃତ ହେବେ।



## ସାମାଜିକ କର୍ମୀ ଟଙ୍କଧର ଗଡତ୍ୟାଙ୍କ ପରଲୋକ

**ଦେଓଗାଁ,୩୦।୧୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)**



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁଟାପଡା ଗାଁର ବିଶିଷ୍ଟ ସାମାଜିକ କର୍ମୀ ଟଙ୍କଧର ଗଡତ୍ୟା(୫୭)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସକାଳେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରେ ଗାଁକୁ ଅଣାଯିବା ପରେ ସ୍ଥାନୀୟ ଲକ୍ଷ୍ମୀଯୋରଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଭାଇ କ୍ଷିରୋଦ୍ର ଗଡତ୍ୟା ମୁଖାଗ୍ନି ଦେଇଥିଲେ। ସେ ଜଣେ ଆଗଧାଡିର ସଂଗଠକ ଭାବେ ପରିଚିତ ଥିଲେ। ତାଙ୍କ ପରଲୋକରେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ରୀନା ମେହେର, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଯୁବନେତା ବିଶ୍ୱଜିତ ପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବଲାଙ୍ଗୀରଃ ୧୯୨୧ଏଚ୍‌ଆଇଭି ସଂକ୍ରମିତ

**ବଲାଙ୍ଗୀର,୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)**



- ସଂକ୍ରମିତଙ୍କ ଭିତରେ ୯୫୦ ପୁରୁଷ, ୩୪୩ ମହିଳା
- ୧୨୯ ଦାଦନ ଶ୍ରମିକ, ୧୦୩ ଶିଶୁ
- ୨୦ ବର୍ଷରେ ଜିଲାରେ ମଲେଣି ୩୫୬
- ଜିଲାରେ କମୁଛି ସଂକ୍ରମଣ, ବଢୁଛି ସଚେତନତା

ବଲାଙ୍ଗୀର ଜିଲାରେ ଏବେ ୧୯୨୧ ଜଣ ଏଚ୍‌ଆଇଭି ସଂକ୍ରମିତ ରହିଛନ୍ତି। ତେବେ ଜିଲାରେ ଏଡ୍‌ସ ରୋଗୀ ଏବଂ ଏଚ୍‌ଆଇଭି ସଂକ୍ରମଣ କମିବାରେ ଲାଗିଛି। ଜିଲା ଏଡସ୍ ରୋଗ ଏବଂ ପ୍ରତିରୋଧ କାର୍ଯ୍ୟକ୍ରମର ଜିଲା କାର୍ଯ୍ୟକ୍ରମ ପରିଚାଳକ ରାଜେନ୍ଦ୍ର ମହାରଣା କହିଛନ୍ତି ଯେ, ୨୦୦୩ ମସିହାରେ ବଲାଙ୍ଗୀର ଜିଲାରେ ଏଡସ୍ ରୋଗ ଯେଉଁ ସ୍ଥିତିରେ ରହିଥିଲା ସେଇ ସ୍ଥିତିରେ ଅନେକଟା ପରିବର୍ତ୍ତନ ଘଟିଛି। ଏଚ୍‌ଆଇଭି ସଂକ୍ରମଣରେ ଏଇ ଜିଲା ଅତିସମ୍ବେଦଶୀଳ ଜିଲା ତାଲିକାରୁ ଖସି ଏବେ ନିମ୍ନଗାମୀ ସଂକ୍ରମଣ ତାଲିକାରେ ରହିଛି। ଏବେ ଜିଲାରେ ସଂକ୍ରମଣ ଧାରା ୦.୧୩୯ ରହିଛି। ଦିନକୁ ଦିନ ଏଚ୍‌ଆଇଭି ସଂକ୍ରମଣ ଧାରା ତଳକୁ ଖସୁଥିବାରୁ ଏହା ଏକ ଭଲ ଲକ୍ଷଣ ବୋଲି କହିଛନ୍ତି। ଜିଲାରେ ଏଚ୍‌ଆଇଭି ସଂକ୍ରମଣ କମାଇବାରେ ଏବଂ ଏଡ୍‌ସ ସଚେତନତା ସୃଷ୍ଟି ଦିଗରେ ସେ ସ୍ୱାସ୍ଥ୍ୟବିଭାଗ କର୍ମଚାରୀ, ଗଣମାଧ୍ୟମ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଶ୍ରେୟ ଦେଇଛନ୍ତି।

ପ୍ରଦାନ କରାଯାଇଥିବା ସରକାରୀ ତଥ୍ୟ ଅନୁଯାୟୀ ୨୦୦୩ ମସିହାରୁ ଏପର୍ଯ୍ୟନ୍ତ ଜିଲାରେ ୧୯୨୧ଜଣ ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୯୫୦ ଜଣ ପୁରୁଷ, ୩୪୩ ଜଣ ମହିଳା, ୧୫୬ ଗର୍ଭବତୀ, ୧୦୩ ଜଣ ଶିଶୁ, ୧୫୭ ଜଣ କିନ୍ନର, ୧୨ ଜଣ ଦେହଜୀବୀ, ୭୧ ଜଣ ଡ୍ରାଇଭର, ୧୧୪ ଜଣ ପୁରୁଷ ଦାଦନ ଶ୍ରମିକ ଏବଂ ୧୫ ଜଣ ମହିଳା ଦାଦନ ଶ୍ରମିକ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ୩୫୬ ଜଣ ଏଡ୍‌ସ ରୋଗୀଙ୍କ ଏଯାବତ୍ ମୃତ୍ୟୁ ଘଟିସାରିଛି। ଏବେ ଜିଲାରେ ୧୭୨୪ ଜଣ ସଂକ୍ରମିତ ଏଆରଟି ପଞ୍ଜୀକୃତ ହୋଇ ଔଷଧ ସେବନ କରୁଛନ୍ତି। ଗତ ୫ ବର୍ଷର ତଥ୍ୟ ଆକଳନ କଲେ ୬୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୦୧୯ ମସିହାରେ ୧୩୧ ଜଣ, ୨୦୨୦ରେ ୧୦୫ ଜଣ, ୨୦୨୧ରେ ୧୪୧ ଜଣ, ୨୦୨୨ରେ ୧୧୬ ଜଣ ଏବଂ ୨୦୨୩ ଅକ୍ଟୋବର ମାସ ସୁଦ୍ଧା ୧୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୫ ବର୍ଷରେ ଚିହ୍ନଟ ହୋଇଥିବା ୬୧୭ ଜଣଙ୍କ ଭିତରେ ୪୨୫ ଜଣ ପୁରୁଷ ଏବଂ ୧୯୨ ଜଣ ମହିଳା ରହିଛନ୍ତି।

ଗତ ୨୦ ବର୍ଷ ଭିତରେ ବଲାଙ୍ଗୀର ବ୍ଲକ୍ ଓ ମ୍ୟୁନିସିପାଲିଟିରେ ୪୪୧ ଜଣ, ଟିଟିଲାଗଡ ବ୍ଲକ୍ ଏବଂ ମ୍ୟୁନିସିପାଲିଟିରେ ୩୫୮ ଜଣ, ପାଟଣାଗଡ ବ୍ଲକ୍ ଏବଂ ଏନ୍‌ଏସିରେ ୨୬୧ ଜଣ ଏବଂ ତୁରେକେଲା ବ୍ଲକ୍ ଓ କଣ୍ଟାବାଞ୍ଜି ଏନ୍‌ଏସିରେ ୧୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ସହିତ ପୁଇଁତଲା ବ୍ଲକ୍‌ରେ ୧୦୦ ଜଣ, ବଙ୍ଗୋମୁଣ୍ଡାରେ ୯୩ ଜଣ, ସଇଁତଲାରେ ୯୩, ମୁରିବାହାଲରେ ୮୮, ଲୋଇସିଂହାରେ ୮୦, ଦେଓଗାଁରେ ୭୦, ବେଲପଡାରେ ୬୨, ଖପ୍ରାଖୋଲରେ ୫୪, ଆଗଲପୁରରେ ୨୬ ଜଣ ଏବଂ ଗୁଡଭେଲା ବ୍ଲକ୍‌ରେ ୨୪ ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ଏଚ୍‌ଆଇଭି ସଂକ୍ରମଣ କମୁଥିବା କୁହାଯାଉଥଲେ ମଧ୍ୟ ସଂକ୍ରମଣକୁ ନେଇ ଆହୁରି ଅଧିକ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ପ୍ରତିବର୍ଷ ଜିଲାରୁ ଲକ୍ଷାଧିକ ଲୋକ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ଏହା ସହିତ ସହରମାନଙ୍କରେ ଦେହ ବ୍ୟବସାୟ ବଢୁଛି। ଏଭଳି ସ୍ଥିତିରେ ଏଡସ୍ ସଂକ୍ରମଣର ଭୟ ଲାଗି ରହୁଛି। ବିଶେଷକରି ଯେଉଁ ଡ୍ରାଇଭରମାନେ ବିଭିନ୍ନ କାମରେ ରାଜ୍ୟ ବାହାରକୁ ବା ରାଜ୍ୟ ଭିତରେ ଅନ୍ୟ ଜିଲାକୁ ଯାଉଛନ୍ତି ସେମାନଙ୍କୁ ମଧ୍ୟ ଅଧିକ ସଚେତନ କରିବାକୁ ପଡିବ। ବିଶ୍ୱ ଏଡସ୍ ଦିବସ ପାଳନ ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାର ତଳମୁହାଁ ଏଡସ୍ ସଂକ୍ରମଣ ଧାରାକୁ ଆହୁରି ତଳକୁ ଖସାଇବାକୁ ଆହୁରି ଉଦ୍ୟମ ସହ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡିବ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ କ୍ରୀଡାବିତ୍‌ମାନେ ଶପଥ ନେଉଛନ୍ତି।

**ବେଲପଡ଼ା,୩୦।୧୧(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ଦୀନରଘୁ ମେହେର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଦୁଇଦିନିଆ କ୍ରୀଡା ଉତ୍ସବ ଗୁରୁବାର ଶେଷ ହେଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାର ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଆଲୁମିନି ସଭାପତି ଗୌତମ କୁମାର ଅଗ୍ରୱାଲ, ସମ୍ମାନୀତ ଅତିଥିଭାବେ ବ୍ଲକର ଗେମ ଓ ସ୍ପୋର୍ଟସ ସେକ୍ରେଟାରୀ ପ୍ରମୋଦ କୁମାର ଠାକୁର ଯୋଗଦେଇଥିଲେ। ଖେଳ ଶିକ୍ଷକ ନୀତେଶ କୁମାର୍ ତାଣ୍ଡିଙ୍କ ପରିଚାଳନାରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ସଟ୍‌ଫୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ନବମ ଶ୍ରେଣୀ ଛାତ୍ର ଲିଙ୍ଗରାଜ ତାଣ୍ଡି ଚାମ୍ପିୟନ ବିବେଚିତ ଚୟନ ହେଇଛନ୍ତି। ଶିକ୍ଷକ ପ୍ରଭାକର ସାହୁ, ସରୋଜ ରଣା, ଆଶିଷ ସାମଲ, ଜିତୁ ମେହେର, ପ୍ରିୟଙ୍କା ପ୍ରଧାନ, ଅନ୍ୱେଷା ସାହୁ, ସୁଜାତା ମେହେର୍, ସୌମ୍ୟ ପାତ୍ର, ହିରାକାନ୍ତି ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଲାଙ୍ଗୀରରେ ପେପରଲେସ୍ କୋର୍ଟର ଶୁଭାରମ୍ଭ

**ବଲାଙ୍ଗୀର,୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗୁରୁବାରଠାରୁ ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ପେପରଲେସ୍ କୋର୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବି.ଆର୍.ଷଡଙ୍ଗୀ ଓ ଜଷ୍ଟିସ ସାବିତ୍ରୀ ରାଥୋ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ପେପରଲେସ୍ କୋର୍ଟର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ସିଭିଲ କୋର୍ଟରେ ଜିଲା ଦୌରାଜଜ୍ ଲଲାଟେନ୍ଦୁ ଜେନା, ପୋକ୍‌ସୋ କୋର୍ଟ ଜଜ୍ ଗୋପବନ୍ଧୁ ଗଡନାୟକଙ୍କ ସମେତ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ସିଭିଲ କୋର୍ଟର ଅନ୍ୟ ବିଚାରପତି ଓ ଓକିଲମାନେ ଉପସ୍ଥିତ ଥିଲେ। ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବା, ସ୍ୱଳ୍ପ ସମୟ ମଧ୍ୟରେ ମକଦ୍ଦମାର ଫଇସଲା ତଥା କୋର୍ଟ କାର୍ଯ୍ୟର ସରଳୀକରଣ ପାଇଁ ଏହି କୋର୍ଟ ବିଶେଷ ସହାୟକ ହୋଇ ପାରିବ ବୋଲି କୁହାଯାଇଛି। ଏହି ପେପର ଲେସ୍ କୋର୍ଟ ସୁବ୍ୟବସ୍ଥା ଯୋଗୁ ଉଭୟ ଓକିଲ ଓ ମହକିଲମାନେ ଲାଭାନ୍ୱିତ ହେବେ ବୋଲି ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ସୂଚନା ଦେଇଥିଲେ।




ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ପେପରଲେସ୍ କୋର୍ଟ ଉଦ୍‌ଘାଟନ ଅବସରରେ ଜିଲା ଦୌରାଜଜ୍, ପୋକ୍‌ସୋ ଜଜ୍ ଏବଂ ଜିଲା ଓକିଲ ସଂଘ ସଭାପତି।




କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ନୂତନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀମାନେ।

# ଦୃଢ଼ ଲକ୍ଷ୍ୟ ରଖି ଆଗେଇଲେ ସଫଳତା ନିଶ୍ଚିତ

**କଣ୍ଟାବାଞ୍ଜି, ୩୦।୧୧(ଗୁରୁ ଦୟାଲ ହଂସ)**

**ମହିଳା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ନୂତନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କଣ୍ଟାବାଞ୍ଜି ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ଯୋଗଦେଇ ଜୀବନରେ ଦୃଢ଼ ଲକ୍ଷ୍ୟ ରଖି ଆଗେଇଲେ ସଫଳତା ନିଶ୍ଚିତ। ତେଣୁ ଖେଳୁଆଡ ମନୋଭାବ ନେଇ ନୂଆ ଓଡ଼ିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ସେ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କଣ୍ଟାବାଞ୍ଜି ଏନଏସି ୱାର୍ଡ ନଂ ୩ କାଉନସିଲର ମନୀଷ ଅଗ୍ରୱାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୃନ୍ଦାବନ ନାଗ ପାଠପଢା ସହ ଶୃଙ୍ଖଳିତ ଜୀବନ ବଞ୍ଚିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଅଧ୍ୟାପକ ସୋମନାଥ ମେହେର ସଭା ପରିଚାଳନା, ଜିତେନ୍ଦ୍ର ସୁନା ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମର ନୋଡାଲ ଅଫିସର ଯୁଧିଷ୍ଠିର ବେହେରା ପିଲାମାନେ ନିଜର ଦକ୍ଷତାକୁ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ଏହାପରେ ରଙ୍ଗୋଲି ପ୍ରତିଯୋଗିତା ଓ ନୃତ୍ୟ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସୁନନ୍ଦା ରଥ, ଅଧ୍ୟାପକ ରାଜୀବ ମେହେର, ରଶ୍ମିତା ମେହେର, କଲ୍ୟାଣୀ ମେହେର, ଲିପନିତା ପଧାନ, ନିରବତୀ ପଧାନ ସହଯୋଗ କରିଥିଲେ। ଏଥିପୂର୍ବରୁ ସକାଳେ ଅଧ୍ୟାପିକା ସୁନନ୍ଦା ରଥ, ଅଧ୍ୟାପକ ସୋମନାଥ ମେହେରଙ୍କ ନେତୃତ୍ୱରେ ସକାଳ ୮ଟାରୁ କଣ୍ଟାବାଞ୍ଜି ଶ୍ୟାମ ମନ୍ଦିରରୁ ଏକ ମଶାଲ ଯାତ୍ରା ମହାବିଦ୍ୟାଳୟକୁ ଆସିଥିଲା।

## ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା

**କର୍ଲାମୁଣ୍ଡା,୩୦।୧୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦି କିଶୋର ଭୋଇଙ୍କ ସଭାପତିରେ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ତେରେସିଙ୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡ଼ଧଜ ଗହୀର, ସମ୍ମାନିତ ଅତିଥି ଭାବେ ଅବସର ଗ୍ରହଣ କରିଥିବା ରତନ ଭୋଇ, ପଞ୍ଚାୟତ ସମିତି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ବେଲଖଣ୍ଡି ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମକରଧ୍ୱଜ ପୁଟେଲ, ଫଟକାମାଲ ହାଇସ୍କୁଲ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦେବାନନ୍ଦ ବାଗ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଉତ୍ତମ ଶିକ୍ଷକତାକୁ ପ୍ରଂଶସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଦିନବନ୍ଧୁ ସାହୁ, ରଶ୍ମି କାନ୍ତ ସାହୁ, ମିତ୍ର ଭାନୁ ସାହୁ, ଜଳନ୍ଧର ଭୋଇ,ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶା, ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ବସନ୍ତ କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ରଦୀପ୍ତ କୁମାର ଷ, ରେଗଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର କୁମାର ନାଏକ, ପୌରକେଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରଣା, ଭଟାପଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁରଣା, ରିଞ୍ଜା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସୁରେଶ ଚନ୍ଦ୍ର ମିଶ୍ର, ସଞ୍ଜୀବ କୁମାର ନାଗ, ହିନ୍ଦୀ ଶିକ୍ଷକ ଅରବିନ୍ଦ ସାହୁ, ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, କିରାଣୀ ଅମ୍ବିଲାଲ ସାହୁଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ/ସଦସ୍ୟା ଓ ଅନ୍ୟାନ୍ୟ ହାଇସ୍କୁଲର ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ପବିତ୍ର ମୋହନ ପାଶା ମଞ୍ଚ ପରିଚାଳନା କରିଥିଲେ। ତେବେ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଅବସର ନେବା ପରେ ନବମ ଦଶମ ଶ୍ରେଣୀରେ ମୋଟ ୧୨୯ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢେଇବା ପାଇଁ ଜଣେ ମାତ୍ର ସରକାରୀ ବିଜ୍ଞାନ ଶିକ୍ଷକ ରହିଥିବା ବେଳେ ଅବସର ପ୍ରାପ୍ତ ୩ଜଣ ଅତିଥି ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଥିବା ଜଣାପଡ଼ିଛି।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲାଞ୍ଜିଗଡ଼,୩୦।୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କଁଅର ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବ୍ଲକ ବିଏସଏସଓ ଅରବିନ୍ଦ ମହାପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ମନୋହର ହରପାଲ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ୨୬ଟି ପଞ୍ଚାୟତର ଦୂରଦୂରାନ୍ତରୁ ଶିବିରରେ ୪ ଶହରୁ ଉର୍ଦ୍ଧ୍ୱ ପରିବାର ସମେତ ଭିନ୍ନକ୍ଷମ ଆସି ନିଜର ଅଭିଯୋଗ କରିଥିଲେ। ଚଳିତ ବର୍ଷ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୧୪୭ଜଣ ୟୁଡିଆଡ଼ି ପଞ୍ଜୀକରଣ କରିଥିବା ବେଳେ ୯୧ଜଣଙ୍କୁ ତୁରନ୍ତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହା ବ୍ୟତିତ ବସ ପାସ ୨୨ଜଣ, ଟ୍ରାଇସାଇକଲ ୩ ଜଣ, ହୁଇଲ ଚେୟାର ୨ ଜଣ, ଆଶାବାଡି ଜଣଙ୍କୁ ପ୍ରଦାନ କରାଯାଇଥିଲା। ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଜିଲା ମୁଖ୍ୟାଳୟରୁ ଚକ୍ଷୁ, କର୍ଣ୍ଣ, ଗଳା, ଅସ୍ଥିଶଲ୍ୟ ବିଭାଗ ଡାକ୍ତରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ପିଇଓ ପ୍ରମୋଦ ସାହୁ, ଯୋଗାଣ ସହାୟକ ରାଜେନ୍ଦ୍ର ମହାକୁଡ଼, ଯୋଗାଣ ସହାୟକ ମିଥୁନ ମହାକୁଡ଼, ଯୋଗାଣ ସହାୟକ କୁଳମଣି ବେହେରା, ଯୋଗାଣ ସହାୟକ ଚନ୍ଦ୍ରମଣି ଗୌଡ଼, ଡିଇଓ ପବିତ୍ର ବେହେରା, ଲକ୍ଷ୍ମଣ ନାଏକ, ଆଶିଷ ମୁଗରୀ, ବିପିଏ ଜିତୁ ପୋଡ଼, ପିଏ ପୀତବାସ ସାହୁ,ଏସଏ ଜଗଜୀବନ ମାଝି ପ୍ରମୁଖ ସହଯୋଗ କରିଥିଲେ।



# କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ସଫଳତା

**ଭବାନୀପାଟଣା,୩୦।୧୧(ଉତ୍ତମ କୁମାର ଦାଶ)**

ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟଠାରେ ଓଡିଶା ନେହେରୁ ଯୁବକେନ୍ଦ୍ର ଆନୁକୁଲ୍ୟରେ ୨୫ ଓ ୨୬ ଦୁଇ ଦିନ ଧରି ରାଜ୍ୟସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜନଜାତି ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଆଇସିଏମଆର ଏମଆର୍ ଏମଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି ଓ ସୋଆ ବିଶ୍ୱବିଦ୍ୟାଳୟ ଛାତ୍ର ମଙ୍ଗଳ ଡିନ ଡକ୍ଟର ଜ୍ୟୋତି ରଞ୍ଜନ ଦାସ ଓ ନେହେରୁ ଯୁବକେନ୍ଦ୍ର ରାଜ୍ୟ ନିର୍ଦ୍ଦେଶକ ହୋନି ସିନ୍ହା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ମେରୀ ମାଟି ମେରାଦେଶ' କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହାକୁ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପୁରସ୍କାର ଗ୍ରହଣ କରିଥଲେ। ରାଜ୍ୟସ୍ତରୀୟ ଭାଷଣ ପ୍ରତିଯୋଗୀତାରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଶୁଭଲକ୍ଷ୍ମୀ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ସାର୍ଟିଫିକେଟ ସହ ୭୫୦୦ ଟଙ୍କା ଅର୍ଥରାଶି ମୁଖ୍ୟଅତିଥି ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡି ମାଟିଆ ଆଦିଶକ୍ତି ସାଂସ୍କୃତିକ ଅନୁଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କୁ ସାର୍ଟିଫିକେଟ ସହ ୨୫ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯକ୍ରମରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ ଜିଲା ପକ୍ଷରୁ ନେତୃତ୍ୱ ନେଇଥିବା ବେଳେ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମୋଚନ ପୋଡ଼, ସୋଭାବନ ମାଝି, ମଳୟ ମାଝି, ହୁକମେ ଗୌଡ଼, ତୁଳବତି ଗଉଡ ସମେତ ସମସ୍ତ ସଦୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଥିଲା। ଜିଲା ପାଇଁ ସଫଳତା ଅର୍ଜନ କରିଥିବା ପ୍ରତିଭାଗିଙ୍କୁ ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର କୃତଜ୍ଞତା ଜ୍ଞାପନ କରିଥିଲେ।




ଏକାଧିକ ପୁରସ୍କାର ଗ୍ରହଣ କରୁଛନ୍ତି କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ରର ପ୍ରତିଭାଗୀ।

**ରାଜ୍ୟସ୍ତରୀୟ ଯୁବ ଉତ୍ସବ**

- ଏକାଧିକ ପୁରସ୍କାର ଗ୍ରହଣ କରି ଜିଲା ପାଇଁ ଆଣିଲେ ଗୌରବ

## ସଂକ୍ଷେପରେ

### ୮ ଫୁଟର ଅଜଗର ଉଦ୍ଧାର

ବନ୍ଧମୁଣ୍ଡା,୩୦।୧୧(ସୁବ୍ରତ ଦେ)

ବିଶ୍ରା ବ୍ଲକ କାପାଟମୁଣ୍ଡା ଗାଁର ଏକ ଚାଷ ଜମିରୁ ସ୍ଥାନୀୟ ଯୁବକମାନେ ଗୁରୁବାର ୮ ଫୁଟ ଲମ୍ବା ଅଜଗର ସାପ ଉଦ୍ଧାର କରିଛନ୍ତି। ପରେ ଏହାକୁ ବିଶ୍ରା ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବନ ବିଭାଗ କର୍ମଚାରୀ ଏହି ଅଜଗରକୁ ଶୁକ୍ରବାର ସରଣ୍ଡା ଜଙ୍ଗଲରେ ଛାଡିବେ ବୋଲି ସୂଚନା ଦେଇଛନ୍ତି।

### ଜିଲା ଭାଜପାର ନୂତନ କାର୍ଯ୍ୟକର୍ତ୍ତା

**ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଡୁଲି):** ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲାର ନୂତନ କାର୍ଯ୍ୟକର୍ତ୍ତା କମିଟି ଘୋଷିତ ହୋଇଛି। ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ଘୋଷିତ ଏହି କମିଟିରେ ୮ ଉପସଭାପତି, ୩ ସାଧାରଣ ସମ୍ପାଦକ, ୮ ସମ୍ପାଦକ ଓ ଜଣେ କୋଷାଧକ୍ଷ ରହିଛନ୍ତି। ୮ ଉପସଭାପତି ହେଲେ ଅଶୋକ କୁମାର ସାଏ, ସୁରେନ୍ଦ୍ର ଦେହୁରୀ, ହିମାନୀ ପାଢୀ, ବସନ୍ତ ଦଣ୍ଡସେନା, ସୁରେନ୍ଦ୍ର ଭିତ୍ରିଆ, ଶାନ୍ତି ସରାଫ, ଶଶୀରେଖା ସାମଲ, ଗୁଲସନ ବରୁଆ, ୩ ସାଧାରଣ ସମ୍ପାଦକ ହେଲେ ସୁଖଲାଲ ମୁଣ୍ଡା, ମହେନ୍ଦ୍ର ମାଝି, ଅମିରା କୁମାର ନାଏକ, ୮ ସମ୍ପାଦକ ମଞ୍ଜୁ ଲାକ୍ରା, ସତ୍ୟବାନ ବିଶି, ଆଶିଷ କୁମାର ପଟେଲ, ଅମିୟ କୁମାର ପଟ୍ଟନାୟକ, ହେମଲତା କଲସେର, ଅରୁଣ ପ୍ରଧାନ, ଶଙ୍କର ମାଝି, ନିହାର ରଞ୍ଜନ ନାଏକ ଏବଂ ଦିନେଶ କର କୋଷାଧକ୍ଷ ଓ ଭେଷଜ ରଥ ଅଫିସ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି୨୨ଟି ମଣ୍ଡଳର ନୂତନ ସଭାପତିଙ୍କ ନାମ ମଧ୍ୟ ଘୋଷିତ ହୋଇଛି। ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ପରେ ତୃଣମୂଳ ସ୍ତରରେ ଦଳର ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଜିଲା ସଭାପତି ଭୋଇ ଆଶାବ୍ୟକ୍ତ କରିଛନ୍ତି।

### ଗିରଫ ଯୁବକଙ୍କ ପାଲଟା ଅଭିଯୋଗ

**ବ୍ରଜରାଜନଗର,୩୦।୧୧(ବିଜୟ ବରାଡ଼):** ଗତ ମଙ୍ଗଳବାର କେଛୋବାହାଲ କେନ୍ଦୁପଡାଠାରେ ଗୋ ମାଂସ ବିକୁଥିବା ଅଭିଯୋଗରେ ପୋଲିସ ସୁନ୍ଦରଗଡ଼ କିଞ୍ଜିରକେଲା ଥାନା ଅନ୍ତର୍ଗତ ତିଲଡେଗା ଗ୍ରାମର ସଞ୍ଜୟ ରୋହିଦାସ (୨୬)ଙ୍କୁ ଗିରଫ କରିଥିଲା। ତେବେ ତାଙ୍କୁ କେତେଜଣ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ନେଇ ଗିରଫ ସଞ୍ଜୟ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ମଙ୍ଗଳବାର ସଞ୍ଜୟ ନିଜ ବାଇକରେ କେଛୋବାହାଲ କେନ୍ଦୁପଡାକୁ ମାଂସ ବିକ୍ରି କରିବାକୁ ଆସିଥିଲେ। ହେଲେ ସେ ସମୟରେ ୪/୫ ଜଣ ଯୁବକ ତାଙ୍କୁ ଏଠାରେ ଗୋରୁ ମାଂସ କାହିଁକି ବିକ୍ରି କରୁଛୁ କହି ଗାଳିଗୁଲଜ କରିବା ସହିତ ବାଡ଼ିରେ ମାଡ଼ ମାରିଥିଲେ। ଏଥିରେ ତାଙ୍କର ଦୁଇ ହାତ ଓ ଗୋଡ଼ରେ ଆଘାତ ଲାଗିଛି। ତାଙ୍କ ମୋଟରସାଇକେଲକୁ ବାଡେଇ ଭାଙ୍ଗି ଦେଇଥିବା ସଞ୍ଜୟ ଗାନ୍ଧିଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି, ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରଜରାଜନଗର ଥାନା ଆଇଆଇସି ଧବଳେଶର ସାହୁ କହିଛନ୍ତି।

# କଠୋର ଶ୍ରମ ହିଁ ସଫଳତାର ଆଧାର

ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଡୁଲି)




ଅଧ୍ୟାପିକା ଅଧ୍ୟାପକଙ୍କ ଗ୍ରହଣରେ ଛାତ୍ରୀମାନେ।

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ସାଂସ୍କୃତିକ ସମାରୋହ ଉଦ୍‌ଯାପିତ**

ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ସାଂସ୍କୃତିକ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୩ରୁ ଆରମ୍ଭ ହୋଇଥିବା ସାଂସ୍କୃତିକ ସମାରୋହରେ ଯୁବବର୍ଗଙ୍କ ଦକ୍ଷତା ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଆଧାରରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅଧକ୍ଷା ଡା. କୁମୁଦିନୀ ରାଉତରାୟ ସ୍ୱାଗତ ଅଭିଭାଷଣ ପ୍ରଦାନକରି ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଓ ସାଂସ୍କୃତିକ ସୃଜନଶୀଳତା ରାଷ୍ଟ୍ରର ଭବିଷ୍ୟତ ବୈଦ୍ଧିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତଥିଭାବେ ଅଧକ୍ଷା ଡା. ଲଳିତ ରଞ୍ଜନ ସାହୁ ଯୋଗଦେଇ ବିଦ୍ୟାର୍ଥୀଙ୍କ ଶୈକ୍ଷିକ ବିକାଶ ସହ ସୃଜନଶୀଳତାର ବିକାଶ ସାମାଜିକ ପ୍ରତିବଦ୍ଧତା ସୃଷ୍ଟି କରିଥାଏ ବୋଲି କହିଥିଲେ। କଠୋର ଶ୍ରମ ହିଁ ସଫଳତାର ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପୌରଉପାଧକ୍ଷା ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ରଞ୍ଜନା ପଣ୍ଡା ଯୋଗଦେଇ ଯୁବ ବର୍ଗ ରାଷ୍ଟ୍ରର ସମ୍ପଦ ବୋଲି କହିବା ସହ ଓଡିଶା ସରକାରଙ୍କ ଏହି କାର୍ଯ୍ୟକ୍ରମ ନୂତନ ଆଶା ଅଭିଳାଷ ଓଡିଶାରେ ଯୁବବର୍ଗ ସୃଜନାତ୍ମକ ପ୍ରତିଭାର ପ୍ରଦର୍ଶନରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡା.ଇନ୍ଦିରା ଗଡନାୟକ ଯୁବବର୍ଗଙ୍କ ସୃଜନଶୀଳା ଦକ୍ଷତା ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ଛାତ୍ର ସଂଯୋଜକ ଦେବେଶ କୁମାର ଦାସ, ବିଜୁ ଛାତ୍ର ଜିଲା ସଂଯୋଜକ ଶାହାବାଜ ହୁସେନ, ଜିଲା ବିଜେଡି ଉପସଭାପତି ଜୟନାରାୟଣ ତ୍ରିପାଠୀ, କାଉନସିଲର ସୁମନ୍ତ ସାହୁ, ମୋ କଲେଜ ଅଭିଯାନର ସଂଯୋଜକ ଅଜିତ କୁମାର ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଡା. ସୁସ୍ମିତା ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ କ୍ଲବର ସଦସ୍ୟା ସହକାରୀ ପ୍ରଫେସର ଚାରୁଲତା ନାୟକ, ନୀଳିମା ଭିତ୍ରିଆ, ସଲିଳା କୁଜୁର, ସ୍ମିତାରଣୀ ପଟେଲ ପ୍ରମୁଖ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହକାରୀ ପ୍ରାଧ୍ୟାପିକା ନୀଲମ୍ କେରକେଟା ସଭା ସଞ୍ଚାଳନ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓମାନପତ୍ର ଦେଇ ପୁରସ୍କୃତ କରଥିଲେ। ଏହି ସମାରୋହରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ। ଉଚ୍ଚମାଧ୍ୟମିକ ନୋଡାଲ ଅଫିସର ଡା. ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ହାତୀ ଆକ୍ରମଣରେ ମହିଳା ମୃତ

ଟେନ୍‌ସା,୩୦।୧୧(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଫରେଷ୍ଟ ରେଞ୍ଜରେ ପୁଣି ହାତୀ ଆତଙ୍କ। ପାଟମୁଣ୍ଡା ପଞ୍ଚାୟତ କଦମଡ଼ିହି ନିକଟସ୍ଥ ବାଲିଆଡ଼ିହିଠାରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଙ୍ଗିର ମୁଣ୍ଡା(୫୮)। ମୃତ୍ୟୁ ପରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ନ ମିଳିଲେ ମୃତଦେହ ଉଠାଇ ଦେବୁ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ। ବନବିଭାଗ ଟିମ୍ ଓ କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଉଠିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ହାତୀଟି ଗ୍ରାମ ଭିତରକୁ ପଶି ଆସିଥିଲା। ଏହି ସମୟରେ ମାଙ୍ଗିର ନିଜ ଘର ନିକଟରେ ବୁଲାବୁଲି କରୁଥିଲେ। ହାତୀକୁ ଦେଖି ଯିଏ ଯୁଆଡେ ପାରିଲେ ଦୌଡ଼ି ପଳାଇଥିଲେ। ହେଲେ ମାଙ୍ଗିର ଦୌଡ଼ି ପାରି ନ ଥିଲେ। ଫଳରେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ପାଦରେ ଦଳି ଚକଟି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଗତ କିଛି ମାସ ମଧ୍ୟରେ ଦନ୍ତା ହାତୀ ଆକ୍ରମଣରେ ୭ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଟେନ୍‌ସାରେ ହାତୀ ଆତଙ୍କ

ଟେନ୍‌ସା,୩୦।୧୧(ସମୀର କୁମାର ପାଢୀ)



ସୁନ୍ଦରଗଡ଼ ଜିଲା ବରସୁଆଁ ରେଞ୍ଜ ଅଞ୍ଚଳରେ ଦନ୍ତାହାତୀ ଆତଙ୍କ ଖେଳାଇଛି। ବୁଧବାର ଅପରାହ୍ନରେ ଟେନ୍‌ସା ନେଚର କ୍ୟାମ୍ପ ତଳ ମୋଡାଣୀ ନିକଟରୁ ଦନ୍ତା ବାହାରି ଜିରୋ ପଏଣ୍ଟ ଓ ଟେନ୍‌ସା ରାସ୍ତାକୁ ଅବରୋଧ କରିଥିଲା। ଫଳରେ ଉଭୟ ପଟୁ ଆସୁଥିବା ଲୁହାପଥର ବୋଝେଇ ଟ୍ରକ ସବୁ ଅଟକି ରହିଥିଲା। ୩ ଘଣ୍ଟା ଧରି ହାତୀଟି ଆତଙ୍କ ଖେଳାଇଥିଲା। ଟେନ୍‌ସା ଓ ଜିରୋ ପଏଣ୍ଟବାସୀ ଟିଣ, ବାଜା ବଜାଇ, ହୋ ହାଲ୍ଲା କରି ଦନ୍ତାକୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ପରେ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡାଇ ଥିଲେ। ଗତ କିଛିଦିନ ତଳେ ହାତୀ ଫୁଲଝରୀ, ଡେଙ୍ଗୁଳାରେ ୨ ଲୋକଙ୍କୁ ମାରିବା ମନରୁ ଯାଇ ନ ଥିବା ବେଳେ ପୁଣି ଟେନସା ଓ ଜିରୋ ପଏଣ୍ଟଠାରେ ଦନ୍ତାର ଆତଙ୍କ ସମସ୍ତଙ୍କୁ ଭୟଭୀତ କରିଛି। ଏବେ ଦନ୍ତା କେଉଁଠି ବୋଲି ଟେନ୍‌ସା ଓ ଜିରୋ ପଏଣ୍ଟବାସୀ ବନ ବିଭାଗକୁ ପ୍ରଶ୍ନ କରିଛନ୍ତି।

## ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର

ବଣାଇଁ,୩୦।୧୧ (ପ୍ରଦୀପତ୍ରିପାଠୀ)

ବଣାଇଁ ମହାବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା, କୌଶଳ ବିକାଶ ଓ ଔଦ୍ୟୋଗିକ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ପ୍ରବେଶ ଦ୍ୱାରର ଶୁଭ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର ମାନେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଆଜିର ଛାତ୍ରୀଛାତ୍ର ଆଗାମୀ ଦିନର ଭବିଷ୍ୟତ। ସେମାନଙ୍କୁ ପୂର୍ଣ୍ଣ ବିକଶିତ ମଣିଷ ଭାବେ ଗଢ଼ି ପାରିଲେ ରାଷ୍ଟ୍ର ନିର୍ମାଣରେ ସେମାନେ ସାମିଲ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ। ମାନବିକତା, ଧୈର୍ଯ୍ୟ, ନିଷ୍ଠା, ସହନଶୀଳତା ଓ ଉତ୍ତମ ଚରିତ୍ର ବାସ୍ତବ ଶିକ୍ଷା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପି ଜୁଏଲ ଓରାମ,ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତାଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭିତ୍ତିପ୍ରସ୍ତର ସ୍ଥାପନର ଅନ୍ୟତମ ବିଦ୍ଧାଣୀ ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବଣାଇଁର ପ୍ରାକ୍ତନ ଅଧକ୍ଷଙ୍କ ଦ୍ୱାରା ରଚିତ ପୁସ୍ତକ ଓ ସ୍ମରଣିକା ଉପସ୍ଥିତ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଧକ୍ଷ ଜେନାମଣି ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ ନାଥ ମଲ୍ଲିକ, ଆଲୁମିନି କମିଟି ସମ୍ପାଦକ ବିଜନ କୁମାର ସେନ୍, ଉପ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାକ୍ତନ ଅଧକ୍ଷ, ଅଧ୍ୟାପକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୨ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ବଣାଇଁକୁ ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ କରିଥିବା ଶରତ ଚନ୍ଦ୍ର ସାହୁ, ଅଶୋକ ଅଗ୍ରୱାଲଙ୍କ ସମେତ ସମାଜିକକର୍ମୀ ବିନୟ କୁମାର ସାହୁ , ସିରାଜ ଖାନ ପ୍ରମୁଖଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ସୋନପୁରର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ତାନସେନ ଗ୍ରୁପର କଳାକାରଙ୍କ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ମହାବିଦ୍ୟାଳୟର ଆଲୁମିନି କମିଟି ଉପସଭାପତି ପ୍ରଦୀପ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗବତ ସପ୍ତାହ ଓ ଜ୍ଞାନଯଜ୍ଞ

**ବ୍ରଜରାଜନଗର,୩୦।୧୧(ବିଜୟ ବରାଡ଼):** ସ୍ଥାନୀୟ ସୁଇମିଂ ପୁଲ ପଡିଆରେ ପ୍ରିୟକାନ୍ତ ଜୁ ଭାଗବତ ସମିତି ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ ଜ୍ଞାନଯଜ୍ଞର ଗୁରୁବାର ଦିତୀୟ ଦିବସରେ ଭାଗବତ ଚର୍ଚ୍ଚା ସହ ଧର୍ମ ଉପରେ ଆଲୋଚନା ହୋଇଥିଲା। ଶାନ୍ତି ସେବା ଧାମ ବୃନ୍ଦାବନରୁ ଧର୍ମ ରତ୍ନ ଶାନ୍ତି ଦୂତ ଦେବକୀ ନନ୍ଦନ ଠାକୁର ମହାରାଜା ଭାଗବତ ରସାମୃତ ପଠନ ଓ ଭାଗବତ ଚର୍ଚ୍ଚା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇ ମହାଯଜ୍ଞ ଉଦ୍‌ଯାପିତ ହେବ ବୋଲି ସମିତିର ମୁଖ୍ୟ ବିଭୁତି ଭୁଷଣ ଦାଶ ସୂଚନା ଦେଇଛନ୍ତି। ମହାଯଜ୍ଞରେ ପ୍ରିୟକାନ୍ତ ଜୁ ଭାଗବତ ସମିତି ସଦସ୍ୟ ବିଭୁତି ଭୁଷଣ ଦାଶ, ରଞ୍ଜିତା ପରିଡା, ଭାରତୀ ଜେନା, ଉଷା ସେନାପତି, ସୁରେଶ ଭୋଇ, ବନ୍ଧରାମ ବୁଡାସାଗର, ଗୁରୁ ପ୍ରସାଦ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି।

## ଡୁମୁଲିଆରେ ମୋ ବ୍ୟାଙ୍କ ସେବା ଶୁଭାରମ୍ଭ



ପଞ୍ଚାୟତ ସମିତି ଅଧକ୍ଷା ଫିତାକାଟି ବ୍ୟାଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ସବ୍‌ଡେଗା,୩୦।୧୧(ଅନନ୍ତ ପଟେଲ)

ବାଲିଶଙ୍କରା ବ୍ଲକ ଡୁମୁଲିଆ ପଞ୍ଚାୟତଠାରେ ମୋ ବ୍ୟାଙ୍କ ସେବା ଦ୍ୱାରା ଖୋଲାଯାଇଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କାର୍ଯ୍ୟାଳୟକୁ ବୁଧବାର ପଞ୍ଚାୟତ ସମିତି ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ସରପଞ୍ଚ ଏବଂ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ସରପଞ୍ଚ ଦେବଲାଲ ଲାକଡ଼ା, ପିଏନବି ମ୍ୟାନେଜର ଅରବିନ୍ଦ କୁଣ୍ଡୁ, ଏମବିକେ ଦୀପ୍ତି ସାହୁ, ସହକାରୀ ଯନ୍ତ୍ରୀ ମହେନ୍ଦ୍ର ଅମାତ, ଯନ୍ତ୍ରୀ ଧନଞ୍ଜୟ କିଷାନ, ପିଇଓ ବରୁଣ ପଟେଲ, ରିଙ୍କି ମହାକୁଲ, ଶିଶିର ସାହୁ, ସୁବିନ ସେଠ୍, ଚେରେଙ୍ଗା ଆପଟ୍, ପ୍ରସନ୍ନ ବରିହା, ସନ୍ତୋଷ ଧୁରୁଆ, ବୀର କିଷାନ,ଗ୍ରାମର ସମସ୍ତ ଏସଏଚଜି ମହିଳା, ଗ୍ରାମବାସୀ, ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଲହୁଣୀପଡ଼ା, ୩୦।୧୧(ଦାଶରଥି ପଣ୍ଡା)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋମିତା ମନ୍ତ୍ରୀଙ୍କ ବଣାଇଁ ଗସ୍ତ କ୍ରମରେ ରଜାମୁଣ୍ଡା ସ୍ଥିତ ଭାଜପା କାର୍ଯ୍ୟାଳୟରେ ଗୁରୁବାର କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏମ୍‌ପି ଜୁଏଲ ଓରାମଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ସଭାପତି ଅନିଲ କୁମାର ବାର୍ଲାଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିରେ ଜିଲା ସଭାପତିଙ୍କ ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସେବତୀ ନାଏକ, ବରିଷ୍ଠ ନେତା ଜଗନ୍ନାଥ ମାହାନ୍ତ, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ଲୁଥାର୍ ଓରାମ, ଜିଲା ସମ୍ପାଦକ ଅନିଲ କୁମାର ମହାନ୍ତ, ଭିକି ବ୍ରହ୍ମ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜୟନ୍ତୀ ମହାନ୍ତ, କୃଷକ ମୋର୍ଚ୍ଚା ଜିଲା ସଭାପତି ରେଙ୍ଗଟୁ ପ୍ରଧାନ, ଓବିସି ମୋର୍ଚ୍ଚା ଜିଲା ସଭାପତି ଆହ୍ଲାଦ ବଢ଼େଇ, ଜନମୋର୍ଚ୍ଚା ଜିଲା ସଭାପତି ଶାନ୍ତନୁ କୁମାର ଦାଶ, ସଂଖ୍ୟାଲଘୁ ମୋର୍ଚ୍ଚା ଜିଲା ସଭାପତି ଏମ୍‌ଡି ମୋଇମ, ଆଦିବାସି ମୋର୍ଚ୍ଚା ଜିଲା ସଭାପତି କର୍ମୁ କିଷାନ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରୀଣି ସଦସ୍ୟ ନିହାର ରଞ୍ଜନ ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ସ୍ୱାଇଁ, ଲହୁଣୀପଡ଼ା ମଣ୍ଡଳ ସଭାନେତ୍ରୀ ନମିତା ମହାନ୍ତ, ସରସରା ମଣ୍ଡଳ ସଭାପତି ଯୁଧିଷ୍ଠିର ବେହେରା, ବଣାଇଁ ମଣ୍ଡଳ ସଭାପତି ମୁକୁନ୍ଦ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମେନ୍ଦ୍ର ମାହାନ୍ତ, ନାରାୟଣ କୁମ୍ଭାର, ଦେବଲିନା ମାହାନ୍ତ, ଯମୁନା ମୁଣ୍ଡା, ବିଜୟ କୁମାର ଠାକୁର, ସୁଜିତ କୁମାର ଜୟସୱାଲ, ଅଜୟ କୁମାର ପଣ୍ଡା, ହଳଧର ମାହାନ୍ତ, ଗିରିଧାରୀ ମାହାନ୍ତ, ଡିଲେଶ୍ୱର ରଣା, ହାପୀ ବ୍ରହ୍ମଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କ୍ରୀଡାଉତ୍ସବ,ପୋଷ୍ଟର ସ୍ଲୋଗାନ ମେକିଙ୍ଗ ପ୍ରତିଯୋଗିତା



ଅତିଥିଙ୍କ ଗ୍ରହଣରେ ଖେଳାଳୀ।

କୁତ୍ରା,୩୦।୧୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଝାରବେଡା ଡାଲମିଆ କଲେଜରେ କ୍ରୀଡା ଉତ୍ସବ ଓ ପୋଷ୍ଟର ତଥା ସ୍ଲୋଗାନ ମେକିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ରଞ୍ଜିତ କୁମାର ପରିଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୁକ୍ତ ୨ ଛାତ୍ରଙ୍କ ମଧ୍ୟରେ କବାଡି, ଫୁଟବଲ, ହକି, ଖୋଖୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଶା ନିବାରଣ ସମ୍ବନ୍ଧୀୟ ପୋଷ୍ଟର ମେକିଙ୍ଗ ଓ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ଥାନା ଅଧିକାରୀ ବିଶି ଓ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ନୂଆ-ଓ କାର୍ଯ୍ୟକ୍ରମରେ ମନ୍ଦିର ପରିସର ସଫେଇ

ବ୍ରଜରାଜନଗର,୩୦।୧୧(ବିଜୟ ବରାଡ)

ଓଡିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ ଆନୁକୂଲ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସାମାଜିକ ସେବା କାର୍ଯ୍ୟକ୍ରମରେ ଗୁରୁବାର ଚଣ୍ଡୀ ମନ୍ଦିର ପରିସର ସଫେଇ କରାଯାଇଥିଲା। ବ୍ରଜରାଜନଗର ମହାବିଦ୍ୟାଳୟ ଅଧକ୍ଷ ସମୀର ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କାର୍ଯ୍ୟକ୍ରମ ମୁଖ୍ୟ ଅଧ୍ୟାପକ ବିକ୍ରମ ପଧାନଙ୍କ ନେତୃତ୍ୱରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ. ଏସ୍.କେ. ମଜୁମଦାର, ସାମାଜିକ କର୍ମୀ ରାଧାକାନ୍ତ ପ୍ରଧାନ, ଯୁକ୍ତ ତିନି ବିଭାଗ ସଂଯୋଜକ ସୁପ୍ରକାଶ ଚୌଧୁରୀ, ଯୁକ୍ତ ଦୁଇ ବିଭାଗ ସଂଯୋଜିକା ପଦ୍ମିନୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ୬ଦଫା ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସୁନ୍ଦରଗଡ,୩୦।୧୧(ଜୟ ନାରାୟଣ ମେଣ୍ଡୁଲି)



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜ୍ୟରେ ଅତିଶୀଘ୍ର ସମସ୍ତ ଧାନମଣ୍ଡି ଖୋଲିବା ସହ ୬ଦଫା ଦାବି ନେଇ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବି ପତ୍ରରେ ଧାନ ମଣ୍ଡି ଗୁଡିକ ସବୁଦିନ ପାଇଁ ଖୋଲାରଖିବା, ଧାନକିଣା କାରବାରରେ କଟନୀ ଛଟନୀ ବନ୍ଦ କରିବା, ଧାନ ମଣ୍ଡିରେ ମିଲରଙ୍କ ଦାଦାଗିରି ବନ୍ଦ କରିବା ସହିତ ମିଲରଙ୍କ ପ୍ରବେଶକୁ ବନ୍ଦ କରିବା, ଧାନକିଣା କାରବାରରେ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରିବା ଏବଂ ଓଡ଼ିଶା ସରକାର ଅନ୍ୟ ରାଜ୍ୟ ଭଳି ଧାନ ବୋନସ ଲାଗୁ କରିବା ଆଦି ଉଲ୍ଲେଖ ରହିଛି। ସୁନ୍ଦରଗଡ଼ ସାଂଗଠନିକ ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା କୃଷକ ମୋର୍ଚ୍ଚା ସଭାପତି ରବିନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବିଧାୟିକା ତଥା ରାଜ୍ୟ ଭାଜପା ଉପସଭାନେତ୍ରୀ କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ଭେଷଜ ରଥ, ହେମନ୍ତ ପଟେଲ, ପ୍ରଫୁଲ୍ଲ ବିଶି, ପର୍ଶୁରାମ ପଟେଲ, ରଘୁବୀର ପାଣ୍ଡେ, ମଣ୍ଡଳ ସଭାପତି ହେମନ୍ତ କିଷାନ, ବାବୁଲି ଖରସେଲ, ସିମେଶ୍ୱର ଲରିଆ, ପରକ୍ଷିତ ସାହୁ, ମହମ୍ମଦ ନସିମ, ସମିତି ସଭ୍ୟ ବାର୍ଗୀ ଓରାମ, ଅଚ୍ୟୁତାନନ୍ଦ ସାହୁ, ଅଶୋକ ଗହୀର, ବିରେନ୍ଦ୍ର ଟପ୍ପୋଙ୍କ ସମେତ ଜିଲା ଓ ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଦର ଉପ ଜିଲାପାଳଙ୍କୁ ଏହି ୬ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା।

ଭାରତୀୟ ମହିଳା ହକିରେ ବନ୍ଦନା କାଟାରିୟା ଏକ ପରିଚିତ ନାମ। ସଫଳତା ତାଙ୍କୁ କ୍ରମେ କିମ୍ବଦନ୍ତୀ ଖେଳାଳି ସ୍ତରକୁ ଉନ୍ନୀତ କରିଛି। ଦୀର୍ଘ ୧୩ବର୍ଷ ହେଲା ସେ ଜାତୀୟ ହକି ଦଳରେ ରହି ୩ଶହରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି...

# ବନ୍ଦନା କାଟାରିୟା

**ଇଭାନ୍ କୁମାର**

ଭାରତୀୟ ମହିଳା ହକିରେ ବନ୍ଦନା କାଟାରିୟା ଏକ ପରିଚିତ ନାମ। ସଫଳତା ତାଙ୍କୁ କ୍ରମେ କିମ୍ବଦନ୍ତୀ ଖେଳାଳି ସ୍ତରକୁ ଉନ୍ନୀତ କରିଛି। ଦୀର୍ଘ ୧୩ବର୍ଷ ହେଲା ସେ ଜାତୀୟ ହକି ଦଳରେ ରହି ୩ଶହରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଭାରତୀୟ ହକିରେ ଏହା ଏକ ମାଇଲଖୁଣ୍ଟ। ଏଥିରୁ ବନ୍ଦନାଙ୍କ ମନୋବଳ ଅନୁମାନ କରିହେଉଛି। ଅନ୍ତର୍ଜାତୀୟ ମ୍ୟାଚରେ ସର୍ବଦା ଭଲ ଖେଳିବା ଜଣେ ଖେଳାଳି ପକ୍ଷେ ସମ୍ଭବ ନୁହେଁ। ଫରୱାର୍ଡ ବନ୍ଦନା କାଟାରିୟା କିନ୍ତୁ ବ୍ୟତିକ୍ରମ। ଭାରତୀୟ ହକିରେ ସେ ଜଣେ ବହୁ ପରୀକ୍ଷିତ ଖେଳାଳି। ଗାଁଗହଳିର ପିଲାମାନେ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରୁଥିବା ଦେଖାଯାଉଛି। ବନ୍ଦନାଙ୍କ ଆଦ୍ୟ କ୍ରୀଡ଼ା ଜୀବନ ଗାଁରେ ଆରମ୍ଭ ହୋଇଥିଲା। ହକି କୌଶଳ ଓ ସ୍ଥିର ପ୍ରଦର୍ଶନ ତାଙ୍କୁ ଜାତୀୟ ଦଳରେ ଜଣେ ନିୟମିତ ଖେଳାଳି ରୂପେ ପ୍ରତିଷ୍ଠା ଦେଇଛି। ୩୧ବର୍ଷୀୟା ବନ୍ଦନା ଜାତୀୟ ଦଳର ବରିଷ୍ଠତମ ଖେଳାଳି। ଉତ୍ତରାଖଣ୍ଡର ହରିଦ୍ୱାରଠାରୁ ୧୫କି.ମି. ଦୂର ରୋଶନାବାଦ୍ ଗାଁ ତାଙ୍କ ଜନ୍ମସ୍ଥାନ। ରାଞ୍ଚିରେ ଏସୀୟ ଚାମ୍ପିୟନ୍ସ ଟ୍ରଫି ଖେଳି ସେ ତାଙ୍କ ଅନ୍ତର୍ଜାତୀୟ ମ୍ୟାଚ ସଂଖ୍ୟା ୩୦୩ରେ ପହଞ୍ଚାଇଛନ୍ତି। ବନ୍ଦନା ତାଙ୍କ ୩୦୦ତମ ମ୍ୟାଚ୍ ଜାପାନ ବିପକ୍ଷରେ ଖେଳିଥିଲେ। ଭାରତ ଏଥିରେ ବିଜୟୀ ହୋଇ ସେମିଫାଇନାଲକୁ ଉଠିଥିଲା।

ବନ୍ଦନାଙ୍କ ପିଲାବେଳର ହକି ଖେଳ ଭଲରେ କଟି ନ ଥିଲା। ତାଙ୍କ ଖେଳିବାକୁ ରକ୍ଷଣଶୀଳ ଗ୍ରାମବାସୀ ପସନ୍ଦ କରି ନ ଥିଲେ। ହେଲେ ବନ୍ଦନାଙ୍କଠାରେ ହକି ପ୍ରତିଭା ଭରିରହିଥିଲା। ଗାଁ ଲୋକଙ୍କ ନାପସନ୍ଦ ସତ୍ତ୍ୱେ ସେ ହକି ଷ୍ଟିକ୍ ଧରି ପଡ଼ିଆକୁ ଯିବା ଛାଡ଼ି ନ ଥିଲେ। ଦଳିତ ବର୍ଗର କନ୍ୟା ବନ୍ଦନା ତାଙ୍କ ବାପା ନହର ସିଂଙ୍କ ସମର୍ଥନ ପାଇ ଆଗକୁ ବଢିଥିଲେ। ପରିବାର ଏବଂ ଜାତୀୟ ଦଳର ସାଥୀ ଖେଳାଳିଙ୍କଠାରୁ ସହଯୋଗ ପାଇ ସେ ଆଜି ଏକ ଇତିହାସ ରଚିବାରେ ସଫଳ ହୋଇପାରିଛନ୍ତି। ୨୦୧୦ ମସିହାରେ ବନ୍ଦନା ଜାତୀୟ ଦଳରେ ପଦାର୍ପଣ କରିଥିଲେ। ଏହାର ବର୍ଷେ ପରେ ସିନିୟର ଦଳରେ ପ୍ରବେଶ କରିଥିଲେ। ୨୦୧୩ କନିଷ୍ଠ ବିଶ୍ୱ କପ୍ ବନ୍ଦନାଙ୍କ ଗତିପଥ ବଦଳାଇ ଦେଇଥିଲା। ଏଥିରେ ସେ ୫ଟି ଗୋଲ ସ୍କୋର କରିଥିଲେ। ଭାରତ ହାତରେ ଲାଗିଥିଲା କାଂସ୍ୟ ପଦକ। ୨୦୧୬ ରିଓ ଅଲିମ୍ପିକ୍ ହକିରେ ତାଙ୍କଠାରୁ ବିଶେଷ କିଛି ଦେଖିବାକୁ ମିଳି ନ ଥିଲା। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ତାଙ୍କ ପ୍ରକୃତ ଦକ୍ଷତା ଦେଖାଯାଇଥିଲା। ଏଠାରେ ସେ ଦକ୍ଷିଣ ଆଫ୍ରିକାକୁ ହ୍ୟାଟ୍ରିକ୍ ଗୋଲ ଦେଇ ବିଶ୍ୱ ନଜରକୁ ଆସିଥିଲେ। ଏହି କୃତିତ୍ୱ ପାଇବାରେ ବନ୍ଦନା ଭାରତର ପ୍ରଥମ ମହିଳ ହକି ଖେଳାଳି। ଟୋକିଓ ସେମିଫାଇନାଲ ମ୍ୟାଚର ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନାଠାରୁ ହାରିଯିବାରୁ ଭାରତ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲା। ଏହି ପରାଜୟ କିନ୍ତୁ ଭାରତୀୟ ଖେଳାଳିଙ୍କୁ ଅଶାନ୍ତିରେ ପକାଇ ଦେଇଥିଲା। ସେମାନଙ୍କୁ ଉଭୟ ଟୋକିଓ ଓ ଭାରତରେ ସମାଲୋଚନା କରାଯାଇଥିଲା। ଦଳରେ ଥିବା କେତେଜଣ ଦଳିତ ବର୍ଗର ଖେଳାଳିଙ୍କ ଯୋଗୁ ଭାରତ ହାରିଲା ବୋଲି ସ୍ୱର ଉଠିଥିଲା। ଏହି ସମାଲୋଚନାରୁ ବନ୍ଦନା ବାଦ୍ ପଡ଼ି ନ ଥିଲେ। ତାଙ୍କ ରୋଶନାବାଦ୍ ଗାଁ ଘର ଆଗରେ ଲୋକେ ନାରାବାଜି କରିବା ସହ ବାଣ ଫୁଟାଇଥିଲେ। ୨୦୧୬ ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଚାମ୍ପିୟନ ହୋଇଥିଲା ବେଳେ ୨୦୨୩ ରାଞ୍ଚି ସଂସ୍କରଣରେ ମଧ୍ୟ ସମାନ ସଫଳତା ପାଇଛି। ଏହାର ଫାଇନାଲ ମ୍ୟାଚରେ ଭାରତ ୪ ଗୋଲ ଦେଇ ଜାପାନକୁ ହରାଇଥିଲା। ମ୍ୟାଚର ଶେଷ ମିନିଟ୍‌ରେ ବନ୍ଦନା ଅନ୍ତିମ ଗୋଲ କରି ଟୁର୍ନାମେଣ୍ଟର ଯବନିକା ପକାଇଥିଲେ। ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ଏସୀୟ କ୍ରୀଡ଼ାରେ ରୌପ୍ୟ ଓ ୨୦୨୩ ହାଙ୍ଗଝୌ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଥିଲେ। ୨୦୨୧ରେ ଅର୍ଜୁନ ପୁରସ୍କାର, ୨୦୨୨ରେ ପଦ୍ମଶ୍ରୀ ଉପାଧିରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପ୍ରତି ବନ୍ଦନା କେନ୍ଦ୍ର ସରକାରଙ୍କ 'ବେଟୀ ବଚାଓ, ବେଟୀ ପଢ଼ାଓ' ଆନ୍ଦୋଳନର ବ୍ରାଣ୍ଡ୍ ଆମ୍ବାସାଡର। ଟୋକିଓ ଅଲିମ୍ପିକ୍ ପରାଜୟ ଦୁଃଖରୁ ବନ୍ଦନା ବର୍ତ୍ତି ନ ଥିଲେ। ସେଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଧିନାୟିକା ରାଣୀ ରାମପାଲଙ୍କ କ୍ଷୁବ୍ଧ ଚେହେରା ଦେଖାଯାଇଥିଲା। ସେ ବ୍ୟଥିତ କଣ୍ଠରେ ଯାହା କହିଲେ ସାରା ଭାରତ ପାଇଁ ଏକ ଶିକ୍ଷା ହୋଇଗଲା। ବନ୍ଦନାଙ୍କ ପରିବାର ପ୍ରତି ଘଟିଥିବା ଅସମ୍ମାନକୁ ସେ କଡ଼ା ନିନ୍ଦା କରିଥିଲେ। ରାଣୀ ନିଜ ନୈରାଶ୍ୟଭାବ ପ୍ରକାଶ କରି ଭାରତୀୟ ସମାଜରେ ଭେଦଭାବ, ଧର୍ମ ବିଭାଜନ ଓ ଜାତି ବିଦ୍ୱେଷ ପରି ସାମାଜିକ କୁସଂସ୍କାର ବନ୍ଦ ହେବା ଉଚିତ ବୋଲି କହିଥିଲେ। ବନ୍ଦନା ଭାରତୀୟ ରେଲ୍‌ୱେରେ ଅଫିସର ଭାବେ ଚାକିରି କରୁଛନ୍ତି।



# ପ୍ଲେୟର୍ସ ଟ୍ରାନ୍ସଫର

ଆଇପିଏଲ୍‌ରେ ପ୍ଲେୟର୍ସ ଟ୍ରାନ୍ସଫରକୁ ଟ୍ରେଡ୍ ବୋଲି କୁହାଯାଉଥିବା ବେଳେ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍ ଏବଂ ଅନ୍ୟଟି ହେଉଛି ଅଲ୍ କ୍ୟାଶ୍ ଡିଲ୍। ଆଇପିଏଲ୍‌ର ଗୋଟିଏ ସିଜନ ସମାପ୍ତ ହେବା ସହିତ ପରବର୍ତ୍ତୀ ସିଜନ ପାଇଁ ଟ୍ରେଡ୍ ୱିଣ୍ଡୋ ଖୋଲିଯାଏ...

କ୍ରୀଡ଼ା ଜଗତରେ ଖେଳାଳିମାନେ ଗୋଟିଏ ଦଳ ଛାଡି ଅନ୍ୟ ଦଳକୁ ଯିବାକୁ ପ୍ଲେୟର୍ସ ଟ୍ରାନ୍ସଫର ବୋଲି କୁହାଯାଏ। ଫୁଟବଲରେ ଏହା ଏକ ଅତ୍ୟନ୍ତ ସାଧାରଣ ଘଟଣା। ଏପରିକି ବିଶ୍ୱର ସବୁଠାରୁ ମହଙ୍ଗା ଟ୍ରାନ୍ସଫର ମଧ୍ୟ ଫୁଟବଲ ସହିତ ଜଡିତ। ବ୍ରାଜିଲର ଫରୱାର୍ଡ ନେମାର ଓ ଫ୍ରାନ୍ସର ତାରକା ଖେଳାଳି କିଲିଆନ୍ ଏମବାପେ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ନେମାର ୨୨୨ ମିଲିୟନ୍ ଡଲାରର ଟ୍ରାନ୍ସଫର ଫି' ସହିତ ପ୍ୟାରିସ୍ ସେଣ୍ଟ ଜର୍ମେନରେ ଯୋଗ ଦେଇଥିବା ବେଳେ ଏମ୍‌ବାପେ ୧୯୮ ମିଲିୟନ୍ ଡଲାରରେ ସମାନ ଦଳରେ ସାମିଲ ହୋଇଥିଲେ। ଫୁଟବଲରେ ଏହା ଏକ ବହୁଳ ବ୍ୟବହୃତ ଶବ୍ଦ ହୋଇଥିଲେ ମଧ୍ୟ କ୍ରିକେଟ ଦୁନିଆ ଦ୍ୱିତୀୟ ଥର ଏଭଳି କିଛି ଦେଖିଥିଲା। ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗ୍ ଆଇପିଏଲ୍‌ରେ ଏଭଳି ଘଟିଥିବା ବେଳେ ଏକ ନାଟକୀୟ ଅଲ୍ କ୍ୟାଶ ଟ୍ରାନ୍ସଫରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ହାତେଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଫ୍ରାଞ୍ଚାଇଜ ପର୍ସରେ ଆବଶ୍ୟକ ଅର୍ଥ ନ ଥିବା ବେଳେ କିଭଳି ଭାବରେ ଏହି ଟ୍ରାନ୍ସଫର ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏପରିକି କ୍ରିକେଟରେ ଟ୍ରାନ୍ସଫର କ'ଣ ଓ ଏହା କିଭଳି କାର୍ଯ୍ୟ କରିଥାଏ ତାକୁ ନେଇ ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଥିଲା। ଏହା କେତେ ପ୍ରକାରର ଓ କିଭଳି ଭାବରେ କାର୍ଯ୍ୟକାରୀ ହୋଇଥାଏ ତାହାକୁ ନେଇ ଉପସ୍ଥାପନା...

**ଟ୍ରେଡ୍:** ଆଇପିଏଲ୍‌ରେ ପ୍ଲେୟର୍ ଟ୍ରାନ୍ସଫରକୁ ଟ୍ରେଡ୍ ବୋଲି କୁହାଯାଉଥିବା ବେଳେ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍। ଅନ୍ୟ ଟ୍ରେଡ୍‌ଟି ହେଉଛି ଅଲ୍ କ୍ୟାଶ ଡିଲ୍। ଆଇପିଏଲ୍‌ର ଗୋଟିଏ ସିଜନ ସମାପ୍ତ ହେବା ସହିତ ପରବର୍ତ୍ତୀ ସିଜନ ପାଇଁ ଟ୍ରେଡ୍ ୱିଣ୍ଡୋ ଖୋଲିଯାଏ। ଖେଳାଳି ନିଲାମୀ ହେବାର ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଟ୍ରେଡ୍ ୱିଣ୍ଡୋ ଓପନ ରହଥାଏ।

**ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍:** ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପରେ ଦୁଇ ଦଳ ଜଣେ ବା ଏକାଧିକ ଖେଳାଳିଙ୍କୁ ପରସ୍ପର ସହିତ ବଦଳ କରିଥାନ୍ତି। ପ୍ରଥମ ଥର ପାଇଁ ୨୦୦୯ରେ ପ୍ଲେୟର ସ୍ୱାପ ଦେଖିବାକୁ ମିଳିଥିଲା। ଦିଲ୍ଲୀ ଡେୟାର ଡେଭିଲ୍ସର ଶିଖର ଧାୱନଙ୍କୁ ଆଣି ତାଙ୍କ ସହିତ ଆଶିଷ ନେହେରାଙ୍କୁ ସ୍ୱାପ୍ କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ। ତେବେ ଏ କ୍ଷେତ୍ରରେ ଜଣେ ଖେଳାଳିଙ୍କ ସହିତ ଏକାଧିକ ଖେଳାଳିଙ୍କୁ ସ୍ୱାପ କରିବା ସମ୍ଭବ ହେବ। ଏହା ସହିତ ଟ୍ରେଡ ହେଉଥିବା ଖେଳାଳିଙ୍କ ମଧ୍ୟରୁ ଜଣଙ୍କ ମୂଲ୍ୟ ଅଧିକ ରହିଥିଲେ ଅନ୍ୟ ଦଳକୁ ଏହା ଭରଣା କରିବାକୁ ପଡିଥାଏ। ଚଳିତ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶାହାବାଜ ଅହମଦଙ୍କୁ ରିଲିଜ କରି ପ୍ଲେୟର ସ୍ୱାପ୍ ମାଧମରେ ସନ୍‌ରାଇଜର୍ସ ହାଇଦ୍ରାବାଦରୁ ମୟଙ୍କ ଡାଗରଙ୍କୁ ନିଜ ପାଖକୁ ଆଣିଛି।

**ଅଲ୍ କ୍ୟାଶ୍ ଡିଲ୍:** ଏହି ଚୁକ୍ତି ପୂର୍ବରୁ ୨୦୨୨ରେ ମଧ୍ୟ ହୋଇଥିଲା। ରେହମାନଉଲ୍ଲା ଗୁର୍‌ବାଜ ଓ ଲୋକି ଫର୍ଗୁସନଙ୍କୁ ଅଲ୍ କ୍ୟାଶ୍ ଡିଲ୍‌ରେ କିଣିଥିଲା କୋଲକାତା ନାଇଟ ରାଇଡର୍ସ। ତେବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଡିଲ୍ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲା। ଗୋଟିଏ ଦଳ ଅନ୍ୟ ଦଳରୁ ଖେଳାଳିଙ୍କୁ କିଣିବାକୁ ଚାହୁଁଥିଲେ ଏଥିପାଇଁ କୌଣସି ଖେଳାଳିଙ୍କୁ ସ୍ୱାପ୍ ନ କରି ଅର୍ଥ ପ୍ରଦାନ କରିଥାଏ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ମୁମ୍ବାଇ ପାଣ୍ଡ୍ୟାଙ୍କୁ କିଣିବା ପାଇଁ ତାଙ୍କର ବେସ୍ ପ୍ରାଇସ୍ ସହିତ ଏକ ଅଘୋଷିତ ମୂଲ୍ୟର ଅର୍ଥ ପ୍ରଦାନ କରିଥିଲା। ମୁମ୍ବାଇ ଏହି ଡିଲ୍ ପାଇଁ ତାରକା ଅଲ୍‌ରାଉଣ୍ଡର କାମେରନ୍ ଗ୍ରୀନ୍‌ଙ୍କୁ ମଧ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଟ୍ରେଡ୍ କରିଥିଲା।

**ଫାଇଦା:** ଅଲ୍ କ୍ୟାଶ୍ ଡିଲ୍‌ରେ ଯେ କେବଳ ଫ୍ରାଞ୍ଚାଇଜର ଫାଇଦାରେ ରହି ନ ଥାଏ ବରଂ ଖେଳାଳିଙ୍କୁ ମଧ ଫାଇଦା ମିଳିଥାଏ। ଯେଉଁ ଅଘୋଷିତ ମୂଲ୍ୟ ଫ୍ରାଞ୍ଚାଇଜକୁ ମିଳିଥାଏ ଖେଳାଳିଙ୍କୁ ଏହାର କିଛି ଅଂଶ ପ୍ରଦାନ କରାଯାଇଥାଏ। ସାଧାରଣତଃ ଏହା ୫୦ ପ୍ରତିଶତ ରହୁଥିବା ବେଳେ ଖେଳାଳିଙ୍କ ସହିତ ହୋଇଥିବା ଚୁକ୍ତି ଉପରେ ଏହା ନିର୍ଭର କରିଥାଏ।

**ବ୍ୟାନ୍ ହୋଇଥିଲେ ଜାଡେଜା:** ୨୦୧୦ରେ ରାଜସ୍ଥାନ ରୟାଲ୍ସ ଦଳର ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ ଆଇପିଏଲ୍‌ରୁ ୧ ବର୍ଷ ପାଇଁ ବ୍ୟାନ୍ କରାଯାଇଥିଲା। ରାଜସ୍ଥାନ ସହିତ ଡିଲ୍ ସାଇନ୍ ନ କରି ଭିତିରିଆ ମୁମ୍ବାଇ ସହିତ ଚୁକ୍ତି କରିବାକୁ ପ୍ରୟାସ କରିବା କାରଣରୁ ତାଙ୍କୁ ବ୍ୟାନ୍ କରାଯାଇଥିଲା।

**ଖେଳାଳିଙ୍କ ଇଚ୍ଛା:** ଯେ କୌଣସି ଟ୍ରାନ୍ସଫର ପାଇଁ ଖେଳାଳିଙ୍କ ସହମତି ଆବଶ୍ୟକ। ତେବେ ଫ୍ରାଞ୍ଚାଇଜର ମତାମତ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥାଏ। ଫ୍ରାଞ୍ଚାଇଜର ସହମତି ନ ରହିଲେ କୌଣସି ଖେଳାଳି ଦଳ ଛାଡି ପାରିବେ ନାହିଁ।

**ଅକ୍ସନ୍ ପର୍ସ ଉପରେ ପ୍ରଭାବ:** କୌଣସି ଖେଳାଳି ଯଦି ଅଲ୍ କ୍ୟାଶ୍ ଡିଲ୍‌ରେ ଆସୁଛନ୍ତି ତେବେ ଏହା ଅକ୍ସନ୍ ପର୍ସକୁ ପ୍ରଭାବିତ କରି ନ ଥାଏ। କେବଳ ଖେଳାଳିଙ୍କ ବେସ୍ ପ୍ରାଇସ୍ ହିଁ ଅକ୍ସନ ପର୍ସରୁ କଟିଥାଏ। ଫ୍ରାଞ୍ଚାଇଜକୁ ପ୍ରଦାନ କରାଯାଉଥିବା ଅଘୋଷିତ ଅର୍ଥର କିଛି ପ୍ରଭାବ ରହି ନ ଥାଏ।




ହାର୍ଦ୍ଦିକ ପାଣ୍ଡ୍ୟା

# ନୂଆ ଚ୍ୟାଲେଞ୍ଜ

ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଏପର୍ଯ୍ୟନ୍ତ ମାତ୍ର ୨ ସିଜନ ଖେଳିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ପ୍ରଥମ ବର୍ଷରେ ଟାଇଟଲ ଜିତିଥିବାବେଳେ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଛି। ଏବେ ଶୁବମନ ଗିଲ୍‌ଙ୍କ ମୁଣ୍ଡରେ ମୁକୁଟ। ତେଣୁ ଜଣେ ଖେଳାଳିଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଶୁବମନ ଆଗାମୀ ସିଜନରେ ଜଣେ ଅଧିନାୟକଭାବେ ନିଶ୍ଚିତ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ...

କ୍ରିକେଟ ଜଗତର ସବୁଠାରୁ ବ୍ୟୟବହୁଳ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ଆଗାମୀ ସିଜନ ଆରମ୍ଭ ପୂର୍ବରୁ ଚର୍ଚ୍ଚାକୁ ଆସିଯାଇଛି। ଏବେ ଖେଳ ପାଇଁ ନୁହେଁ ବରଂ ପ୍ଲେୟର୍ସ ଟ୍ରାନ୍ସଫରକୁ ନେଇ ଆଲୋଚନା ବେଶ୍ ସରଗରମ ହୋଇଛି। ଅଲ୍ କ୍ୟାଶ୍ ଡିଲ୍‌ରେ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସକୁ ଯାଇଛନ୍ତି। ଫଳରେ ତାରକା ଓପନର ଶୁବମନ ଗିଲ୍‌ଙ୍କୁ ଟାଇଟନ୍ସ ଦଳର ଅଧିନାୟକ କରାଯାଇଛି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଏପର୍ଯ୍ୟନ୍ତ ମାତ୍ର ୨ ସିଜନ ଖେଳିଛି। ହାର୍ଦ୍ଦିକଙ୍କ ନେତୃତ୍ୱରେ ପ୍ରଥମ ବର୍ଷରେ ଟାଇଟଲ ଜିତିଥିବାବେଳେ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଛି। ଏବେ ଗିଲ୍‌ଙ୍କ ମୁଣ୍ଡରେ ମୁକୁଟ। ତେଣୁ ଜଣେ ଖେଳାଳିଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଶୁବମନ ଆଗାମୀ ସିଜନରେ ଜଣେ ଅଧିନାୟକଭାବେ ନିଶ୍ଚିତ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

୨୪ ବର୍ଷୀୟ ଗିଲ୍ ପ୍ରଥମଥରପାଇଁ ଆଇପିଏଲ୍‌ରେ ଅଧିନାୟକର ଗୁରୁଦାୟିତ୍ୱ ବହନ କରିବେ। ୨୦୧୮ରେ କୋଲକାତା ନାଇଟ ରାଇଡର୍ସ ଦଳରୁ ତାଙ୍କ ଆଇପିଏଲ୍ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୨୨ ଖେଳାଳି ନିଲାମ ପୂର୍ବରୁ ନାଇଟ ରାଇଡର୍ସ ତାଙ୍କୁ ରିଲିଜ୍ କରି ଦେଇଥିଲା। ନୂଆ ଫ୍ରାଞ୍ଚାଇଜ୍ ହୋଇଥିବାରୁ ଗୁଜରାଟ ଟାଇଟନ୍ସ ଖେଳାଳି ନିଲାମ ପୂର୍ବରୁ ୩ ଖେଳାଳିଙ୍କ ସହ ଚୁକ୍ତି କରିବାର ସୁଯୋଗ ପାଇଥିଲା। ଏହି କ୍ରମରେ ଗୁଜରାଟ ଫ୍ରାଞ୍ଚାଇଜ୍ ୭ କୋଟି ଟଙ୍କାରେ ଗିଲ୍‌ଙ୍କ ସହ ଚୁକ୍ତି କରିଥିଲା। ହାର୍ଦ୍ଦିକ ଏବଂ ରଶିଦ ଖାଁଙ୍କ ସହ ୧୫ କୋଟି ଲେଖାଏ ଟଙ୍କାର ଚୁକ୍ତି ହୋଇଥିଲା। ୨୦୨୨ ଆଇପିଏଲ୍‌ରେ ଗିଲ୍ ୧୬ ମ୍ୟାଚରୁ ୪୮୩ ରନ କରି ଗୁଜରାଟ ଦଳର ଟପ୍ ସ୍କୋରର ହୋଇଥିଲେ। ରାଜସ୍ଥାନ ରୟାଲ୍ସ ବିପକ୍ଷ ଫାଇନାଲରେ ସେ ୪୫ ରନକରି ଅପରାଜିତ ରହିଥିଲେ ଏବଂ ଗୁଜରାଟ ଚାମ୍ପିୟନ ହୋଇଥିଲା। ୨୦୨୩ ଆଇପିଏଲ୍‌ରେ ସେ ୧୭ ଇନିଂସରୁ ୮୯୦ ରନ କରି ଟପ୍ ସ୍କୋରର ହୋଇଥିଲେ। ଏହା ମଧ୍ୟରେ ୩ ଶତକ ସାମିଲ ଥିଲା। ଫାଇନାଲରେ ଚେନ୍ନାଇଠାରୁ ହାରି ଟାଇଟନ୍ସ ରନରଅପ୍ ହୋଇଥିଲା। ମାତ୍ର ଦଳକୁ ଫାଇନାଲକୁ ଆଣିବାରେ ଗିଲ୍‌ଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ଗତ ୬ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଲେ ଗିଲ୍ ଟପ୍ ରନ୍ ସ୍କୋରରଙ୍କ ମଧ୍ୟରେ ୫ମ ସ୍ଥାନରେ ରହିବେ। ଲୋକେଶ ରାହୁଲ, ଶିଖର ଧାୱନ, ବିରାଟ କୋହଲି ଓ ଫାଫ୍ ଡୁ'ପ୍ଲେସିଙ୍କ ପରେ ତାଙ୍କ ନାଁ ଆସିବ। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ବିରାଟ କୋହଲି ସର୍ବାଧିକ ୭୨୬୩ ରନ କରି ଶୀର୍ଷସ୍ଥାନରେ ରହିଛନ୍ତି। ଶିଖର ଧାୱନ (୬୬୧୭) ଓ ଡେଭିଡ ୱାର୍ନର (୬୩୯୭) ପରବର୍ତ୍ତୀ ୨ ସ୍ଥାନରେ ଅଛନ୍ତି। ଏ କ୍ଷେତ୍ରରେ ଗିଲ୍ (୨୭୯୦) ୨୮ତମ ସ୍ଥାନରେ ରହିଛନ୍ତି। ଶୁବମନ ଏପରି ଏକ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି ଯେଉଁଥିରେ କେନ୍ ୱିଲିୟମସନ, ରଶିଦ ଖାଁ, ଡେଭିଡ ମିଲର, ମାଥ୍ୟୁ ୱାଡେ ଓ ରିଦ୍ଧିମାନ ଶାହାଙ୍କ ପରି ବହୁ ଅଭିଜ୍ଞ ତାରକା ଖେଳାଳି ରହିଛନ୍ତି। ଆବଶ୍ୟକ ସ୍ଥଳେ ସେମାନଙ୍କ ପରାମର୍ଶ ମଧ ସେ ନେବେ ବୋଲି ଆଶା କରାଯାଉଛି। ଏଥିରୁ ତାଙ୍କୁ ଅନେକ କିଛି ଶିଖିବାକୁ ମିଳିବ। ଏହା ପୂର୍ବରୁ ଘରୋଇ କ୍ରିକେଟରେ ସେ ଦିଲୀପ ଟ୍ରଫି ଏବଂ ଦେଓଧର ଟ୍ରଫିରେ ଦଳର ନେତୃତ୍ୱ ନେବାର କିଛି ଅଭିଜ୍ଞତା ମଧ ରଖିଛନ୍ତି। ଗିଲ୍‌ଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଦୃଢ଼ ଆଶା ପୋଷଣ କରାଯାଇଛି।




ଶୁବମନ ଗିଲ୍

## ନିଶା

ୱାର୍ଲ୍ଡର ପ୍ରଥମ
ଟ୍ରାନ୍ସଜେଣ୍ଡରଭାବେ
ଅଷ୍ଟ୍ରେଲିଆ ଡାନିଏଲ
କାନାଡ଼ା ମହିଳା ଗ୍ରୁପ୍‌ରେ
ଖେଳି
କରିଥିଲା ସେ କମାଲ




ଆଇସିସି କଲବଲ
ମେଲ୍ ଟୁ ଫିମେଲ ରୁଲ୍ ନିଜେ
ବ୍ୟାନ୍ କଲା
ଅଲିମ୍ପିକ୍ସ ପାଇଁ ଝୁଲ।

ପୁରୁଷ ଭାବେ ଯୌବନ ପାଇ
ନ ଖେଳିବେ
ଲେଡି କ୍ରିକେଟରେ କେହି
ଦି' ହଜାର ଅଠେଇଶ
ଅଲିମ୍ପିକ୍ସରେ
କ୍ରିକେଟ ସାମିଲ ନେଇ
ମହିଳା ଆଥଲେଟ୍ ପାଇଁ
ଟେଷ୍ଟୋଷ୍ଟେରନ ଟୁ ପଏଣ୍ଟ
ପାଞ୍ଚ ନାନୋ
ମୋଲ ଲିଟରରେ ଥାଇ।

ସତ୍‌ଚାଳିଶ ବର୍ଷ ପରେ
ଇଟାଲୀକୁ
ପ୍ରଥମ ଡେଭିସ୍ କପ୍
ଜାନିକ ସିନର
କ୍ୟାପ୍‌ଟେନଶିପ୍‌ରେ
ଏ ଅଧୁରା ହିଷ୍ଟ୍ରି ବାପ
ଖେଳାଳି ପେସେନ୍ସ ମାପ
ୱିନ୍ ନିଶା କେବେ ବୃଥା
ଯାଏନାହିଁ
ନଶା ମିଶା ଅଭିଶାପ।

–ସୁବାସ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାଜ୍‌ନନ୍ଦୀନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡ

**ନୂଆଦିଲ୍ଲୀ,୩୦।୧୧**

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏହି ନୂତନ ଫଣ୍ଡ ହେଉଛି ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍, ଯାହା ଭାରତର ନିର୍ମାଣ ବିଷୟବସ୍ତୁର ପ୍ରତିନିଧିତ୍ୱ କରୁଛି ଏବଂ ଏହା ନିଫ୍ଟି ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଟିଆର୍ଆଇ ବିରୋଧରେ ମାନକ ହେବ। ଏପରିକି ଏହି ଏନ୍ଏଫ୍ଓ ୨୦୨୩ ଡିସେମ୍ବର ୧ରେ ଖୋଲିବ। ସେହିଭଳି ଉକ୍ତ ଫଣ୍ଡ ନିବେଶକଙ୍କୁ ଭାରତର ଉତ୍ପାଦନ ବିଷୟବସ୍ତୁର କ୍ଷମତାକୁ ଉପଯୋଗ କରିବା ପାଇଁ ସକ୍ଷମ କରିବା ଲାଗି ଲକ୍ଷ୍ୟ ରଖିଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଏହି ଏନ୍ଏଫ୍ଓ ଆସନ୍ତା ଡିସେମ୍ବର ୧୫ ପର୍ଯ୍ୟନ୍ତ ଖୋଲା ରହିବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ବି.ଗୋପ କୁମାର କହିଛନ୍ତି,ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି,ଯେତେବେଳେ ଭାରତର ଅର୍ଥନୀତି ମେକ୍ ଇନ୍ ଇଣ୍ଡିଆ ଓ ଏକାଧିକ ସୁଧାର ଭଳି ରଣନୈତିକ ପଦକ୍ଷେପଗୁଡ଼ିକ ଦ୍ୱାରା ତ୍ୱରାନ୍ୱିତ ହେଉଛି। ଏହି ଥିମାଟିକ୍ ଫଣ୍ଡକୁ ଭାରତର ବର୍ଦ୍ଧିତ ସଫଳତାରୁ ପୁଞ୍ଜି ହାସଲ କରିବା ପାଇଁ ଡିଜାଇନ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୩୦।୧୧**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୮୭ (୮୬.୫୩) ପଏଣ୍ଟ ବଢ଼ି ୬୬,୯୮୮ (୬୬,୯୮୮.୪୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୭ (୩୬.୫୫) ପଏଣ୍ଟ ବୃଦ୍ଧି ଘଟି ୨୦,୧୩୩(୨୦,୧୩୩.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜିଡିପି ଅଭିବୃଦ୍ଧି ୭.୬%

**ନୂଆଦିଲ୍ଲୀ,୩୦।୧୧ (ଅଭୟ ଦାଶ)**

ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକ)ରେ ଦେଶର ଆର୍ଥିକ ଅଭିବୃଦ୍ଧି (ଜିଡିପି) ୭.୬% ରହିଛି। ଏପରିକି ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ଜିଡିପି ହାର ୬.୨% ରହିଥିଲା। ଏ ନେଇ ଗୁରୁବାର ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଜିଡିପି ତଥ୍ୟ ବିସ୍ତୃତ ଭାବେ ଜାରି କରାଯାଇଛି। ଏପରିକି ଏନ୍ଏସ୍ଓର ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଦେଶର ଜିଡିପି ପରିମାଣ ୪୧.୭୪ ଲକ୍ଷ



କୋଟି ପାର୍ କରିଛି, ଯାହା ଗତ ବର୍ଷ ସମାନ ଅବଧିରେ ୩୮.୭୮ଲକ୍ଷ କୋଟି ଥିଲା। ଆହୁରି ଦ୍ୱିତୀୟ ତ୍ରୈମାସିକରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ବୃଦ୍ଧି ସମ୍ପର୍କରେ ମଧ୍ୟ କୁହାଯାଇଛି, ଯେଉଁଥିରେ ମ୍ୟାନୁଫ୍ୟାକଚରିଂ ସେକ୍ଟରରେ ବୃଦ୍ଧି ଦର ୧୩.୯%, କୃଷି କ୍ଷେତ୍ରରେ ୧.୨%, ନିର୍ମାଣ କ୍ଷେତ୍ରରେ ୧୩.୩ % ଆଦି ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟ୍ରେଡ୍, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସହ ଜଡ଼ିତ ସେବାର ଅଭିବୃଦ୍ଧି ହାର ୪.୩% ରହିଥିବାବେଳେ ଗ୍ୟାସ୍, ବିଜୁଳି ଜଳ ଯୋଗାଣ ଭଳି କ୍ଷେତ୍ରରେ ଅଭିବୃଦ୍ଧି ହାର ୧୦.୧% ରହିଛି। ଅପରପକ୍ଷରେ ଜିଡିପି ଅଭିବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକାଶ କରିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ କହିଛନ୍ତି, ବୈଶ୍ୱିକସ୍ତରରେ କଠିନ ସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ଆମର ଶକ୍ତିକୁ ଦର୍ଶାଉଛି। ଆମେ ସୁଯୋଗ ସୃଷ୍ଟି କରିବା,ଦାରିଦ୍ର୍ୟ ସମାପ୍ତ କରିବା ଏବଂ ନିଜ ଲୋକଙ୍କ ଜୀବନଯାପନରେ ସୁଧାର ଆଣିବାରେ ବିକାଶ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

ଉଲ୍ଲେଖଯୋଗ୍ୟ, ଦେଶର ଅର୍ଥବ୍ୟବସ୍ଥା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ସେପ୍ଟେମ୍ବର) ରେ ୭.୭% ହାରରେ ବଢ଼ିଥିଲାବେଳେ ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହାର ପରିମାଣ ୯.୫% ରହିଥିଲା। ଏହା ସହ ଭାରତ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ସବୁଠୁ ଦ୍ରୁତ ଆର୍ଥିକ ବୃଦ୍ଧି ଦର ହାସଲ କରିଥିବା ଦେଶ ହୋଇଛି।

# ଜବ୍ ହେି ସହ ୱିର ବୁଝାମଣା

**ନୂଆଦିଲ୍ଲୀ,୩୦।୧୧:** ଦେଶର ପ୍ରମୁଖ ଘରୋଇ କମ୍ପାନୀ ଇନ୍‌ଫୋ ଏଜ୍ ଇଣ୍ଡିଆ ଲିମିଟେଡ୍‌ର ସହାୟକ ସଂସ୍ଥା ଜବ୍ ହେି ଏବଂ ଟେଲିକମ୍ କମ୍ପାନୀ ୱି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ନିଯୁକ୍ତି ଆଶାୟୀଙ୍କୁ ସୁଯୋଗ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଏକ ବିପ୍ଳବ ଆଣିବାକୁ ଉକ୍ତ ବୁଝାମଣା ବା ସହଭାଗିତାରେ ଲକ୍ଷ୍ୟ ରଖାଯାଇଛି। ୱି ଆପ୍‌ରେ ଥିବା ୱି ଜବ୍‌ସ ଆଣ୍ଡ ଏଜୁକେଶନ ସହିତ ଜବ୍ ହେି ସମନ୍ୱୟ ହୋଇରହିବ। ଜବ୍ ହେି ବର୍ତ୍ତମାନ ଦିଲ୍ଲୀ, ନୋଏଡା, ଗୁଡ୍‌ଗାଁଓ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ, ଅହମଦାବାଦ, ଜୟପୁର, ଚଣ୍ଡିଗଡ଼, ଭୋପାଳ, କୋଚି, ପୁଣେ, ନାଗପୁର ଭଳି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ସହରର ୧ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ପଞ୍ଜୀକୃତ ରହିଛି। ଜବ୍ ହେି ପକ୍ଷରୁ ଦେଶର ୫୦ରୁ ଅଧିକ ସହରରେ ୪୫ ପ୍ରକାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଉଛି, ଯେଉଁଥିରେ ଟେଲିକଲର, ସେଲ୍‌ସ, ବିଜ୍‌ନେସ୍ ଡେଭେଲପମେଣ୍ଟ, ବ୍ୟାଙ୍କ ଅଫିସ, ଗ୍ରାଫିକ ଡିଜାଇନର, ଡେଲିଭରି, ସିକ୍ୟୁରିଟି ଗାର୍ଡ ଭଳି ଚାକିରି ସାମିଲ ରହିଛି। ବିଭିନ୍ନ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବା ଲାଗି ଜବ୍ ହେି ଡଟ୍ କମ୍‌ର ସେବା ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ବେଳେ ୧୦ଟି ଆଞ୍ଚଳିକ ଭାଷାରେ ତାହା ଉପଲବ୍ଧ ହୋଇଛି।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲିସିସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25



ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଦେବରାଜ ବରିସଲ**
କୁଦିଆରୀ, ଜଟଣୀ
ଆବିର୍ଭାବ: ୧୪।୦୪।୧୯୫୫
ତିରୋଧାନ: ୧୨।୧୧।୨୦୨୨

ଚାହିଁ ଚାହିଁ ବର୍ଷେ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପତ୍ନୀ: ପ୍ରଭାତୀ ବରିସଲ, ପୁଅ-ବୋହୂ- ଚିନ୍ତୁ,ରେଶମା,ଝିଅ-ଜ୍ୱାଇଁ:ଅଶୋକ-ଡଲି, ମାନସ-ରିଙ୍କି, ନାତି-ନାତୁଣୀ-ଦକ୍ଷିତ, ମାହିର, ଅସିତ, ଅଭିପ୍ସା ଏବଂ ବରିସଲ ପରିବାର

ଧ-୧୯୨୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ମନୋରମା ପଣ୍ଡା**
ରାଣିକୋଠି ଖୁଣ୍ଟିଆ ସାହି, ପୁରୀ
ଆବିର୍ଭାବ: ୨୧।୦୭।୧୯୫୪
ତିରୋଧାନ: ୧୨।୧୧।୨୦୨୨

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

**-:ଶୋକସନ୍ତପ୍ତ:-**
ଶ୍ରୀକାନ୍ତ, ସବିତା, ଅନିତା, ବାପୁନି, ସୋମ, ସାନ୍, ଭୂମିକା ଓ ସ୍ୱାମୀ ବିଜୟ କୁମାର ପଣ୍ଡା

ଧ-୭୩୫୫୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଇଂ. ତ୍ରିଲୋଚନ ସିଂହ**
ତିରୋଧାନ: ୨୧.୧୧.୨୦୨୩
(କାର୍ତ୍ତିକ ମାସ ଅଁଳାନବମୀ)

ତୁମର ଅନୁପସ୍ଥିତର ଶୂନ୍ୟତା ଅପୂରଣୀୟ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା,ତ୍ୟାଗ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଆମପାଇଁ ପ୍ରେରଣା ଦାୟକ ଏବଂ ଚିରସ୍ମରଣୀୟ ହୋଇ ରହିଥିବା ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।

**-:ଶୋକସନ୍ତପ୍ତ:-**
ପତ୍ନୀ, ପୁଅ-ବୋହୂ, ଝିଅ- ଜ୍ୱାଇଁ, ନାତି, ଭାଇ ଭଉଣୀ ଓ ଆତ୍ମୀୟସ୍ୱଜନ

ଧ-୧୯୦୭

# ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ ହିମାଳୟାନ ଉନ୍ମୋଚିତ

**ନୂଆଦିଲ୍ଲୀ,୩୦।୧୧**



ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ହିମାଳୟାନ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଅଧିକ ପାୱାର ଓ ଟର୍କ ସହିତ ଉକ୍ତ ମଡେଲ ରୟାଲ ଏନ୍‌ଫିଲ୍ଡର ପ୍ରଥମ ଲିକ୍ୱିଡ-କୁଲ୍‌ଡ ଇଞ୍ଜିନ୍ ନୂଆ ୪୫୨ସିସି ସେର୍‌ପା ଇଞ୍ଜିନ୍ ସହିତ ଚମତ୍କାର କମ୍-ଆର୍‌ପିଏମ୍ ପ୍ରଦର୍ଶନ ପ୍ରଦାନ କରୁଛି। ବିଶେଷକରି ଏକ ନୂଆ ୬-ସ୍ପିଡ୍ ଗିଅରବକ୍ସ ଓ ଏକ ରାଇଡ୍-ବାଏ-ୱାୟାର ଫିଚର ସହିତ ଉନ୍ନତ ପାୱାର, ଆହ୍ୱାନପୂର୍ଣ୍ଣ ଭୂଭାଗଗୁଡ଼ିକରେ ପାୱାର ଓ ଟେରେନ୍‌ର ଉନ୍ନତ ଡେଲିଭରି ଏହା ପ୍ରଦାନ କରିଥାଏ। ସେହିଭଳି ନୂଆ ହିମାଳୟାନ୍‌ର ସମସ୍ତ ମଡେଲରେ ନୂଆ ଟ୍ରିପର୍‌ଡ୍ୟାଶ ଓ ୩୦ରୁ ଅଧିକ ଉତ୍ସାହଜନକ ନୂଆ ଜେନୁଇନ୍ ମୋଟରସାଇକେଲ ଆକ୍‌ସେସରି ସହ ଉକ୍ତ ମଡେଲ ବଜାରକୁ ଆସୁଛି। ସେହିପରି ଅଲ୍ ନ୍ୟୁ ହିମାଳୟାନ୍‌କୁ ୩ଟି ସ୍ୱତନ୍ତ୍ର ଭାରିଆଣ୍ଟ ଯଥା ବେସ୍, ପାସ୍ ଓ ସମିଟ୍ ଆଦିରେ ଉପଲବ୍ଧ ହେଉଥିବାବେଳେ ଉକ୍ତ ମଡେଲ ୫ଟି ସ୍ୱତନ୍ତ୍ର କଲର ଯଥା କାଜା ବ୍ରାଉନ୍ (ବେସ୍ ଭାରିଆଣ୍ଟ), ପପି ବ୍ଲୁ ଓ ହିମାଳୟାନ୍ ସଲ୍ଟ ଅନ୍ତର୍ଭୁକ୍ତ ଥିବା ସ୍ଲେଟ୍ ସିରିଜ୍ (ପାସ୍ ଭାରିଆଣ୍ଟ) ଏବଂ ହାନ୍‌ଲେ ବ୍ଲାକ୍ ଓ କାମେଟ୍ ହ୍ୱାଇଟ୍ (ସମିଟ୍-ଟପ୍ ଭାରିଆଣ୍ଟ) ରଙ୍ଗରେ ଉକ୍ତ ମଡେଲଗୁଡ଼ିକୁ ଆକର୍ଷଣୀୟ ଡିଜାଇନିଂ କରାଯାଇଛି।ଏସିଆ-ପାସିଫିକ୍ ରିଜିଅନ୍ ଓ ଆମେରିକାର ଗ୍ରାହକମାନେ ଖୁବ୍‌ଶୀଘ୍ର ହିମାଳୟାନ୍‌ର ଆଡ୍‌ଭେଞ୍ଚର-ରେଡି ପ୍ରବୃତ୍ତିଗୁଡ଼ିକୁ ଅନୁଭବ କରିପାରିବେ, ଯାହା ଅନ୍ତର୍ଜାତୀୟ ରାଇଡରଙ୍କ ପ୍ରତି ରୟାଲ ଏନ୍‌ଫିଲ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଇଓ ବି.ଗୋବିନ୍ଦରାଜନ କହିଛନ୍ତି, ଆମେ ନୂଆ ହିମାଳୟାନ୍‌କୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଆମେ ନିକଟରେ ଗ୍ଲୋବ୍‌ଟ୍ରୋଟର୍, ଏକ୍ସପ୍ଲୋରର ଓ ଆଥ୍‌ଲେଟ୍‌ମାନଙ୍କ ସହ ନିୟୋଜିତ ହୋଇଛୁ। ଏଭଳି ତଥ୍ୟ ଏବଂ ହିମାଳୟରେ ଆମର ନିଜସ୍ୱ ଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଏହାର ଡିଏନ୍ଏର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ବଜାୟ ରଖିଛୁ ଏବଂ ନୂଆ ଓ ବିକଶିତ ହିମାଳୟାନ୍‌ରେ ପରିବର୍ତ୍ତନ ପାଇଁ ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିଛୁ, ଯାହା ହିମାଳୟ ପାଇଁ ନିର୍ଦ୍ଦିଷ୍ଟ ରୂପେ ଉଦ୍ଦେଶ୍ୟ-ନିର୍ମିତ ବୋଲି ସେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ବ୍ରାଣ୍ଡର ସବୁଠାରୁ ବଡ ମୋଟରସାଇକ୍ଲିଂ ଫେଷ୍ଟିଭାଲ ମୋଟୋଭର୍ସ-୨୦୨୩ରେ ଏହାର ଆଡ୍‌ଭେଞ୍ଚର୍ ଟୁଅରର୍ ଅଲ୍-ନ୍ୟୁ ହିମାଳୟାନ୍‌ର ଉନ୍ମୋଚନ କରାଯାଇଛି,ଯାହାକୁ ସମସ୍ତ ପ୍ରକାର ରାସ୍ତା ପାଇଁ ନିର୍ମାଣ କରାଯାଇଛି।


# Classified Everyday
0674-2580101, 2549949


REAL ESTATE
SALE

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75067

Duplex sale and plot sale near AIIMS Hospital Bhubaneswar. 9777433701. D-75273

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809




Newly open spa positively Heath benefits with expert therapist. 9040286886. D- 75173

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

AFFIDAVIT

By the virtue of an affidavit No-68AA 649800 Dated 28.11.2023 before the Notary Public, Bhubaneswar, I Mama Sahoo, D/o- Sukanta Sahoo, At- Budhapada, PO- Anakhia, PS- Biridi, Dist.- Jagatsinghpur, Odisha- 754102 have changed my name from Mama Sahoo to Suprava Sahoo. Henceforth, I shall be known as Suprava Sahoo for all future purposes. D- 1903

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ମୁଁ, ପ୍ରିୟବ୍ରତ ମହାନ୍ତି, ବୟସ ୩୮ ବର୍ଷ, ମୋ ପୁତ୍ରର ନାମ- ଆର୍‌ଭି ମହାନ୍ତି, ଠିକଣା- ଏମ୍-୮୯, ଫେଜ୍-II, ଜିବି ନଗର, ଛେଣ୍ଡ, ରାଉରକେଲା ଏକ୍ଜ୍ୟୁକେଟିଭ୍ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତା୦୬।୦୬।୨୦୧୮ରିଖର ସତ୍ୟପାଠ ନମ୍ବର ୪୨ଏଏ୬୦୮୩୮୧ ମାଧ୍ୟମରେ ମୋ ପୁତ୍ରର ନାମକୁ ଆର୍‌ଭି ମହାନ୍ତିରୁ ଆଦ୍‌ଭୟ ପ୍ରଣିକ୍ ମହାନ୍ତିକୁ ପରିବର୍ତ୍ତନ କରିଛି। ଏବେ ପରଠାରୁ ମୋ ପୁତ୍ର ସମସ୍ତ ଉଦ୍ଦେଶ୍ୟ ପାଇଁ ଆଦ୍‌ଭୟ ପ୍ରଣିକ୍ ମହାନ୍ତି ଭାବେ ପରିଚିତ ହେବ। ଧ-୧୯୧୮

By virtue of an affidavit sworn before Executive Magistrate, Bhubaneswar No-CF- 80/ 2023, Dated 10.07.2023, I Bibhuti Bhusan Behera, S/o Narayan Behera, At- 115, Suryanagar, near Governor, House Unit-6, Bhubaneswar, Khordha have changed my Daughter's name from Anvika BS Yadav to Anvika Behera. Henceforth, she shall be known as Anvika Behera, D/o Bibhuti Bhusan Behera for all future purposes. D- 75174

Affidavit No- 124952 Dated 18.10.2023 before Sri N. Mahanty, Notary, Bhubaneswar, my name has changed from Santana Beua, to Santana Dei. Henceforth, I shall be known as Santana Dei, W/o Pandab Nayak, At- Ranihat, Jay Mangala Sahi, PIN- 753007, Dist.- Cuttack for all purposes. D-1915

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏଲ୍‌ଆଇସିର ନୂତନ ଉତ୍ପାଦ



**ନୂଆଦିଲ୍ଲୀ,୩୦।୧୧**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ନୂତନ ଉତ୍ପାଦ 'ଜୀବନ ଉତ୍ସବ' ନିକଟରେ ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଗମର ପାଟନା ଡିଭିଜନ ପକ୍ଷରୁ ଏକ ସ୍ୱତନ୍ତ୍ର ଲୋକାର୍ପଣ ଉତ୍ସବ ସହ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଇଷ୍ଟ ସେଣ୍ଟ୍ରାଲ ଜୋନାଲ ଅଫିସ୍ ପାଟନାର ଜେଡ୍‌ଏମ୍ ସରୱନ୍ କୁମାର,ଆର୍‌ଏମ୍ (ମାର୍କେଟିଂ) ସନୋଜ କୁମାର ଏବଂ ଏସ୍‌ଡିଏମ୍ ପାଟନା ଡିଓ-୧ର ଭିନୀତ ସରନ୍ ପ୍ରମୁଖ ଉପସ୍ଥିତ ରହି ଏଲ୍‌ଆଇସି ଜୀବନ ଉତ୍ସବ(ପ୍ଲାନ୍ ନଂ. ୮୭୧)ର ସମସ୍ତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିଗମର ଏହି ନୂତନ ଯୋଜନା ୯୦ ଦିନରୁ ୬୫ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ଥିବାବେଳେ ଉକ୍ତ ଯୋଜନା ଜରିଆରେ ଆଜୀବନ ଗ୍ୟାରେଣ୍ଟିଯୁକ୍ତ ଆୟ ସହ ଲାଇଫ୍ ଟାଇମ ଇନ୍‌ସ୍ୟୁରାନ୍ସର ବ୍ୟବସ୍ଥା ରହିଛି। ସେହିଭଳି ସର୍ବନିମ୍ନ ୫ ବର୍ଷ ଏବଂ ସର୍ବାଧିକ ୧୬ ବର୍ଷ ପାଇଁ ଉକ୍ତ ବୀମାର ପ୍ରିମିୟମ ପ୍ରଦାନ କରାଯାଇପାରିବ। ଏପରିକି ପ୍ରିମିୟମ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ବର୍ଷ ପାଇଁ ପ୍ରତି ୧୦୦୦ ଟଙ୍କା ବୀମାରାଶିରେ ୪୦ ଟଙ୍କା ଗ୍ୟାରେଟେଡ୍ ଲାଭ ହିତାଧିକାରୀଙ୍କୁ ମିଳିଥାଏ। ସେହିପରି ପ୍ରିମିୟମ ଅବଧି ପରେ ମଧ୍ୟ ବୀମାଧାରୀ ଅନେକ ସୁବିଧାର ଚୟନ କରିପାରିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏଲ୍‌ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ନିଗମର ଉକ୍ତ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ଉତ୍ପାଦ ୨୦୨୩ ନଭେମ୍ବର ୨୯ରୁ ସର୍ବଭାରତୀୟ ସ୍ତରରେ ଉପଲବ୍ଧ। ବିଶେଷକରି ଏହା ଏକ ବ୍ୟକ୍ତିଗତ ଆଜୀବନ ସଞ୍ଚୟ ବୀମା ଯୋଜନା ହୋଇଥିବାବେଳେ ହିତାଧିକାରୀଙ୍କୁ ଅନେକ ସୁବିଧା ଓ ଫାଇଦା ପ୍ରଦାନ କରିଥାଏ ବୋଲି ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଦଳ ଘୋଷଣା

## ରାହୁଲ ଦିନିକିଆ ଦଳ ଅଧିନାୟକ

- ଟେଷ୍ଟ ଦଳରେ ନାହାନ୍ତି ରାହାନେ, ପୂଜାରା
- ରତୁରାଜ, ରିଙ୍କୁ, ରଜତ, ସୁଦର୍ଶନ, ଜଗଦୀଶାନଙ୍କୁ ଡାକରା


ଲୋକେଶ ରାହୁଲ

ନୂଆଦିଲ୍ଲୀ,୩୦।୧୧(ପି.ଟି.)

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ଭଳି ବରିଷ୍ଠ ଖେଳାଳି ବାଦ ପଡିଥିବା ବେଳେ ରତୁରାଜ ଗାଏକ୍ୱାଡଙ୍କୁ ପ୍ରଥମ ଥର ଟେଷ୍ଟ ଦଳକୁ ଡାକରା ମିଳିଛି। ସେହିପରି ଟି୨୦ରେ ଫିନିଶର ଭୂମିକା ନିଭାଉଥିବା ରିଙ୍କୁ ସିଂ, ସାଇ ସୁଦର୍ଶନ ଓ ଏନ୍. ଜଗଦୀଶାନଙ୍କୁ ଦିନିକିଆ ଦଳକୁ ଡାକରା ମିଳିଛି। ଗୁରୁବାର ଚୟନକର୍ତ୍ତାଙ୍କ ବୈଠକ ବସିଥିବା ବେଳେ ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଭାରତ ଓ ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଭାରତୀୟ ଦଳ ଏହି ଗସ୍ତରେ ଯାଇ ୩ଟି ଲେଖାଏଁ ଦିନିକିଆ ଓ ଟି ୨୦ ମ୍ୟାଚ୍ ସହିତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସୀମିତ ଓଭର ଦଳରୁ ବିଶ୍ରାମ ପାଇଁ ଅନୁରୋଧ କରିଥିବାରୁ ଦିନିକିଆ ଓ ଟି୨୦ ପାଇଁ ଉଭୟଙ୍କ ନାମ ବିଚାରକୁ ନିଆ ଯାଇ ନ ଥିଲା। ଉଭୟ ଟେଷ୍ଟ ଦଳରେ ସାମିଲ ଥିବା ବେଳେ ରୋହିତ ଟେଷ୍ଟ ଟିମ୍‌ର ଅଧିନାୟକ ରହିଛନ୍ତି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବଙ୍କୁ ଟି୨୦ ଦଳର ଅଧିନାୟକ ଘୋଷଣା କରାଯାଇଛି।

### ଦିନିକିଆରେ ନବାଗତଙ୍କୁ ସୁଯୋଗ

ଭାରତୀୟ ଚୟନକର୍ତ୍ତା ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଏକାଧିକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ୨୦୨୭ ପାଇଁ ଦଳ ଘୋଷଣାକୁ ପ୍ରାଧାନ୍ୟ ଦେବା ସହିତ ଦିନିକିଆ ଦଳରେ ରିଙ୍କୁ ସିଂ, ରଜତ ପଟିଦାର ଓ ସାଇ ସୁଦର୍ଶନଙ୍କୁ ସାମିଲ କରାଯାଇଛି। ଉଇକେଟ କିପର ଭାବରେ ଲୋକେଶ ରାହୁଲ ପ୍ରଥମ ପସନ୍ଦ ରହିଥିବା ବେଳେ ସଞ୍ଜୁ ସାମସନ ଦ୍ୱିତୀୟ ଉଇକେଟ କିପର ଭାବରେ ଦଳରେ ଅଛନ୍ତି। ଯଶପ୍ରୀତ ବୁମରା, ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅର୍ଶଦୀପ ସିଂ, ମୁକେଶ କୁମାର, ଯୁଜବେନ୍ଦ୍ର ଚହଲ ଓ ଦୀପକ ଚହରଙ୍କୁ ସ୍ଥାନ ମିଳିଛି।

### ରାହାନେ, ପୂଜାରାଙ୍କ ସମୟ ଶେଷ

ଟେଷ୍ଟ ଦଳରେ ଦୁଇ ଭେଟେରାନ୍ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ସମୟ ଆପାତତଃ ଶେଷ ହୋଇଛି। ଉଭୟ ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଅଣଦେଖା କରିଛନ୍ତି ଚୟନକର୍ତ୍ତା। ପୂଜାରା ଶେଷ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦଳର ସଦସ୍ୟ ରହିଥିବା ବେଳେ ରାହାନେ ଭାରତୀୟ ଦଳ ସହିତ ୱେଷ୍ଟଇଣ୍ଡିଜ୍ ଗସ୍ତ କରିଥିଲେ। ମହମ୍ମଦ ଶାମିଙ୍କୁ ଟେଷ୍ଟ ସିରିଜ୍ ପାଇଁ ଦଳରେ ସାମିଲ କରାଯାଇଥିଲେ ହେଁ ସେ ଫିଟ ରହିଲେ ଖେଳିବେ ବୋଲି ଘୋଷଣା କରାଯାଇଛି। ଟି୨୦ ପାଇଁ ଘୋଷଣା କରାଯାଇଥିବା ଦଳରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ରଖାଯାଇଛି। ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଜାଡେଜାଙ୍କୁ ଉପ ଅଧିନାୟକ ଘୋଷଣା କରାଯାଇଛି।

**ଟେଷ୍ଟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ୍ ଆୟର, ରତୁରାଜ ଗାଏକ୍ୱାଡ, ଇଶାନ କିଶନ (ଉଇକେଟ କିପର), ଲୋକେଶ ରାହୁଲ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ, ମୁକେଶ କୁମାର, ମହମ୍ମଦ ଶାମି, ଯଶପ୍ରୀତ ବୁମରା (ଉପ ଅଧିନାୟକ), ପ୍ରସିଦ୍ଧ କ୍ରିଷ୍ଣା।

**ଟି୨୦ ଦଳ:** ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ରତୁରାଜ ଗାଏକ୍ୱାଡ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ରିଙ୍କୁ ସିଂ, ଶ୍ରେୟସ ଆୟର, ଇଶାନ କିଶନ (ଉଇକେଟ କିପର), ଜିତେଶ ଶର୍ମା (ଉଇକେଟ କିପର), ରବୀନ୍ଦ୍ର ଜାଡେଜା (ଉପ ଅଧିନାୟକ), ୱାଶିଂଟନ୍ ସୁନ୍ଦର, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ମୁକେଶ କୁମାର, ଦୀପକ ଚହର।

**ଦିନିକିଆ ଦଳ:** ରତୁରାଜ ଗାଏକ୍ୱାଡ, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ରିଙ୍କୁ ସିଂ, ଶ୍ରେୟସ ଆୟର, ଲୋକେଶ ରାହୁଲ (ଅଧିନାୟକ,ଉଇକେଟ କିପର), ସଞ୍ଜୁ ସାମସନ (ଉଇକେଟ କିପର), ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୁକେଶ କୁମାର, ଆଭେଶ ଖାନ୍, ଅର୍ଶଦୀପ ସିଂ, ଦୀପକ ଚହର।


ରତୁରାଜ ଗାଏକ୍ୱାଡ୍


ରିଙ୍କୁ ସିଂ


ସାଇ ସୁଦର୍ଶନ


ରଜତ ପଟିଦାର

# ପ୍ରିୟାଂଶୁ କ୍ୱାର୍ଟରଫାଇନାଲରେ

ଲକ୍ଷ୍ନୌ, ୩୦।୧୧(ପି.ଟି.)

ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସରେ ତିଷ୍ଠି ରହିଥିବା ଏକମାତ୍ର ଭାରତୀୟ ଖେଳାଳି ପ୍ରିୟାଂଶୁ ରାଜାୱତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସରେ ସେମାନଙ୍କ ମ୍ୟାଚ ଜିତିଛନ୍ତି। ଚଳିତବର୍ଷ ଓର୍ଲିନ୍ସ ମାଷ୍ଟର୍ସ ଜିତିଥିବା ପ୍ରିୟାଂଶୁ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୨୧-୧୮, ୧୧-୬ରେ ଅଗ୍ରଣୀ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଖେଳାଳି ସତୀଶ କୁମାର ଆଘାତପ୍ରାପ୍ତ ହୋଇ ରିଟାର୍ଡ ନେଇଯାଇଥିଲେ। ଫଳରେ ପ୍ରିୟାଂଶୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଖେଳାଳି କ୍ୱାର୍ଟରଫାଇନାଲରେ ଇଣ୍ଡୋନେସିଆର କ୍ୱାଲିଫାୟର ଅଲୱି ଫରହାନ୍‌ଙ୍କୁ ଭେଟିବେ। ଏଠାରେ ଚତୁର୍ଥ ସିଡ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ତ୍ରିସା ଓ ଗାୟତ୍ରୀ ନିଜ ଦେଶର ଧାନ୍ୟା ନନ୍ଦକୁମାର ଓ ରିଦ୍ଧି କୌର ତୁର୍‌ଙ୍କୁ ୨୧-୯, ୨୧-୫ରେ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ମଧ୍ୟ ସେମାନେ ଏକ ଭାରତୀୟ ଯୋଡ଼ିଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ ଡ୍ର'ରେ ୧୦ ଭାରତୀୟ ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱର ୧୨ ନମ୍ବର ଜାପାନିଜ ଖେଳାଳି କେଣ୍ଟା ନିଶିମୋଟୋ ଏବଂ ବିଶ୍ୱର ୧୪ ନମ୍ବର ଚୋଉ ତିନ୍ ଚେନ୍ ହେଉଛନ୍ତି ବିଶ୍ୱର ଦୁଇ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି। ଏଚ.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ୍ ଶେଷ ମୁହୂର୍ତ୍ତରେ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ପ୍ରିୟାଂଶୁଙ୍କୁ ଛାଡ଼ିଦେଲେ ଅନ୍ୟ ଭାରତୀୟମାନେ ଏହି ସୁପର ୩୦୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହାନ୍ତି। ଚଳିତବର୍ଷ ଡେନମାର୍କ ମାଷ୍ଟର୍ସ ଜିତିଥିବା ବିଶ୍ୱର ୪୦ ନମ୍ବର ଖେଳାଳି କିରନ ଜର୍ଜ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ବିଶ୍ୱର ୩୬ ନମ୍ବର ତାଇୱାନର ଚିଆ ହାଓ ଲି'ଙ୍କଠାରୁ ୧୬-୨୧, ୨୧-୧୮, ୨୦-୨୨ରେ ହାରିଯାଇଥିଲେ। ମହିଳା ସିଙ୍ଗଲ୍ସରେ ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ ମଧ୍ୟ ଜଣେ ହେଲେ ଭାରତୀୟ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହାନ୍ତି। ବିଶ୍ୱର ୧୭ ନମ୍ବର ଖେଳାଳି ଜାପାନର ଆୟା ଓହୋରି ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି।


ପ୍ରିୟାଂଶୁ ରଜାୱତ୍

# ପଙ୍ଘାଲ, ଥାପା ସେମିଫାଇନାଲରେ

**ଶିଲଂ, ୩୦।୧୧ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍ ରନର ଅପ୍ ଅମିତ ପଙ୍ଘାଲ (୫୧କେଜି) ଓ ୨୦୨୧ ଏସିଆନ ଚାମ୍ପିୟନ(୯୨କେଜି) ପ୍ରଭାବୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ଜାତୀୟ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଏସ୍‌ଏସ୍‌ସିବି (ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ)ର ୧୨ଜଣ ବକ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଆସାମରୁ ପ୍ରତିନିଧିତ୍ୱ କରୁଥିବା ୬ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ଶିବ ଥାପା ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପଙ୍ଘାଲ ତାଙ୍କ ମୁକାବିଲାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଜମ୍ମୁ କଶ୍ମୀରର ମହମ୍ମଦ ଆରିଫ୍‌ଙ୍କ ବିପକ୍ଷ ମୁକାବିଲାକୁ ସେ ସହଜରେ ସର୍ବ ସମ୍ମତି ନିଷ୍ପତ୍ତିରେ ଜିତି ନେଇଥିଲେ।

# ଗାନେମତ-ଅଙ୍ଗଦ ଯୋଡ଼ିଙ୍କୁ ଟାଇଟଲ

ନୂଆଦିଲ୍ଲୀ, ୩୦।୧୧ (ପି.ଟି.)

ଯୁବ ଶୁଟର ଗାନେମତ ସେଖନ ଓ ତାଙ୍କ ପାର୍ଟନର ଅଙ୍ଗଦ ବୀର ସିଂ ବାଜୱା ଏଠାରେ ଚାଲିଥିବା ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ମିକ୍ସଡ ଟିମ୍ ଟାଇଟଲ ହାସଲ କରିଛନ୍ତି। ପଞ୍ଜାବର ଏହି ଯୋଡ଼ି କ୍ୱାଲିଫିକେଶନ ରାଉଣ୍ଡରେ ୧୪୦ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନେ ରାଜସ୍ଥାନ ଯୋଡ଼ି ଦର୍ଶନ ରାଠୋର ଓ ଅନନ୍ତଜିତ୍ ସିଂ ନାରୁକାଙ୍କୁ ୪୭-୪୧ରେ ହରାଇ ଦେଇଛନ୍ତି। ଦର୍ଶନ ଓ ଅନନ୍ତଜିତ୍ କ୍ୱାଲିଫିକେଶନରେ ୧୩୮ ସ୍କୋର ସହ ପଞ୍ଜାବ ଯୋଡ଼ିକ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିଆନ ମୈରାଜ ଅହମଦ ଖାନ୍ ଓ ଆରିବା ଖାନ୍ ଉତ୍ତର ପ୍ରଦେଶ ପାଇଁ ବ୍ରୋଞ୍ଜ ପଦକ ଆଣି ଦେଇଛନ୍ତି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ସେମାନେ ହରିୟାଣାର ସଞ୍ଜନା ସୁଦ୍ ଓ ଇଶାନ ସିଂ ଙ୍କୁ ୪୪-୩୮ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଗାନେମତ ବୁଧବାର ତାଙ୍କର ପ୍ରଥମ ବ୍ୟକ୍ତିଗତ ଜାତୀୟ ସିନିୟର ମହିଳା ସ୍କିଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୬୦ଶଟ୍ ବିଶିଷ୍ଟ ଫାଇନାଲରେ ସେ ୫୬ ଟାର୍ଗେଟ ହାସଲ କରିପାରିଥିଲେ।


ଅଙ୍ଗଦ ବୀର ସିଂ ବାଜୱା ଓ ଗାନେମତ ସେଖନ।

# ସନ୍ତୋଷ ଟ୍ରଫିର ଫର୍ମାଟ ବଦଳିବ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫିର ଫର୍ମାଟ ବଦଳିବାକୁ ଯାଉଛି। ପ୍ରଥମ ପାଇଁ ଏହାର ନକ୍‌ଆଉଟ ଫର୍ମାଟକୁ ପରିବର୍ତ୍ତନ କରିବାକୁ ଗୁରୁବାର ନିଷ୍ପତ୍ତି ନେଇଛି ସର୍ବାଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍)। ପୂର୍ବରୁ ୧୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଉଥିବା ବେଳେ ବର୍ତ୍ତମାନ ଏହାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଏହା ପରଠାରୁ କ୍ୱାର୍ଟର ଫାଇନାଲ ଖେଳାଯିବ। ୬ଟି ଗ୍ରୁପ ପର୍ଯ୍ୟାୟ ବିଜେତା ଭାବେ ଗୋଆ, ଦିଲ୍ଲୀ, ମଣିପୁର, ଆସାମ, ସର୍ଭିସେସ ଓ ମହାରାଷ୍ଟ୍ର ଯୋଗ୍ୟତା ଅର୍ଜନ କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ୩ ଶ୍ରେଷ୍ଠ ଦଳ ମଧ୍ୟରେ ଅଛନ୍ତି କେରଳ, ମିଜୋରାମ ଓ ରେଲୱେଜ ରହିଛନ୍ତି। ଆୟୋଜକ ଦଳ ଭାବରେ ଅରୁଣାଚଳ ପ୍ରଦେଶ ଯୋଗ୍ୟତା ହାସଲ କରିଥିବା ବେଳେ ବିଗତ ସଂସ୍କରଣ ଚାମ୍ପିୟନ କର୍ଣାଟକ ଓ ରନର ଅପ୍ ମେଘାଳୟ ମଧ୍ୟ ରହିଛନ୍ତି।

# ଷ୍ଟୋକ୍ସଙ୍କ ବାମ ଆଣ୍ଠୁରେ ଅସ୍ତ୍ରୋପଚାର

ଲଣ୍ଡନ,୩୦।୧୧(ପି.ଟି.)

ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବାମ ଆଣ୍ଠୁରେ ଅସ୍ତ୍ରୋପଚାର ସଫଳ ହୋଇଛି। ଆସନ୍ତାବର୍ଷ ଜାନୁୟାରୀରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ବେଳକୁ ସେ ଫିଟ୍ ହୋଇ ଯାଇଥିବେ। ଏହି ୩୨ ବର୍ଷୀୟ ଷ୍ଟାର ଅଲରାଉଣ୍ଡର ଚଳିତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ୩ ଆଶେସ ଟେଷ୍ଟରେ ବୋଲିଂ କରିବାରେ ଅସମର୍ଥ ଥିଲେ। ନିକଟରେ ଭାରତରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ମାତ୍ର ଆଣ୍ଠୁ ସମସ୍ୟା ଯୋଗୁ ବୋଲିଂ କରି ନ ଥିଲେ। ବିଶ୍ୱକପ୍ ପରେ ସେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରିବେ ବୋଲି ମାସ ଆରମ୍ଭରେ ଘୋଷଣା କରିଥିଲେ। ଷ୍ଟୋକ୍ସଙ୍କ ରିହାବିଲିଟେଶନ ଆରମ୍ଭ ହୋଇଛି। ଲଣ୍ଡନର କ୍ରମୱେଲ୍ ହସ୍ପିଟାଲ ବାହାରେ ସେ ଆଶାବାଡ଼ି ସହ ଉଠାଇଥିବା ତାଙ୍କର ଏକ ଫଟୋକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭାରତରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜାନୁୟାରୀ ୨୫ରୁ ହାଇଦ୍ରାବାଦଠାରେ ଆରମ୍ଭ ହେବ। ଭାରତରେ ପହଞ୍ଚିବା ପୂର୍ବରୁ ଆରବ ଏମିରେଟ୍ସ (ୟୁଏଇ)ରେ ଇଂଲଣ୍ଡ କ୍ରିକେଟ ଦଳ ଦୁଇ ସପ୍ତାହ ପାଇଁ ଆୟୋଜିତ ଏକ ୱାର୍ମଅପ୍ କ୍ୟାମ୍ପରେ ଯୋଗ ଦେବ। ୱାର୍କଲୋଡ୍ ଓ ଫିଟ୍‌ନେସ୍‌ଜନିତ କାରଣରୁ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ପାଇଁ ଉପଲବ୍ଧ ହେବେ ନାହିଁ ବୋଲି ଷ୍ଟୋକ୍ସ ଗତ ସପ୍ତାହରେ ଘୋଷଣା କରିଥିଲେ। ଷ୍ଟୋକ୍ସ ୨୦୨୩ରେ ଚେନ୍ନାଇ ସୁପର କିଙ୍ଗ୍ସର ସବୁଠାରୁ ଦାମୀ ଖେଳାଳି ଥିଲେ। ମାତ୍ର ଇଞ୍ଜୁରି ଯୋଗୁ ସେ ମାତ୍ର ଦୁଇଟି ମ୍ୟାଚରେ ଖେଳିପାରିଥିଲେ।



# ଶାନ୍ତୋଙ୍କ ଶତକ: ଦୃଢ଼ ସ୍ଥିତିରେ ବାଂଲାଦେଶ


ମୁଶଫିକୁର ରହିମ ଓ ନଜମୁଲ ହୋସେନ୍ ଶାନ୍ତୋ।

ସିଲହଟ୍,୩୦।୧୧(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତୋଙ୍କ ଶତକ ବଳରେ ଦୃଢ଼ ସ୍ଥିତିରେ ରହିଛି ବାଂଲାଦେଶ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୭ ରନ୍‌ର ଅଗ୍ରଣୀ ହାସଲ କରିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୩ ଉଇକେଟ ହରାଇ ୨୧୨ ରନ୍ ସଂଗ୍ରହ କରିଛି। ହାତରେ ୭ ଉଇକେଟ ବାକି ଥାଇ ବାଂଲାଦେଶ ୨୦୫ ରନ୍‌ରେ ଆଗୁଆ ରହିଛି। ପିଚ୍‌ରେ ବଲ୍ ସ୍ପିନ୍ ହେଉଥିବାରୁ ବାଂଲାଦେଶ ଯଦି ୩୦୦ରୁ ଅଧିକ ରନ୍ ସ୍କୋର କରେ ତେବେ ନ୍ୟୁଜିଲାଣ୍ଡ ଅସୁବିଧାରେ ପଡିବ।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୬୬/୮ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଆଉ ୫୧ ରନ୍ ଯୋଡିଥିଲା। ଅଧିନାୟକ ଟିମ୍ ସାଉଦି ଚମତ୍କାର ୩୫ ରନ୍‌ର ଇନିଂସ ଖେଳିଥିଲେ। ନିୟମିତ ବୋଲର ଏହି ଯୋଡି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ। ତେବେ ପାର୍ଟ ଟାଇମର ମୋମିନୁଲ୍ ହକ୍ ଉଭୟ ଟିମ୍ ସାଉଦି ଓ କାଇଲ ଜେମିସନ୍(୨୩)ଙ୍କୁ ଆଉଟ କରିଥିଲେ। ବାଂଲାଦେଶ ଇନିଂସ ଆରମ୍ଭ କରିଥିବା ବେଳେ ଦୁଇ ଓପନର ମାତ୍ର ୨୬ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଜାକିର ହସନ(୧୭)ଙ୍କୁ ଏଜାଜ ପଟେଲ ଲେଗ୍ ବିଫୋର କରିଥିଲେ। ମହମ୍ମଦୁଲ ହସନ ଜୟ ୮ ରନ୍ କରି ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିଲେ। ତେବେ ଏହାପରେ ନବନିଯୁକ୍ତ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତୋ ଖେଳିଥିଲେ ଏକ ଚମତ୍କାର ଇନିଂସ। ଅପରାଜିତ ୧୦୪ ରନ୍‌ର ଇନିଂସ ଖେଳିବା ସହ ବାଂଲାଦେଶକୁ ସଙ୍କଟରୁ ଉଦ୍ଧାର କରିଥିଲେ। ମୋମିନୁଲ୍ ହକ୍(୪୦)ଙ୍କୁ ସାଥୀ କରି ତୃତୀୟ ଉଇକେଟରେ ୯୦ ରନ୍ ଯୋଡିଥିଲେ ଶାନ୍ତୋ। ତେବେ ମୋମିନୁଲ ଭୁଲ ବୁଝାମଣା କାରଣରୁ ରନଆଉଟ ହେବା ପରେ ମୁଶଫିକୁର ରହିମଙ୍କ ସହ ଆଉ ଏକ ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ମୁଶଫିକୁର ୪୩ ରନ୍ କରିଥିବା ବେଳେ ଉଭୟ ଚତୁର୍ଥ ଉଇକେଟରେ ଅବିଭାଜିତ ୯୬ ରନ୍ ଯୋଡିଛନ୍ତି। ଶାନ୍ତୋ ୧୯୩ ବଲ୍ ଖେଳି ୧୦ ଚୌକା ସହ ୧୦୪ ରନ୍‌ରେ ବ୍ୟାଟିଂ କରୁଛନ୍ତି।

# ସେଲ୍ ହକି ଏକାଡେମୀକୁ ଡବଲ ଟାଇଟଲ

ଭୁବନେଶ୍ୱର, ୩୦।୧୧
(ତପନ ସ୍ୱାଇଁ)

ତାମିଲନାଡୁର କୋଭିଲପଟ୍ଟିଠାରେ ଅନୁଷ୍ଠିତ ସର୍ବପ୍ରଥମ ହକି ଇଣ୍ଡିଆ ଏକାଡେମୀ ଚାମ୍ପିୟନଶିପ୍ (ଜୋନ-ବି)ରେ ସେଲ୍ ହକି ଏକାଡେମୀ ଡବଲ ଟାଇଟଲ ହାସଲ କରିଛି। ଏହି ଦଳ ଉଭୟ ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛି। ସବ୍‌ଜୁନିୟର ବର୍ଗ ଫାଇନାଲରେ ସେଲ୍ ଏକାଡେମୀ ୪-୧ ଗୋଲରେ ରାୟପୁରର ସ୍ମାର୍ଟ ହକି ଏକାଡେମୀକୁ ପରାସ୍ତ କରିଛି। ସେହିପରି ତୀବ୍ର ସଂଘର୍ଷପୂର୍ଣ୍ଣ ଜୁନିୟର ବର୍ଗର ଫାଇନାଲରେ ସେଲ୍ ଏକାଡେମୀ ୩-୨ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି)କୁ ହରାଇ ଦେଇଛି। ସବ୍‌ଜୁନିୟର ବର୍ଗର ପ୍ଲେ-ଅଫ୍‌ରେ ତାମିଲନାଡୁ ହକି ଏକାଡେମୀ ୩-୧ ଗୋଲରେ ଲକ୍ଷ୍ମୀ ଅମଲ ସ୍ପୋର୍ଟ୍ସ ଏକାଡେମୀକୁ ହରାଇ ବ୍ରୋଞ୍ଜ ପଦକ ପାଇଛି। ସେହିପରି ଜୁନିୟର ବର୍ଗର ପ୍ଲେ-ଅଫ୍‌ରେ ହୁବଳି ହକି ଏକାଡେମୀ ବିଦର୍ଭର ବେରାର ହକି ଏକାଡେମୀକୁ ୨-୧ ଗୋଲରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି।



ଜୁନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ସେଲ୍ ହକି ଏକାଡେମୀ ଦଳ ଅତିଥିଙ୍କ ଗହଣରେ।

# ‘ମିଶନ ସୁଡ଼ଙ୍ଗ’ରେ ଅକ୍ଷୟଙ୍କ ମୁଖ୍ୟ ଭୂମିକା

**ମୁମ୍ବାଇ:** ଉତ୍ତରାଖଣ୍ଡର ଟନେଲ୍‌ରେ ଉଦ୍ଧାର କାର୍ଯ୍ୟର ସଫଳତା ପରେ ଏହାକୁ ନେଇ ଫିଲ୍ମ ହେବାକୁ ଯୋଜନା ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ ଏହି ଉଦ୍ଧାର କାର୍ଯ୍ୟ ଉପରେ ଖୁବ୍‌ଶୀଘ୍ର ଏକ ଫିଲ୍ମ ନିର୍ମାଣ କରାଯିବ। ଜଣାପଡ଼ିଛି ଯେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଉଦ୍ଧାର କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତାଙ୍କୁ ଟନେଲ୍ ବିଶେଷଜ୍ଞ ଅନୋଲ୍ଡ ଡିକ୍ସଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଦାବି ହୋଇଛି। ହେଲେ ଏ ପର୍ଯ୍ୟନ୍ତ ଅକ୍ଷୟଙ୍କଠାରୁ କୌଣସି ସୂଚନା ମିଳିନାହିଁ। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଦାବି ହୋଇଛି ଯେ କେବଳ ଫିଲ୍ମର ନାମ ନୁହେଁ ତା'ର ଶୁଟିଂ ପାଇଁ ସ୍ଥାନ ମଧ୍ୟ ସ୍ଥିର କରାଯାଇଛି। ଫିଲ୍ମର ନାମ ‘ମିଶନ ସୁଡ଼ଙ୍ଗ’ ରଖାଯିବ। ୧୯୯୧ରେ ଅକ୍ଷୟ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା କରି ଦର୍ଶକଙ୍କ ପ୍ରିୟ ପାଲଟିଛନ୍ତି। ସେ ବହୁତ ଥର ହାସ୍ୟରସ ଭୂମିକାରେ ନଜରକୁ ଆସି ଦର୍ଶକଙ୍କୁ ହସାଇ ନାକେଦମ୍ କରିଛନ୍ତି। ଅକ୍ଷୟ ହାଉସଫୁଲ, ଏଣ୍ଟରଟେନ୍‌ମେଣ୍ଟ ଭଳି ଫିଲ୍ମ କରି ଲୋକଙ୍କୁ ଖୁସି କରାଇଛନ୍ତି।



# ସଚେତନତା ହିଁ ପ୍ରକୃତ ନିଦାନ

ଏଡସ ଏକ ଦୂରାରୋଗ୍ୟ ବ୍ୟାଧି। ଆକ୍ୱାର୍ଡ ଇମ୍ୟୁନୋଡେଫେସିସିଏନ୍ସି ସିଣ୍ଡ୍ରୋମ (ଏଡସ) ଇମ୍ୟୁନୋଡେଫେସିସିଏନ୍ସି ଭୁତାଣୁ(ଏଚଆଇଭି) ଦ୍ୱାରା ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଏଚଆଇଭି ମଣିଷର ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରି ଅନ୍ୟ ରୋଗର ପ୍ରତିରୋଧକୁ ହ୍ରାସ କରିଥାଏ। ଏକ୍ଷେତ୍ରରେ ସଚେତନତା ହିଁ ପ୍ରକୃତ ନିଦାନ ସାବ୍ୟସ୍ତ ହୋଇ ପାରିଥାଏ।

ବିଶ୍ୱସ୍ତରରେ ଏଡସର ମୁକାବିଲା ଲାଗି ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଥାଏ। ଏଥିରୁ ଦୂରେଇ ରହିବା ନେଇ ଲୋକଙ୍କୁ ସଚେତନ କରାଇବା ଏହି




ଦିବସ ପାଳନର ମୂଳ ଲକ୍ଷ୍ୟ। ୧୯୮୮ରେ ଏହି ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ପୂର୍ବରୁ ୧୯୮୭ ଅଗଷ୍ଟରେ ବିଶ୍ୱ ଏଡସ ଦିବସ ପାଳନ ପାଇଁ ସ୍ୱିଜରଲାଣ୍ଡର ଜେନେଭା ଠାରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡସ ଉପରେ ଗ୍ଲୋବାଲ ପ୍ରୋଗ୍ରାମ ପାଇଁ କାର୍ଯ୍ୟକରୁଥିବା ଦୁଇଜଣ ଜନ ସୂଚନା ଅଧିକାରୀ ଜେମ୍ସ ଡବ୍ଲୁ ବୁନ ଏବଂ ଥୋମାସ ନେଟରଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଯାଇଥିଲା। ସେମାନେ ଏଡସ ଗ୍ଲୋବାଲ ପ୍ରୋଗ୍ରାମର ନିର୍ଦ୍ଦେଶକ ଜୋନାଥନ ମାନଙ୍କୁ ଏନେଇ ସୂଚନା ପ୍ରଦାନ କରିଥିଲେ। ପରେ ଏହି ଦିବସ ପାଳନ କରିବାକୁ ଅନୁମୋଦନ ମିଳିଥିଲା। ରିପୋର୍ଟ ଅନୁସାରେ ୨୦୧୭ ସୁଦ୍ଧା, ଏଡସ ଯୋଗୁ ବିଶ୍ୱସ୍ତରରେ ୪୧.୫ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ଆନୁମାନିକ ୩୬.୭ ନିୟୁତ ଲୋକ ଏଚଆଇଭିରେ ସଂକ୍ରମିତ ଅଛନ୍ତି। ବିଶ୍ୱର ଅନେକ ଅଞ୍ଚଳରେ ଆଣ୍ଟିରେଟ୍ରୋଭାଇରାଲ ଚିକିତ୍ସା ଯୋଗୁ ୨୦୦୫ଠାରୁ ଏଡସ ମୃତ୍ୟୁ ହାର କମିବାରେ ଲାଗିଛି। ଏହି ଦିବସ ପାଳନ ଅବସରରେ ରେଡ ରିବନର ଆଇକନିକ ପ୍ରଦର୍ଶନ କରାଯାଇଥାଏ।

ଏଡସ ରୋକିବା ଏବଂ ଏହାର ନିୟନ୍ତ୍ରଣ ସମ୍ପର୍କିତ ଶିକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ହାରିବାନି ହରାଇବା ଭାନା ଜାଗ୍ରତ କରିବା ସୃଷ୍ଟି କରିବା ଲାଗି ପ୍ରୟାସ କରାଯାଇଥାଏ।








































# ଆଜି କଂଗ୍ରେସର 'ତୁଳସୀ ଯାତ୍ରା'

**ଭୁବନେଶ୍ୱର, ୩୦।୧୧(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଶୁକ୍ରବାର କଂଗ୍ରେସର ତୁଳସୀଯାତ୍ରା ଅନୁଷ୍ଠିତ ହେବ। ସକାଳ ୯ଟାରେ ଦଳର ନେତୃବୃନ୍ଦ କଂଗ୍ରେସ ଭବନ ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ। ସେଠାରୁ ଗାଡି ଦ୍ୱାରା ପୁରୀ ଶରଧା ବାଲି ପର୍ଯ୍ୟନ୍ତ ଯିବେ। ପୁଣି ସେଠାରୁ ପଦଯାତ୍ରା ଜରିଆରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବା ଲାଗି ଦଳ ପକ୍ଷରୁ ନିଷ୍ପତ୍ତି ହୋଇଛି।

# ଧର୍ମେନ୍ଦ୍ରଙ୍କ ଲଢ଼ିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା

**ଢେଙ୍କାନାଳ,୩୦।୧୧ (ରତନ ନାୟାର)**



ଆସନ୍ତା ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ଆସନରୁ ଭାଜପାର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ବିଶେଷକରି ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥିତ୍ୱକୁ ନେଇ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ଆକ୍ଷେପ ପ୍ରତି ଆକ୍ଷେପ ରାଜନୀତି ଆରମ୍ଭ ହୋଇଛି। ଭାଜପାର କେତେଜଣ ବରିଷ୍ଠ ନେତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମ୍ବଲପୁର ଲୋକ ସଭା ଆସନରୁ ଲଢ଼ିପାରନ୍ତି ବୋଲି ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରୁଥିବା ବେଳେ ଭାଜପାର ଅନ୍ୟତମ ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ସୋସିଆଲ ମିଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଢେଙ୍କାନାଳରୁ ଲଢ଼ିବେ, ଅନ୍ୟ କାହାକଥା ଶୁଣିବା ଦରକାର ନାହିଁ ବୋଲି ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଭାଜପାର ଦୁଇଗୋଷ୍ଠୀ ନେତାଙ୍କ ମଧ୍ୟରେ ରାଜନୀତି ବାତାବରଣ ବେଶ୍ ସରଗରମ ହୋଇଛି। ଅନ୍ୟପଟରେ ଢେଙ୍କାନାଳ ଓ ସମ୍ବଲପୁରକୁ କେନ୍ଦ୍ରମନ୍ତ୍ରୀଙ୍କ ଘନଘନ ଗସ୍ତ ମଧ୍ୟ ଏହି ଆଲୋଚନାକୁ ଅଧିକ ଖୋରାକ ଯୋଗାଉଛି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ନରେନ୍ଦ୍ରଚନ୍ଦ୍ର ମହାପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଓ ଢେଙ୍କାନାଳ ଦୁଇଟି ଯାକ ଲୋକ ସଭା କ୍ଷେତ୍ରକୁ ନଜରରେ ରଖିଛନ୍ତି। ତେଣୁ ଏହାକୁ ନେଇ ବହୁତ ଆଲୋଚନା ହେବ। କିନ୍ତୁ ସେ ଢେଙ୍କାନାଳ ଲୋକ ସଭା ଆସନରୁ ଲଢ଼ନ୍ତୁ ବୋଲି ଆମେ ଆଗ୍ରହ ପ୍ରକାଶ କରୁଛୁ। ଭାଜପାର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭା ଆସନରୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାର ଦାୟିତ୍ୱ ନେଇଛନ୍ତି। ସେଥିପାଇଁ ସମ୍ବଲପୁର ମଧ୍ୟ ଗସ୍ତ କରୁଛନ୍ତି। କିନ୍ତୁ ଏହାକୁ ନେଇ କେତେଜଣ ଦଳୀୟ ଲୋକ ଓ ବିରୋଧୀ ଧର୍ମେନ୍ଦ୍ର ସମ୍ବଲପୁରରୁ ଲଢ଼ିବେ ବୋଲି କହି ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ନିଜ ଜନ୍ମମାଟି ଢେଙ୍କାନାଳ ଲୋକ ସଭା କ୍ଷେତ୍ରରୁ ଲଢ଼ିବେ ବୋଲି ରାମପାତ୍ର କହିଛନ୍ତି।

# ବାଦ୍ ପଡ଼ିଥିବା ଚାଷୀଙ୍କୁ କାଳିଆ, ପିଏମ୍ କିଷାନରେ ସାମିଲକର: କଂଗ୍ରେସ

**ଭୁବନେଶ୍ୱର, ୩୦।୧୧((ସୁନିତ୍ ମିଶ୍ର):** ରାଜ୍ୟରେ ଚାଷୀକୁଳ ଦୁଃସ୍ଥିତି ମଧ୍ୟରେ ଗତି କରୁଛନ୍ତି। ଏଭଳି ସ୍ଥିତିରେ ସରକାର କାଳିଆ ଏବଂ ପିଏମ୍ କିଷାନ ଯୋଜନାରୁ ବାଦ ପଡ଼ିଥିବା ଚାଷୀଙ୍କ ଉକ୍ତ ଦୁଇ ଯୋଜନାରେ ତୁରନ୍ତ ଅନ୍ତର୍ଭୁକ୍ତ କରିବା ସହ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା କରିବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।


ଅଭିନନ୍ଦନ

ଚାଲ ପ୍ରକୃତି ଆଡ଼କୁ GO NATURE
ଆସ ଆମେ ଏକାଠି ହେବା, ଗଛଟିଏ ଲଗାଇବା
ପରିବେଶ, ଜଙ୍ଗଲ ଜୀବଜନ୍ତୁଙ୍କ ସୁରକ୍ଷା ଆମ ଦାୟିତ୍ୱ ।



ପ୍ରଭାତ ପାଣିଗ୍ରାହୀ
ସୋରଡ଼ା, ଗଞ୍ଜାମ
Mob: 9777663349

With Best Compliments From:
PRANANATH COLLEGE (AUTONOMOUS), KHORDHA
Principal and Self Financing Departments
(M.A. in Education, M.A. in P.M. & I.R., M.Sc. in Computer Science, Chemistry, Botany, Zoology, Applied Geology, M.Com and B.B.A. of Prananath College (Autonomous), Khordha greet "Dharitri" on the occasion of Birth Anniversary.
Sd/-
Principal

With Best Compliments From...
SWADHIN +2 & +3 RESIDENTIAL COLLEGE
NIMAPADA, PURI



Mr. SWADHIN KU. SAHOO
Director
Mob. No.: 7606961218, 9861322669

ପରମପୂଜ୍ୟ ସ୍ୱାମୀ ରାମଦେବଜୀ ମହାରାଜଙ୍କ ଆଶୀର୍ବାଦରେ ପରିଚାଳିତ
ଜାରକା ପତଞ୍ଜଳି ଚିକିତ୍ସାଳୟ
ହରିଦ୍ୱାର ପତଞ୍ଜଳି ଯୋଗପୀଠର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ନିଃଶୁଳ୍କ ପରାମର୍ଶ, ନିଃଶୁଳ୍କ ଯୋଗ ଓ ପ୍ରାଣାୟାମ ପ୍ରଶିକ୍ଷଣ। ଉଚିତ୍ ମୂଲ୍ୟରେ ଆଶ୍ରମ ଦ୍ୱାରା ତିଆରି ଔଷଧ ଓ ଖାଦ୍ୟ ସାମଗ୍ରୀର ଉପଲବ୍ଧ। ୫% ରିହାତିରେ ସମସ୍ତ କ୍ରେତା ଭାଇ ଭଉଣୀମାନେ ଲାଭ ଉଠାନ୍ତୁ।



ସଭାପତି
ଉତ୍କଳ ବିକାଶ ପରିଷଦ
Mob: 9437027310



କ୍ୟାପ୍ଟେନ୍ ତ୍ରିଲୋଚନ ବିଶ୍ୱାଳ
ଯୋଗଗୁରୁ, ପତଞ୍ଜଳି ଯୋଗ ସମିତି, ରୋଟାରିଆନ୍, ସମାଜସେବୀ
ପ୍ରଭାତୀ ବିଶ୍ୱାଳ
ପତଞ୍ଜଳି ଯୋଗ ଶିକ୍ଷୟିତ୍ରୀ
ଯୋଗାଯୋଗ– ଧର୍ମଶାଳା କଲେଜ ପାର୍ଶ୍ୱ କାର୍ଯ୍ୟାଳୟ
ଜାରକା, ଧର୍ମଶାଳା, ଯାଜପୁର

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଧରିତ୍ରୀ ପରିବାରର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଧରିତ୍ରୀ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏହି ଅବସରରେ ନିମାପଡ଼ାର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ।



ରଣଜିତ ସାହୁ
ବରିଷ୍ଠ ଆଇନଜୀବୀ, ସମାଜସେବୀ
ନିମାପଡ଼ା

With Best Compliments From:
UMESH CHANDRA PRADHAN
Proprietor
M/s. Bidyadhar Pradhan
KSK IOCL Dealer
Amarda Road, Balasore


See Career Appointment on every Wednesday & Saturday


With Best Compliments From:
JAGANNATH JEW JUNIOR & DEGREE COLLEGE & STAFF
୫୩ ନଂ ଜାତୀୟ ରାଜପଥ ପାର୍ଶ୍ୱ ଏକ ପାହାଡ଼ ପାଦଦେଶରେ ଶାନ୍ତ ପରିବେଶରେ ଉଚ୍ଚମାନର ଶିକ୍ଷା ପ୍ରଦାନ କରାଯାଏ।



Sj. Susanta Kumar Rout
Principal
Jagannath Jew College
Chadeidhara, Jajpur

"ସତ୍ୟ ଓ ନିଷ୍ଠାର ସହ ସାଧାରଣ ମାନବର ଅଧିକାରର ସ୍ୱର ଓ ସମାଜର ଜାଗ୍ରତ ପ୍ରହରୀ ହେଉ 'ଧରିତ୍ରୀ' । ୫୦ତମ ସ୍ୱନକ୍ଷତ୍ର ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ସପ୍ରେମ ଶୁଭେଚ୍ଛା। ରାଜ୍ୟର ସମସ୍ତ ପାଠକ ଓ ଧରିତ୍ରୀର ସମସ୍ତ ପରିବାରବର୍ଗଙ୍କୁ ଶୁଭ ଅଭିନନ୍ଦନ ।"



ଅଧ୍ୟାପକ
ମାନସ ରଞ୍ଜନ ସ୍ୱାଇଁ
ସହ ସଂଯୋଜକ
ସ୍ନାତକୋତ୍ତର ବିଭାଗ
(ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ)

"ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଧରିତ୍ରୀର ସମସ୍ତ ପରିବାରବର୍ଗଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ । ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ନୂତନ ଓଡ଼ିଶା ଗଠନରେ ଧରିତ୍ରୀ ଖବରକାଗଜର ପ୍ରାଣ ପ୍ରତିଷ୍ଠାତାଙ୍କ ଯୁଗାନ୍ତକାରୀ ଅବଦାନ ପାଇଁ ତାଙ୍କ ପ୍ରତି ମୋର ବିନମ୍ର ଶ୍ରଦ୍ଧାଞ୍ଜଳି । ବିକଶିତ ଓଡ଼ିଶା ଗଠନ ପାଇଁ ଧରିତ୍ରୀର ସ୍ୱର ସର୍ବଦା ଶାଣିତ ହେଉ ଏହାହିଁ ମୋର କାମନା ।"

ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ
ପୂର୍ବତନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ
ତଥା ବିଧାୟକ



ସୁବର୍ଣ୍ଣ ଜୟନ୍ତୀ ସମାରୋହ
ବଣାଇଗଡ଼ ମହାବିଦ୍ୟାଳୟ, ବଣାଇଗଡ଼, ସୁନ୍ଦରଗଡ଼
ପୁରାତନ ଛାତ୍ର ସଂସଦ, ପୁରାତନ ଅଧ୍ୟାପକ/ଅଧ୍ୟାପିକା, ବର୍ତ୍ତମାନର ଅଧ୍ୟାପକ/ଅଧ୍ୟାପିକା, ବର୍ତ୍ତମାନର ଛାତ୍ର/ଛାତ୍ରୀ ତଥା ବଣାଇ ଅଞ୍ଚଳର ଅଧିବାସୀମାନଙ୍କୁ ନେଇ ଅଦମ୍ୟ ଉତ୍ସାହ ଓ ଉଦ୍ଦୀପନାରେ ଦ୍ୱି-ଦିବସୀୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ (ତା.୩୦.୧୧.୨୦୨୩ରୁ ତା.୦୧.୧୨.୨୦୨୩) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପାଳିତ ହେବାକୁ ଯାଉଛି । ଆପଣ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମର ସଫଳତାରେ ଅଂଶୀଦାର ହେବା ପାଇଁ ବିନମ୍ର ନିବେଦନ ଜ୍ଞାପନ କରୁଅଛୁ ।
ନିବେଦକ
ଶ୍ରୀଯୁକ୍ତ ଜେନାମଣି ସାହୁ
ଅଧ୍ୟକ୍ଷ- ଚେୟାରମ୍ୟାନ, ସୁବର୍ଣ୍ଣ ଜୟନ୍ତୀ ସମାରୋହ, ବଣାଇଗଡ଼ ମହାବିଦ୍ୟାଳୟ
ପ୍ରଫେସର ଭୂପେନ ଚନ୍ଦ୍ର ବେହେରା – ସଭାପତି, ମହାବିଦ୍ୟାଳୟ ପରିଚାଳନା କମିଟି
ଶ୍ରୀଯୁକ୍ତ ବିଜନ୍ କୁମାର ସେନ୍ – ସମ୍ପାଦକ, ପୁରାତନ ଛାତ୍ର ସଂସଦ
ଶ୍ରୀଯୁକ୍ତ ଶୁଭେନ୍ଦ୍ରନାଥ ମଲ୍ଲୀକ୍ – ସଭାପତି, ପୁରାତନ ଛାତ୍ର ସଂସଦ
ପୁରାତନ ଛାତ୍ର ସଂସଦର ସମସ୍ତ କର୍ମକର୍ତ୍ତାବୃନ୍ଦ
-:କାର୍ଯ୍ୟସୂଚୀ:-

୩୦.୧୧.୨୦୨୩ (ଗୁରୁବାର)
ପ୍ରଥମ ଦିବସ - ଅପରାହ୍ନ ୦୨ ଘଟିକା ଠାରୁ...
ସୁବର୍ଣ୍ଣ ଜୟନ୍ତୀ ନୂତନ ପ୍ରବେଶ ଦ୍ୱାର ଉଦ୍‌ଘାଟନ ଅପରାହ୍ନ ୧.୩୦ ଘଟିକା
ଉଦ୍‌ଘାଟକ ତଥା
ମୁଖ୍ୟ ଅତିଥି: ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା, କୌଶଳ ବିକାଶ ଓ ଔଦ୍ୟୋଗିକ ବିକାଶ ମନ୍ତ୍ରୀ
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ଜୁଏଲ ଓରାମ
ମାନ୍ୟବର ସଂସଦ (ସୁନ୍ଦରଗଡ଼), ଚେୟାରପରସନ ଷ୍ଟାଣ୍ଡିଙ୍ଗ୍ କମିଟି ଡିଫେନ୍ସ
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ଲକ୍ଷ୍ମଣ ମୁଣ୍ଡା
(ମାନ୍ୟବର ବିଧାୟକ ବଣାଇ)
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ବୀରକେଶରୀ ଇନ୍ଦ୍ରଦେଓ ଦେବ୍
(ରାଜା ସାହେବ୍, ବଣାଇ)
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ଲଳିତ କୁମାର ପାତ୍ର (ଭା.ବ.ସେ)
ବନଖଣ୍ଡ ଅଧିକାରୀ, ବଣାଇ
ମୁଖ୍ୟବକ୍ତା: ଶ୍ରୀଯୁକ୍ତ ଆକାଶ ଦାସନାୟକ
ଚେୟାରମ୍ୟାନ୍ ମୋ କଲେଜ ଅଭିଯାନ, ଓଡ଼ିଶା ସରକାର
ସ୍ମରଣିକା ଓ ପ୍ରାକ୍ତନ ଅଧକ୍ଷମାନଙ୍କ ଦ୍ୱାରା ରଚିତ ପୁସ୍ତକ ଉନ୍ମୋଚନ
ଅତିଥିମାନଙ୍କର ସମ୍ଭାଷଣ
ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା
ପ୍ରାକ୍ତନ ଅଧକ୍ଷମାନଙ୍କର ଅଭିଭାଷଣ, ପୁରାତନ ଛାତ୍ରମାନଙ୍କର ଅଭିଭାଷଣ
ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରାତନ ଅଧ୍ୟକ୍ଷ, ଅଧ୍ୟାପକ, ପ୍ରଥମ ପରିଚାଳନା କମିଟିର ସଦସ୍ୟ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା
ସାଂସ୍କୃତିକ କାର୍ଯ୍ୟକ୍ରମ
ସନ୍ଧ୍ୟା ୭ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ

୦୧.୧୨.୨୦୨୩ (ଶୁକ୍ରବାର)
ଦ୍ୱିତୀୟ ଦିବସ - ଅପରାହ୍ନ ୪ ଘଟିକା ଠାରୁ...
ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକ
ମାନ୍ୟବର ମନ୍ତ୍ରୀ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ଓଡ଼ିଶା ସରକାର
ସମ୍ମାନିତ ଅତିଥି:
ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ
ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ, ଓଡ଼ିଶା ସରକାର
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ଜୁଏଲ ଓରାମ
ମାନ୍ୟବର ସାଂସଦ (ସୁନ୍ଦରଗଡ଼), ଚେୟାରପରସନ ଷ୍ଟାଣ୍ଡିଙ୍ଗ୍ କମିଟି ଡିଫେନ୍ସ
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ଲକ୍ଷ୍ମଣ ମୁଣ୍ଡା
ମାନ୍ୟବର ବିଧାୟକ, ବଣାଇ
ସମ୍ମାନିତ ଅତିଥି: ଶ୍ରୀଯୁକ୍ତ ସୁରଞ୍ଜନ ସାହୁ, ଓ.ପ୍ର.ସେ (ବରିଷ୍ଠ)
ଉପଜିଲ୍ଲାପାଳ, ବଣାଇ
ମୁଖ୍ୟବକ୍ତା:
ଶ୍ରୀଯୁକ୍ତ ଆକାଶ ଦାସନାୟକ
ଚେୟାରମ୍ୟାନ ମୋ କଲେଜ ଅଭିଯାନ, ଓଡ଼ିଶା ସରକାର
ଅତିଥିମାନଙ୍କର ଅଭିଭାଷଣ
ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା
ପ୍ରାକ୍ତନ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କର ଅଭିଭାଷଣ
ପୁରାତନ ଛାତ୍ରମାନଙ୍କର ଅଭିଭାଷଣ
ପୁରାତନ ଛାତ୍ର ସଂସଦ ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା
ସାଂସ୍କୃତିକ କାର୍ଯ୍ୟକ୍ରମ
ସନ୍ଧ୍ୟା ୬.୩୦ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ

PINGALAKHI PUBLIC WELFARE ORGANISATION
LAXMIVIHAR (DAHIJNGA MOUZA), NEAR TALA ANDHIA BEHERA SAHI, RATILO, PURI, ODISHA - 752114
Ph.: 06758-296265, Mob.-9437808569, E-mail: pingalakhi@gmail.com
www.pingalakhi.org.in
Regd. Under: SRA, FCRA, RPwD, NT and NITI AYOG
SERVICES PROVIDED
1. B.Ed. in Special Education
2. D.Ed. in Special Education
3. R.D. Higher Secondary School for the PwVD
4. School for the Deaf
5. Astabakra Special School for the CP
6. Ekalavya Shiksha Kendra
7. Centre for Autism
8. Therapeutic Services for ID
9. Kalinga Home for Mentally ill
10. Niladri Nilaya Rehabilitation Home for Beggars
11. S.K.B.B. Graphics
Sd./- President
Pingalakhi Public Welfare Organisation
Nimapara, Puri, Odisha
Regd. Office: At: Denua, P.O.: Alipingala, P.S. Nimapara, Dist.- Puri PIN - 752106, ODISHA, INDIA

NIMAPARA AUTONOMOUS COLLEGE
At/P.O.: Nimapara, Dist.: Puri, PIN - 752106 (Odisha)
(Accrediated by NAAC)
Ph. & Fax: (906758) 250225, 250438


| | |
|---|---|
| Name of the Principal | Smt. Puspita Rajguru |
| Mob. No. | 9437299263 |
| Mail Id | nimaparacollege@gmail.com |
| Website | www.nimaparacollege.ac.in |
| Name of President G.B. | Sj. Jagat Prasad Sabut, Mob. No. 6371099244 |
| +2 Science | 512 Seats |
| +2 Arts | 512 Seats |
| +2 Commerce | 224 Seats |
| +3 Science | Choices Based Credit System - 384 Seats |
| +3 Arts | Choice Based Credit System - 384 Seats |
| +3 Commerce | Choice Based Credit System - 256 Seats |
| P.G. Odia | 32 Seats |
| P.P.G. Geology | 16 Seats |
| P.G. Commerce | 32 Seats |
| P.G. Chemestry | 16 Seats |
| P.G. Geology | 16 Seats |
| P.G. Mathematics | 16 Seats |

Study Center of Odisha Open University, Sambalpur
Now at Nimapara Autonomous College, Nimapara

| P.G. Course | Duration | Eligibility | U.G. Course | Duration | Eligibility |
|---|---|---|---|---|---|
| M.A. (Odia) | 2 Years | Graduation | B.A. (Odia Hons.) | 3 Years | +2 Pass |
| M.A. (History) | | | B.A. (Pol. Sc. Hons.) | | |
| M.A. (English) | | | B.A. (History Hons.) | | |
| M.Com | | | B.A. (Economics Hons.) | | |
| | | | B.A. (English Hons.) | | |

| Certificate Course | Duration | Eligibility |
|---|---|---|
| Certificate in Communication Skill (CCS) | 6 Months | +2 Pass |
| Certificate in Soft Skill & IT Skill (CSSITS) | 6 Months | +2 Pass |
| **Professional Self-Financing Courses in PPP Mode** | | |
| UG Courses | 3 Years | +2 Pass |


Bachelor in Business Administration in Banking and Finance (BBA-BF) - 64 Seats.
Bachelor of Computer Application - 64 Seats
Smt. Puspita Rajguru
Principal

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ Bhubaneswar, Friday, December 1/ 2023

# ଯୁବ ବୋଲରଙ୍କ ଉପରେ ନଜର

ରାୟପୁର,୩୦।୧୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ଆଗୁଆ ସିରିଜ୍ ଜିତିବାକୁ ପ୍ରୟାସ କରିବ। ତେବେ ଭାରତର ଯୁବ ବୋଲିଂ ଲାଇନଅପ୍ ଉପରେ ସମସ୍ତଙ୍କ ନଜର ରହିବ। ଭାରତ ଏହାର ଦ୍ୱିତୀୟ ପସନ୍ଦର ବୋଲିଂ ଲାଇନ୍‌ଅପ୍ ସହିତ

**ଆଜି ୪ର୍ଥ ଟି୨୦**
**ମ୍ୟାଚ୍ ସ୍ଥାନ: ରାୟପୁର**
**ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ ସ୍ପୋର୍ଟ୍ସ ୧୮**

ଓହ୍ଲାଇଥିଲେ ମଧ୍ୟ ଅନ୍ତିମ ୨ ଓଭରରେ ୪୦ ରନ୍ ବ୍ୟୟ କରିବା ଗ୍ରହଣୀୟ ନୁହେଁ। ଖାସ୍ କରି ପ୍ରସିଦ୍ଧ କ୍ରିଷ୍ଣା ଶେଷ ମ୍ୟାଚ୍‌ରେ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ୪ ଓଭରରେ ସେ ୬୮ ରନ୍ ବ୍ୟୟ କରିଥିବା ବେଳେ ଅନ୍ତିମ ଓଭରରେ ୨୧ ରନ୍ ମଧ୍ୟ ଡିଫେଣ୍ଡ କରିପାରି ନ ଥିଲେ। ଦୀପକ ଚହର ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଗୋଟିଏ ମ୍ୟାଚ୍‌ର ବ୍ରେକ୍ ପରେ ମୁକେଶ କୁମାର ମଧ୍ୟ ଦଳକୁ ଫେରିଛନ୍ତି। ଉଭୟ ଖେଳାଳି ଏହି ମ୍ୟାଚ୍‌ରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ଚହର ପାୱାର ପ୍ଲେ ଓଭରରେ ବଲକୁ ଉଭୟ


ରାୟପୁରରେ ବ୍ୟାଟିଂ ଅଭ୍ୟାସ କରୁଛନ୍ତି ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର।

ଦିଗକୁ ସୁଇଂ କରିବାର ଦକ୍ଷତା ରଖନ୍ତି। ଅନ୍ୟପକ୍ଷରେ ମୁକେଶ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିଥାନ୍ତି। ପ୍ରସିଦ୍ଧ କ୍ରିଷ୍ଣା ଓ ଆଭେଶ୍ ଖାନ୍ ସର୍ଟ ଅଫ୍ ଲେନ୍ଥ ବଲ୍ ଉପରେ ଅଧିକ ନିର୍ଭରଶୀଳ ରହୁଥିବା ବେଳେ ଭାରତୀୟ ପିଚ୍‌ରେ ଉଭୟ ବେଶ୍ ମହଙ୍ଗା ସାବ୍ୟସ୍ତ ହେଉଛନ୍ତି। ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ବିଶେଷ ପରିବର୍ତ୍ତନର ସମ୍ଭାବନା କମ୍। ଶ୍ରେୟସ୍ ଆୟର ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏକମାତ୍ର ଖେଳାଳି ଭାବରେ ତିଳକ ବର୍ମା ଟିମ୍‌ରୁ ବାହାରେ ବସିବେ। ଚଳିତ ସିରିଜରେ ଭାରତୀୟ ଟପ୍ ଅର୍ଡର ଜବରଦସ୍ତ ଫର୍ମରେ ରହିଛି। ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଦୁଇ ମ୍ୟାଚ୍‌ରେ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ଟି୨୦ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେହିପରି ଅଷ୍ଟ୍ରେଲୀୟ ବ୍ୟାଟିଂ ଲାଇନ୍ ଅପ୍‌ରେ ମ୍ୟାକ୍ସୱେଲଙ୍କ ଅନୁପସ୍ଥିତି ଭାରତୀୟ ବୋଲରଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ମ୍ୟାକ୍ସୱେଲଙ୍କ ସମେତ ଷ୍ଟିଭେନ୍ ସ୍ମିଥ୍ ଓ ଆଡାମ ଜାମ୍ପା ମଧ୍ୟ ଦଳରେ ନ ଥିବାରୁ ଏହା ଭାରତକୁ ମ୍ୟାଚ୍‌ର ଫେଭରିଟ୍ କରୁଛି। ଅଷ୍ଟ୍ରେଲିଆର ମଧ୍ୟକ୍ରମ ବ୍ୟାଟିଂ ଭାର ଟିମ୍ ଡେଭିଡ୍, ଜୋଶ ଫିଲିପ୍ ଓ ବେନ୍ ମ୍ୟାକଡେରମଟ୍‌ଙ୍କ ଉପରେ ରହିବ। ଗୁଆହାଟୀ ପରି ରାୟପୁରରେ ମଧ୍ୟ କାକରର ବଡ ଭୂମିକା ରହିବ। ରନ୍‌ର ପିଛା କରୁଥିବା ଦଳ ଏଠାରେ ମଧ୍ୟ ଫାଇଦାରେ ରହିବ। ୩ ମ୍ୟାଚ୍‌ର ୬ ଇନିଂସ ମଧ୍ୟରୁ ୫ଟିରେ ୨୦୦+ ସ୍କୋର ଦେଖିବାକୁ ମିଳିଛି। ରାୟପୁରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିବ।


ରାଜ୍ୟ ମ୍ୟୁଜିୟମସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରିରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଉପରେ ଆଧାରିତ ଫଟୋ ପ୍ରଦର୍ଶନୀ ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅବସରରେ ଦିଲୀପଙ୍କ ସହ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲର ତଥା ଜାତୀୟ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଭାରତର ନେତୃତ୍ୱ ନେବେ ହରମନ୍‌ପ୍ରୀତ

ନୂଆଦିଲ୍ଲୀ,୩୦।୧୧(ପି.ଟି.)

ସ୍ପେନ୍‌ର ଭାଲେନ୍ସିଆରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ୨୪ ଜଣିଆ ଭାରତୀୟ ଦଳ ଗୁରୁବାର ଘୋଷଣା କରାଯାଇଛି। ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ ସିଂଙ୍କୁ ଏହି ଦଳର ଅଧିନାୟକ ରଖା ଯାଇଥିବା ବେଳେ ଓଡ଼ିଶାରୁ ଦୁଇ ଖେଳାଳି ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ୍ ସାମିଲ ଅଛନ୍ତି। ଭାରତ ବ୍ୟତୀତ ସ୍ପେନ୍, ଜର୍ମାନୀ, ଫ୍ରାନ୍ସ ଓ ବେଲଜିୟମ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଡିସେମ୍ବର ୧୫-୨୨ ମଧ୍ୟରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଅମିତ ରୋହିଦାସ ଏହି ଦଳରେ ଉପ ଅଧିନାୟକ ରହିଛନ୍ତି। ଦୁଇ ବରିଷ୍ଠ ଗୋଲକିପର ପି.ଆର. ଶ୍ରୀଜେସ୍ ଓ କ୍ରିଷନ୍ ବାହାଦୁର ପାଠକଙ୍କ ସହିତ ସୂରଜ କାରକେରା ତୃତୀୟ ଗୋଲକିପର ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍‌ର ପ୍ରସ୍ତୁତି ଭାବେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ବୋଲି କହିଛନ୍ତି


ହରମନ୍‌ପ୍ରୀତ୍ ସିଂ

**ପଞ୍ଚରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ**
**୨୪ ଜଣିଆ ଦଳରେ ଓଡ଼ିଶାରୁ ଅମିତ, ନିଲମ ସଞ୍ଜୀପ**

ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ।

**ଭାରତୀୟ ଦଳ:**
ଗୋଲକିପର୍ସ: ପି.ଆର. ଶ୍ରୀଜେସ୍, କ୍ରିଷନ୍ ବାହାଦୁର ପାଠକ ଓ ସୂରଜ କାରକେରା।
ଡିଫେଣ୍ଡର୍ସ: ଜରମନପ୍ରୀତ୍ ସିଂ, ଯୁଗରାଜ ସିଂ, ଅମିତ ରୋହିଦାସ, ହରମନ୍‌ପ୍ରୀତ୍ ସିଂ(ଅଧିନାୟକ), ବରୁଣ କୁମାର, ସୁମନ୍ତ, ସଞ୍ଜୟ, ନିଲମ ସଞ୍ଜୀପ ଖେସ୍।
ମିଡ୍‌ଫିଲ୍ଡର୍ସ: ୟଶଦୀପ ସିୱାଚ୍, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ଶମଶେର ସିଂ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍। ଫରୱାର୍ଡ୍ସ: ମନଦୀପ ସିଂ, ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, କାଥି ସେଲଭମ୍, ଦିଲପ୍ରୀତ ସିଂ, ଆକାଶଦୀପ ସିଂ।

# ୟୁନିଟ-୬, କିସ୍ ହାଇସ୍କୁଲ ସେମିରେ

ଭୁବନେଶ୍ୱର, ୩୦।୧୧
(ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ୟୁନିଟ୍-୬ ହାଇସ୍କୁଲ ଓ କିସ୍ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୬ ପ୍ରଥମ

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେଣ୍ଟାଲ ସ୍କୁଲକୁ ୫-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସପନ ଡାକୁଆ ଓ ସୂର୍ଯ୍ୟ ରଞ୍ଜନ ନାୟକ ୨ଟି ଲେଖାଏ ଏବଂ ସୋମୁ ମୁଦୁଲି ଗୋଟିଏ ଗୋଲ ସ୍କୋର କରିଥିଲେ। ଅବସରପ୍ରାପ୍ତ ଡେପୁଟି କମିଶନର ପ୍ରଣତି ମିଶ୍ର ଅତିଥିଭାବେ ଯୋଗଦେଇ ସୋମୁ ମୁଦୁଲିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।


ହ୍ୟାଟ୍ରିକ ଗୋଲ କରିଥିବା ରାମଚନ୍ଦ୍ର ବାସ୍କେଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କିସ୍ ହାଇସ୍କୁଲ ୩-୦ ଗୋଲରେ ୟୁନିଟ-୧ ହାଇସ୍କୁଲକୁ ହରାଇ ଦେଇଛି। କିସ୍ ପକ୍ଷରୁ ରାମଚନ୍ଦ୍ର ବାସ୍କେ ୩ଟି ଯାକ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆସୋସିଏଶନର କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ଦାସ ଉପସ୍ଥିତ ରହି ରାମଚନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ସରୋଜ ମହାରଣା, କୀର୍ତ୍ତି ରଞ୍ଜନ ସ୍ୱାଇଁ, ବରୁଣ ପ୍ରଧାନ, ସୁଦୀପ ଦାସ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ। କ୍ୟାପିଟାଲ ହାଇସ୍କୁଲ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ମଧ୍ୟରେ ଅନ୍ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ଉଗାଣ୍ଡାକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

ୱିଣ୍ଡହୋକ୍, ୩୦।୧୧(ପି.ଟି.)

ର୍ୱାଣ୍ଡା ବିପକ୍ଷରେ ୯ ଉଇକେଟରେ ବିଜୟ ହାସଲ ପରେ ଉଗାଣ୍ଡା ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଚଳିତ ଆଫ୍ରିକାନ କ୍ୱାଲିଫାୟରରେ ନାମ୍ବିୟା ପରେ ଦ୍ୱିତୀୟ ଦଳ ଭାବେ ଉଗାଣ୍ଡା ମୁଖ୍ୟ ଟୁର୍ନାମେଣ୍ଟରେ ପ୍ରବେଶ କରିଛି। ଆଫ୍ରିକା କ୍ୱାଲିଫାୟର୍ସର ଆଞ୍ଚଳିକ ଫାଇନାଲରେ ର୍ୱାଣ୍ଡାକୁ ହରାଇ ଦେବା ଦ୍ୱାରା ଉଗାଣ୍ଡା ଟପ୍ ଟୁ ଫିନିଶ କରିବ ବୋଲି ସ୍ପଷ୍ଟ ହୋଇଥିଲା। ୬ଟି ମ୍ୟାଚରେ ଏହା ହେଉଛି ଦଳର ୫ମ ବିଜୟ। ଗୁରୁବାର ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ର୍ୱାଣ୍ଡା ୧୮.୫ ଓଭରରେ ୬୫ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଉଗାଣ୍ଡା ୮.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟି୨୦ ବିଶ୍ୱକପ୍ ଖେଳିବାରେ ଉଗାଣ୍ଡା ୫ମ ଆଫ୍ରିକୀୟ ରାଷ୍ଟ୍ର ହେବାକୁ ଯାଉଛି। ଅନ୍ୟପକ୍ଷରେ ଆଫ୍ରିକା କ୍ୱାଲିଫାୟର ଫେଭରାଇଟ୍ ଜିମ୍ବାୱେ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ଏହି ଦେଶ ଖେଳିଥିବା ୫ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରିବା ସହ ଆଞ୍ଚଳିକ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଛି। ଆଫ୍ରିକାନ କ୍ୱାଲିଫାୟର ପରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ୨୦ଟି ଦଳର ସ୍ଥାନ ପୂରଣ ହୋଇଛି। ମୁଖ୍ୟ ଟୁର୍ନାମେଣ୍ଟ ଆସନ୍ତା ଜୁନ୍ ୪ରୁ ୩୦ ପର୍ଯ୍ୟନ୍ତ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ପରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ। ଟି୨୦ ବିଶ୍ୱକପ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକ ହେଲେ- ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆଫଗାନିସ୍ତାନ, ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ପପୁଆ ନ୍ୟୁ ଗିନି, କାନାଡା, ନେପାଳ, ଓମାନ, ନାମ୍ବିୟା ଓ ଉଗାଣ୍ଡା।

## ଆଜିଠୁ ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ):** ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଗତ ଅକ୍ଟୋବରରେ ଭୁବନେଶ୍ୱର 'ବି' ଡିଭିଜନ ଲିଗ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। 'ଏ' ଡିଭିଜନ ଲିଗ୍‌ରେ ଏଥର କିଶୋର କ୍ଲବ, ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ, କ୍ଲବ-୭୩, କିସ୍ ଫୁଟ୍‌ବଲ ଦଳ, ଘାଟିକିଆର ବଜରଙ୍ଗ କ୍ଲବ ଓ ଏଜି ରିକ୍ରିଏଶନ କ୍ଲବ ଆଦି ୬ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଓ ଏଜି ରିକ୍ରିଏଶନ କ୍ଲବ ମଧ୍ୟରେ ଫ୍ଲଡ୍ ଲାଇଟରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ ଏବଂ ଏହି ଲିଗ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାସ କହିଛନ୍ତି।

# ଭାରତର ୮ ବକ୍ସରଙ୍କ ପଦକ ପକ୍କା

**ବିଶ୍ୱ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୩୦।୧୧ (ପି.ଟି.)

ଆର୍ମେନିଆର ୟେରେଭାନ୍‌ଠାରେ ଚାଲିଥିବା ଆଇବିଏ ଜୁନିୟର ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍ ୨୦୨୩ର ୬ଷ୍ଠ ଦିବସରେ ଭାରତର ୮ଜଣ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛନ୍ତି। ଟୁର୍ନାମେଣ୍ଟରେ ଭାଗ ନେଇଥିବା ୮ଜୁନିୟର ବାଳିକାଙ୍କ ମଧ୍ୟରୁ ୬ ଜଣ ସେମିଫାଇନାଲରେ ପ୍ରବେଶ କରିବା ଏକ ଉଲ୍ଲେଖନୀୟ ସଫଳତା। ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ର ଦୁଇ ସ୍ୱର୍ଣ୍ଣ ବିଜେତା ପରୀ (୫୦କେଜି) ଓ ନିଧି (୬୬କେଜି) ଯଥାକ୍ରମେ ରୋମାନିଆର ମୁଲର ମିକାଏଲା ଓ ଚାଇନିଜ ତାଇପେର କାଓ ଚିନ୍ ଆଇଙ୍କ ବିପକ୍ଷରେ ସମାନ ୫-୦ରେ ସହଜ ବିଜୟ ହାସଲ କରିଛନ୍ତି। ପାୟଲ (୪୮କେଜି) ୫-୦ରେ ଆୟର୍ଲାଣ୍ଡର ଡୋହର୍ଟି ଲରେନଙ୍କୁ ପରାସ୍ତ କରିଥିବା ବେଳେ ବିଜୟ ହାସଲ କରିଥିବା ବେଳେ ଆମିଶା (୫୪କେଜି) ଏକ ସର୍ବ ସମ୍ମତି ନିଷ୍ପତ୍ତିରେ ଦକ୍ଷିଣ କୋରିଆର କିମ୍ ଜିଆଇଙ୍କୁ ହରାଇ ଦେଇଛନ୍ତି। ଏସିଆନ


ପରୀ

ଜୁନିୟର ରୌପ୍ୟ ପଦକ ବିଜେତା ନେହା ଲୁଥିନୀ (୪୬କେଜି) ବେଲାରୁଷର ହିକୋସ୍କାୟା ଆନହେଲିନାଙ୍କୁ ୪-୧ ବିଭାଜିତ ନିଷ୍ପତ୍ତିରେ ହରାଇ ଦେଇଛନ୍ତି।ଙ୍ ଅନ୍ୟପକ୍ଷରେ ପ୍ରାଚୀ (୫୪କେଜି) କାଜାଖସ୍ତାନର ସିଥାନକାଇଜିକ୍ ପାନାରଙ୍କ ବିପକ୍ଷରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ପ୍ରଥମ ରାଉଣ୍ଡରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ବିପକ୍ଷ ଖେଳାଳିଙ୍କ ଦୁର୍ବଳତା ଓ ଶକ୍ତିକୁ ସେ ପରଖି ନେଇଥିଲେ। ଶେଷ ଦୁଇ ରାଉଣ୍ଡରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ସେ ବିଭାଜିତ ରାୟ ୩-୨ରେ ମୁକାବିଲା ଜିତି ନେଇଥିଲେ। ଭାରତର ଏକମାତ୍ର ମହିଳା ଜୟଶ୍ରୀ ଦେବୀ ଏକତରଫା ମୁକାବିଲାରେ ରୁଷିଆର ଲିଓନେଭା କିରାଙ୍କଠାରୁ ୧-୪ରେ ହାରିଯାଇଛନ୍ତି। ବାଳକ ବିଭାଗରେ ୪ ଭାରତୀୟ ବକ୍ସର ପଦକ ରାଉଣ୍ଡକୁ ଉନ୍ନୀତ ହେବାରେ ସଫଳ ହୋଇଛନ୍ତି। ବାଳକ ବିଭାଗରେ ୪ ଭାରତୀୟ ବକ୍ସରଙ୍କ ମଧ୍ୟରୁ ୨ଜଣ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏସିଆନ ଜୁନିୟର ସ୍ୱର୍ଣ୍ଣ ବିଜେତା ହାର୍ଦ୍ଦିକ ପନୱାର (୮୦କେଜି) ଓ ଯତିନ (୫୪କେଜି) ଚମତ୍କାର ପ୍ରଦର୍ଶନ ସହ ଯଥାକ୍ରମେ ଦକ୍ଷିଣ କୋରିଆର ପାର୍କ ଡାମିୟନ ଏବଂ ଜର୍ଜିଆର ମୁସ୍କୁଡିଆନି ଡେଭିଡ୍‌ଙ୍କୁ ସର୍ବସମ୍ମତି ନିଷ୍ପତ୍ତିରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବ୍ରିଜେଶ ଟାମଟା (୪୬କେଜି) ଓ ଡିଭାଶ କାଟାରେ (୫୦କେଜି) ଏହି ଦୁଇ ବକ୍ସର କ୍ୱାର୍ଟରଫାଇନାଲରେ ପରାଜିତ ହୋଇଛନ୍ତି। ସେମିଫାଇନାଲ ଡିସେମ୍ବର ୨ରେ ଫାଇନାଲ ଡିସେମ୍ବର ୩ରୁ ୪ ଅନୁଷ୍ଠିତ ହେବ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ